76th YEAR
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୪୫ ● କଟକ ● ଶୁକ୍ରବାର ● ୨୧ ଅପ୍ରେଲ-୨୦୨୩ ● ମେଷ ୮ ● ସାଲ୍ ୧୪୩୦
CUTTACK ● FRIDAY ● 21 APRIL-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା


ଓଡ଼ିଶା ସରକାର

## ଗ୍ରାମାଞ୍ଚଳ ବିକାଶରେ ଓଡ଼ିଶା ସାରା ଭାରତରେ ଶ୍ରେଷ୍ଠ

# ଦେଶର ଶ୍ରେଷ୍ଠ ଜିଲ୍ଲା ଓ ଶ୍ରେଷ୍ଠ ବ୍ଲକ୍ ସମେତ ଓଡ଼ିଶା ପାଇଁ ୮ଟି ଜାତୀୟ ପୁରସ୍କାର

## ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର









‘ଗଞ୍ଜାମ’ ଜିଲ୍ଲା ଦେଶର ଶ୍ରେଷ୍ଠ ଜିଲ୍ଲା ପରିଷଦ

‘ହିଞ୍ଜିଳିକାଟୁ’ ଦେଶର ଶ୍ରେଷ୍ଠ ପଞ୍ଚାୟତ ସମିତି

### ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର

**ହିଞ୍ଜିଳିକାଟୁ ବ୍ଲକ୍‌ର କଞ୍ଚୁରୁ ଗ୍ରାମପଞ୍ଚାୟତ**
ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ପୁରସ୍କାର

**ଶାସନ ଆମ୍ବଗାଁ ଗ୍ରାମପଞ୍ଚାୟତ**
ଦ୍ୱିତୀୟ ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ପୁରସ୍କାର

**ଭଞ୍ଜନଗର ବ୍ଲକ୍‌ର କୁଲାଡ଼ ଗ୍ରାମପଞ୍ଚାୟତ**
ଦେଶର ଦ୍ୱିତୀୟ ଶ୍ରେଷ୍ଠ ସାମାଜିକ ସୁରକ୍ଷା ପଞ୍ଚାୟତ ପୁରସ୍କାର

### ବିଶେଷ ପଞ୍ଚାୟତ ପୁରସ୍କାର

**ପାତ୍ରପୁର ବ୍ଲକ୍‌ର ଆଙ୍କୁଲି ଗ୍ରାମପଞ୍ଚାୟତ**
ଦେଶର ଦ୍ୱିତୀୟ ଶ୍ରେଷ୍ଠ ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର

**ସୁନ୍ଦରଗଡ଼ ଜିଲ୍ଲା ବଣାଇଁଗଡ଼ ଗ୍ରାମପଞ୍ଚାୟତ**
ଦ୍ୱିତୀୟ କାର୍ବନ ନ୍ୟୁଟ୍ରାଲ୍ ବିଶେଷ ପଞ୍ଚାୟତ ପୁରସ୍କାର

**ସୁନ୍ଦରଗଡ଼ ଜିଲ୍ଲାର ବଣାଇଁଗଡ଼ ଗ୍ରାମପଞ୍ଚାୟତ**
ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର

୨୦୩୦ ମସିହା ସୁଦ୍ଧା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦୂରଦୃଷ୍ଟିସମ୍ପନ୍ନ ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ
ଅନୁଷ୍ଠାନଗୁଡିକର ସଶକ୍ତିକରଣ ଯୋଗୁଁ
ଓଡ଼ିଶା ପାଇଛି ଏହି ଜାତୀୟସ୍ତରର ଗୌରବ ।



ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

OIPR- 19214/13/0002/2324
DSPL-15

# ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ରାଜ୍ୟସ୍ତରୀୟ ୧୨୬ତମ ଜୟନ୍ତୀ



ଭଦ୍ରକ, (ପିପିଏସ) : ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକ ଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଜାତୀୟ କବି ବାଞ୍ଛାନିଧି ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ କବିଙ୍କର ୧୨୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଯଥାରୀତି ମଞ୍ଚ ମଣ୍ଡନ ଏବଂ କବିଙ୍କର ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ଉତ୍ସବର ଉଦ୍‌ଘାଟନ କରିଥିଲେ। ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି, ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ କବିଙ୍କୁ 'ବିପ୍ଳବର ବୈଶ୍ୱାନର' କହି ତାଙ୍କ କବିତାର ଆହ୍ୱାନ ମନ୍ତ୍ରରେ ଜନସାଧାରଣ କିପରି ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ ବ୍ୟକ୍ତ କରିଥିଲେ। ସ୍ମାରକୀ ବକ୍ତା ପ୍ରଫେସର ପବିତ୍ର ପାଣିଗ୍ରାହୀ କବି କିପରି ଉଭୟ ମହାଭାରତୀୟ ଜାତୀୟ ଚେତନା ଓ ଉତ୍କଳୀୟ ଅସ୍ମିତାର ରୂପକାର ଥିଲେ, ତାହା ଭୁରିଭୁରି କବିତାର ଦୃଷ୍ଟାନ୍ତ ଦେଇ ବ୍ୟାଖ୍ୟା କରିଥିଲେ। କବିଙ୍କ ସୃଷ୍ଟି ସମ୍ଭାରର ଅନ୍ୟତମ ଗବେଷକ ପ୍ରଫେସର ଡ. ଅଜୟ କୁମାର ପଣ୍ଡା କବିଙ୍କ ପତାକା ସଂଗୀତ, ପଟୁଆର ସଂଗୀତରେ ପ୍ରାସଙ୍ଗିକତା ବର୍ଣ୍ଣନା କରିଥିଲେ। ଉକ୍ତ ଉତ୍ସବରେ ପ୍ରଗତିଶୀଳ କବି ପିତାମ୍ବର ତରାଇଙ୍କୁ ସ୍ମୃତି ପରିଷଦ ତରଫରୁ ସ୍ମୃତି ଫଳକ, ଉତ୍ତରୀୟ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଉତ୍ତରରେ ସେ କବିଙ୍କର ଯଶଗାନ କରିଥିଲେ। ସଭାରେ ପୌରୋହିତ୍ୟ କରି ପରିଷଦର ସଭାପତି ଡା. ଦୁର୍ଯ୍ୟୋଧନ ଦାସ କବିଙ୍କୁ ସଂଗ୍ରାମ - ସଂସ୍କାର ଓ ସ୍ୱାଭିମାନର ମଉଡ଼ମଣି ବୋଲି କହିଥିଲେ। ଉତ୍ସବରେ ବାଞ୍ଛାନିଧିଙ୍କ ରଚନାରୁ ଦୁଇଟି ସଂଗୀତ ଭଦ୍ରକ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରିବେଷଣ କରିଥିଲେ। ଏଥିରେ ଶତାଧିକ ବୁଦ୍ଧିଜୀବୀ, ଲେଖକ, କବି ଓ ଅଧିବକ୍ତା ଯୋଗଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରତିକାନ୍ତ ବେହେରା ସମ୍ପାଦକୀୟ ବିବରଣୀ ପାଠ, ଅଧ୍ୟାପକ କିଶୋର ପାଣିଗ୍ରାହୀ ମାନପତ୍ର ପାଠ, କବିଙ୍କ ବଡ଼ନାତି ପୂର୍ଣ୍ଣଚନ୍ଦ୍ର ମହାନ୍ତି ସଂଯୋଜନା କରିଥିବା ବେଳେ ସହ ସମ୍ପାଦକ କବିଙ୍କ ନାତି କୃଷ୍ଣ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଭଦ୍ରକ ଜାମା ମସଜିଦରେ "ଶବେକଦର" ପର୍ବ ପାଳିତ



ଭଦ୍ରକ, (ପିପିଏସ) : ଭଦ୍ରକର ସମସ୍ତ ମସଜିଦ ସହିତ ପୁରୁଣାବଜାର ସ୍ଥିତ ଜାମା ମସଜିଦରେ ମଧ୍ୟ "ଶବେକଦର" ପର୍ବ ତଥା "ଲଏଲତୁଲ" ପର୍ବ ପାଳନ ହୋଇଯାଇଅଛି। ରମଜାନ ମାସର ୨୬ ରୋଜା (ଉପବାସ) ଓ ୨୭ ତରାୱି ନମାଜରେ ଶବେକଦର ପର୍ବ ପାଳନ କରାଯାଏ। ଏହି ଶବେକଦରରେ ଇସଲାମ ଧର୍ମର ପବିତ୍ର କୋରାନ ନାଜିଲ ହୋଇଥିଲା। ଏହି ପର୍ବରେ ଭଦ୍ରକର ସମସ୍ତ ମସଜିଦଗୁଡ଼ିକ ରଙ୍ଗ ବେରଙ୍ଗର ଆଲୋକରେ ସଜା ଯାଇଥିଲା। ରମଜାନର ପ୍ରଥମ ତରାୱି ଠୁ ୨୭ ତରାୱି ନମାଜ ପର୍ଯ୍ୟନ୍ତ କୋରାନକୁ ମୁଖସ୍ତ କରିଥିବା ହାଫିଜମାନେ ତରାୱି ନମାଜ ପଢ଼ାନ୍ତି। ୨୭ ତରାୱିରେ ଲୋକେ ନିଜ ନିଜର ଦେୟ (ନଜରାନା)କୁ ମସଜିଦରେ ହାଫିଜ ଓ ମୌଜନଙ୍କୁ ଦେଇଥାନ୍ତି। ଏହି ଶବେକଦର ରାତ୍ରିରେ ଅନିଦ୍ରା ରହି ରାତ୍ରି ତମାମ ନମାଜ ପାଠ କରନ୍ତି। ଜାମା ମସଜିଦ ସରଜମିନରେ ମଧ୍ୟ "ଶବେକଦର" ପର୍ବ ଜାମା ମସଜିଦର ସଭାପତି ହାଜୀ କାଶିମ ଖାଁଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଭଦ୍ରକ ମୁସଲିମ ଜମାତର ଯୁଗ୍ମ ସଂପାଦକ ହାଜୀ ଅବଦୁଲ ମୁକିତ୍ ଖାଁ ଯୋଗଦାନ କରି ମସଜିଦର ହାଫିଜ ଓ ମୌଜନଙ୍କୁ ମସଜିଦରେ ଉଠିଥିବା ଅର୍ଥ ରାଶି କୁ ଉପହାର ଦେଇଥିଲେ। ସମସ୍ତଙ୍କ ଉପସ୍ଥିତିରେ ଜାମା ମସଜିଦର ସଂପାଦକ ଶେଖ ହଫିଜୁଲ୍ଲା ମସଜିଦର ଆୟ ଓ ବ୍ୟୟ(ଡିସେମ୍ବର ୨୦୨୨ ରୁ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ)ର ହିସାବ ସର୍ବସାଧାରଣରେ ପ୍ରକାଶ କରିଥିଲେ। ଏହି ଶବେକଦର ପର୍ବରେ କମିଟିର ଶେଖ ଅନୱର, ଶେଖ ଇମତିଆଜ, ଶେଖ ମଇରାଜୁଦ୍ଦିନ, ଅବଦୁଲ ରହେମାନ, ମୁସଲିମ ଖାଁ, ଶେଖ ବୁଧିଆ, ଶେଖ ନିଆଜ, ହାଜୀ ଶେଖ ସଲାଉଦ୍ଦିନ, ଅନୱର ଶାହା, ମହେବୁବ ଖାଁ, ହାଜି ଅନୱର ହୋସେନ, ମିର୍ଜା ଏକ୍ରାମ ବେଗ, ଗୁଲ ମହମ୍ମଦ ଖାନ ପ୍ରମୁଖ ଉପସ୍ଥିତ ରହି ଶବେକଦର ପର୍ବକୁ ପରିଚାଳନା କରିଥିଲେ।

# କଂଗ୍ରେସର ଜୟ ଭାରତ ସତ୍ୟାଗ୍ରହ, ଗଣ ଧାରଣା ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି



ଭଦ୍ରକ, (ପିପିଏସ) : ପୁରୀ ଠାରେ ବେଦାନ୍ତ କମ୍ପାନୀକୁ ଅନୁଚିତ ଅନୁକମ୍ପା ପ୍ରଦର୍ଶନ କରିଥିଲା ରାଜ୍ୟରେ ଶାସନ ଗାଦିରେ ଥିବା ବିଜେଡି ସରକାର। ବେଦାନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ରାଜ୍ୟ ସରକାର କମ୍ପାନୀକୁ ୧୫ ହଜାର ଏକର ଜମି ସମୁଦ୍ର ଉପକୂଳ ଓ ଚାଷୀଙ୍କ ଠାରୁ ଅଧିଗ୍ରହଣ କରି ପ୍ରଦାନ କରିଥିଲେ। ଏତେ ପରିମାଣର ଜମି ଯୋଗାଇବାକୁ ନେଇ କେବଳ ଓଡିଶା ନୁହେଁ ସମଗ୍ର ଭାରତବର୍ଷରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହି ପ୍ରସଙ୍ଗରେ କଂଗ୍ରେସ ଆରମ୍ଭରୁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ଏହାକୁ ବିରୋଧ କରି ଆସିଥିଲା। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ରାଜ୍ୟ ଉଚ୍ଚ ନ୍ୟାୟାଳୟ ବାତିଲ କରି ଦେଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୋଧରେ ଉଭୟ ରାଜ୍ୟ ସରକାର ଓ ଅନିଲ ଅଗ୍ରୱାଲ ଫାଉଣ୍ଡେସନ ସର୍ବୋଚ୍ଚ ନ୍ୟାୟାଳୟରେ ଚାଲେଞ୍ଜ କରିଥିଲେ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ସରକାରଙ୍କ ନିଷ୍ପତ୍ତିକୁ ଭତ୍ସନା କରିବା ସହ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ କାଏମ ରଖିଥିଲେ। ତେଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟୁ ମନ୍ତବ୍ୟ ଓ ଭତ୍ସନା ପରେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ ବୋଲି ଭଦ୍ରକ ଜିଲ୍ଲାସ୍ତରୀୟ କଂଗ୍ରେସର ଜୟ ଭାରତ ସତ୍ୟାଗ୍ରହ କାର୍ଯ୍ୟକ୍ରମରେ କଂଗ୍ରେସର ବହୁ ବରିଷ୍ଠ ନେତା ଉପସ୍ଥିତ ରହି ମତବ୍ୟକ୍ତ କରିଛନ୍ତି। ଜିଲ୍ଲା ଉପସଭାପତି ବୈଲୋଚନ ପଣ୍ଡାଙ୍କ ସଭାପତିତ୍ୱ ଓ ପ୍ରଭାରୀ ତଥା ସୋରର ପ୍ରାକ୍ତନ ବିଧାୟକ ସୁରେନ୍ଦ୍ର ପାରମାଣିକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଗଣଧାରଣାରେ ଏପରି ମତ ପ୍ରକାଶ ପାଇଛି। ବାସୁଦେବପୁର କଂଗ୍ରେସ ନେତା ଅଶୋକ ଦାସ, ଭଦ୍ରକର ନଳିନୀ ମହାନ୍ତି, ଚାନ୍ଦବାଲିର ଦିଗମ୍ବର ଦାସ, ଧାମନଗର ବ୍ଲକ ସଭାପତି ଅଭିଷେକ ରାଉତ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ଚାନ୍ଦ, ନଗର କଂଗ୍ରେସ ସଭାପତି ଅବଦୁଲ ମୋକିଦ ଖାନ, ରାଜୀବ ଗାନ୍ଧୀ ପଞ୍ଚାୟତ ସଂଗଠନର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଧାମନଗର ନଗର ସଭାପତି ପ୍ରସନ୍ନ ଦାସ ପ୍ରମୁଖ ବକ୍ତବ୍ୟ ରଖି ବେଦାନ୍ତକୁ ଜମି ଦେବା ଘଟଣାରେ ରାଜ୍ୟ ସରକାରଙ୍କ ହୀନ ଚକ୍ରାନ୍ତ ସାମ୍ନାକୁ ଆସିଛି। ଚାଷୀଙ୍କ ଠାରୁ ଅଧିଗ୍ରହଣ କରିଥିବା ସମସ୍ତ ଜମିକୁ ସରକାର ଅବିଳମ୍ବେ ସେମାନଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଫେରାଇଦେବାକୁ ଦାବି କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଲ ଚନ୍ଦ୍ର ବେହେରା, ପ୍ରଭାତ ବାରିକ, ଦେବେନ୍ଦ୍ର ମହାନ୍ତି, ଅଶ୍ରଫ ଅଲ୍ଲୀ ଖାନ, ଲକ୍ଷ୍ମୀଧର ସାହୁ, ବିଷ୍ଣୁ ମୋହନ ପଣ୍ଡା, ଗୟାଧର ସେଠୀ, ଶଶିକାନ୍ତ ଜେନା, ରଂଜନ ଜେନା, ହେମନ୍ତ ମହାପାତ୍ର, ବିଜୟ ଶଙ୍କର ମହାନ୍ତି, ରାଜକିଶୋର ପଣ୍ଡା, ବିଜୟ ବାରିକ, ଅଜୟ ଦାସ, ନିମାଇଁ ଜେନା, ହରିହର ଖିଲାର, ବୁଦ୍ଧିରାମ ସେଠୀ, ସିଦ୍ଧାର୍ଥ ଜେନା, ହରିହର ମଣ୍ଡଳଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିବାବେଳେ, ପିତବାସ ଧଳ, ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀକ୍ରିଷ୍ଟା ସେବା ସଂଗଠନର ଜଳଛତ୍ର କାର୍ଯ୍ୟକ୍ରମ



କଟକ ସଦର, (ପିପିଏସ) : ବୋଧପୁର ପଞ୍ଚାୟତ ଅନ୍ତର୍ଗତ ପାଇକାଣ ଗ୍ରାମ ରେ ଗଡି ଉଠିଥିବା ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ କ୍ରିଷ୍ଟା ସେବା ସଂଗଠନ ତରଫରୁ କଟକ ପାରାଦୀପ ମୁଖ୍ୟ ରାସ୍ତା ର ତତଲା ପଦା ବଜାର ରେ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଏହି କାର୍ଯ୍ୟକ୍ରମ ପବିତ୍ର ବିଷୁବ ସଂକ୍ରାନ୍ତି ରୁ ଆରମ୍ଭ ହୋଇ ଆଜି ସୁଧା ସପ୍ତମ ଦିବସ ରେ ପହଁଚିଛି । ସଂଗଠନ ର ସଦସ୍ୟ ସଦସ୍ୟା ଙ୍କ ପ୍ରଚେଷ୍ଟା ଏବଂ ସ୍ଥାନୀୟ ଅଧିବାସୀ ଙ୍କ ସହାୟତା ରେପ୍ରତିଦିନ ପ୍ରାୟ ୪୦୦ରୁ ଉର୍ଦ୍ଧ ଲୋକଙ୍କୁ ଜଳ ଯୋଗାଇ ଦିଆଯାଉଛି । ଗ୍ରୀଷ୍ମ ତାପ କମିବା ପର୍ଯ୍ୟନ୍ତ ଏହା ଚାଲୁ ରହିବ ବୋଲି କର୍ମକର୍ତ୍ତା ମାନଙ୍କ ଠୁ ସୂଚନା ମିଳିଛି ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବାଣିଜ୍ୟ ବିଭାଗର ବାର୍ଷିକ ଉତ୍ସବ ପାଳନ

ବ୍ରହ୍ମପୁର, (ପିପିଏସ) : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ୪୭ତମ ବାର୍ଷିକ ଉତ୍ସବ 'କମ୍ଔରା -୨୦୨୩' ପାଳନ ହୋଇଯାଇଛି। ଏହି ଉତ୍ସବ ୨ଦିନ ଧରି (୧୮-୧୯ ଅପ୍ରେଲ,୨୦୨୩) ହୋଇଥିଲା। ଉତ୍ସବର ଶୁଭାରମ୍ଭ କୁଳସଙ୍ଗୀତ ଗାନ ଓ ଦ୍ୱିପାଗ୍ନୀ ସଂଯୋଗୀକରଣ ମାଧ୍ୟମରେ ହୋଇଥିଲା। ପ୍ରଥମ ଦିନରେ ସଭାରେ ବିଭାଗର ପୂର୍ବତନ ଅଧ୍ୟାପକ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଭାଗର ପ୍ରତିଷ୍ଠାତା ପ୍ରଫେସର ଗଙ୍ଗା ପ୍ରସାଦପଣ୍ଡା ସ୍ମରକି ବକ୍ତୃତା ଦେଇଥିଲେ ତଦ୍ବରେ ବିଭାଗର ପୂର୍ବତନ ଅଧ୍ୟାପକ ପ୍ରଫେସର ରୁଦ୍ର ପ୍ରସନ୍ନ ମହାପାତ୍ର,



ପ୍ରଫେସର ଗୌରୀଶଙ୍କର ଲାଲ, ବିଭାଗର ପ୍ରମୁଖ ଲବ୍ଧ ପ୍ରତିଷ୍ଠ ବକ୍ତା ଗଣ ସ୍ୱର୍ଗତ ଅଧ୍ୟାପକ ଗଙ୍ଗା ପ୍ରସାଦ ପଣ୍ଡାଙ୍କ ସୁସ୍ଥ ଜୀବନୀ ଶୈଳୀ ,କାର୍ଯ୍ୟ ଦକ୍ଷତା, ବିଭାଗ ପ୍ରତି ତାଙ୍କର ଅବଦାନ ଏବଂ ବ୍ୟକ୍ତିଗତ ଓ ସାମାଜିକ ସ୍ତରର ସୁନ୍ଦର ହୃଦୟର ମଣିଷ ଥିଲେ ତାହା ଆଲୋକପାତ କରିଥିଲେ। ଆଲୋଚନା ସଭାର ସାଙ୍ଗ ପରେ ବିଭିନ୍ନ ପ୍ରତିଯୋଗିତା ଯଥା ବିଜିନେସ କୁଇଜ୍, ବିଜ୍ ସ୍ପାର୍କ , ଆଡ୍ ମ୍ୟାଡ ସୋ, ଜଷ୍ଟ ଏ ମିନିଟ୍, ମ୍ୟାନେଜମେଣ୍ଟ ରେସ୍ ଇତ୍ୟାଦି ରେ ବାଣିଜ୍ୟ ବୈଷୟିକ ବିଭାଗର ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଦ୍ୱିତୀୟ ଦିନର ଆରମ୍ଭ ପ୍ରଫେସର ପ୍ରମୋଦ କୁମାର ସାହୁ ସ୍ମାରକୀ ବକ୍ତୃତା ର ଆୟୋଜନ କରାଯାଇଥିଲା । ଭୁବନେଶ୍ୱର ସ୍ଥିତ ଐଉରଉ ବ୍ୟାଙ୍କ ମ୍ୟାନେଜର ଆର୍ ନିଗମ ମିଶ୍ର ଯୋଗଦେଇ ସ୍ମାରକୀ ବକ୍ତୃତା ରଖିଥିଲେ। ବିଭାଗର ପୂର୍ବତନ ଅଧ୍ୟାପକ, ପ୍ରଫେସର ସାହୁଙ୍କର ପରିବାର ବର୍ଗ ମଧ୍ୟ ଯୋଗ ଦେଇ ସାହୁ ସାର ଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ ଏବଂ ଏହାପରେ ଉଦଯାପନୀ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅଥିତି ରୂପେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସମ୍ମାନିତ ଅତିଥି ରୂପେ, ସ୍ନାତକୋତ୍ତର ବିଭାଗ ସମୂହ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି, ଏମ ସି ଏଲ୍ ର ମ୍ୟାନେଜର ଶ୍ରୀ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ଏହି ସଭାରେ ଚାଟାର୍ଡ ଆକାଉଣ୍ଟାଣ୍ଟ ଭଗବାନ ପାଢ଼ୀ ଙ୍କୁ ଦକ୍ଷିଣ ଓଡ଼ିଶାର ବିଶିଷ୍ଟ ପୁରୁଷ ସମ୍ମାନ ଓ ଡାକ୍ତର ପି. ଭାରତୀଙ୍କୁ ଦକ୍ଷିଣ ଓଡ଼ିଶାର ବିଶିଷ୍ଟ ମହିଳା ସମ୍ମାନ ରେ ସମ୍ମାନିତ କରାଯାଇଥିଲା ।ସଭାରେ ବିଭାଗର ସମ୍ବାଦ ପତ୍ର ଓ ଏକ ପୁସ୍ତକର ଉନ୍ମଚନ ଅତିଥିଙ୍କର ଦ୍ୱାରା ହୋଇଥିଲା ଏଥି ସହିତ ବିଭାଗର କୃତି ଛାତ୍ର ଛାତ୍ରୀ ଓ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବ ବିଭାଗ ସଂଯୋଜକ ଡାକ୍ତର ମହେଶ୍ୱର ସେଠୀ ଙ୍କ ତତ୍ୱାବଧାନରେ ରେ ସମ୍ପନ୍ନ ହୋଇଥିଲା ଏବଂ ବିଭାଗର ଶିକ୍ଷକ ଡାକ୍ତର ବି ଭେଙ୍କଟେଶ୍ୱର ରାଓ, ଶକ୍ତି ରଂଜନ ଦାଶ, ଚନ୍ଦ୍ରିକା ପ୍ରସାଦ ଦାସ ଓ ଅଣଶିକ୍ଷକ କର୍ମଚାରୀ ବୃନ୍ଦ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବର୍ଷାଜଳ ନିଷ୍କାସନ ପାଇଁ ପ୍ରସ୍ତୁତ ହେବ ସମନ୍ୱିତ ଯୋଜନା

# ସିଏମସି ଓ ରେଭେନ୍ସା କର୍ତ୍ତୃପକ୍ଷଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ



କଟକ, (ପିପିଏସ) : ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ବର୍ଷା ଜଳ ଜମି ରହିବା ଘଟଣା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଥିଲା ବେଳେ କିପରି ସମସ୍ୟାର ତୁରନ୍ତ ସମାଧାନ ହୋଇପାରିବ ସେଥିନେଇ ଗୁରୁବାର ରେଭେନ୍ସାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଟକ ମହାନଗର ନିଗମ(ସିଏମସି) ମେୟର ସୁବାସ ସିଂହ, କମିଶନର ନିଖିଲ ପଓ୍ୱନ କଲ୍ୟାଣ, ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଂଜୟ କୁମାର ନାୟକ ଓ ରେଜିଷ୍ଟ୍ରାର କାହ୍ନଚରଣ ମଲ୍ଲିକଙ୍କ ସମେତ ଏକାଧିକ ଶିକ୍ଷାବିତ୍ ଏବଂ ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ ଉପସ୍ଥିତ ଥିଲେ । ରେଭେନ୍ସା ପରିସରରୁ ବର୍ଷା ଜଳ ନିଷ୍କାସନ ହୋଇନପାରିବା ସମ୍ବନ୍ଧରେ ବ୍ୟାପକ ଆଲୋଚନା କରାଯାଇଥିଲା । କିପରି କ୍ୟାମ୍ପସ୍ ମଧ୍ୟରୁ ସହଜରେ ବର୍ଷା ଜଳ ନିଷ୍କାସନ ହୋଇପାରିବ ସେଥିପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । କ୍ୟାମ୍ପସ ପରିସର ତଳିଆ ଅଞ୍ଚଳ ହୋଇଥିବାରୁ ବର୍ଷାଜଳ ନିଷ୍କାସନରେ ବାଧା ଉପୁଜୁଛି ବୋଲି ମେୟର ଶ୍ରୀ ସିଂହ ସୂଚନା ଦେଇଥିଲେ । ଏଥିପାଇଁ ସମସ୍ତ ବିଭାଗ ସହ ଯୋଗାଯୋଗ କରାଯାଇ ଏକ ସମନ୍ୱିତ ଯୋଜନା ହାତକୁ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟ ମଧ୍ୟରେ ରହିଥିବା ସ୍ୱେରେଜ୍ ଓ ଡ୍ରେନେଜ୍ ଆଦି ବ୍ୟବସ୍ଥାରେ ସୁଧାର ଅଣାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି । ସେହିପରି କ୍ୟାମ୍ପସ ବାହାର ଡ୍ରେନକୁ ପରିସରରେ ଥିବା ଡ୍ରେନ ସହ ସଂଯୋଗ କରିବା ପାଇଁ ଜାଇକା ଯନ୍ତ୍ରୀଙ୍କ ସହଯୋଗ ଲୋଡାଯାଇଛି । ସମସ୍ୟାର ତୁରନ୍ତ ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ । ଏହି ପରିପ୍ରେକ୍ଷୀରେ ମେୟର, କମିଶନର, ବିଧାୟକ ଓ ତାଙ୍କ ସହ ଥିବା ଅଧିକାରୀ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କ୍ୟାମ୍ପସ ପରିସର ବୁଲି ସରଜମିନ ଅନୁଧାନ କରିଥିଲେ । ବିଧାୟକ ଶ୍ରୀ ବିଶ୍ୱାଳ ଓ ରେଭେନ୍ସା କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ପାଇଁ ମେୟର ଓ କମିଶନରଙ୍କୁ କେତେକ ପ୍ରସ୍ତାବ ଦେଇଥିଲେ । ଅନୁଷ୍ଠିତ ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝି, ସିଏମସି ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଅତନୁ ସାମନ୍ତ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଡା. ସତ୍ୟବ୍ରତ ମହାପାତ୍ର, ଓ ପିଏମୟୁ ସଦସ୍ୟମାନେ ଉପସ୍ଥିତ ଥିଲେ ।

**ବର୍ଷା ଦିନ ପୂର୍ବରୁ ନିଆଯିବ ପଦକ୍ଷେପ**

# ବାଦାମବାଡିରୁ ମଧୁପାଟଣା ରାସ୍ତାରୁ ହଟିଲା ଜବର ଦଖଲ, ୭ ହଜାର ଜରିମାନା ଆଦାୟ



କଟକ, (ପିପିଏସ) : କଟକ ମହାନଗର ନିଗମ(ସିଏମସି) ଏନଫୋର୍ସମେଣ୍ଟ ଓ ଟ୍ରାଫିକ ପୋଲିସ ପକ୍ଷରୁ ଆଜି ବାଦାମବାଡିଠାରୁ ମଧୁପାଟଣା ପର୍ଯ୍ୟନ୍ତ ଗୋଟିଏ ପଟ ରାସ୍ତାରୁ ଜବର ଦଖଲ ଉଚ୍ଛେଦ କରାଯାଇଛି । ବେଆଇନ ଭାବେ ରାସ୍ତାକୁ ମାଡି ବ୍ୟବସାୟ ଚଳାଉଥିବା ଏକାଧିକ ବ୍ୟବସାୟୀଙ୍କର ଅସ୍ଥାୟୀ ନିର୍ମାଣକୁ ଭାଙ୍ଗି ଦିଆଦିଆଯାଇଥିଲା । ବିଶେଷକରି ଡ୍ରେନ ଉପରେ ଜବର ଦଖଲ କରି ବିଭିନ୍ନ ମନୋହରୀ ବ୍ୟବସାୟ ଚଳାଉଥିବା ଏକାଧିକ ବ୍ୟବସାୟୀଙ୍କ ଦୋକାନକୁ ଉଚ୍ଛେଦ କରାଯାଇଥିଲା ବେଳେ ସେମାନଙ୍କଠାରୁ ୭ ହଜାର ଟଙ୍କା ଜୋରିମାନା ବାବଦକୁ ଆଦାୟ କରାଯାଇଥିଲା । ସେହିପରି ପାର୍କିଂ ସମସ୍ୟା ସୃଷ୍ଟି କରୁଥିବା ବ୍ୟବସାୟୀମାନଙ୍କୁ ତାଗିଦ କରାଯାଇଥିଲା । ସିଏମସି ସହକାରୀ କମିଶନର ତ୍ରିଶୂଳ ମାର୍ଦି ଓ ତ୍ରିନାଥ ବେହେରାଙ୍କ ନେତୃତ୍ୱରେ ଏହି ଉଚ୍ଛେଦ କରାଯାଇଥିଲା । ଏଥିରେ ଟ୍ରାଫିକ ଇନ୍ସପେକ୍ଟର କିଶୋର ଚନ୍ଦ୍ର ପ୍ରଧାନ, ସିଏମସି ଏନଫୋର୍ସମେଣ୍ଟର ପଞ୍ଚାନନ ପାଲ, ସ୍କ୍ୱାଡ ସଦସ୍ୟ ପ୍ରଫୁଲ୍ଲ ମଙ୍ଗଲ, ସିଡିଏର ଶ୍ରମିକ ବିଭୁତି ରାୟ, ୧ ପ୍ଲାଟୁନ ପୋଲିସ ଫୋର୍ସ, କଟକ ଜିଲ୍ଲା ଏନଫୋର୍ସମେଣ୍ଟ ଫୋର୍ସ(ସିଡିଇଏଫ)ର ଗୋଟିଏ ଦଳ ଏହି ଉଚ୍ଛେଦରେ ଦଳ ସାମିଲ ହୋଇଥିଲେ ।

## ଏସସିବି ସଂପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ ନେଇ ବୈଠକ

# ୪ ମାସରେ ଶେଷ ହେବ ହସ୍ପିଟାଲ ଦୁଇ ପଟର ୪ ଲେନିଂ ରାସ୍ତା



କଟକ, (ପିପିଏସ) : କଟକ ସହରରେ ଚାଲିଥିବା ବିଶ୍ୱସ୍ତରୀୟ ଏମ୍ସ ପ୍ଲସ୍ ଏସସିବି ସଂପ୍ରସାରଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସକାଶେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ମଧ୍ୟାହ୍ନରେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧକ୍ଷ ତଥା ପ୍ରକଳ୍ପ କାର୍ଯ୍ୟକାରୀ କମିଟି ଅଧକ୍ଷ ଅନୀଲ କୁମାର ସାମଲ ଏସସିବି ପରିଦର୍ଶନ କରିବା ସହ ନିର୍ମାଣାଧୀନ କାର୍ଯ୍ୟର ସମୀକ୍ଷା କରିଥିଲେ । ୨୦୨୩ ସୁଦ୍ଧା ପ୍ରକଳ୍ପ ଶେଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଆସନ୍ତା ୪ ମାସ ମଧ୍ୟରେ ହସ୍ପିଟାଲର ୨ ପଟରେ ଆରମ୍ଭ ହୋଇଥିବା ଫୋର୍ ଲେନିଂ କାର୍ଯ୍ୟ ଶେଷ କରାଯିବ ବୋଲି ଶ୍ରୀ ସାମଲ ସୂଚନା ଦେଇଛନ୍ତି । ହସ୍ପିଟାଲର ୪ ପାଖରୁ ଗୋଟିଏ ପଟରେ ତାଳଦଣ୍ଡା କେନାଲ ରାସ୍ତା ରହିଥିବା ବେଳେ ଅନ୍ୟ ପଟରେ ରିଙ୍ଗବନ୍ଧ ରାସ୍ତା ରହିଛି । ସେହିପରି ଅନ୍ୟ ଦୁଇ ପଟରୁ ଲେଫ୍ଟ ଆକସେସ୍ ରୋଡ୍ ଏବଂ ରାଇଟ୍ ଆକ୍ସେସ୍ ରୋଡ ଫୋର ଲେନିଂ କାର୍ଯ୍ୟ ଆରମ୍ଭ ହୋଇଛି । ସେଥି ସକାଶେ ଆବଶ୍ୟକ ଥିବା ସମସ୍ତ ଜମିର ଅଧିଗ୍ରହଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ଲେଫ୍ଟ ଆକ୍ସେସ ରୋଡ ପାଇଁ ଜମି ଅଧିଗ୍ରହଣ ଶେଷ ହୋଇଥିଲା ବେଳେ ରାଇଟ ଆକସେସ୍ ରାସ୍ତା ପାଇଁ ୮ଟି ଜମି ଅଧିଗ୍ରହଣ ସରିଛି, ବାକି ୨ଟି ଜମିର ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି । ସେହିପରି ନୂତନ ରେଡକ୍ରସ୍ ବିଲ୍ଡିଂର ନିର୍ମାଣ କାର୍ଯ୍ୟ ୨ ମାସ ମଧ୍ୟରେ ଶେଷ ହେବା ପରେ ଉକ୍ତ ପୁରୁଣା ବିଲ୍ଡିଂକୁ ଦିଆଯାଇଥିଲା ବେଳେ କ୍ଲିନିକାଲ ବ୍ଲକର ଚାରୋଟି ପ୍ରକଳ୍ପକୁ ଏଲଏଣ୍ଡଟିକୁ ଦିଆଯାଇଛି । ପ୍ରକାଶ ଥାଉକି, ୨ ହଜାର

- ବ୍ଲଡବ୍ୟାଙ୍କ ଷ୍ଟାଫ କ୍ୱାର୍ଟର ପାଇଁ ଓଏମପି ନିକଟରେ ଜମି ଚିହ୍ନଟ
- ପ୍ରାଣୀଧନ ନିର୍ଦ୍ଦେଶାଳୟ ପରିସରକୁ ସ୍ଥାନାନ୍ତର ହେବ ମଙ୍ଗଳାବାଗ ଥାନା

ଭାଙ୍ଗିଦିଆଯିବ ବୋଲି ଶ୍ରୀ ସାମଲ କହିଛନ୍ତି । ଏତଦ୍ ବ୍ୟତୀତ ଷ୍ଟାଫ କ୍ୱାର୍ଟର୍ସ ପାଇଁ ଓଏମପି ଛକ ନିକଟରେ ଅଧ ଏକର ଜମି ଚିହ୍ନଟ କରାଯାଇଛି। ସେହିପରି ମଙ୍ଗଳାବାଗ ଥାନାକୁ ପ୍ରାଣୀଧନ ନିର୍ଦ୍ଦେଶାଳୟ ପରିସରକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଛି । ଏସସିବି ସଂପ୍ରସାରଣ ପ୍ରକଳ୍ପରେ ୧୩ଟି କାର୍ଯ୍ୟ (ରେସିଡେନସିଆଲ) ନାଗାର୍ଜୁନ ନାମକ ସଂସ୍ଥାକୁ ୮୮୦ କୋଟି ଟଙ୍କା ବ୍ୟୟରେ ଏସସିବିର କ୍ଲିନିକାଲ ବ୍ଲକ କାର୍ଯ୍ୟ ଚାଲୁ ରହିଛି । ବ୍ଲଡବ୍ୟାଙ୍କ ବିଲ୍ଡିଂର ନିର୍ମାଣ କାର୍ଯ୍ୟ ପିଡବ୍ଲୁଡି ଦ୍ୱାରା କରାଯାଉଥିବା ସଂପର୍କରେ ଶ୍ରୀ ସାମଲ ସୂଚନା ଦେଇଛନ୍ତି । ଶ୍ରୀ ସାମଲଙ୍କ ଏହି ପରିଦର୍ଶନ ସମୟରେ ଏଡିଏମ(ରେଭିନ୍ୟୁ) ପୂର୍ଣ୍ଣଚନ୍ଦ୍ର ମିଶ୍ର, କଟକ ସଦର ତହସିଲଦାର, ଏସସିବି ମେଡିକାଲ କଲେଜ ଓ ହାସପାତାଳର ରେଜିଷ୍ଟ୍ରାର ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଚଣ୍ଡ ଗ୍ରୀଷ୍ମରେ ତାଳଦଣ୍ଡା କେନାଲରେ ପାଣି ନାହିଁ

# ଖରାଟିଆ ଫସଲ ପାଇଁ ଚାଷୀ ହତାସ

କଟକ ସଦର, (ପିପିଏସ) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହିତ ହେଉଥିବା ବେଳେ ତାଳଦଣ୍ଡା କେନାଲରେ ପାଣି ଛଡ଼ା ଯାଇନାହିଁ। ଫଳରେ କଟକ ସଦର ସମେତ ଜଗତସିଂହପୁର ଓ ପାରାଦିପ ଅଞ୍ଚଳରେ କେନାଲରେ ପାଣି ପ୍ରବାହିତ ହୋଇପାରି ନାହିଁ। ପ୍ରତ୍ୟେକ ବର୍ଷ ଏହି ଖରା ସମୟରେ କେନାଲରେ ପାଣି ଛଡ଼ା ଯାଇଥାଏ। କେନାଲ କୂଳ ଅଞ୍ଚଳର ଚାଷୀମାନେ ଖରାଟିଆ ଫସଲ ପାଇଁ ଏହି କେନାଲ ପାଣି ଉପରେ ନିର୍ଭର କରିଥାନ୍ତି। ଏହା ବ୍ୟତିତ କେନାଲରେ ପାଣି ନଥିବାରୁ ସାଧାରଣ ଲୋକଙ୍କ ସହିତ ଗୃହପାଳିତ ପଶୁମାନେ ମଧ୍ୟ ପାଣି ମୁନ୍ଦେ ପିଇବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। କେନାଲରେ କାହିଁକି ପାଣି ଛଡ଼ା ଯାଉ ନାହିଁ ବୋଲି ମହାନଦୀ ସାଉଥ୍ ଜଳ ସେଚନ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ରାଜେସ ମହାନ୍ତିଙ୍କୁ ପଚାରିବାରେ ସେ କହନ୍ତି ଜଳ ସମ୍ପଦ ବିଭାଗ ପକ୍ଷରୁ କେନାଲର ବେଡ୍ କାର୍ଯ୍ୟ ଚାଲୁଥିବା ସହିତ ଯୋବ୍ରାଠାରୁ ବିରିବାଟୀ ପର୍ଯ୍ୟନ୍ତ ୧୧ କିଲୋମିଟର ଅଂଶରେ ପୂର୍ତ୍ତ ବିଭାଗ ପକ୍ଷରୁ କେନାଲର ଦୁଇ ପାର୍ଶ୍ୱ ରାସ୍ତା ଓ ଉକ୍ତ କେନାଲ ଉପରେ କମରପଦା ପର୍ଯ୍ୟନ୍ତ ଏକାଧିକ ପୋଲ ନିର୍ମାଣ କରାଯାଉଥିବାରୁ ପାଣି ଛଡ଼ିବା ସମ୍ଭବପର ନୁହେଁ। ଆଗାମୀ ଜୁଲାଇ ପ୍ରଥମ ସପ୍ତାହରେ ଖରିଫ ଚାଷ ପାଇଁ ପାଣି ଛଡ଼ା ଯିବ ବୋଲି ଶ୍ରୀ ମହାନ୍ତି କହିଥିଲେ। ପ୍ରବଳ ଖରା ଯୋଗୁ ମହାନଦୀରେ ଜଳସ୍ତର ହ୍ରାସ ପାଉଥିବାରୁ କଟକ ସଦର ବ୍ଲକ୍‌ର ଅଧିକାଂଶ ନଳକୂପରୁ ପାଣି ବାହାରୁ ନଥିବା ଜଣାଯାଇଛି। ଏତଦ୍‌ବ୍ୟତୀତ ଅଞ୍ଚଳରେ ଥିବା ପୋଖରୀମାନଙ୍କରୁ ପାଣି ଶୁଖିବା ଆରମ୍ଭ ହୋଇଗଲାଣି। ଫଳରେ ମାଛ ଚାଷ ପ୍ରଭାବିତ ହେବା ଆଶଙ୍କା ପ୍ରକାଶ ପାଇଛି। ଏହିଭଳି ଟାଣ ଖରା ଅଧିକ ଦିନ ରହିଲେ ସଦର ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବ ବୋଲି କୁହାଯାଉଛି। ଏହିଭଳି ପରିସ୍ଥିତିରେ କେନାଲରେ ପାଣି ଛାଡ଼ିବା ନିଷ୍ପତ୍ତି ସରକାର ନେଇପାରିବେ ବୋଲି ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ମହାନ୍ତି କହିଛନ୍ତି।

# ନାବାଳିକାକୁ ଅସଦାଚରଣ ଉଦ୍ୟମ, ଯୁବକ ଗିରଫ

ଚୌଦ୍ୱାର, (ପିପିଏସ): ଜଣେ ନାବାଳିକାକୁ ଅସଦାଚରଣ ଉଦ୍ୟମ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଚୌଦ୍ୱାର ମଙ୍ଗଳାସାହିର ସଂଜୟ ବେହେରା(୩୫) । ପୀଡ଼ିତାର ପରିବାର ତରଫରୁ ଥାନାରେ କରାଯାଇଥିବା ଅଭିଯୋଗ ସୂତ୍ରରୁ ପ୍ରକାଶଯେ ପୀଡ଼ିତା ଜଣକ ଏକ ଦୋକାନରେ ଘରୋଇ ସାମଗ୍ରୀ କ୍ରୟ କରୁଥିବାବେଳେ ଅଭିଯୁକ୍ତ ସଂଜୁ ଘଟଣାସ୍ଥଳରେ ପହଞ୍ଚି ନାବାଳିକା ଜଣକୁ ଟଣା ଓଟରା କରିବା ସହିତ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲା ।ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ଯିବାରୁ ସେ ଘଟଣାସ୍ଥଳରୁ ଚାଲି ଯାଇଥିଲା । ଅନ୍ୟ ଏକ ଘଟଣାରେ ୧୭ ନମ୍ବର ୱାର୍ଡ଼ ନୂଆସାହି ଗ୍ରାମରେ ପୋଲିସ୍ ଚଢ଼ଉ କରି ୭୦ବୋତଲ ବିଦେଶୀ ମଦ ଜବତ କରିବା ସହିତ ମଦ ବ୍ୟବସାୟୀ ସେହି ଗ୍ରାମର ପୁରୁଷୋତ୍ତମ ଦତ୍ତ(୩୨)କୁ ଗିରଫ କରିଛନ୍ତି । ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ରାସ୍ତା ଉପରେ ମାରପିଟ କରିବା ଅଭିଯୋଗରେ ଯୁବକ ଗିରଫ

କଟକ ସଦର, (ପିପିଏସ) : ୪୨ ମୌଜା ମୁଖ୍ୟ ରାସ୍ତାର ଯଶୋଦା ଗାଡ଼େନ ନିକଟରେ ଗତ କାଲି ରାତିରେ ଚିତ୍ର ସେନ ଭୋଇ (୨୬) ନାମକ ଯୁବକ ମାରପିଟ ଓ ଗଣ୍ଡୋଗୋଳ କରୁଥିଲେ। ଖବର ପାଇ୪୨ ମୌଜା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚ ଉକ୍ତ ଯୁବକକୁ ଗିରଫ କରିବା ସହିତ ଆଜି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତର ଘର ଏହି ଥାନା ଅନ୍ତର୍ଗତ ବ୍ରହ୍ମପୁର କୁଲୁଦ ସାହିରେ। ଗତକାଲି ରାତିରେ ଅଭିଯୁକ୍ତ ଜଣକ ନିଜର ସ୍କୁଟିକୁ ରାସ୍ତା ମଝିରେ ରଖି ଯାତାୟତରେ ବାଧା ସୃଷ୍ଟି କରିବା ସହ ନିକଟରେ ଥିବା ସୁରେଶ ମୁଦୁଲି ନାମକ ଦୋକାନିଙ୍କର ବିଭିନ୍ନ ସାମଗ୍ରିକୁ ବାହାରକୁ ଫିଙ୍ଗିଦେଇଥିଲେ। ଫିଙ୍ଗିଦେଇଥିବା ଥାନା ସୂତ୍ରରୁ ପ୍ରକାଶ।

# ଶେରଗଡ଼ ପୋଲିସ ଦ୍ୱାରା ୧୦୩୯ କେଜି ଗଞ୍ଜେଇ ପୋଡି ନଷ୍ଟ



ହିଞ୍ଜିଳିକାଟୁ /ସେରଗଡ଼, (ପିପିଏସ) : ବିଗତ ଦିନମାନଙ୍କରେ ପୋଲିସ ଜବତ କରି ରଖିଥିବା ଗଞ୍ଜେଇକୁ କୋର୍ଟଙ୍କ ରାୟ ପରେ ଗଞ୍ଜାମ ଜିଲ୍ଲାରେ ଥିବା ସରକାରୀ ସ୍ୱୀକୃତି ପ୍ରାପ୍ତ ଚିମିନିରେ ପୋଡି ନଷ୍ଟ କରାଯାଇଅଛି। ଗୋଟିଏ କେସ ମାଧ୍ୟମରେ ଶେରଗଡ଼ ଥାନା ଦ୍ୱାରା ୧୦୩୪ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ୧୦୩୯ କେଜି ଶେରଗଡ଼ ବ୍ଲକ ଅରଖପଦା ସରକାରୀ ସ୍ୱୀକୃତି ପ୍ରାପ୍ତ ଚିମିନୀରେ ପୋଡି ନଷ୍ଟ କରାଯାଇଛି। ଏହି ଚିମିନୀରେ ୪ ଗୋଟି ଜିଲ୍ଲାର ମେଡିକାଲରୁ ବାହାରୁଥିବା ବର୍ଜ୍ୟବସ୍ତୁ, ପୋଲିସ ଜବତ କରୁଥିବା ଗଞ୍ଜେଇ ଆଦିକୁ ପୋଡ଼ି ନଷ୍ଟ କରାଯିବା ପାଇଁ ମେସିନ ସ୍ଥାପିତ କରାଯାଇଛି। ଜବତ ଗଞ୍ଜେଇକୁ ଆଜି ସକାଳୁ ପୋଲିସ କମିଟିର ସମସ୍ତ ଅଧିକାରୀଙ୍କ ଉପସ୍ଥିତି ଏକ ଟିମ ଗଠନ କରାଯିବା ପରେ ଉକ୍ତ ଗଞ୍ଜେଇକୁ ଅରଖପଦା ଚିମିନିକୁ ନିଆଯାଇଥିଲା। ସେଠାରେ ଗଞ୍ଜାମ ଡେପୁଟି କଲେକ୍ଟର ବିଶ୍ୱନାଥ ରଥ, ଏସପି ଜଗନ ମୋହନ ମିନା, ଆଇଜି ସତ୍ୟବ୍ରତ ଭୋଇ, ଡ଼ିଏସପି ସୁଜିତ ନାୟକ, ଏକ୍ସାଇଜ ଏସପି ଦେବି ପ୍ରସାଦ ଦାସ, ହେଡକ୍ୱାଟର ଇନସିପେକ୍ଟର ଏସ ଏସ ମନ୍ଦାନା, ଶେରଗଡ଼ ଆଇଆଇସି ମନୋଜ କୁମାର ପ୍ରଧାନ,ସାଇଣ୍ଟିଫିକ ଅଫିସର ଆର୍‌ଏସଏଫ୍‌ଏଲ୍ ଦିପ୍ତୀରଂଜନ ପାଢ଼ୀ ଓ ଆସିକା ଏସଡିପିଓ ଉମା ଚରଣ ସିଂ ଙ୍କ ଉପସ୍ଥିତରେ ଉକ୍ତ ଗଞ୍ଜେଇକୁ ପୋଡି ନଷ୍ଟ କରାଯାଇଛି। ସରକାରଙ୍କ ଗଞ୍ଜେଇ ଧରିବା ଓ ସରକାରୀ ସ୍ତରରେ ନଷ୍ଟ କରିବା ପ୍ରକ୍ରିୟାକୁ ବୁଦ୍ଧିଜୀବୀ ସ୍ତରରେ ପ୍ରଶଂସା କରିଛନ୍ତି।

# ୨୦୨୨-୨୩ ଆର୍ଥିକ ବର୍ଷରେ ଜିଲାର ରାଜସ୍ୱ ଆଦାୟ ୮୫.୫୮ ପ୍ରତିଶତ

ଭଦ୍ରକ, (ପିପିଏସ) : ୨୦୧୪-୨୦୨୨-୨୩ ଆର୍ଥିକ ବର୍ଷରେ ଭଦ୍ରକ ଜିଲାର ରାଜସ୍ୱ ଆଦାୟ ୮୫.୫୮ ପ୍ରତିଶତ ହୋଇଛି। ରାଜସ୍ୱ ଆଦାୟ କ୍ଷେତ୍ରରେ ଖଜଣା ବାବଦରେ (ଭୂକର) ୮୮.୮୬ ପ୍ରତିଶତ ରାଜସ୍ୱ ଆଦାୟ ହୋଇଥିବାବେଳେ ଜଳକର ବାବଦରେ ୫୩.୫୮ ପ୍ରତିଶତ ଆଦାୟ ହୋଇଛି। କିନ୍ତୁ ସୈରାତ ଓ ଲାଇନ୍ ଡିପାର୍ଟମେଣ୍ଟ ରୟାଲଟି ବାବଦରେ ୧୨୮.୫୩ ପ୍ରତିଶତ ରାଜସ୍ୱ ଆଦାୟ ହୋଇଛି। ସରକାରଙ୍କ ତରଫରୁ ରାଜସ୍ୱ ଆଦାୟର ଲକ୍ଷ୍ୟଧାର୍ଯ୍ୟ ଥିଲା ୧୫୩.୪୯ ଲକ୍ଷ। ୭ଟି ତହସିଲରୁ ରାଜସ୍ୱ ଆଦାୟ ହୋଇଛି ୧୩୧.୩୬୨ ଲକ୍ଷ। ବନ୍ତ ତହସିଲରେ ସର୍ବାଧିକ ୧୮୫.୬୨ ପ୍ରତିଶତ ରାଜସ୍ୱ ଆଦାୟ ହୋଇଛି। ସଂପୃକ୍ତ ତହସିଲର ଲକ୍ଷ୍ୟଧାର୍ଯ୍ୟ ୨.୮୫ ଲକ୍ଷ ଥିବାବେଳେ ଆଦାୟ ହୋଇଛି ୫.୨୮ ଲକ୍ଷ। ସେହିପରି ତିହିଡି ତହସିଲର ଲକ୍ଷ୍ୟଧାର୍ଯ୍ୟ ୬.୬୩ ଥିବାବେଳେ ଆଦାୟ ହୋଇଅଛି ୭.୧୮୨ ଲକ୍ଷ (୧୦୮.୩୩%)। ବାସୁଦେବପୁର ତହସିଲର ଲକ୍ଷ୍ୟଧାର୍ଯ୍ୟ ୧୫.୦୩ ଲକ୍ଷ ଥିବାବେଳେ ଆଦାୟ ହୋଇଛି ୧୪.୦୧ ଲକ୍ଷ (୯୩.୨୧%)। ଚାନ୍ଦବାଲି ତହସିଲର ଲକ୍ଷ୍ୟଧାର୍ଯ୍ୟ ୬୫.୯୪ ଲକ୍ଷ ଥିବାବେଳେ ଆଦାୟ ହୋଇଛି ୫୬.୪୩ ଲକ୍ଷ (୮୫.୫୮%), ଭଦ୍ରକ ତହସିଲର ଲକ୍ଷ୍ୟଧାର୍ଯ୍ୟ ୪୬.୧୬ ଲକ୍ଷ ଥିବାବେଳେ ଆଦାୟ ହୋଇଛି ୩୮.୯୩ ଲକ୍ଷ (୮୪.୩୪%), ଭଣ୍ଡାରିପୋଖରୀ ତହସିଲର ଲକ୍ଷ୍ୟଧାର୍ଯ୍ୟ ୭.୮୯ ଲକ୍ଷ ଥିବାବେଳେ ଆଦାୟ ହୋଇଛି ୫.୭୫ ଲକ୍ଷ (୭୨.୮୮%)। ସେହିପରି ଧାମନଗର ତହସିଲର ଲକ୍ଷ୍ୟଧାର୍ଯ୍ୟ ୮.୯୯ ଲକ୍ଷ ଥିବାବେଳେ ରାଜସ୍ୱ ଆଦାୟ ହୋଇଛି ୩.୭୯ ଲକ୍ଷ (୪୨.୧୬%)। ଚଳିତବର୍ଷର ରାଜସ୍ୱ ଆଦାୟକୁ ନେଇ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ରାମଦାସ ଟୁଡୁ, ଉପଜିଲାପାଳ ମନୋଜ ପାତ୍ର, ରେଜେଷ୍ଟ୍ରି ଅଫିସର କସ୍ତୁରୀବାଳା ଜେନା, ରେଭିନ୍ୟୁ ଅଫିସର ଲକ୍ଷ୍ମୀପ୍ରସାଦ ସାହୁଙ୍କ ସମେତ ଧାମରା ଭୂଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ, ୭ଟି ତହସିଲ କାର୍ଯ୍ୟାଳୟର ତହସିଲଦାର, ଅତିରିକ୍ତ ତହସିଲଦାର, ଆରଟିଓ, ଅବକାରୀ ଅଧିକାରୀଙ୍କ ସମେତ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗ ଦେଇଥିଲେ। ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜସ୍ୱ ଆଦାୟର ସମୀକ୍ଷା ସହ ଡେ ବନ୍ଦୋବସ୍ତ ମାମଲା ଗୁଡିକର ଫଇସଲା ନହୋଇ ବହୁ ସଂଖ୍ୟାରେ ପଡିରହିଥିବା ନେଇ ଜିଲାପାଳ ଶ୍ରୀ ବୋନ୍ଦର ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଜିଲାର ବିଭିନ୍ନ ତହସିଲର ତହସିଲ ଅଧୀନରେ ଥିବା ପଡା ଗ୍ରାମଗୁଡିକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ସୀମା ପରିବର୍ତ୍ତନ (ବିସିପି) ବହୁ ପଛରେ ପଡିଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହିସବୁ ମାମଲା ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ କଡା ତାଗିଦ କରିଥିଲେ। ଅପରପକ୍ଷରେ ଭଦ୍ରକ ଆଖଣ୍ଡଳମଣି ରାସ୍ତାର ସଂପ୍ରସାରଣ କ୍ଷେତ୍ରରେ ଆବଶ୍ୟକ ପଡୁଥିବା ଗଛକଟା ଉଚ୍ଛେଦ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଶୀଘ୍ର ସାରିବାକୁ ବୈଠକରେ ଜିଲାପାଳ ଶ୍ରୀ ବୋନ୍ଦର ଅଧିକ ଗୁରୁତ୍ୱ ଦେଇଥିଲେ।

76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

## The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୪୫ ● କଟକ ● ଶୁକ୍ରବାର ● ୨୧ ଅପ୍ରେଲ-୨୦୨୩ ● ମେଷ ୮ ● ସାଲ୍ ୧୪୩୦

CUTTACK ● FRIDAY ● 21 APRIL-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା


# ବୁଦ୍ଧଙ୍କ ମାର୍ଗ ଅନୁସରଣ କରିଥିଲେ ଜଳବାୟୁ ପରିବର୍ତ୍ତନ ସଙ୍କଟର ମୁକାବିଲା କରିବାକୁ ପଡ଼ି ନ ଥାନ୍ତା: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ବୌଦ୍ଧ ସମ୍ମିଳନୀର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ବୁଦ୍ଧଙ୍କ ମାର୍ଗ ହେଉଛି ଭବିଷ୍ୟତର ପଥ। ଯଦି ବିଶ୍ୱବାସୀ ବୁଦ୍ଧଙ୍କ ଶିକ୍ଷା ଅନୁସରଣ କରିଥାନ୍ତେ, ତେବେ ଜଳବାୟୁ ପରିବର୍ତ୍ତନ ପରି ସଙ୍କଟର ସମ୍ମୁଖୀନ ହେବାକୁ ପଡି ନଥାନ୍ତା। ଦୁଇ ଦିନିଆ ଶିଖର ସମ୍ମିଳନୀ ଅନ୍ତର୍ଜାତୀୟ ବୌଦ୍ଧ କନଫେଡେରେଶନ ସହଯୋଗରେ ଏପ୍ରିଲ ୨୦-୨୧ ରେ ରାଜଧାନୀର ଅଶୋକା ହୋଟେଲରେ ଆୟୋଜିତ ହେଉଛି। ଏଥିରେ ୩୦ ଦେଶର ୧୭୧ ପ୍ରତିନିଧୀ ଯୋଗଦେଇଛନ୍ତି। ଜଳବାୟୁ ପରିବର୍ତ୍ତନ ଭଳି ସଙ୍କଟ ଆସିଛି କାରଣ ଗତ ଶତାବ୍ଦୀରେ କିଛି ଦେଶ ଆଗାମୀ ପିଢ଼ି ବିଷୟରେ ଚିନ୍ତା କରି ନ ଥିଲେ। ଆଜି ପ୍ରତ୍ୟେକ ବ୍ୟକ୍ତିଙ୍କର ପ୍ରତ୍ୟେକ କାର୍ଯ୍ୟ ପୃଥିବୀକୁ ପ୍ରଭାବିତ କରୁଛି। ଏହା ଆମର



ଜୀବନଶୈଳୀ ହେଉ ବା ନ ହେଉ, ଏହା ପୃଥିବୀ ଉପରେ ମଧ ପ୍ରଭାବ ପକାଉଛି। ଆମେ ଚାହିଁଲେ ଏହି ସଙ୍କଟରୁ ପୃଥିବୀକୁ ସୁରକ୍ଷା ପ୍ରଦାନ କରିପାରିବା। ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ ସମସ୍ତେ ମୁକାବିଲା କରିପାରିବେ। ଲୋକମାନେ ସଚେତନ ହେବା ଏବଂ ଉଦ୍ୟମ କରିବା ଆବଶ୍ୟକ। ମିଳିତ ପ୍ରୟାସ ସହିତ ଏହି ବଡ ସମସ୍ୟାକୁ ସମାଧାନ କରାଯାଇପାରିବ। ଏହା ହେଉଛି ବୁଦ୍ଧଙ୍କ ମାର୍ଗ। ପ୍ରଧାନମନ୍ତ୍ରୀ କହିଛନ୍ତି, ଯଦି ଆମେ ବିଶ୍ୱକୁ ଖୁସି କରିବାକୁ ଚାହୁଁ, ତେବେ ଆମକୁ ନିଜଠାରୁ ବାହାରକୁ ଆସି ଦୁନିଆର ସଂକୀର୍ଣ୍ଣ ଚିନ୍ତାଧାରା ଛାଡିବାକୁ ପଡିବ। ୟୁକ୍ରେନ ଯୁଦ୍ଧ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏହାର ସମାଧାନ କେବଳ ବୁଦ୍ଧଙ୍କ ଦ୍ୱାରା ଦେଖାଯାଇଥିବା ପଥ ମାଧ୍ୟମରେ ମିଳିବ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଯୁଦ୍ଧ ଏବଂ ଅଶାନ୍ତି ଯାହା ଆଜି ବିଶ୍ୱରେ ପୀଡିତ, ବୁଦ୍ଧ ଏହାର ସମାଧାନ ଶତାବ୍ଦୀ ପୂର୍ବରୁ ଦେଇଥିଲେ। ଆଧୁନିକ ଦୁନିଆର ଏପରି କ କ୍ଷୁକ୍ଷୁଭକ୍ଷରଙ୍କ ଣସି ସମସ୍ୟା ନାହିଁ, ଯାହାର ସମାଧାନ ଆମେ ଶହ ଶହ ବର୍ଷ ପୂର୍ବେ ବୁଦ୍ଧଙ୍କ ଶିକ୍ଷାଠାରୁ ପାଇ ପାରିଲୁ ନାହିଁ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଭାରତ ବିଶ୍ୱକୁ ଯୁଦ୍ଧ ଦେଇନାହିଁ ବରଂ ବୁଦ୍ଧ। ଯେଉଁଠାରେ ବୁଦ୍ଧଙ୍କ ଦୟା ଅଛି, ସେଠାରେ ସମନ୍ୱୟ ଅଛି, ବିବାଦ ନୁହେଁ, ଶାନ୍ତି ଅଛି, ବିଶୃଙ୍ଖଳା ନାହିଁ। ଏହାର ପାଣିପାଗରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, 'ଯଦି ବିଶ୍ୱ ବୁଦ୍ଧଙ୍କ ଶିକ୍ଷାକୁ ଅନୁସରଣ କରିଥାନ୍ତେ, ତେବେ ଜଳବାୟୁ ପରିବର୍ତ୍ତନ ଭଳି ସଙ୍କଟ ମଧ ଆମ ସାମ୍ନାକୁ ଆସି ନଥାନ୍ତା।

# ସେନା ଟ୍ରକ୍‌ରେ ଲାଗିଲା ନିଆଁ, ୫ ଯବାନ ସହିଦ

ପୁଞ୍ଚ : ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲ୍ଲାରେ ସେନାର ଏକ ଟ୍ରକରେ ନିଆଁ ଲାଗିଯାଇଛି। ଏହି ଅଗ୍ନିକାଣ୍ଡରେ ୫ ଜଣ ଯବାନ ସହିଦ ହୋଇଥିବା କୁହାଯାଉଛି। ଏଥିରେ ଆଉ କିଛି ଯବାନ ପୋଡ଼ି ଯାଇ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଘଟଣାସ୍ଥଳରେ ସେନାର ଟିମ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛି। ଘଟଣାଟି ରାଜୌରି-



ପୁଞ୍ଚ୍ ଜାତୀୟ ରାଜପଥର ଭାଟା ଦୁରିଆନ ଜଙ୍ଗଲ ଅଂଚଳରେ ହୋଇଥିବା ଜଣାଯାଇଛି। ଟ୍ରକରେ ନିଆଁ ଲାଗିବାର କାରଣ ଜଣାପଡ଼ିନଥିଲେ ବି ବଜ୍ରପାତ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ସେନାର ବରିଷ୍ଠ କମାଣ୍ଡର ଓ ସ୍ଥାନୀୟ ପୁଲିସ ପହଞ୍ଚିଛନ୍ତି। ଏହି ଦୁର୍ଘଟଣା ସଂପର୍କିତ ଏକ ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ସେଥିରେ ଦେଖାଯାଉଛି ଯେ ଟ୍ରକଟି ହୁତ୍ ହୁତ୍ ହୋଇ ଜଳୁଛି। ସେନାର ଆଉ ଏକ ଟ୍ରକରେ ଯବାନମାନେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଚଳାଇଛନ୍ତି।

# ଚୀନକୁ ପଛରେ ପକାଇ ଜନବହୁଳ ରାଷ୍ଟ୍ର ହେଲା ଭାରତ

ନୂଆଦିଲ୍ଲୀ : ଚୀନକୁ ପଛରେ ପକାଇ ଭାରତ ଏବେ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଛି। ଭାରତର ଜନସଂଖ୍ୟା ଚୀନ୍ ଜନସଂଖ୍ୟାକୁ ଟପିଯାଇଛି। ଜାତିସଂଘ ତଥ୍ୟ ଅନୁଯାୟୀ ଭାରତର ଜନସଂଖ୍ୟା ୧୪୨.୮୬ କୋଟି ଥିବା ବେଳେ ଚୀନ୍ ଜନସଂଖ୍ୟା ୧୪୨.୫୭ କୋଟି। ଚୀନ୍ଠାରୁ ଭାରତର ଜନସଂଖ୍ୟା ସେତେ ଅଧିକ ନଥିଲେ ବି ଜନସଂଖ୍ୟାରେ ଭାରତ ଚୀନ୍କୁ ଟପିଯିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ୧୯୫୦ରେ ଜାତିସଂଘ ଜନସଂଖ୍ୟା ତଥ୍ୟ ସଂଗ୍ରହ କରିବା ପରଠାରୁ ଭାରତ ପ୍ରଥମ ଥର ପାଇଁ ଜାତିସଂଘର ସର୍ବାଧିକ ଜନବହୁଳ ରାଷ୍ଟ୍ର ତାଲିକାର ଶୀର୍ଷରେ ରହିଛି। ଅନ୍ୟପକ୍ଷେ ଚୀନ୍ରେ ଜନ୍ମହାର ହ୍ରାସ ପାଇଛି ଏବଂ ଆଗକୁ ମଧ ଆହୁରି ହ୍ରାସ ପାଇବ। ଚୀନ୍ର ଏକାଧିକ ଅଞ୍ଚଳରେ ଜନ୍ମହାର ବୃଦ୍ଧି କରିବାପାଇଁ ଯୋଜନା ଘୋଷଣା ହୋଇଛି, କିନ୍ତୁ ସବୁ ଯୋଜନା ବିଫଳ ହୋଇଛି। ଜାତିସଂଘ ତଥ୍ୟ ଅନୁଯାୟୀ ଭାରତୀୟ ଜନସଂଖ୍ୟାର ୨୫ ପ୍ରତିଶତ ୦-୧୪ ବର୍ଷ ବୟସବର୍ଗରେ ରହିଛନ୍ତି। ୧୦-୧୯ ବର୍ଷ ବୟସ ମଧ୍ୟରେ ୧୮ ପ୍ରତିଶତ ଜନସଂଖ୍ୟା ଅଛନ୍ତି। ୨୬ ପ୍ରତିଶତ ଲୋକଙ୍କ ବୟସ ୧୦-୨୪ ବର୍ଷ ମଧ୍ୟରେ। ଅନ୍ୟପକ୍ଷେ ୧୫-୬୪ ବର୍ଷ ମଧ୍ୟରେ ୬୮ ପ୍ରତିଶତ ଲୋକ ଅଛନ୍ତି ଏବଂ ମାତ୍ର ୭ ପ୍ରତିଶତ ଜନସଂଖ୍ୟାଙ୍କ ବୟସ ୬୫ ବର୍ଷରୁ ଅଧିକ। ବିଭିନ୍ନ ସଂସ୍ଥା ଦ୍ୱାରା ହୋଇଥିବା ଆକଳନ ଅନୁଯାୟୀ ଭାରତର ଜନସଂଖ୍ୟା ଆଗାମୀ ୩ ଦଶନ୍ଧି ପର୍ଯ୍ୟନ୍ତ ବଢ଼ିବ। ୧୬୫ କୋଟିରେ ପହଞ୍ଚିବାପରେ ଭାରତର ଜନସଂଖ୍ୟା ହ୍ରାସ ପାଇବ। ଭାରତର ଜନସଂଖ୍ୟା ନେଇ ନିକଟରେ କେ ?ଣସି ସରକାରୀ ତଥ୍ୟ ଜାରି ହୋଇନାହିଁ। କାରଣ ୨୦୧୧ ପରଠାରୁ ଭାରତରେ କେ ?ଣସି ଜନଗଣନା ହୋଇନାହିଁ। ୨୦୨୧ ଜନଗଣନା କାର୍ଯ୍ୟକ୍ରମ କରୋନା ମହାମାରୀ ଯୋଗୁଁ ବିଳମ୍ବିତ ହୋଇଛି। ଏକ ଆକଳନ ଅନୁଯାୟୀ କେରଳ ଏବଂ ପଂଜାବରେ ବେଶି ବୟସ୍କ ଲୋକ ଅଛନ୍ତି। ଅନ୍ୟପକ୍ଷେ ଉତ୍ତରପ୍ରଦେଶ ଏବଂ ବିହାରରେ ଅଧିକାଂଶ ଯୁବକ ଅଛନ୍ତି। ଦେଶରେ ଅର୍ଦ୍ଧାଧିକ ଜନସଂଖ୍ୟାଙ୍କ ବୟସ ୩୦ରୁ କମ୍ ହୋଇଥିବାରୁ ଭାରତ ଆଗାମୀ ବର୍ଷରେ ବିଶ୍ୱର ଏକ ପ୍ରମୁଖ ଅର୍ଥନୀତିରେ ପରିଣତ ହେବ। ୟୁଏନଏଫିଏ (ୟୁନାଇଟେଡ୍ ନେସନ୍ସ ପପୁଲେସନ ଫଣ୍ଡ) ରେ ଜଣେ ଭାରତୀୟ ପ୍ରତିନିଧି ଆଣ୍ଡ୍ରି ୱ୍ଜନର କହିଛନ୍ତି, ଭାରତର ୧.୪ ବିଲିଅନ ଜନସଂଖ୍ୟାକୁ ୧.୪ ବିଲିଅନ ସୁଯୋଗ ହିସାବରେ ବିବେଚନା କରାଯିବ।

# ସମ୍ବଲପୁରରେ ଆଉ ୪୮ ଘଣ୍ଟା ଇଣ୍ଟରନେଟ୍ ବନ୍ଦ

ଭୁବନେଶ୍ୱର: ସମ୍ବଲପୁରରେ ଆଉ ୪୮ ଘଂଟା ପାଇଁ ଇଂଟରନେଟ୍ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି। ଆଗାମୀ ୨୨ ତାରିଖ ସକାଳ ୧୦ଟା ପର୍ଯ୍ୟନ୍ତ ଇଂଟରନେଟ୍ ବନ୍ଦ ରହିବ। ତେବେ ଆଜି ପୂରା ଜିଲ୍ଲାରେ ବ୍ରଡ୍ ବ୍ୟାଣ୍ଡ, ଲିଜ୍ ଲାଇନ କାମ କରିବ। ସକାଳ ୧୦ରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ବ୍ରଡ୍ ବ୍ୟାଣ୍ଡ, ଲିଜ୍ ଲାଇନ କାମ କରିବ। ସୋସିଆଲ୍ ମିଡିଆର ଅପବ୍ୟବହାର ଆଶଙ୍କାରେ ଏହି କଟକଣାକୁ ବୃଦ୍ଧି କରାଯାଇଛି। ଏହାକୁ ମିଶାଇ ଇଂଟରନେଟ୍ ସେବା ଲଗାତାର ୮ ଦିନ ଏଠାରେ ବନ୍ଦ ରହିବ।

# ଆଞ୍ଚଳିକ ଭାଷାରେ ପରୀକ୍ଷା ପାଇଁ ୟୁଜିସିର ଚିଠି

ଭୁବନେଶ୍ୱର(ପିପିଏସ୍) : ଏଣିକି ବିଶ୍ୱବିଦ୍ୟାଳୟରେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ଓ ପରୀକ୍ଷା କରିବାକୁ ୟୁଜିସି ପକ୍ଷରୁ ଚିଠି ଲେଖାଯାଇଛି। ଦେଶର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଏନେଇ ୟୁଜିସି ଚିଠି ଲେଖିଛି। ଆଞ୍ଚଳିକ ଭାଷାରେ ପାଠ ପଢ଼ିବା, ପଢ଼ାଇବା ଓ ପରୀକ୍ଷାରେ ଉତ୍ତର ଲେଖିବା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ପୁସ୍ତକ ଇଂରାଜୀ ଭାଷାରେ ହୋଇଥିଲେ ବି ଛାତ୍ରଛାତ୍ରୀ ଚାହିଁଲେ ଆଞ୍ଚଳିକ ଭାଷାରେ ପରୀକ୍ଷା ଖାତାରେ ଉତ୍ତର ଲେଖି ପାରିବେ। ଏନେଇ ପ୍ରୋତ୍ସାହିତ କରିବାକୁ ସମସ୍ତ କୁଳପତିଙ୍କୁ ୟୁଜିସି କହିଛି। ଏଥିସହ ସମସ୍ତ ପାଠ୍ୟ ପୁସ୍ତକକୁ ଆଞ୍ଚଳିକ ଭାଷାରେ ଟ୍ରାନ୍ସଲେଟ କରିବା ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ଏହାବାଦ କୁଳପତିମାନଙ୍କୁ ନିଜ ନିଜ ବିଶ୍ୱବିଦ୍ୟାଳୟରେ କେତେ ସଂଖ୍ୟାର କେଉଁ ବିଭାଗର ଆଞ୍ଚଳିକ ଭାଷାର ବହି ଉପଲବ୍ଧ ଅଛି ତାହା ଜଣାଇବାକୁ ୟୁଜିସି ପକ୍ଷରୁ କୁହାଯାଇଛି। ଆଞ୍ଚଳି ଭାଷାରେ ଶିକ୍ଷାଦାନ,ପରୀକ୍ଷା ଆଦି ହେଲେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ, ସାମାଜିକ ବିକାଶ ହେବ ବୋଲି ୟୁଜିସି ଆଶା ରଖିଛି। ଏହାଦ୍ୱାରା ଉଚ୍ଚଶିକ୍ଷାରେ ପିଲାଙ୍କ ନାମ ଲେଖା ୨୦୩୫ ସୁଦ୍ଧା ୨୭ ପ୍ରତିଶତରୁ ୫୦ ପ୍ରତିଶତକୁ ବଢ଼ିବ ବୋଲି ୟୁଜିସି ଆକଳନ କରିଛି। କେନ୍ଦ୍ର ସରକାର ଏବେ ବିଭିନ୍ନ ଆଞ୍ଚଳିକ ଭାଷା ଉପରେ ଫୋକସ କରୁଛନ୍ତି। ଏଥିପାଇଁ ବିଭିନ୍ନ ପରୀକ୍ଷାକୁ ଇଂରାଜୀ ଓ ହିନ୍ଦୀ ବ୍ୟତୀତ




ଓଡ଼ିଆ ସମେତ ୧୩ଟି ଆଞ୍ଚଳିକ ଭାଷାରେ କରାଯିବ ବୋଲି କହିଛନ୍ତି। ୨୦୨୩-୨୪ ବଜେଟରେ କେନ୍ଦ୍ର ସରକାର ୩୦୦.୭ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହା ଗତବର୍ଷ ତୁଳନାରେ ୨୦% ଅଧିକ।

# ଆଇନଜୀବୀଙ୍କୁ ଧର୍ମଘଟ ମନା

ନୂଆଦିଲ୍ଲୀ : ସମସ୍ତ ରାଜ୍ୟର ଆଇନଜୀବୀ ଏବଂ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ସୁପ୍ରିମକୋର୍ଟ କହିଛନ୍ତି, ଓକିଲମାନେ ଧର୍ମଘଟ କରିପାରିବେ ନାହିଁ ଅବା ନିଜ କାର୍ଯ୍ୟରୁ ମଧ ଦୂରେଇ ରହିପାରିବେ ନାହିଁ। ମୁଖ୍ୟ ବିଚାରପତିଙ୍କ ନେତୃତ୍ୱରେ ରାଜ୍ୟ ସ୍ତରୀୟ ଅଭିଯୋଗ ସମାଧାନ କମିଟି



ଗଠନ କରିବାକୁ କୋର୍ଟ ସମସ୍ତ ରାଜ୍ୟ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଠାରେ ପ୍ରକୃତ ସମସ୍ୟା ପାଇଁ ଆଇନଜୀବୀମାନେ ଆବେଦନ କରିପାରିବେ। ଜଷ୍ଟିସ ଏମଆର ଶାହା ଏବଂ ଜଷ୍ଟିସ ଅହସାନୁଦ୍ଦିନ ଅମାନୁଲ୍ଲାଙ୍କ ନେତୃତ୍ୱରେ ଗଠିତ ସୁପ୍ରିମକୋର୍ଟର ଏକ ବେଞ୍ଚ କହିଛନ୍ତି, ଜିଲା କୋର୍ଟ ସ୍ତରରେ ମଧ ପୃଥକ ଅଭିଯୋଗ ସମାଧାନ କମିଟି ଗଠନ କରାଯିବା ଉଚିତ। ଓକିଲମାନେ ଏଠାରେ ପ୍ରକୃତ ଅଭିଯୋଗର ମାମଲା ମଧ ପଞ୍ଜିକରଣ କରିପାରିବେ। ବେଞ୍ଚ ଦୋହରାଇଛି ବାରର କୌଣସି ସଦସ୍ୟ ଧର୍ମଘଟ କରିପାରିବେ ନାହିଁ। କୋର୍ଟ କହିଛନ୍ତି, ଆଇନଜୀବୀଙ୍କ ଧର୍ମଘଟ ଯୋଗୁଁ ନ୍ୟାୟିକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି।

# ପ୍ରଚଣ୍ଡ ରୌଦ୍ର ତାପରେ ଅସ୍ତବ୍ୟସ୍ତ ଜନଜୀବନ, ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର (ପିପିଏସ୍): ପ୍ରଚଣ୍ଡ ରୌଦ୍ର ତାପରେ ଅସ୍ତବ୍ୟସ୍ତ ଜନଜୀବନ। ଏହା ଉପରେ ପୁଣି ହିଟ୍ ୱେଭ ୱାର୍ଣ୍ଣିଂ। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ୧୨ ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ସତର୍କତା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ୪ ଜିଲ୍ଲା ଯଥା- କଟକ, ଖୋର୍ଦ୍ଧା, ମୟୂରଭଞ୍ଜ ଓ ଝାରସୁଗୁଡା ପାଇଁ ଜାରି ହୋଇଛି ଅରେଞ୍ଜ ୱାର୍ଣ୍ଣିଂ। ସେହିପରି ୮ ଜିଲ୍ଲା ବଲାଙ୍ଗୀର, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼ ସମ୍ବଲପୁର, ସୋନପୁର,



ବୌଦ୍ଧ ଓ ଅନୁଗୋଳ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ୩୬ ଘଣ୍ଟା ମଧ୍ୟରେ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନଥିବା ବେଳେ ପରବର୍ତ୍ତୀ ସମୟରେ ରାଜ୍ୟର ଅନେକ ସ୍ଥାନରେ ୨ରୁ ୪ ଡିଗ୍ରୀ ଯାଏଁ କମିବାର ସମ୍ଭାବନା ଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଭୁବନେଶ୍ୱର ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆଜି ଉତ୍ତପ୍ତ ସହର ହେଉଛି ବୌଦ୍ଧ। ଏଠାରେ ଆଜିର ତାପମାତ୍ରା ୪୩.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରରେ ୪୩.୨ ଡିଗ୍ରୀ, ତାଳଚେରରେ ୪୩.୦ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୪୩.୦ ଡିଗ୍ରୀ, ଝାରସୁଗୁଡ଼ାରେ ୪୨.୮ ଡିଗ୍ରୀ ଓ ସୁନ୍ଦରଗଡ଼ରେ ତାପମାତ୍ରା ୪୧.୦ ଡିଗ୍ରୀ ରେକର୍ଡ କରାଯାଇଛି।

# ୬ ଜଣ ନକଲି ଶିକ୍ଷକ ବହିଷ୍କୃତ

ଗଞ୍ଜାମ: ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧିନରେ କାର୍ଯ୍ୟରତ ବିଭିନ୍ନ ବିଦ୍ୟାଳୟର ୬ ଜଣ ନକଲି ଶିକ୍ଷକଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ସେମାନେ ହେଲେ ପି.ଲକ୍ଷ୍ମୀପୁର ପ୍ରାଥମିକ ବିଦ୍ୟାଳୟର କେ. ସୁକାନ୍ତି ରେଡ୍ଡି, ଲୋକନାଥପୁର ସ୍କୁଲର ଶିକ୍ଷକ ଦିଲୀ ସାହୁ, ସାନଆର୍ଯ୍ୟପଲ୍ଲୀ ସ୍କୁଲର ଶିକ୍ଷୟତ୍ରୀ ସୁନିତା କର, ବରଙ୍ଗ ସ୍କୁଲର ଶିକ୍ଷକ ସୁରେନ୍ଦ୍ର ନାୟକ, ବଡମାଧପୁର ସ୍କୁଲର ଶିକ୍ଷକ ନରେନ୍ଦ୍ର କୁମାର ନାୟକ ଓ କାଳିଆବାଲି ସ୍କୁଲର ଶିକ୍ଷୟତ୍ରୀ କେ. ଲକ୍ଷ୍ମୀ ରେଡ୍ଡି। ଏମାନଙ୍କୁ ଚାକିରୀରୁ ବହିଷ୍କୃତ କରାଯାଇଥିବା ନେଇ ବ୍ଲକ ଶିକ୍ଷା ଅଧିକାରୀ ସୀତାରାମ ପାତ୍ର ସୂଚନା ଦେଇଛନ୍ତି।

# ଜୁନ୍ ୧୬ ପର୍ଯ୍ୟନ୍ତ ସବୁ ସରକାରୀ ଓ ବେସରକାରୀ ବିଦ୍ୟାଳୟ ବନ୍ଦ

ଭୁବନେଶ୍ୱର(ପିପିଏସ୍): ଭୀଷଣ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ୨୧ ତାରିଖ ଠାରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ। ନିର୍ଦ୍ଦେଶ ଅନୁଯାୟୀ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ସ୍କୁଲ ଓ ଅଙ୍ଗନବାଡୀ କେନ୍ଦ୍ର ବନ୍ଦ ରହିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ହିଁ ସ୍କୁଲ ଗୁଡିକ ଖୋଲାଯିବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଦିନ ତାପମାତ୍ରାରେ ଅତ୍ୟାଧିକ ବୃଦ୍ଧି ଯୋଗୁ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହେଉଛି। ରାଜ୍ୟର କେତେକ ସହରର ତାପମାତ୍ରା ଦେଶର ସର୍ବାଧିକ ତାପମାତ୍ରା ରହୁଥିବା ସହରମାନଙ୍କ ତାଲିକାରେ ରହୁଛି। ତେଣୁ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଅନ୍ୟ ପକ୍ଷରେ ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ କହିଛନ୍ତି ଯେ ରାଜ୍ୟରେ ଭୀଷଣ ଗମ ପଡୁଥିବାରୁ ପ୍ରବଳ ତାତିକୁ ଆଖିରେ ରଖି ମୁଖ୍ୟମନ୍ତ୍ରୀ ଛୁଟି ନିର୍ଦ୍ଦେଶ ଦେଇଥିବା ଶ୍ରୀ ଦାଶ କହିଛନ୍ତି।

ସେ କହିଛନ୍ତି ଯେ ପୂର୍ବ କ୍ୟାଲେଣ୍ଡର ଅନୁସାରେ ଜୁନ୍ ୧୬ ପର୍ଯ୍ୟନ୍ତ ସ୍କୁଲ୍ ଛୁଟି ରହିବ। ସେ କହିଛନ୍ତି ଯେ ସ୍କୁଲ ଖୋଲିବା ନେଇ ଯଦି କିଛି ପରିବର୍ତ୍ତନ ଆବଶ୍ୟକ ପଡ଼େ ନିଷ୍ପତ୍ତି ହେବ। ବର୍ତ୍ତମାନର ନିଷ୍ପତ୍ତି ଅନୁସାରେ ଜୁନ୍ ୧୬ ଯାଏଁ ସ୍କୁଲ ବନ୍ଦ ରହିବ। ସେହିପରି ଆସନ୍ତା କାଲି ପୂର୍ବ ନିଷ୍ପତ୍ତି ଅନୁସାରେ ପ୍ୟାରେଂଟ-ଟିଚର୍ସ ମିଟିଂ ସ୍କୁଲ୍‌ରେ ହେବ। ଅଭିଭାବକ ସ୍କୁଲ ଆସିଲା ବେଳେ ପିଲାଙ୍କୁ ସାଥିରେ ଆଣିବେନି ବୋଲି ସେ କହିଛନ୍ତି।

# ମହାନଦୀ ଜଳ ବିବାଦ ମାମଲା କ୍ଷେତ୍ର ପରିଦର୍ଶନ କଲେ ଟ୍ରିବ୍ୟୁନାଲ ଟିମ୍

ଭୁବନେଶ୍ୱର(ପିପିଏସ୍): ମହାନଦୀ ଉତ୍ପତ୍ତି ସ୍ଥଳରେ ଟ୍ରିବ୍ୟୁନାଲ ଟିମ୍। ଆଜି ଟିମ ଧମତରୀର ଫାର୍ସିଆରେ ପହଞ୍ଚିଛନ୍ତି। ଟ୍ରିବ୍ୟୁନାଲ ସଦସ୍ୟଙ୍କ ସହ ପାଟଣା ହାଇକୋର୍ଟ ବିଚାରପତି ଓ ଦିଲ୍ଲୀ ହାଇକୋର୍ଟ ବିଚାରପତି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଆଜି ଟିମ୍ ରାୟପୁରରୁ ବାହାରି ଧମତରୀ ପହଞ୍ଚିବା ପରେ ମାଣ୍ଡମସିଲ୍ଲୀ ଜଳାଶୟକୁ ଯାଇ ନିରୀକ୍ଷଣ କରିଛନ୍ତି। ଗତକାଲି ଏହି ଟିମ୍ ଛତିଶଗଡ଼ ଓ ମଧ୍ୟପ୍ରଦେଶର ସୀମାନ୍ତରେ ଥିବା ସିହାୱା ପର୍ବତମାଳାକୁ ଯାଇଥିଲେ। ଏହି ସିହାୱାରୁ ନିର୍ଗତ ଝରଣା ହାଇଡ୍ରୋଲୋଜି ଦୃଷ୍ଟିରୁ ମହାନଦୀର ଉତ୍ପତି ସ୍ଥଳ ଭାବେ ପରିଚିତ। ପ୍ରଥମ ପର୍ଯ୍ୟାୟରେ ୨୨ ତାରିଖ ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୯ ତାରିଖରୁ ମେ' ୩ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ରେ ଏହି ଟିମ୍ କ୍ଷେତ୍ର ପରିଦର୍ଶନ କରିବେ। ତେବେ ମହାନଦୀ ହେଉଛି ଓଡ଼ିଶାର ଲାଇଫ୍ ଲାଇନ। ଅଧା ଓଡ଼ିଶାର ଲୋକ ମହାନଦୀ ଉପରେ ନିର୍ଭର କରନ୍ତି। ଛତିଶଗଡ଼ରେ ମହାନଦୀ ଉପରେ ମାଳ ମାଳ ବ୍ୟାରେଜ୍ ଓ ବନ୍ଧ ତିଆରି କରାଯାଉଛି। ଫଳରେ ଜଳପ୍ରବାହ କମୁଛି। ଅଣମୌସୁମୀ ଋତୁରେ ଓଡ଼ିଶାକୁ ଯେତିକି ପାଣି ମିଳିବା କଥା ତାର ୩୦ ପ୍ରତିଶତ କମ୍ ମିଳୁଛି। ଜଳଭଣ୍ଡାରର ଉପରମୁଣ୍ଡ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ପାଣି ଅଭାବ ଦେଖାଦେଉଛି। ଅନେକ କିଲୋମିଟର ପର୍ଯ୍ୟନ୍ତ ପାଣି ଘୁଞ୍ଚି ଯାଇଥିବାରୁ କେବଳ ବାଲିଶଯ୍ୟା ଦେଖିବାକୁ ମିଳୁଛି। ଜଳ ଭଣ୍ଡାରରେ ଜଳାଭାବରୁ ରବି ଚାଷ ଗୁରୁତର ପ୍ରଭାବିତ ହୋଇଛି। ଛତିଶଗଡ଼ରୁ ପ୍ରବାହିତ ମହାନଦୀ ଜଳ ହୀରାକୁଦ ଡ୍ୟାମରେ ଗଚ୍ଛିତ ହେଉଛି। କିନ୍ତୁ ପାଣି ଯେତିକି ଆସିବା କଥା ଆସୁନଥିବାରୁ ତଳମୁଣ୍ଡକୁ ଆବଶ୍ୟକ ମୁତାବକ ପାଣି ଛଡ଼ା ଯାଇ ପାରୁନାହିଁ।

## ସମ୍ପାଦକୀୟ

### ଜାତିଗତ ଜନଗଣନା

## ବାଟେଘାଟେ



ଶଙ୍ଖ ମୋର ଗର୍ବ କହିଣ ଦିପାଳୀ  
କଲେ ନିର୍ବାଚନ ରାଲି  
ଜଗନ୍ନାଥ ଗର୍ବ ବିଜେପି ବାଲାଏ  
କହି ଦେଇଥିଲେ ବୋଲି  
ମନ ହେଲା କିଳିବିଳି  
ପ୍ରାର୍ଥିପତ୍ର ଦାଖଲ କରିଣ  
ଦିପାଳୀ ଯେବେବେଳେ  
ବାହାରକୁ ଗଲେ ବୁଲି  
ତାଙ୍କ ଗାଡି ଆଗେ ଜଗନ୍ନାଥ ଫଟୋ  
ରହି ଥିଲେ ପରା ଝୁଲି  
ନିର୍ବାଚନର ଆଚରଣ ବିଧି  
ଏବେ ଖୋଜୁ ଅଛି ଚୁଲି।  
-ରାହୀ

# ମହାନଦୀ ଜଳ ସମସ୍ୟା ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ : ବିଜେପି

ଭୁବନେଶ୍ୱର(ପିପିଏସ୍) ଓଡିଶା ଓ ଛତିଶଗଡ ବସି ଆଲୋଚନା କଲେ ମହାନଦୀ ସମସ୍ୟାର ସମାଧାନ ହେବ ବୋଲି ଭାରତୀୟ ଜନତା ପାର୍ଟି ବାରମ୍ବାର କହିଛି। କିନ୍ତୁ ରାଜ୍ୟ ସରକାର ସେ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି ବରଂ କେନ୍ଦ୍ର ସରକାରଙ୍କ ଉଦ୍ୟମରେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଉମା ଭାରତୀ ଏକ ତ୍ରିପାକ୍ଷିକ ବୈଠକ କରିଥିଲେ। ଏହାପରେ ଓଡ଼ିଶା ସରକାର ମହାନଦୀ ସମସ୍ୟା ଆଗେଇବା କଥା, କିନ୍ତୁ ତାହା ସେ କରିନାହାନ୍ତି। ମହାନଦୀର ସମ୍ପର୍କରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ପୁନଃର୍ବାର ତତ୍କାଳୀନ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ଅଧ୍ୟକ୍ଷତାରେ ଆଉ ଏକ କମିଟି ମଧ ଗଠନ ହୋଇଥିଲା। ଉଭୟ କମିଟି ଗଠନ ହେବା ଦିନଠାରୁ ଗୋଟିଏ ବି ବୈଠକ ନହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟ ସରକାର କମିଟି ଗଠନ କରିଦେଇ ମହାନଦୀ ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ଭୁଲିଗଲେ। କେବଳ ଗତ ନିର୍ବାଚନ ପୂର୍ବରୁ ରାଜନୈତିକ ଚର୍ଚ୍ଚାରେ ରହିବା ପାଇଁ ମହାନଦୀ ପାଇଁ କୁମ୍ଭୀର କାନ୍ଦଣା ସଦୃଶ ଦଳୀୟ ଭିତିରେ ବିଭିନ୍ନ ଲୋକଦେଖାଣିଆ କାର୍ଯ୍ୟକ୍ରମ କରିଥିଲେ। ଏଥିରୁ ମହାନଦୀ ସମ୍ପର୍କରେ ରାଜ୍ୟ ସରକାରଙ୍କର ଆଦୌ ଆନ୍ତରିକତା ନଥିବା ସ୍ପଷ୍ଟ ବାରି ହୋଇପଡୁଛି ବୋଲି ରାଜ୍ୟ ସାଧାରଣ ସମ୍ପାଦିକା ଡ.ଲେଖାଶ୍ରୀ ସମନ୍ତସିଂହାର କହିଛନ୍ତି। ଓଡ଼ିଶା ସରକାରଙ୍କର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ କୌଣସି ଭରସା ନାହିଁ। ରାଜ୍ୟ ସରକାର ସର୍ବଦଳୀୟ ବ୍ୟବସ୍ଥାକୁ ସମ୍ମାନ ଦିଅନ୍ତି ନାହିଁ। ସର୍ବଦଳୀୟ କମିଟି ମହାନଦୀ ସମସ୍ୟା ଆକଳନ କରି ସମସ୍ୟାର ବାଟ ବାହାର କରିବାର କଥା ହୋଇଥିଲା ତାକୁ ମୁଖ୍ୟମନ୍ତ୍ରୀ ପ୍ରଶ୍ରୟ ଦେଇନାହାନ୍ତି। ଓଡ଼ିଶାବାସୀଙ୍କ ଜଳକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାରଙ୍କ କୌଣସି ଯୋଜନା ନାହିଁ ବୋଲି ଡ. ଲେଖାଶ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ଅଧିକାରୀମାନେ କହିଥିଲେ ଛତିଶଗଡ ୧୦୦୦ ବ୍ୟାରେଜ କଲେ ବି ଆମର କିଛି ସମସ୍ୟା ହେବ ନାହିଁ। ରାଜ୍ୟ ସରକାର ନିଜେ ଜାଣିନାହାନ୍ତି ସମସ୍ୟା କେଉଁଠି ରହିଛି। ୨୩ବର୍ଷ ଭିତରେ ଓଡ଼ିଶା ସରକାର ମହାନଦୀ ଜଳକୁ ସଂରକ୍ଷଣ, ବର୍ଷା ଜଳକୁ ବ୍ୟବହାର କରିବା ପାଇଁ ଗୋଟିଏ ବି ବ୍ୟାରେଜ କରିନାହାନ୍ତି। ରାଜ୍ୟ ସରକାର ଅଂହକାର ଓ ଅହନୀକା ଭିତରେ ରହୁଛନ୍ତି। ରାଜ୍ୟ ସରକାର ତୁରନ୍ତ ସର୍ବଦଳୀୟ ବୈଠକ ଡାକି ସମସ୍ୟାର ସମାଧାନ ବାହାର କରନ୍ତୁ। ରାଜ୍ୟ ସରକାର ଜଳ ସଂରକ୍ଷଣ ପାଇଁ କଣ ପଦକ୍ଷେପ ନେଇଛନ୍ତି ତାହାର ଉତର ତୁରନ୍ତ ରାଜ୍ୟ ସରକାର ଦିଅନ୍ତୁ ବୋଲି ଡ.ଲେଖାଶ୍ରୀ ଦାବି କରିଛନ୍ତି।

# ସେନାବାହିନୀ ଯୋଗ୍ୟତା ପରୀକ୍ଷାରେ ଢାଞ୍ଚାଗତ ପରିବର୍ତ୍ତନ

ଭୁବନେଶ୍ୱର: ସେନାବାହିନୀରେ ଯୋଗଦେବା ନିମନ୍ତେ ନିଯୁକ୍ତି ପ୍ରକ୍ରିୟାରେ ଢାଂଚାଗତ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ପରୀକ୍ଷାର୍ଥୀ ପ୍ରଥମେ ଅନ୍‌ଲାଇନ୍‌ରେ ନିଜର ପଂଜୀକରଣ କରିବା ପରେ ବୈଧ ଥିବା ଆବେଦନଗୁଡ଼ିକୁ ବିଚାରକୁ ନିଆଯାଇ ପ୍ରଥମେ କମ୍ପ୍ୟୁଟର ମାଧ୍ୟମରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରାର୍ଥୀମାନେ ଶାରୀରିକ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେବେ। ପରେ ଅନ୍ତିମ ପର୍ଯ୍ୟାୟରେ ଡାକ୍ତରୀ ପରୀକ୍ଷା ଅନୁଷ୍ଠିତ ହେବ। ଡାକ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ମାତ୍ର ପୂର୍ବରୁ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ପ୍ରଥମେ ଆର୍ମି ରାଲି ମାଧ୍ୟମରେ ଶାରୀରିକ ପରୀକ୍ଷା ଓ ଏହା ପରେ ଲିଖିତ ପରୀକ୍ଷା ହେଉଥିଲା।

# ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ପରିମାଣ ବୃଦ୍ଧି

ଭୁବନେଶ୍ୱର:ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ପରିମାଣକୁ ବୃଦ୍ଧି କରିଛନ୍ତି। ଉଭୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସ୍କୁଲଗୁଡ଼ିକର ଛାତ୍ରଛାତ୍ରୀମାନେ ଏହି ବର୍ଦ୍ଧିତ ଷ୍ଟାଇପେଣ୍ଡର ସୁବିଧା ପାଇବେ। ଏନେଇ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସୂଚନା ଅନୁସାରେ, ଦରଦାମ ବୃଦ୍ଧି ଓ ଦୈନନ୍ଦିନ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ଦୃଷ୍ଟିରେ ରଖି ଉଭୟ ହଷ୍ଟେଲ ଅନ୍ତେବାସୀ ଓ ଡେ-ସ୍କଲାର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପ୍ରି-ମାଟ୍ରିକ ସ୍କଲାରସିପ୍ ପରିମାଣକୁ ବୃଦ୍ଧି କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରୁ ଏହି ବର୍ଦ୍ଧିତ ସ୍କଲାରସିପ୍ ଲାଗୁ ହେବ। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସ୍ୱତନ୍ତ୍ର ଛାତ୍ରାବାସରେ ରହୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମାସିକ ସ୍କଲାରସିପ୍ ଅର୍ଥରେ ୧୦୦ଟଙ୍କା ବୃଦ୍ଧି କରାଯାଇଛି। ଅର୍ଥାତ ଝିଅମାନଙ୍କୁ ମାସିକ ୧୧୦୦ଟଙ୍କା ଓ ପୁଅଙ୍କୁ ୧୦୫୦ଟଙ୍କାର ସ୍କଲାରସିପ୍ ୧୦ମାସ ପର୍ଯ୍ୟନ୍ତ ମିଳିବ। ସେହିପରି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ଶିକ୍ଷାନୁଷ୍ଠାନରେ ପଢୁଥିବା ଡେ-ସ୍କଲାର ଛାତ୍ରଛାତ୍ର(ଷଷ୍ଠ ଓ ସପ୍ତମ ଶ୍ରେଣୀ)ଙ୍କୁ ବାର୍ଷିକ ୫୦୦ ଟଙ୍କା ସ୍କଲାରସିପ୍ ମିଳିବ। ଏବେ ଏହା ପୁଅଙ୍କ ପାଇଁ ୧୮୦ଟଙ୍କା ଓ ଝିଅଙ୍କ ପାଇଁ ୨୪୦ଟଙ୍କା ରହିଛି। ମାତ୍ର ସଂଶୋଧିତ ନିଷ୍ପତ୍ତି ଅନୁସାରେ ଉଭୟ ପୁଅ ଓ ଝିଅ ସମାନ ଭାବେ ୫୦୦ଟଙ୍କା ଷ୍ଟାଇପେଣ୍ଡ ପାଇବେ।

### ଶରଣକୁଳ ଯୁକ୍ତ ଦୁଇ କଲେଜ ବିରୁଦ୍ଧରେ ଗୁରୁତର ଅଭିଯୋଗ

## ନିର୍ଦ୍ଦିଷ୍ଟ କୋଚିଂ ସେଣ୍ଟରରେ ନପଢ଼ିବାରୁ ମାନସିକ ଓ ଶାରୀରିକ ନିର୍ଯାତନା



ନୟାଗଡ଼, (ପିପିଏସ) : ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ଯୁକ୍ତ ଦୁଇ କଲେଜ ବିରୁଦ୍ଧରେ ୨୫ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗୁରୁତର ଅଭିଯୋଗ ଆଣିଛନ୍ତି । ୨୦୨୨-୨୪ ବ୍ୟାଚ ଆଡମିଶନ କରିଥିବା ବିଜ୍ଞାନ ଛାତ୍ରଛାତ୍ରୀ ମାନେ କଲେଜ ଅଧକ୍ଷଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ ଲ୍ୟାବ ଆସିଷ୍ଟାଣ୍ଟ ମାନଙ୍କ ବିରୁଦ୍ଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ଶରଣକୁଳରେ ଥିବା ରାମକୃଷ୍ଣ କୋଚିଂ ସେଣ୍ଟରକୁ ଉକ୍ତ ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରିବାକୁ ବାଧ୍ୟ କରୁଛନ୍ତି । କିନ୍ତୁ ଏହି ପିଲାମାନେ ଏହି କୋଚିଂ ସେଣ୍ଟରକୁ ଯିବାକୁ ଅନିଚ୍ଛା ପ୍ରକାଶ କରିଥିବାରୁ ସେମାନଙ୍କୁ ଯାବତୀୟ ମାନସିକ ଓ ଶାରିରୀକ ଯନ୍ତ୍ରଣା, ଖରାପ ଭାଷା ପ୍ରୟୋଗ କରିବା, ମାଡ଼ ମାରିବା ଓ ବାର୍ଷିକ ପରୀକ୍ଷା ଦିଆଇ ନଦେବା ଭଳି ଧମକ ଦେବା ଅଭିଯୋଗ ଆଣିଛନ୍ତି ଛାତ୍ରଛାତ୍ରୀ । ପୁନଶ୍ଚ ଏହି ଛାତ୍ରଛାତ୍ରୀ ମାନେ ଉକ୍ତ କୋଚିଂ ସେଣ୍ଟରରେ ଅଧ୍ୟୟନ ନକଲେ ସେମାନଙ୍କୁ ପ୍ରାକ୍ଟିକାଲ ମାର୍କ ଓ ବାର୍ଷିକ ପରୀକ୍ଷାରୁ ବଞ୍ଚିତ କରାଯିବ ବୋଲି ଧମକ ଦିଆଯାଇଛି । ଛାତ୍ରଛାତ୍ରୀ ମାନେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବାରୁ ଉକ୍ତ ଅନୁଷ୍ଠାନରୁ ଜିଲ୍ଲାର ଯେ କୌଣସି ଅନୁଷ୍ଠାନକୁ ଟ୍ରାନ୍ସଫର କରିବା ପାଇଁ ଜିଲ୍ଲାପାଳ ରବିନ୍ଦ୍ର ନାଥ ସାହୁଙ୍କୁ ନିବେଦନ କରିଛନ୍ତି । ଆଜି ୨୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଜିଲ୍ଲାପାଳ ରବିନ୍ଦ୍ରନାଥ ସାହୁଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇବା ସହିତ ଆଲୋଚନା କରି ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିଷୟରେ ବିସ୍ତୃତ ଭାବେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରଛାତ୍ରୀମାନେ ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟଙ୍କ ସହ ଆଲୋଚନା କରିଛନ୍ତି । ଉପଜିଲ୍ଲାପାଳ ଏ ସମ୍ପର୍କରେ ସମାଧାନର ରାସ୍ତା ବାହାର କରିବା ଏବଂ ଅଭିଯୋଗ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି ।

## ଦୁର୍ଘଟଣାରେ ସମାଜସେବୀ ଆହତ

ଫୁଲନଖରା ( ପିପିଏସ ) : ସିଏମସି ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ମୁଗଭଙ୍ଗା ଗ୍ରାମର ସମାଜସେବୀ ପ୍ରଶାନ୍ତ କୁମାର ଦଳାଇ (କାଲୁଆ ବାବୁ ) ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ନିଜ ଗ୍ରାମଠାରୁ ଅନତିଦୂରରେ ପ୍ରଶାନ୍ତ ଠିଆ ହୋଇଥିବା ବେଳେ ଏକ ବାଇକ ଆରୋହୀ ଆସି ତାଙ୍କୁ ଶକ୍ତ ଧକ୍କା ଦେବାରୁ ସେ ତଳେ ପଡି ଯାଇଥିଲେ । ଫଳରେ ତାଙ୍କ ଡାହାଣ ଗୋଡ଼ରେ ପ୍ରବଳ ଆଘାତ ଲାଗିଥିବାର ଜଣାପଡିଛି । ଏହି ଖବରପାଇ ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି, ୫୮ ନମ୍ବର ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା, ସମାଜସେବୀ ସାଧୀନଚେତା ମହାନ୍ତି,, ପ୍ରକାଶ ଚନ୍ଦ୍ର ନାୟକ, ହୃଦାନନ୍ଦ ବେହେରା ପ୍ରମୁଖ କାଲୁଆ ବାବୁଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଧରାକୋଟରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ



ଗଞ୍ଜାମ/ଧରାକୋଟ(ପିପିଏସ୍): ରାଜସ୍ୱ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଧରାକୋଟ ତହସିଲ ରେ ପ୍ରାୟ ୭୦୦ ଜଣ ହିତାଧିକାରୀ ଙ୍କୁ ଗ୍ରାମ କଣ୍ଠ ପଟ୍ଟା ବଣ୍ଟନ କରାଯାଇଛି । ଧରାକୋଟ ତହସିଲଦାର କବିରାଜ ପ୍ରଧାନଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଡେନିସ ବେହେରା, ଥାନା ଅଧିକାରୀ ମମତା ସାମନ୍ତରାୟ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଅତିରିକ୍ତ ତହସିଲଦାର ଗୟା ଡମ୍ବୁରୁ ଧର ବେହେରା ସଂଯୋଜନା କରିଥିଲେ। ତହସିଲର ପ୍ରାୟ ୭୦୦ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ହିଞ୍ଜିଳି ସଭାରେ ଗତ ମାସରେ ୩୦୦ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା । ଧରାକୋଟ, ଡ଼ଉଗାଁ, ମୁଣ୍ଡମରାଇ, ବରଡାବିଲି, ଜାହାଡା, ଝାଡ଼ବନ୍ଧ ଓ ମାଣିକପୁର ରାଜସ୍ୱନିରୀକ୍ଷକ ଯଜ୍ଞ ନାରାୟଣ ନାୟକ,ଶ୍ରୀକାନ୍ତ ରଥ, ଦିବାନନ୍ଦ ମଲିକ,ସଞ୍ଜୟ ସାହୁ, ରଞ୍ଜନ କୁମାର ବରାଡ,ବାବୁରାମ ନାୟକ ଓ ସୁଶାନ୍ତ କୁମାର ପୂଜାରୀ ଉପସ୍ଥିତ ରହିଥିବା ବେଳେ ସୀମାନଚଳ ମଲିକ ଓ ସନ୍ତୋଷ ପ୍ରଧାନ ଙ୍କ ସମେତ ସମସ୍ତ କର୍ମଚାରୀ ଏଥିରେ ସହଯୋଗ ପ୍ରଦାନ କରିଥିଲେ। ଏହି ଅବସରରେ ତହସିଲଦାର କବିରାଜ ପ୍ରଧାନ ରାଜସ୍ୱ ବିଭାଗର ସମସ୍ତ ପ୍ରକାର ସେବା ସୁଚାରୁ ରୁପେ ସମସ୍ତ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ଉଲେଖ କରିବା ସହ ଯେଉଁ ମାନେ ଗ୍ରାମ କଣ୍ଠ ପଟ୍ଟା ଆବେଦନ କରିନାହାନ୍ତି ସେମାନେ ପୁନଃ ଆବେଦନ କରିପାରିବେ କାରଣ ରାଜସ୍ୱ ବିଭାଗ ଏହି ସମୟ ସୀମା ଆସନ୍ତା ୨୦୨୩ ଅକ୍ଟୋବର ମାସ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ସୂଚନା ଦେଇଥିଲେ ।

## ଭାପୁର କ୍ରିୟାନୁଷ୍ଠାନ କମିଟିର ବୈଠକ



ଖଣ୍ଡପଡ଼ା (ପିପିଏସ) : ଭାପୁର ବ୍ଲକର ସାମୁହିକ ଉନ୍ନତି ପାଇଁ ଭାପୁର କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ବୁଧବାର ଅପରାହ୍ନ ସମୟରେ ସ୍ଥାନୀୟ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ ।ଅନ୍ୟମାନଙ୍କମଧ୍ୟରେ, କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର ପଟ୍ଟନାୟକ ,ସମ୍ପାଦକ ପ୍ରଭାକର ସାହୁ, କୋଷାଧକ୍ଷ୍ୟ ଶରତ କୁମାର ମହାପାତ୍ର,ବିଧାୟକଙ୍କ ବ୍ଲକ ପ୍ରତିନିଧି ଜିତେନ୍ଦ୍ର ରଣସିଂ ଏବଂ ୫୦ରୁ ଉର୍ଦ୍ଧ୍ୱ କ୍ରିୟାନୁଷ୍ଠାନ କମିଟିର ସଭ୍ୟ ଯୋଗଦେଇଥିଲେ । ବୈଠକରେ ଭାପୁର ବ୍ଲକରେ ଖୁବ୍ ଶୀଘ୍ର ସବରେଜିଷ୍ଟ୍ରି କାର୍ଯ୍ୟାଳୟ ଖୋଲିବାପାଇଁ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ଗ୍ରିନ୍ ସିଗ୍ନାଲ ଦେଇଥିଲେ ଫ ବିଧାୟକ ଏ ବାବଦରେ ରାଜସ୍ୱ ବିଭାଗର ସଚିବ ସତ୍ୟବ୍ରତ ସାହୁ ଙ୍କ ସହିତ କଥା ହୋଇଛନ୍ତି ବୋଲି ଜଣେଇଥିଲେ ।ସଚିବ କହିଥିଲେ,ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ବିଭିନ୍ନ ବ୍ଲକରେ ସବ୍ ରେଜିଷ୍ଟ୍ରି କାର୍ଯ୍ୟାଳୟ ଖୋଲୁଛନ୍ତି। ସେଥିମଧ୍ୟରୁ ,ଭାପୁର ବ୍ଲକରେ ଖୋଲିବା ପାଇଁ ପ୍ରସ୍ତାବ ରହିଛି । ଦ୍ୱିତୀୟ ଫେଜରେ କ୍ଲିୟରଆନ୍ସ ଅର୍ଥାତ୍ କେତେ ନୂଆ ନିଯୁକ୍ତି ହେବ ତାହା ଆକଳନ କରାଯାଇ ୩ୟ ମହଲାର ଅନୁମୋଦନ ଲାଭ କରିଲେ ଭାପୁରରେ ସାଙ୍ଗେ ସାଙ୍ଗେ ଖୋଲାଯିବ । ସେଥିପାଇଁ ୩ୟ ମହଲାରେ ଚାପ ପକେଇ ୭ ଦିନ ମଧ୍ୟରେ ଖୋଲିବାପାଇଁ ଚେଷ୍ଟା କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ଭାପୁରରେ ଖୋଲିବା ପାଇଁ ନୟାଗଡ ଜିଲ୍ଲାପାଳ ରବୀନ୍ଦ୍ର ସାହୁ ମଧ୍ୟ ରାଜ୍ୟସରକାରଙ୍କୁ ଚିଠି କରିଛନ୍ତି ବୋଲି ବିଧାୟକ କହିଥିଲେ । ଏତଦ୍ ବ୍ୟତୀତ, ଭାପୁର ପଞ୍ଚାୟତ ପାଇଁ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ଖୁବଶିଘ୍ର ଖୋଲାଯାଇ ତହସିଲ କାର୍ଯ୍ୟାଳୟ ଉପର ମହଲାରେ ବର୍ତ୍ତମାନ ପାଇଁ କାର୍ଯ୍ୟକାରୀ ହେବାପାଇଁ ନିଷ୍ପତି , ଶାଳପଡ଼ା ଓ ରାକମା ପଞ୍ଚାୟତରେ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ପଞ୍ଚାୟତ ରାଜୀବଗାନ୍ଧୀ ଗୃହରେ ଚାଲିବା ପାଇଁ ନିଷ୍ପତି,ଭାପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ଆଲୋକିକରଣ ୫ ଦିନ ଭିତରେ ହେବା ପାଇଁ ନିଷ୍ପତି,ସାସ୍ଥ୍ୟକେନ୍ଦ୍ର ର ଉନ୍ନତି, ବନ୍ଦ ହୋଇ ରହିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟାଳୟ ଖୋଲିବା ଆଦି ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ଆମ ସମ୍ବଳ ଅନୁଷ୍ଠାନ ତରଫରୁ ଜଳଛତ୍ର



କଟକ, (ପିପିଏସ) : ଏପ୍ରିଲ ୧୪ ତାରିଖ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ଦିନ ଆମ ସମ୍ବଳ ଅନୁଷ୍ଠାନ ଆତ୍ମପ୍ରକାଶ କରିଥିଲା। ଅନୁଷ୍ଠାନ ତା'ର ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସ ଅବସରରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ଅଫିସ୍ ନିକଟ ହାଇକୋର୍ଟ ଗଡା ଠାରେ ସଭାପତି ଡକ୍ଟର ସୁଶାନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଥିଲା । ସାତଦିନ ଧରି ଚାଲିଥିବା ଆୟୋଜିତ ଜଳଛତ୍ରରେ ଦୈନିକ ୬୦୦ରୁ ଉର୍ଦ୍ଧ ଲୋକମାନଙ୍କୁ ଥଣ୍ଡା ଦହି ମିଶା ଜଳ ବଣ୍ଟନ କରାଯାଇଥିଲା । ସପ୍ତମ ତଥା ଅନ୍ତିମ ଦିବସରେ ଅନୁଷ୍ଠାନର ସଭାପତି ଡକ୍ଟର ସୁଶାନ୍ତ କୁମାର ମହାପାତ୍ର, ଉପସଭାପତି ବିକ୍ରମ ଦାଶ, ଆଲୋକେଶ ରାୟ, ପଶୁପ୍ରେମୀ ତଥା ସମାଜସେବୀ ପୁଷ୍ପାଙ୍କ ବାନାର୍ଜୀ, ଆଇନ ପରାମର୍ଶଦାତା ଆଇନଜୀବୀ ଶୁଭାଶିଷ ମହାନ୍ତି, ଦେବେନ୍ଦ୍ର ମୋହନ ଗମାଙ୍ଗ, ଲକ୍ଷ୍ମୀଧର ଦାସ, ଗୀତାଞ୍ଜଳି ମିଶ୍ର, ବିନିତା ନନ୍ଦୀ, ଅନୁସ୍ୱା ପରିଡା, ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସମ୍ପାଦକ ମାନସ ରଞ୍ଜନ ପରିଡ଼ା ପରିଚାଳନା କରିଥିବା ବେଳେ ବିଚିତ୍ରାନନ୍ଦ ବେହେରା ପରିଚାଳନାରେ ସହଯୋଗ କରିଥିଲେ।

## ଖୁଲମଖୁଲା ଚାଲିଛି ଜୁଆପାଲି ଆସର : ପୋଲିସ ନୀରବ

କୁଜଙ୍ଗ, (ପିପିଏସ) : ଏରସମା ଅନ୍ତର୍ଗତ ଜପା ପଂଚାୟତ ଧୋବେଠାରେ ରାମଲୀଳା ନାଟକ ୪ଦିନ ହେବ ଜୁଆପାଲି ଅର୍ଥରେ ପରିବେଷଣ ହେଉଛି । ବାହର ଗ୍ରାମର ଜୁଆଡିମାନେ ଯାଇ ଖୋଲମ ଖୁଲା ଜୁଆ ପାଲି ଖେଳୁଥିଲେ ମଧ୍ୟ ପୋଲିସ ପ୍ରଶାସନ ସବୁ ଜାଣି ନୀରବ ରହୁଛି । ପୋଲିସ ଏ ସମ୍ପର୍କରେ ଅଭିଯୋଗ ପାଇ ମଧ୍ୟ ଉକ୍ତ ଯୁଆ ଖେଳକୁ ବନ୍ଦ କରିବା ପରିବର୍ତେ ନିଜ ହାତ ଚିକ୍କଣ କରିବା ସହିତ ପକେଟ ଗରମ କରି ପ୍ରୋତ୍ସାହନ ଦଉଛନ୍ତି ବୋଲି ସ୍ଥାନୀୟ କେତେକ ବୁଦ୍ଧିଜିବୀ ନିଜ ଗୋପନ ରଖି ଏହା ପ୍ରକାଶ କରିଛନ୍ତି । ବାଡ ଯଦି ଫସଲ ଖାଏ ତେବେ ଜନସାଧାରଣ କେଉଁଠି ଯାଇ ଅଭିଯୋଗ କରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଜିଲ୍ଲାପାଳ ଓ ଅରକ୍ଷୀ ଅଧିକ୍ଷକ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଜୁଅ ପାଲି ଅର୍ଥରେ ଚାଲିଥିବା ରାମଲୀଳା ନାଟକକୁ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି ।

## ଭିନ୍ନକ୍ଷମମାନଙ୍କୁ ସ୍ୱରୋଜଗାର କିଟ୍ ବଣ୍ଟନ

ଭୁବନେଶ୍ୱର: ଏନସିଏସସିଡିଏ, ଭୁବନେଶ୍ୱର, ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ, ଭାରତ ସରକାର, ତାଲିମ ପ୍ରାପ୍ତ ଭିନ୍ନକ୍ଷମମାନଙ୍କୁ ସ୍ୱରୋଜଗାର ସାଧନ ବଂଟନ ଉପରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଏହି କାର୍ଯ୍ୟକ୍ରମ ୧୯ ଏପ୍ରିଲ ୨୦୨୩ ରେ ଭୁବନେଶ୍ୱରର ପୋଖରୀପୁଟରେ ଥିବା ଏନସିଏସସିଡିଏ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଚଳନଶକ୍ତି ବାଧିତ ଏବଂ ଶ୍ରବଣ ରହିତ ଭିନ୍ନକ୍ଷମ ସହିତ ସମୁଦାୟ ୬୪ ଭିନ୍ନକ୍ଷମମାନେ ସେମାନଙ୍କର ମୂଲ୍ୟାଙ୍କନ ସଫଳତାର ସହିତ ସମାପ୍ତ କରିବା ପରେ ସେମାନଙ୍କର ସ୍ୱରୋଜଗାର ସାଧନଗୁଡ଼ିକ ଗ୍ରହଣ କଲେ । ଏହି କାର୍ଯ୍ୟକ୍ରମଟି ଏନସିଏସସିଡିଏ, ଭୁବନେଶ୍ୱର, ସାମାଜିକ ସୁରକ୍ଷା ଭିନ୍ନକ୍ଷମଙ୍କ ସଶକ୍ତିକରଣ ବିଭାଗ,ଓଡ଼ିଶା ସରକାର ଏବଂ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଙ୍କ ସହଯୋଗରେ ଚାଲିଥିବା ଭିନ୍ନକ୍ଷମ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ଏକ ଅଂଶ । ଏହି କାର୍ଯ୍ୟକ୍ରମ ଅଧୀନରେ ସମସ୍ତ ଭିନ୍ନକ୍ଷମମାନଙ୍କୁ ବିନା ମୂଲ୍ୟରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଇଛି । ଟୁଲ କିଟ ଗ୍ରହଣ କରିଥିବା ସମସ୍ତ ଭିନ୍ନକ୍ଷମମାନେ ବିଭିନ୍ନ ଟ୍ରେଡରେ ଯଥା ସେଲ୍ଫ ଏମ୍ପ୍ଲୋଏଡ ଟେଲର୍, ଆସିଷ୍ଟାଂଟ ବିୟୁଟି ଥେରାପିଷ୍ଟ, ମୋବାଇଲ୍ ଫୋନ୍ ହାର୍ଡୱେର୍ ରିପାୟାର ଟେକ୍ନିସିଆନ୍ ଏବଂ ଫିଲ୍ଡ ଟେକ୍ନିସିଆନ୍- ଅଦର ହୋମ ଏପ୍ଲାଇଆନସ ଆଦି ଟ୍ରେଡରେ ତାଲିମ ଦିଆଯାଇଥିଲା । ଏନସିଏସସିଡିଏ, ଭୁବନେଶ୍ୱର କାର୍ଯ୍ୟାଳୟର ମୁଖ୍ୟ ଶ୍ରୀମତି ସୋନାଲିକା ସୁମନ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ଏବଂ ବିଭାଗର ସତନ୍ତ୍ର ସଚିବ ଶ୍ରୀ ଦିଲୀପ କୁମାର ରାୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଭିନ୍ନକ୍ଷମମାନଙ୍କୁ ସମ୍ବୋଧିତ କରି ଶ୍ରୀ ରାୟ ସେମାନଙ୍କୁ ପ୍ରଶିକ୍ଷଣର ସର୍ବାଧିକ ଉପଯୋଗିତା କରିବାକୁ ଏବଂ ସେମାନଙ୍କ ସ୍ୱରୋଜଗାର ପାଇଁ ଟୁଲ କିଟ ଉପକରଣ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ ।ଆତ୍ମନିଯୁକ୍ତି ଏବଂ ବେତନ ନିଯୁକ୍ତି କ୍ଷେତ୍ରରେ ଅଧିକ ଭିନ୍ନକ୍ଷମ ଆଣିବାକୁ ସେ ସେମାନଙ୍କୁ ଅନୁରୋଧ କରିଥିଲେ। ଏନସିଏସସିଡିଏ ର କାର୍ଯ୍ୟାଳୟର ମୁଖ୍ୟ ସୋନାଲିକା ସୁମନ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଭିନ୍ନକ୍ଷମମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଭିନ୍ନକ୍ଷମମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଏବଂ ମୂଲ୍ୟବାନ କୌଶଳ ଓ ତାଲିମ ଦେଇ ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସାହାଯ୍ୟ କରିବାକୁ ଏନସିଏସସିଡିଏ ପ୍ରତିବଦ୍ଧ । ଏହି କାର୍ଯ୍ୟକ୍ରମ ଏକରୁ ଅଧିକ ଅନ୍ତର୍ଭୁକ୍ତ ସମାଜ ଗଠନ ଦିଗରେ ସେମାନଙ୍କର ପ୍ରତିବଦ୍ଧତାର ଏକ ପ୍ରମାଣ ।

## ବରୀରେ ଅସହ୍ୟ ତାତି ମହିଳାଙ୍କ ମୃତ୍ୟୁ

ବରୀ, (ପିପିଏସ୍): ଯାଜପୁର ଜିଲ୍ଲା ବରୀ ବ୍ଲକ ଅଞ୍ଚଳରେ ଏବେ ଗ୍ରୀଷ୍ମ ପ୍ରବାହ ଜାରୀ ରହିଛି । ଯାହା ଦ୍ୱାରା ତାତି ଦିନକୁ ଦିନ ବଢିବାରେ ଲାଗୁଛି । ଗୁରୁବାର ସକାଳୁ ଏହି ବ୍ଲକ ଅଧିନ ରନ୍ଗିରି ପଞ୍ଚାୟତ ପାଟଣା ଗ୍ରାମରେ ଜଣେ ମହିଳାଙ୍କ ର ମୃତ୍ୟୁ ଘଟିଛି ବୋଲି ଜଣାପଡିଛି । ଜେ ସୁଦର୍ଶନ ଜେନାଙ୍କ ପତ୍ନୀ ସରସତି (୭୫)ହଠାତ୍ ଅସୁସ୍ଥ ହୋଇ ପଡିଲେ । ପରିବାର ଲୋକେ ବରୀ ,ରନ୍ଗିରି ଓ ଖଡଗପୁର ସାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଅସହୟ ତାତି ଯୋଗୁଁ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି । ଏନେଇ ରନ୍ଗିରି ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି । ବିଜେପି ଯୁବମୋର୍ଚ୍ଚା ଆଇଟି ସେଲ୍ ପକ୍ଷରୁ ଚିତ୍ତରଞ୍ଜନ ଜେନା ଏନେଇ ଗଭିର ଶୋକ ପ୍ରକାଶ କରିଛନ୍ତି । ରନ୍ଗିରି ପଞ୍ଚାୟତ ସରପଞ୍ଚ ସରଳା ମଲିକ, ଅମଠପୁର ସେବା ସମବାୟ ସମିତି ସଭାପତି ଗିରିଶ ଚନ୍ଦ୍ର ସାମଲ ପ୍ରମୁଖ ଶୋକ ପ୍ରକାଶ କରି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ତାତି ପାଇଁ ସକାଳ ୮ ଘଟିକାଠାରୁ ରାସ୍ତାଘାଟ ଶୂନ୍‌ସାନ ହୋଇ ଯାଉଛି । ଯାନବାହନ ଚଳାଚଳ ବନ୍ଦ ହୋଇ ଯାଉଛି । କେତକ ସ୍ଥାନରେ ଜଳଛତ୍ର ଖୋଲାଯାଇଛି । ସ୍କୁଲ କଲେଜ ଛୁଟି ହୋଇଯାଇଥିବାବେଳେ ଶ୍ରମିକ ଶ୍ରେଣୀର ଲୋକେ କାମ ବନ୍ଦ କରି ଦେଇଛନ୍ତି । ତେବେ ଅପରାହ୍ନ ୫ ଘଟିକା ର ପରିସ୍ଥିତି ସ୍ୱାଭାବିକ ହୋଇଛି ।

## ସନ୍ନ୍ୟାସୀଜୀଙ୍କୁ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ସମ୍ମାନ

ଫୁଲନଖରା (ପିପିଏସ୍): କଟକ ସଦର ସାମାଜିକ ଓ ସାଂସ୍କୃତିକ ସଂସଦ ଦ୍ୱାରା କିଶନଗର ର ମଲ୍ଲୀପୁର ମହାନଦୀ ପଠକରେ ଅନୁଷ୍ଠିତ 'ମହାନଦୀ ତଟୋତ୍ସବ' ର ଚତୁର୍ଥ ଦିନ ସନ୍ଧ୍ୟାରେ ବିଶିଷ୍ଟ ଆଧ୍ୟାତ୍ମିକ ସ୍ତମ୍ଭକାର, ଲୋକପ୍ରିୟ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ସମ୍ପାଦକ ତଥା ପ୍ରବକ୍ତା (ଇଂ) ଶ୍ରୀସନ୍ନ୍ୟାସୀ ଜୀଙ୍କୁ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ସମ୍ମାନ ରେ ସମ୍ମାନିତ କରାଯାଇଛି । ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତଥା ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଶ୍ରୀସନ୍ନ୍ୟାସୀ ଜୀଙ୍କୁ ଉତ୍ତରୀୟ, ମାନପତ୍ର ଏବଂ ପୁଷ୍ପଗୁଛ ପ୍ରଦାନ କରି ସଂବର୍ଦ୍ଧିତ କରିଥିଲେ । ଶ୍ରୀସନ୍ନ୍ୟାସୀ ବୃତ୍ତିରେ ଅଡଶପୁର କସର୍ଦା ସ୍ଥିତ ଆପେକ୍ସ ଆଇଟିଆଇର ପ୍ରିନ୍ସପାଲ ଅଟନ୍ତି । ସେ ପ୍ରାର୍ଥନା ସମେତ ବିଭିନ୍ନ ଚାନେଲ ଓ ଆକାଶବାଣୀ ଆଦିରେ ସମାଜକୁ ଆଧ୍ୟାତ୍ମିକ ମାର୍ଗ ଦର୍ଶନ ପ୍ରଦାନ କରିଆସୁଛନ୍ତି । ଏତଦବ୍ୟତୀତ ଅନେକ ପ୍ରତିଷ୍ଠିତ ଦୈନିକ ମାନଙ୍କରେ ଆଧ୍ୟାତ୍ମିକ ସ୍ତମ୍ଭମାନ ରଚନା କରି ରାଜ୍ୟରେ ଯଥେଷ୍ଟ ପାଠକିୟ ପ୍ରଶଂସା ଅର୍ଜନ କରିଥିବା ଶ୍ରୀସନ୍ନ୍ୟାସୀ ଜୀ ଜଣେ ସୁବକ୍ତା ଅଟନ୍ତ ।

## ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସାମାଜିକ ସମରସତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, (ହି.ସ.): କେନ୍ଦ୍ରାପଡା ପୋରାଂଚଲ ସଂଲଗ୍ନ କପାଳେଶ୍ୱର ପଂଚାୟତରେ ଥିବା ରେଶା ସଧାର ଗୃହରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସାମାଜିକ ସମରସତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେଠାରେ ରହୁଥିବା ଅନ୍ତେବାସୀ ଅସହାୟ ମା, ଭଉଣୀ ଓ କୁନି କୁନି ପିଲା ମାନଙ୍କୁ ଏକାକୀ ପଣିଆରୁ ଦୂରେଇବା ପାଇଁ ତଥା ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରି ମୁହଁରେ ହସ ଫୁଟାଇବା ପାଇଁ କେନ୍ଦ୍ରାପଡା ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏକ ଭୋଜି ଭାତର ଆୟୋଜନ କରାଯାଇ ଥିଲା । ଅନ୍ତେବାସୀ ମାନଙ୍କୁ ମିଷ୍ଟାନ ବର୍ଣ୍ଟନ କରି ବିଭିନ୍ନ ପର୍ବପର୍ବାଣୀ ଓ ଉତ୍ସବର ଆନ୍ଦ ଅନୁଭବ କରାଇବା ସହ କିଛିକ୍ଷଣ ପାଇଁ ସମରସତା ଅନୁଭବ କରାଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା । ରାଜ୍ୟ ଉପାସନା ପ୍ରମୁଖ ରାଜ କିଶୋର ନାୟକଙ୍କ ନେତୃତ୍ୱରେ ସିଲୁ ପ୍ରସାଦ ମହାରଣା, ଲୋକନାଥ ଦାସ, ତମ୍ମୟ ଦାସ ପ୍ରମୁଖ ବଜରଙ୍ଗ ଦଳର କର୍ମକର୍ତା ମାନେ ସାମିଲ ଥିଲେ ।

## ପାଣି ପାଇଁ ୱାଟକୋ ବିଭାଗ ଅଧିକାରୀ କାର୍ଯ୍ୟାଳୟକୁ ଘେରିଲେ ୧ ଓ ୫ ନମ୍ବର ୱାର୍ଡ଼ର ମହିଳାମାନେ



ବରୀ, (ପିପିଏସ୍) : ଜଳ ହିଁ ଜୀବନ ହୋର୍ଡିଂ ମାନ ଲଟୁକିଛି ସମଗ୍ର । ବ୍ୟାସ ନଗର ସହର ରେ କିନ୍ତୁ ଏହା ପ୍ରହସନ ପାଲିଟିଛି । ସହର ବାସୀଙ୍କୁ ସରକାରଙ୍କ ୨୪ ଘଣ୍ଟିଆ ପାଣି ଯୋଗାଣ ପ୍ରହସନ ପରିଣନ୍ତି ହୋଇଛି । ଗାଁ ଗହଳି ନୁହେଁ ପ୍ରମୁଖ ସହର ବ୍ୟାସନଗର ରେ ପାଣି ଟିକେ ପିଇବା ପାଇଁ ଏହି ସହର ର ୧ ଓ ୫ ନମ୍ବର ୱାର୍ଡ଼ ବାସି ଡହଳ ବିକଳ ହେଉଛନ୍ତି । ଆଜି ମହିଳା ମାନେ ଦଳା ସ୍ଥିତ ୱାଟକୋ ଘେରାଉ କରି ବା ସଂଗେ ଧାରଣା ରେ ବସି ଥିଲେ। ରାଜ୍ୟ ସରକାର ସହରାଞ୍ଚଳରେ ପାଇପ ଯୋଗେ ପ୍ରତ୍ୟେକ ଘରକୁ ୨୪ ଘଣ୍ଟା ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ବ୍ୟବସ୍ଥା କରିଥିବା ବେଳେ ବ୍ୟାସନଗର ସହରରେ ତାହାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି ଏବେ ସହର ରେ ବିଭିନ୍ନ ୱାର୍ଡ଼ରେ ପାନୀୟ ଜଳ ସଙ୍କଟ ଦେଖା ଯାଉଛି । ଅଭିଯୋଗ କଲେ ପୌର ପରିଷଦ ଓ ୱାଟକୋ ବିଭାଗ ନିରବ ଦ୍ରଷ୍ଟା ସାଜିଛି । ଜୋକଡ଼ିଆ ପାଣି ପ୍ରକଳ୍ପ କାର୍ଯ୍ୟ ରେ ଲାଗୁ ନାହିଁ । ଏହି ପ୍ରକଳ୍ପ ସହର ପ୍ରତ୍ୟକ ୱାର୍ଡ଼କୁ ପାଇପି ଯୋଗେ ପାଣି ଯୋଗାଇ ଦେବା ପାଇଁ ୧୪ କୋଟି ଟଙ୍କା ବେୟ ରେ ନିର୍ମିତ ହୋଇ ଥିଲା କାର୍ଯ୍ୟ ସମ୍ପୂର୍ଣ ନ ହେବାରୁ ବିଧାନସଭା ନିର୍ବାଚନ ଆଗରୁ ତର ତରିଆ ଭାବରେ ଉଦ୍ଘାଟନ କରା ଯାଇଥିଲା । ଆଜକୁ ୫ ବର୍ଷ ଅତିକ୍ରମ କରି ଥିଲେ ମଧ୍ୟ ଏହି ପ୍ରକଳ୍ପ ସମ୍ପୂର୍ଣ କାର୍ଯ୍ୟ କାରି ହୋଇ ପାରିନାହିଁ । ବସ୍ତି ବାସିନ୍ଦା ରେ ଏହି ପ୍ରକଳ୍ପ ର ପାଇପି ସଂଯୋଗ କରା ଯାଇ ନାହିଁ । ୱାଟକୋର ର ଦାୟିତ୍ୱ ହୀନତା ଯୋଗୁଁ ସହର ବାସି ପାଣି ଟୋପେ ପାଇଁ ହତ ସନ୍ତ ହେଉଛନ୍ତି । ଜଳ ଟିକସ ଦେଇ ବିଶୁଦ୍ଧ ପାଣି ପାଇଁ ଡହଳ ବିକଳ ହେଉ ଥିବା କଥା ପୌର ପରିଷଦ ଚିନ୍ତା କରୁ ନାହିଁ । ଦୁଇ ୱାର୍ଡ଼ ର ମହିଳା ମାନେ ପାଣି ନ ଦେଲେ ଉଠିବୁ ନାହିଁ, ଜିଦ୍‌ରେ ଅଟଳ ରହି ଥିଲେ । ୱାଟକୋ ଅଧିକାରୀ ହରଡ଼ ଘଣାରେ ପଡି ଥିଲେ । ଏହି ପାଣି ସମସ୍ୟା ଦୂର କରିବା ପାଇଁ ପୌର ପରିଷଦର ଉପ ନଗର ପାଳ ସୁଭାଷ ଚନ୍ଦ୍ର ବଳ କାଉନସିଲଙ୍କ ପ୍ରତି ନିଧି ତଥା ବିଜେଡ଼ିର ବରିଷ୍ଠ ନେତା କାବୁବାବୁ ଆସି ୱାର୍ଡ଼ ବାସୀଙ୍କୁ ପାଣି ଯୋଗାଇ ଦେବା ପାଇଁ ୱାଟକୋ ଅଧିକାରୀଙ୍କ ସହ ଆଲୋଚନା କାରି ଥିଲେ ଟ୍ୟାଙ୍କର ସାହାଯ୍ୟରେ ଆବଶ୍ୟକତା ମୁତାବକ ପାଣି ଯୋଗାଇ ଦିଆ ଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଲା ପରେ ମହିଳା ମାନେ ଧାରଣା ପ୍ରତ୍ୟାହାର କାରି ଥିଲେ ।

## ନୟାଗଡ଼ ଡିସିସି ପକ୍ଷରୁ ଜୟଭାରତ ସତ୍ୟାଗ୍ରହ

ନୟାଗଡ, (ପିପିଏସ) : ଜନବିରୋଧୀ ନରେନ୍ଦ୍ର ମୋଦି ସରକାରଙ୍କ କବଳ ରୁ ଗଣତନ୍ତ୍ର, ଗଣତାନ୍ତ୍ରିକ ଅନୁଷ୍ଠାନ ଏବଂ ସମ୍ବିଧାନ ର ସୁରକ୍ଷା ତଥା ଦେଶ ବଞ୍ଚାଓ ସହ ବେଦାନ୍ତ ଜମି ଦୁର୍ନୀତି ମାମଲାରେ ମାନ୍ୟବର ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ କଟୁ ଭତ୍ସନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦବୀରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅପାରଗ ଦୁର୍ନୀତିଗ୍ରସ୍ତ ରାଜ୍ୟ ସରକାର କେନ୍ଦ୍ର ସରକାର ବିରୁଦ୍ଧରେ ଦଳୀୟ କର୍ମୀ ନାରାବାଜି କରିବା ପରେ ସନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସହର ମୁଖ୍ୟରାସ୍ତା ପରିକ୍ରମା କରି ମହିଳା କଲେଜ ଛକ ଠାରୁ ପୁଣି ଟ୍ରାଫିକ ଛକ ପର୍ଯ୍ୟନ୍ତ ଆସିଥିଲା । ଜିଲ୍ଲା କଂଗ୍ରେସ ସଭାପତି ବରିଷ୍ଠ ଆଇନଜୀବି ରଣଜିତ ଦାଶ, ବ୍ଲକ କଂଗ୍ରେସ ସଭାପତି ଫକୀର ଚାରଣ ମଲ୍ଲ, ଓଡଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ,ଜିଲ୍ଲା ପରିଷଦ ପ୍ରାର୍ଥୀ ପୂର୍ଣ୍ଣ ଚନ୍ଦ୍ର ସାନ୍ତ, ମଦନ ମୋହନ ବିଶୋଇ, ବିଜୟ ରାଉତ,ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମଲ୍ଲ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଜ୍ୟୋତି ରଞ୍ଜନ ଦାଶ, ଓଡଗାଁ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ବିଶୋଇ, କଂଗ୍ରେସ ସୋସିଆଲ ମେଡ଼ିଆ ଇନଚାର୍ଜ ଜୁଲଫିକର ଖାଁ, ଆଇନଜୀବି କୁଳେଶ ମହାନ୍ତି, ଯୁବ କଂଗ୍ରେସ ନେତ୍ରୀ ମମତା ପାତ୍ର ପ୍ରମୁଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଇସ୍ତଫା ଦବୀରେ ସ୍ଲୋଗାନବାଜି କରା ଯାଇଥିଲା ।

## ଖାରିଆ ସିସିଟିଭି ଚୋରି ଘଟଣାରେ ଦୁଇ ଜଣକୁ କୋର୍ଟ ଚାଲାଣ

ଗଞ୍ଜାମ/ଆସିକା, (ପିପିଏସ) : କୋଟିନଡ଼ା ଥାନା ଅଧୀନ ଖାରିଆ ପଞ୍ଚାୟତ ଅନ୍ତର୍ଗତ ଆସିକା ବିଜ୍ଞାନ ମହାବିଦ୍ୟାଳୟ ସାମ୍ନାରେ ଲାଗିଥିବା ୪ଗୋଟି ସି ସି ଟି ଭି କେମେରା ଗତ ୧୭/୦୪/୨୩ ତାରିଖ ରାତି ରେ କେହି ଦୁର୍ବୃର୍ତ୍ତ ଚୋରି କରି ନେଇଥିବା ଘଟଣା ସମ୍ପର୍କ ରେ ଖାରିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଡେଙ୍ଗୁଆ ଶବର କୋଟିନଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ. ଅଭିଯୋଗ କୁ ଭିତ୍ତି କରି କୋଟିନଡ଼ା ଥାନା ପକ୍ଷରୁ କେସ ନମ୍ବର ୯୭/୨୩ ଧାରା ୩୭୯ ପ୍ରକାରେ ମାମଲା ରୁଜୁ କରି ୧୮/୦୪/୨୩ ରେ ଗୋଲାପଲ୍ଲୀ ଗ୍ରାମର ଏ. ଭୀମ ପାତ୍ର ର ପୁଅ ଏ. ରାଜା ପାତ୍ର ବୟସ ୧୮ ଓ ପି ଯୁଧିଷ୍ଠିର ପାତ୍ର ଙ୍କ ପୁଅ ପି. ଶିବରାମ ପାତ୍ର ବୟସ ୧୯ କୁ ଗିରଫ କରି ପଚରା ଉଚରା ପରେ ସେମାନେ ଚୋରି କରିଥିବା କେମେରାକୁ ଟି.ପୁନିଆ ପାତ୍ର ଘରେ ରଖିଥିବା କଥା ପୋଲିସ ଆଗରେ ସ୍ୱୀକାର କରିଥିଲେ. ପୋଲିସ ଏହି ଚୋରି କେମେରା କୁ ଜବତ କରି ଦୁଇ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି ।

## ପବିତ୍ର ଇଦ୍ ପର୍ବ ଉପଲକ୍ଷେ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ

ଧାମନଗର, (ପିପିଏସ) : ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଭାରପ୍ରାପ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅପରାହ୍ନରେ ପ୍ରଶାସନ ପକ୍ଷରୁ ପବିତ୍ର ଇଦ୍ ପର୍ବ ପାଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଠାରେ ସୂଚନା ଯୋଗ୍ୟ ଯଦି ଚଳିତ ମାସ ୨୧ ତାରିଖରେ ଜହ୍ନ ଦେଖିଲେ ୨୨ରେ ନଚେତ ୨୩ ତାରିଖରେ ଇଦ୍ ପର୍ବ ପାଳନ କରାଯିବ ବୋଲି ଆଲୋଚନା କରାଯାଇ ଥିଲା । ଇଦ୍ ଦିନ ସକାଳ ୮ଟା ସମୟରେ ସମସ୍ତ ମସଜିଦରେ ନମାଜ ପାଠ ପଢିବା ସହିତ ଧାମନଗର ଇଦଗା ଠାରେ ସମୂହ ନମାଜ ପାଠ କରିବା ପାଇଁ ହଜାର ହଜାର ସଂଖ୍ୟାରେ ଜନସମାଗମ ହେବାନେଇ ସୂଚନା ପ୍ରଦାନ କରାଯାଇଥିଲା । ଇଦଗା ଠାରେ ଅଧିକ ଜନ ଗହଳି ତଥା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୪ଟି ସ୍ଥାନରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଯତ୍ନବାନ ହେବାକୁ ବୈଠକରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଭଦ୍ରକ ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ଏସଡିପିଓ ବିଜୟ କୃଷ୍ଣ ମହାପାତ୍ର,ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ରାମଚନ୍ଦ୍ର ଜେନା, ବୀରେନ୍ଦ୍ର କୁମାର ଜେନା, ମହେଶ୍ୱର ସ୍ୱାଇଁ, ସେକ ଅବଦୁଲ ହାକିମ,ଗୋଲାମ ଜିଲାନି ହବିବି, ସେକ ଜାଫର ଅଲ୍ଲୀ, ସେକ ଅବଦୁର ରହେମାନ, ଏମଡି ହବିବୁର ରହେମାନ,ସୁଶାନ୍ତ କୁମାର ରାଉତଙ୍କ ସମେତ ସରକାରୀ ଅଧିକାରୀ ମାନେ ଯୋଗ ଦେଇଥିଲେ। ଶେଷରେ ଆଇଆଇସି ବନମାଳୀ ବାରିକ ବୈଠକର ଶେଷ ସ୍ୱର୍ଶ ପୂର୍ବକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଳ୍ପିକ ଶାରଦା ପ୍ରସାଦଙ୍କ ସ୍ମୃତି ସଭା



ଭୁବନେଶ୍ୱର, (ପିପିଏସ) : ନୂତନ ଧର୍ମୀ ଗଳ୍ପ ଓ କବିତା କ୍ଷେତ୍ରରେ କଥାକାର ଶାରଦା ପ୍ରସାଦ ମିଶ୍ର ଚିରଞ୍ଜିବୀ ହୋଇ ରହିବେ । ତାଙ୍କର ସ୍ୱକୀୟ ଚିନ୍ତା ଓ ଚେତନାରେ ଜୁଲି, ହୃଦୟାବୃତ ଓ ଅପହଞ୍ଚ ଇଲାକାର ଅଧିଶ୍ୱର ଆଦି ଉଚ୍ଚାଙ୍ଗ ଗଳ୍ପ ସମ୍ଭାର, ଗଳ୍ପ ସାହିତ୍ୟ କ୍ଷେତ୍ରରେ ପ୍ରେରଣା ଦାୟୀ ବୋଲି ଶାରଦା ପ୍ରସାଦଙ୍କ ସପ୍ତମ ସ୍ମରଣ ଦିବସରେ ବିଶିଷ୍ଟ ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ସହିଦ ନଗର ସ୍ଥିତ ଆର୍ଯ୍ୟ ସମାଜ ପରିସରରେ ଅନୁଷ୍ଠିତ ସ୍ମୃତିସଭାରେ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା ପୌରୋହିତ୍ୟ କରି ଶାରଦାଙ୍କ ଗଳ୍ପ ଚାତୁରୀ ଅଦ୍ଭୁତ ବୋଲି କହିଥିଲେ। ଅଧ୍ୟାପକ ଡକ୍ଟର ବିଜୟାନନ୍ଦ ସିଂହ, ସମ୍ବାଦର ବରିଷ୍ଠ ସ୍ତମ୍ଭକାର ଗୌରହରି ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ଅଭୟ କୁମାର ରାଉତ, ଡକ୍ଟର ନିର୍ମଳା ମହାପାତ୍ର, ଧୀର ପଣ୍ଡା, ଅନୀଲ କାନୁନ୍‌ଗୋ, ଡକ୍ଟର ଗୋପାଳଚନ୍ଦ୍ର ଦାସ, ମଧୁସୂଦନ ଦାସ ପ୍ରମୁଖ ଶାରଦା ପ୍ରସାଦଙ୍କ ଗଳ୍ପ ଗୁଡ଼ିକର ସମୀକ୍ଷା ଓ ମୂଲ୍ୟବୋଧ ସଂପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ବହୁ ସାହିତ୍ୟିକ, ସାମ୍ବାଦିକ ସମେତ ଶ୍ରୀ ମିଶ୍ରଙ୍କ ପିତା ପଣ୍ଡିତ ପ୍ରବୋଧ କୁମାର ମିଶ୍ର, କିଂଟ୍ର ରବୀନ୍ଦ୍ରନାଥ ବିଶ୍ୱାଳ, ସାମ୍ବାଦିକ ନିର୍ମଳଚନ୍ଦ୍ର ମଲ୍ଲିକ, ସହଧର୍ମୀଣୀ ସରସ୍ୱତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବେଦ ବିଦୂଷୀ ସନ୍ନୋଦେବୀ ସାମୂହିକ ବେଦପାଠ କରିଥିଲେ ଓ ବେଦ ବିଦ୍ୱାନ ଇଞ୍ଜିନିୟର ପ୍ରିୟବ୍ରତ ଦାସ ଆଶ୍ରିବଚନ କରିଥିଲେ।

## ଭାରସାମ୍ୟ ହରାଇ କୁଜଙ୍ଗ ତହସିଲଦାରଙ୍କ ଗାଡି ଦୁର୍ଘଟଣା ଗ୍ରସ୍ତ ଅତିରିକ୍ତ ତହସିଲଦାର ଓ ସେକ୍ସନ ଅଫିସର ଗୁରୁତର



କୁଜଙ୍ଗ, (ପିପିଏସ) : କୁଜଙ୍ଗ ତହସିଲଦାରଙ୍କ ଗାଡି ଭାରସାମ୍ୟହରାଇ ଗଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହେବାପରେ ଅତିରିକ୍ତ ତହସିଲଦାର ବାଇଧର ପ୍ରଧାନ ଓ ସେକ୍ସନ ଅଫିସର ଲାଲା ଅମରେନ୍ଦ୍ର ରାୟ ଆଜି କୁଜଙ୍ଗ ଥାନା ଅଧିନ ଷଣ୍ଢପୁର ଠାରେ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟକି ଜଗତ୍‌ସିଂହପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶିକ୍ଷ ସଂକ୍ରାନ୍ତରେ ଏକ ବୈଠକରେ ଓଡି ୦୫ଏୟୁ ୮୨୩୬ ନମ୍ବର ଯୁକ୍ତ ବୋଲେରୋରେ ଯୋଗଦେବାକୁ ଯାଇ ଫେରୁଥିଲେ । ଅପରାହ୍ନରେ ୨ଘଟିକା ସମୟରେ କୁଜଙ୍ଗ ଫେରୁଥିବା ବାଟରେ କଟକ ପାରାଦ୍ୱୀପ ରାସ୍ତାର ଷଣ୍ଢପୁର ଗଡା ନିକଟରେ ଚାଳକ ଭାରାସାମ୍ୟ ହରାଇ ରାସ୍ତକଡର ୫ଫୁଟ ତଳକୁ ଖସିଯାଇ ଏକ ଗଛରେ ପିଟି ହୋଇଥିଲା । ଗାଡିରେ ଥିବା ଅତିରିକ୍ତ ତହସିଲଦାର ବାଇଧର ପ୍ରଧାନଙ୍କର ଛାତି ଓ ଗୋଡରେ ଗୁରୁତର ଆଘାତ ଲାଗିଥିବାବେଳେ ସେକ୍ସନ ଅଧିକାରୀ ଲାଲା ଅମରେନ୍ଦ୍ର ରାୟଙ୍କର ମୁଣ୍ଡରେ ଗଭୀର କ୍ଷତ ହେବା ସାଙ୍ଗକୁ ହାତ ଗୋଡ ମାଡହୋଇଥିବାର ଜଣାପଡିଛି । ଦୁର୍ଘଟଣା ପରେ ଉଭୟଙ୍କୁ କୁଜଙ୍ଗ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତି କରାଯାଇଥିଲା । ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡଡାକ୍ତର ଖାନାକୁ ପଠାଇ ଦିଆଯାଇଛି ।

### ରାଜ୍ୟ ଉନ୍ନୟନ କମିଶନରଙ୍କ ହରିଶଙ୍କର ଗସ୍ତ

# ବୁଲି ଦେଖିଲେ ଉନ୍ନୟନମୂଳକ କାମ

ଖପ୍ରାଖୋଲ, (ପିପିଏସ୍): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର କୁ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ଗସ୍ତ କରିଥିଲେ। ଏହି ଅବସରରେ ହରିଶଙ୍କର ମନ୍ଦିର ଚତୁର୍ପାର୍ଶ୍ୱ ର ଉନ୍ନୟନ କାମ ବୁଲି ଦେଖିବା ସହ କାମର ଅଗ୍ରଗତି ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇ ଅର୍ଜୁନ ବେହେରା ଙ୍କୁ ପଚାରି ଥିଲେ। ପରେ ଝରଣା ଚାରି ପାଖ , ହରିଶଙ୍କର ମନ୍ଦିର, ଠାକୁର ଦର୍ଶନ କରିଥିଲେ। କାମ ତୁରନ୍ତ ଶେଷ କରିବାକୁ କହିଥିଲେ। ଆଗାମୀ ସେପ୍ଟେମ୍ବର ମାସ ପୂର୍ବରୁ କାମ ଶେଷ ହେବବୋଲି ଉନ୍ନୟନ କମିଶନର ଗର୍ଗ ଗଣମାଧ୍ୟମକୁ ଜଣାଇଥିଲେ। ଏହି ଅବସରରେ ମନ୍ଦିର ଉନ୍ନୟନ ପାଇଁ ଦେବୋତ୍ତର ବିଭାଗ ତରଫରୁ ବିଭିନ୍ନ ଟିକସ



ସଂଗ୍ରହ, ଗାଡ଼ି ପାସ, ପାର୍କିଂ ଫି, ଅନ୍ନ ଭୋଗ, ଶୁଖା ଭୋଗ, ନଡ଼ିଆ ଭୋଗ ବିକ୍ରି କାମ ମହିଳା ସ୍ୱୟଂ ସହାୟକ ଦଳ କରୁଥିବାରୁ ଖୁସି ବ୍ୟକ୍ତ କରିଥିଲେ। ପରେ ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ପରିଚାଳିତ କାଫେ ଓ ରେଷ୍ଟୁରାଣ୍ଟ ବୁଲି ଦେଖିବା ସହ ପରିଚାଳନା କରୁଥିବା ମହିଳା ଗୋଷ୍ଠୀଙ୍କୁ ତାଙ୍କ ରୋଜଗାର ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା, ପାଟଣାଗଡ ଉପଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ, ମିଶନ ଶକ୍ତି ଡି ପି ଏମ୍ ସୁମନ ଦ୍ୱିବେଦୀ, ଖପ୍ରାଖୋଲ ବିଡ଼ିଓ ରଶ୍ମି ରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ଦେବୋତ୍ତର କମିଟି ର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# କଟକ-ପଲାସା ଟ୍ରେନକୁ ସଂପ୍ରସାରଣ ନିମନ୍ତେ ଦାବିପତ୍ର

ପାରଳାଖେମୁଣ୍ଡି, (ପିପିଏସ୍): କଟକ-ପଲାସା ଟ୍ରେନକୁ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ସଂପ୍ରସାରଣ ନିମନ୍ତେ ପାରଳାଖେମୁଣ୍ଡି ବାର ଏସୋସିଏସନ ଏବଂ ବୁଦ୍ଧିଜୀବୀ ଗଣ ପକ୍ଷରୁ କେନ୍ଦ୍ର ରେଳଚଳାଚଳ ମନ୍ତ୍ରୀ ଅଶ୍ୱିନି ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ଜରିଆରେ ପ୍ରଦାନ କରାଯାଇଥିବାର ଜଣାପଡିଛି । ଆଜି ସାଂସଦ ଶ୍ରୀ ସାହୁ ପାରଳା ଗସ୍ତରେ ଆସିଥିବା ବେଳେ ବାର ଏସୋସିଏସନର ସମ୍ପାଦକ



ଏମ୍.ପୃଥ୍ୱୀରାଜ ଓ ଓକିଲ ସଂଘର ବହୁ ସଦସ୍ୟ ଏବଂ ଗଣେଶ ରାଜୁ, କୃଷ୍ଣ କୁମାର ବେହେରା ପ୍ରମୁଖଙ୍କ ସହ ବହୁ ବୁଦ୍ଧିଜୀବୀ ପୃଥକ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି । କଟକରୁ ପଲାସା ଚଳାଚଳ କରୁଥିବା ୦୮୫୩୩ ଏବଂ ପଲାସାରୁ କଟକ ୦୮୫୩୪ ଟ୍ରେନକୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ସଂପ୍ରସାରଣ କଲେ ଜିଲ୍ଲା ସଦର ମହକୁମା ଏବଂ ଜିଲ୍ଲାର ବିଭିନ୍ନ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି କୁହାଯାଇଛି । ଦାବିପତ୍ର ଗ୍ରହଣ ପରେ ସାଂସଦ ଶ୍ରୀ ସାହୁ ଉକ୍ତ ଦାବି ସମ୍ପର୍କେ କେନ୍ଦ୍ର ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଉଲ୍ଲେଖିତ ଟ୍ରେନ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବା ପାଇଁ ଚେଷ୍ଟା ଜାରି ରହିବ ବୋଲି କହିଛନ୍ତି ।

### ୪୩ ଡିଗ୍ରୀ ତାତିରେ ସିଝୁଛି ଟିଟିଲାଗଡ଼

# ବିଦ୍ୟୁତ କାଟ ନେଇ ବଢୁଛି ଅସନ୍ତୋଷ

ଟିଟିଲାଗଡ଼, (ପିପିଏସ୍): ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ଗତ ଏପ୍ରିଲ ୧୧ରୁ ଟିଟିଲାଗଡ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହି ଜନଜୀବନ ଅସ୍ତବ୍ୟସ୍ତ କରିପକାଇଛି। ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇ ଗତ ଚାରି ଦିନ ହେଲା ୪୩ରୁ ଖସୁନି। ସକାଳ ୮ଟାରୁ ଟାଣ ଖରା ଅନୁଭୂତ ହେଉଛି। ସରକାରି ସ୍ତରରେ ତାପମାତ୍ରା ଗୋଟିଏ କଥା କହୁଥିବା ବେଳେ ପୂର୍ବରୁ ୫୦ ଡିଗ୍ରୀ ତାତି ସହିଥିବା ସହରର ବରିଷ୍ଠ ବ୍ୟକ୍ତି ବାସ୍ତବିକ ଭାବରେ ତାପମାତ୍ରା ୪୫ ଡିଗ୍ରୀକୁ ପାର ହୋଇସାରିଥିବା କହୁଛନ୍ତି। ସକାଳ ପ୍ରାୟ ୮ଟାରୁ ତାତି ସହ ଝାଞ୍ଜିପବନ ଅସ୍ତବ୍ୟସ୍ତ କରିପକାଇଛି। ପଙ୍ଖାକୁଲର କିଛି କାମ କରୁନାହିଁ। ସକାଳୁ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ସିମେଣ୍ଟ କାନ୍ଥ, କଂକ୍ରିଟ ଛାତ, କଂକ୍ରିଟ ସଡକ ତାତିକୁ ଧରି ରଖୁଥିବାରୁ



ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ପୂର୍ବ ଭଳି ଗଛ ଛାଇରେ ମଧ୍ୟ ଆଶ୍ୱସ୍ତି ନାହିଁ। ଅସହ୍ୟ ତାତି ନେଇ ଉପଖଣ୍ଡ ମୁଖ୍ୟାଳୟ ତଥା ପଶ୍ଚିମ ଓଡିଶାର ଅନ୍ୟତମ ବୃହତ ରେଳଜଙ୍କସନ ଟିଟିଲାଗଡ ସହର ପୂର୍ବାହ୍ନ ପ୍ରାୟ ୧୦ ଟାରୁ ଜନଶୁନ୍ୟ ହୋଇ ରାସ୍ତାଘାଟ ଖାଁଖାଁ ହୋଇପଡୁଛି। ଅଂଶୁଘାତ ଆଶଙ୍କାରେ ସହରର ଲୋକେ ମଧ୍ୟ ରାସ୍ତାକୁ ଓହ୍ଲାଇବା ବନ୍ଦ ହୋଇଛି। ଏହି ପରିପ୍ରେକ୍ଷୀ ପ୍ରତ୍ୟେହ ଘନଘନ ବିଦ୍ୟୁତ କାଟ ସହରବାସୀଙ୍କୁ ଅଥୟ କରିଛି। ଘରେ ଗରମରେ ଲୋକେ ଆଉଟୁ ପାଉଟୁ ହେଉଛନ୍ତି। ଜଣେ ରୋଗାକ୍ରାନ୍ତ, ବରିଷ୍ଠ ବ୍ୟକ୍ତି, ଶିଶୁଙ୍କ ଅବସ୍ଥା ନକହିଲେ ଚଳେ। ମୁଖ୍ୟମନ୍ତ୍ରୀ ଚଳିତ ଗ୍ରୀଷ୍ମ ଋତୁରେ ବିଦ୍ୟୁତ କାଟ ହେବ ନାହିଁ ବୋଲି ଘୋଷଣା କରିଥିବା ବେଳେ ୪୩/୪୪ ଡିଗ୍ରୀରେ ସିଝୁଥିବା ଟିଟିଲାଗଡବାସୀଙ୍କ ପାଇଁ ବିଦ୍ୟୁତ କାଟ ଯମ ଯନ୍ତ୍ରଣା ସଦୃଶ ହୋଇଛି। ଏହା ସହ ତତଲାଗଡ ରୂପେ ପରିଚିତ ଟିଟିଲାଗଡ ସହରରେ ପାନୀୟ ଜଳ ସଂକଟ ଉତ୍କଟ ହୋଇଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ନିଅଣ୍ଟ ହୋଇଛି। ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଏପ୍ରିଲ ପ୍ରାରମ୍ଭରୁ ତାତି ଏଭଳି ବୃଦ୍ଧି ପାଇଥିବା ବେଳେ ଆଗକୁ ମଇ ମାସରେ ଅବସ୍ଥା କଣ ହେବ ସେନେଇ ସହରବାସୀ ଚିନ୍ତିତ ହୋଇପଡିଛନ୍ତି। ପ୍ରଶାସନ ପକ୍ଷରୁ ସହରରେ ବ୍ୟାପକ ଜଳଛତ୍ର ବ୍ୟବସ୍ଥା ତଥା ଲୋକଙ୍କ ପାଇଁ ଆଶ୍ରୟ ସ୍ଥଳି ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି। ତେବେ ଶୀତତାପ ନିୟନ୍ତ୍ରୀତ କକ୍ଷରେ ଆରାମ କରୁଥିବା ଅଧିକାରୀଙ୍କ ଏନେଇ କେବେ ନିଦ ଭାଙ୍ଗିବ ତାହା ଦେଖିବାକୁ ବାକି ରହିଲା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

## ଆଶୁତୋଷ ପାଠୀ ଟ୍ରଷ୍ଟ ତରଫରୁ ଦାବିପତ୍ର ପ୍ରଦାନ

ଜୟପୁର, (ହି.ସ.): ଆଶୁତୋଷ ପାଠୀ ମୋମୋରିଆଲ ଟ୍ରଷ୍ଟ ତରଫରୁ ଜୟପୁର ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଦଶାହ କାର୍ଯ୍ୟ ସମାପନ ପାଇ ଜଗନ୍ନାଥ ସାଗର କୁଳ ଫିସେରି ଅଫିସ ନିକଟରେ ସୌରାସାହି, ସୁରିଙ୍ଗା ସାହି,ରେଡିଓ ଷ୍ଟେସନ ନିକଟରେ, ଗୋଟିଏ ଲେଖାଏ ଦଶାହ କାର୍ଯ୍ୟ କରିବା ପାଇଁ କୋଠରୀ ତିଆରି କରିବା ପାଇ ଅନୁରୋଧ କରାଯାଇଛି । ସହରବାସୀଙ୍କ ଅନୁରୋଧ କ୍ରମେ ୩ଟି ଦଶହା କାର୍ଯ୍ୟ ସମାପନ ପାଇଁ କୋଠରି ନିର୍ମାଣ କଲେ ସହର ବାସୀ ଉପକୃତ ହେବେ ବୋଲି ପ୍ରଫୁଲ କୁମାର ପାଠୀ ଅନୁରୋଧ କରିଛନ୍ତି।

# ଶୁଣିଲାନି ପଞ୍ଚାୟତ, ନର୍ଦ୍ଦମା ସଫାକଲେ ଗ୍ରାମବାସୀ

ରାଇରଙ୍ଗପୁର (ହି.ସ): ମୟୂରଭଂଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ କୁସୁମୀ ବ୍ଲକ ହାଟବାଦଡା ଗ୍ରା.ପର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ହେଉନଥିବା ୱାର୍ଡସଭ୍ୟ ଓ ଗ୍ରାମବାସୀମାନେ ଅଭିଯୋଗ କରି ଆସୁଛନ୍ତି। ପଞ୍ଚାୟତର ବିଭିନ୍ନ ମୌଳିକ ସମସ୍ୟା ନେଇ କିଛିଦିନ ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ବହୁ ବର୍ଷ ହେଲା ହାଟବାଦଡା ଠାରେ ଥିବା ନାଳନର୍ଦ୍ଦମା ମଧ୍ୟ ଅଳିଆ ଆବର୍ଜନାରେ ଜମି ରହିଥିବାରୁ ମଶା, ମାଛି ସମେତ ବିଷାକ୍ତ କୀଟଙ୍କ ବାସସ୍ଥାନ ପାଲଟିଥିଲା। ଯାହାଫଳରେ ଗ୍ରାମବାସୀ ନାନା ରୋଗରେ ଆକ୍ରାନ୍ତ ହୋଇଥିଲେ। ଏନେଇ ପ୍ରଶାସନ ନିକଟରେ ଗ୍ରାମବାସୀ ମାନେ ବାରମ୍ବାର ଗୁହାରୀ କଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ସରପଞ୍ଚ ମହୋଦୟା ପଞ୍ଚାୟତ ଫଣ୍ଡରେ ଟଙ୍କା ନାହିଁ ବୋଲି କୁହନ୍ତି।



ଶେଷରେ ଗ୍ରାମର କିଛି ସେଚ୍ଛାସେବୀମାନେ ନାଳନର୍ଦ୍ଦମା ସଫା କଲେ। ଏହାବ୍ୟତୀତ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଟଙ୍କା ବିନିମୟରେ ଶୀତଳ ପାନୀୟ ଜଳପ୍ରକଳ୍ପ ସ୍ଥାପିତ କରାଯାଇଥିଲା। ତେବେ ବର୍ତ୍ତମାନ ସମସ୍ତ ପ୍ରକଳ୍ପ ଅଚଳ ହୋଇ ପଡିଛି। ବର୍ତ୍ତମାନ ଗ୍ରୀଷ୍ମ ଦୀନ ଥିବାରୁ ଅଞ୍ଚଳବାସୀମାନେ ଶୀତଳ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ଯଥାଶୀଘ୍ର ସମସ୍ତ ମୌଳିକ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଅନିରୁଦ୍ଧ ଗିରି, ଜହରଲାଲ୍ ପାତ୍ର, ରାଜେଶ ଗିରି, ମହେନ୍ଦ୍ର ଗିରି, ଅରୁଣ ଗିରି, ଲିଳାବତୀ ଗିରି, ମୀନା ପାତ୍ର, ଡାଳିମ୍ବ ପାତ୍ର, ଜୋଗମହନ ପାତ୍ରଙ୍କ ସମେତ ଅନ୍ୟ ଗ୍ରାମବାସୀ ମାନେ ଦାବି କରିଛନ୍ତି। ଏ ସମ୍ବନ୍ଧରେ କୁସୁମୀ ବିଡିଓ ଲକ୍ଷ୍ମଣ ସୋରେନଙ୍କ ସହିତ ଯୋଗାଯୋଗ କରିବାରୁ ଏନେଇ ଏବିଡିଓଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ସମ୍ବନ୍ଧରେ ବୁଝିକି ଜଣାଇବେ ବୋଲି ମତ ରଖିଛନ୍ତି।

## ସମ୍ବଲପୁର ହିଂସାକାଣ୍ଡ ପ୍ରତିବାଦରେ ଭିଏଚ୍‌ପି ପକ୍ଷରୁ ଜୟପୁର ୧୨ ଘଣ୍ଟିଆ ବନ୍ଦ

ଜୟପୁର, (ହି.ସ.): ସମ୍ବଲପୁର ହିଂସାକାଣ୍ଡ ପ୍ରତିବାଦରେ ଆଜି ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଜୟପୁର ୧୨ ଘଂଟିଆ ବନ୍ଦ ପାଳନ କରାଯାଇଛି । ଏହି ପାଳନକୁ ବିଜେପି, ବଜରଙ୍ଗ ଦଳ ସହ ବିଭିନ୍ନ ହିନ୍ଦୁ ସଂଗଠନ ସମର୍ଥନ ଦେଇଛନ୍ତି । ସମ୍ବଲପୁର ଠାରେ ରାମ ନବମୀ ଓ ହନୁମାନ ଜୟନ୍ତି ଶୋଭାଯାତ୍ରା ରେ ଆକ୍ରମଣ ଓ ହତ୍ୟା ପ୍ରତିବାଦରେ ରାଜ୍ୟ ସରକାରଙ୍କ ଉଦାସୀନତାକୁ ବିରୋଧ କରି ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ସମସ୍ତ ହିନ୍ଦୁ ସମାଜ ଦ୍ୱାରା ସକାଳ ୬ଟା ଠାରୁ ସଂନ୍ଧ୍ୟା ୬ ଟା ଯାଏ ବନ୍ଦ ପାଳନ କରାଯାଇଛି। ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ରାସ୍ତା ଅବରୋଧ କରାଯାଇଥିଲା । ଫଳରେ ଉଭୟ ପଟେ ରାସ୍ତା ଶହ ଶହ ଗାଡି ଅଟକିଥିଲା । ଦୋକାନ, ବଜାର, ଚକ, ଅଖ ବନ୍ଦ ରହିଛି । ଏହି ବନ୍ଦ ଡାକରାକୁ ଜୟପୁର ରେ ସମ୍ପୂର୍ଣ୍ଣ ସମର୍ଥନ ମିଳିଛି । ଦୁର ଗାମୀ ବସ ଗୁଡିକ ହଠାତ ଅଟକି ଯିବା ଯୋଗୁଁ ଯାତ୍ରୀ ମାନେ ହଇରାଣ ହୋଇଥିବା ଜଣାଯାଇଛି । ଏସଡିପିଓ ହରିସ ବିସି ଙ୍କ ନେତୃତ୍ୱରେ ଆଇନ ଶୃଙ୍ଖଳା ପରିସ୍ଥିତି ନିମନ୍ତେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ । ବନ୍ଦ ପାଳନ ସମୟରେ ବାବୁ ଭାଇ ବଜରଙ୍ଗି, ବରୁଣ ଜୈନ, ବିନୋଦ ଚତୁର୍ବେଦି, ଗୌତମ ସାମନ୍ତରାୟ, ଗୁଲି ସାହୁ, ଅଭି ନାୟକ ସମେତ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ ।

## ସ୍ୱାଭିମାନ ଅଞ୍ଚଳରେ ଆରମ୍ଭ ହେଲା ପୁଷ୍ପା -୨ର ସୁଟିଂ

ମାଲକାନଗିରି, (ହି.ସ.): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଆରମ୍ଭ ହୋଇଛି ସାଉଥ୍ ସୁପର ହିଟ୍ ଚଳଚ୍ଚିତ୍ର ପୁଷ୍ପା ପାର୍ଟ୍ -୨ର ସୁଟିଂ। ଆନ୍ଧ୍ର-ଓଡ଼ିଶା ସୀମାନ୍ତ ତରାବୁ ଜଳପ୍ରପାତ ନିକଟରେ ସିନେମାର ଏକ ଟିମ୍ ପହଞ୍ଚି ଏକ ଜଙ୍ଗଲୀ ସେଟ୍ ଅପ୍ ତିଆରି କରିଛନ୍ତି । ମାଲକାନଗିରି ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଠାରୁ ଅନୁମତି ମିଳିବା ପରେ ପ୍ରଯୋଜକ ସଂସ୍ଥା ମୈତ୍ରୀ ମୁଭି ମେକର ପକ୍ଷରୁ ପୁଷ୍ପା-୨ ଚଳଚ୍ଚିତ୍ରର କିଛି ଅଂଶ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ସୁଟିଙ୍ଗ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।ଚଳଚ୍ଚିତ୍ର ନିର୍ମାଣ ସଂସ୍ଥାର ଏକ ଟିମ୍ ଗତ ଏକ ମାସ ଧରି ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନ ବୁଲିଥିବା ବେଳେ ଶେଷରେ ସ୍ୱାଭିମାନ ଅଞ୍ଚଳର ଝୁଲା ପୋଲ, ହନ୍ତାଳଗୁଡା ଘାଟି ଓ ଗୁରୁପ୍ରିୟା ସେତୁ ନିକଟରେ ସୁଟିଂ କରିବା ନିମନ୍ତେ ଯୋଜନା କରିଛନ୍ତି । ଏନେଇ ମୈତ୍ରୀ ମୁଭି ମେକର ସଂସ୍ଥା ପକ୍ଷରୁ ଫାଇଟ୍ ମାଷ୍ଟର ପିଟର ହାଇନସ୍, କଳା ନିର୍ଦ୍ଦେଶକ ରାମକ୍ରିଷ୍ଣା, ଫାଇଟ୍ ମାଷ୍ଟର ଡ୍ରାଗନ ପ୍ରକାଶ, ସହକାରୀ ପ୍ରଯୋଜକ ସୁବ୍ରମଣ୍ୟମ୍, ସହ ନିର୍ଦ୍ଦେଶକ ପ୍ରସାଦ ମାରିସେଟି ପ୍ରମୁଖ ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି ।

# ପୌରପରିଷଦ ଓ ଫୁଡ୍ ସେଫ୍ଟି ଅଫିସରଙ୍କ ମିଳିତ ଚଢାଉ

ଜୟପୁର, (ହି.ସ.): ଜୟପୁର ସହରରେ ଆଜି ପୌର ପାଳିକା , ଫୁଡ ସେଫଟି ଅଫିସର, ପୋଲିସର ମିଳିତ ଚଢାଉ କରାଯାଇଛି । ୭ଟି ଗୁଟୁଖା ଦୋକାନ ଉପରେ ଚଢାଉ କରାଯାଇ ୪ ହଜାର ୫ ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଖାଦ୍ୟାର ନିରାପତା ର ଯାଂଚ କରାଯାଇ ଆନ୍ଧ୍ରା ହୋଟେଲ ମସଲା ହାଟରେ ଚଢାଉ କରାଯାଇ ୨ ହଜାର ଟଙ୍କା ଜୋରି ମାନା ଆଦାୟ କରାଯାଇଛି। ସେହିପରି ଏକ ହୋଲସେଲ ଦୋକାନ ଉପରେ ଚଢାଉ କରାଯାଇ ୩ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ହୋଟେଲ ସ୍କୟର ଉପରେ ଚଢାଉ କରାଯାଇ ୨୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏପିର ମୋଟ ୩୪ ହଜାର ୫ ଶହ ଟଙ୍କା ଆଦାୟ କରାଯାଇଛି। ଗୁଟୁଖା, ୧୦ ଲିଟର ବିଦେଶି ମଦ, ଏକ୍ସପାୟର ଜିନଷ ଜବତ କରିଛି । ଏହି ଚଢାଉରେ ଫୁଡ ସେଫ୍ଟି ଅଫିସର ପ୍ରଭାସ କୁମାର, ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ପୌର କର୍ମଚାରି ସହ ୪ ଜଣିଆ ପୋଲିସ ଟିମ ଚଢାଉ କରିଥିଲେ । ଆଗାମି ଦିନରେ ଚଢାଉ ବ୍ୟାପକ ହେବ ବୋଲି ପୌର କାର୍ଯ୍ୟନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ସାନିଟାରୀ ନାପକିନ ପ୍ରସ୍ତୁତି

ପାରଳାଖେମୁଣ୍ଡି, (ପିପିଏସ୍): କାଶିନଗର ବ୍ଲକ ଅନ୍ତର୍ଗତ କେ ସିତାପୁର ପଞ୍ଚାୟତର କେ ସିତାପୁର ଗ୍ରାମର ମାଁ ବିନ୍ଧ୍ୟବାସିନୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ସାନିଟାରୀ ନେପକିନ ତିଆରି ତାଲିମ ଦିଆଯାଉଛି। ଉକ୍ତ କାର୍ଯକ୍ରମରେ ଶ୍ରୀ ପ୍ରତୀକ ପଣ୍ଡା, ଡ଼ି.ଡ଼ି.ଏମ, ନାବାର୍ଡ ଉପସ୍ଥିତି ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉଦେଶ୍ୟ " ମାଇ ପେଡ, ମାଇ ରାଇଟ" ପରିଯୋଜନା ଦ୍ୱାରା ଏକ ଜନଜାଗରଣ ସଚେତନତା ସୃଷ୍ଟି କରିବା ନାବାର୍ଡ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସାନିଟାରୀ ନେପକିନ ପ୍ରସ୍ତୁତ କରି ନିଜର ଜୀବିକା ନିର୍ବାହ ଓ ଆର୍ଥିକ ସ୍ଥିତି ବଢାଇବାର ଏକ ପ୍ରୟାସ । " ମାଇ ପେଡ, ମାଇ ରାଇଟ" ଏକ ଏକ ବାର୍ତା, ଅର୍ଥାତ ମୋ ପେଡ , ମୁଁ ପିନ୍ଧିବାର ଅଧିକାର। ବାର୍ତା ପ୍ରତ୍ୟକ ଗାଁରେ କିଶୋରୀ ବାଳିକା ଓ ମହିଳାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା। ନାବାର୍ଡ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧ ଲକ୍ଷ ଟଙ୍କା




ଋଣ ଯୋଗାଇ ଦିଆଯାଉଛି। ପେଡ ତିଆରି ମେସିନ ସହ ଅନ୍ୟାନ ଉପକରଣ ଯୋଗାଇ ଦିଆଯାଉଛି । ଆଶା କରାଯାଉଛି ଗ୍ରୁପର ୧୩ ଜଣ ସଦସ୍ୟା ପ୍ରତ୍ୟକ ମାସରେ ୬୯୦୦-୭୦୦୦ ରୁ ଉର୍ଦ୍ଧ ପେଡ ତିଆରି କରି ପାରିବେ। ଡ଼ି.ଡ଼ି.ଏମ ନାବାର୍ଡ ସୂଚନା ଦେଇଥିଲେ ଯେ, ଦଳର ସଦସ୍ୟା ମାନେ ଗାଁରେ ଏକ ସଚେତନତା ଅଭିଯାନ କରିପାରିବେ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏକ ଏକ ଗୁରୁତ୍ୱପୂର୍ଣ୍ଣ ଅଟେ। ମେସିନ ଦ୍ୱାରା କିପରି ସାନିଟାରୀ ପେଡ ସିଲାଇ କରିବେ, ଏକ ବୈଷୟିତ୍ୱ ତାଲିମ ଦିଆଯାଉଥିଲା, ଡ଼ି.ଡ଼ି.ଏମ ଙ୍କ ଉପସ୍ଥିତିରେ। ଦଳ ଦ୍ୱାରା ପ୍ରସ୍ତୁତି ଏହି କାର୍ଯ୍ୟକ୍ରମକୁ ଆର କେ ଏସ ଏସ ଅନୁଷ୍ଠାନ ଟିକି ନିଖି ତତ୍ତ୍ୱାବଧାନ କରି କାର୍ଯ୍ୟକ୍ରମକୁ ସଫଳ କରିବ ବୋଲି ଆଶା । ଶେଷରେ ପଞ୍ଚାୟତର ସମସ୍ତ ଓ.ଏଲ.ଏମ ର ସିଆରପି ଓ ଏମବିକେ ଉପସ୍ଥିତି ଥିଲେ ଧନ୍ୟବାଦ ଦିଆଯାଇ କାର୍ଯ୍ୟକ୍ରମ ଶେଷ କରଯାଇଥିଲା।

## ବିଧବାଙ୍କୁ ଗର୍ଭବତୀ କରି ଜେଲ୍ ଗଲେ ୬୩ ବର୍ଷୀୟ ବୃଦ୍ଧ

ଖପ୍ରାଖୋଲ, (ପିପିଏସ୍): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଘୁଚାପାଲି ଗ୍ରାମରେ ଜୈନିକ ବିଧବା(୩୨) ଙ୍କ ସହ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ଅଭିଯୋଗରେ ଜଣେ ୬୩ ବର୍ଷୀୟ ବୃଦ୍ଧ ଜେଲ ଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚା ର ବିଷୟ ପାଲଟିଛି। ସୂଚନା ସୂଚନା ଅନୁଯାୟୀ ଅଭିଯୁକ୍ତ ବୃଦ୍ଧ ଜଣକ ତେଲେନପାଲି ପଞ୍ଚାୟତ ଅନ୍ତର୍ଗତ ଘୁଚାପାଲି ଗ୍ରାମର ପବିତ୍ର ଶଗଡିଆ (୬୩) ବୋଲି ଜଣା ପଡିଛି । ଅଭିଯୋଗ ଅନୁସାରେ ଘୁଚାପାଲି ଗାଁ ର ଜୈନିକ ବିଧବା ଙ୍କୁ ଅଭିଯୁକ୍ତ ବୃଦ୍ଧ ଜଣକ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘ ଦିନ ହେଲା ଶାରୀରିକ ସମ୍ପର୍କ ରଖି ଆସୁଥିଲା। ମହିଳା ୬ ମାସର ଗର୍ଭବତୀ ହୋଇଥିବା ବେଳେ ବୃଦ୍ଧ ଜଣକ ବିବାହ କରିବାକୁ ମନା କରି ଦେଇଥିଲେ। ଏହି



ପରିସ୍ଥିତିରେ ମହିଳା ଜଣକ ନ୍ୟାୟ ଆଶାରେ ଖପ୍ରାଖୋଲ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ଖପ୍ରାଖୋଲ ଥାନା କେସ ନଂ ୫୪/୨୦୨୩ରେ ଗୋଟିଏ ମାମଲା ରୁଜୁ କରି ଅଭିଯୁକ୍ତ ପବିତ୍ର ଶଗଡିଆ କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

## ସାରକୁବନ୍ଧ ଗ୍ରାମରେ ଜନଶିବିର କାର୍ଯ୍ୟକ୍ରମ

ମାଲକାନଗିରି, (ହି.ସ.): ଓଡ଼ିଶା ସରକାର ତଥା ମାଲକାନଗିରି ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ତହସିଲଦାର ଟି.ପଦ୍ମନାଭ ଦୋରାଙ୍କ ନେତୃତ୍ୱରେ ମଙ୍ଗଳବାର ଦିନ ଏକ ଟିମ୍ ରାଲେଗଡ଼ା ପଞ୍ଚାୟତର ସାରକୁ ବନ୍ଧ ଗ୍ରାମରେ ପହଞ୍ଚି ଜନ ଶିବିର କାର୍ଯ୍ୟକ୍ରମ କରିଥିଲେ। ଉକ୍ତ ଶିବିରରେ ରାଲେଗଡ଼ା ସରପଞ୍ଚ କମଲୁ ହନ୍ତାଳ, ଓ୍ୱଡମେମ୍ବର, ଅଙ୍ଗନବାଡ଼ି, ଆଶାକର୍ମୀ, ଶିକ୍ଷକ, ବ୍ଲକ ଏପିଓ ଉଛବ ଗିର, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଶ୍ରୀ ମହାରଣା, ଗ୍ରାମରୋଜଗାର ସେବକ ବଳରାମ ମାଝୀ, ବିଶ୍ୱନାଥ ଖିଲ ଉପସ୍ଥିତ ରହି ସହଯୋଗ କରିଥିଲେ । ଜନଶିବିରରେ ଲୋକମାନେ ଜାତି ପ୍ରମାଣପତ୍ର, ଜନ୍ମ ପ୍ରମାଣପତ୍ର, ମୃତ୍ୟୁ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର ଓ ଆଧାର କାର୍ଡ ଇତ୍ୟାଦି ରାଲେଗଡ଼ା ପଞ୍ଚାୟତବାସୀ ଶିବିରରେ ଆବେଦନ କରିଥିଲେ। ପଞ୍ଚାୟତ ର ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ଏହି ଶିବିରର ଫାଇଦା ନେଇଥିଲେ।

### ପାହାଡ଼ିଆ ରାସ୍ତା ଯୋଗୁଁ ଗ୍ରାମକୁ ଯାଇପାରିଲାନି ଆମ୍ବୁଲାନ୍ସ

# ୪ କି.ମି ଭାରରେ ବୁହାହେଲେ ଗର୍ଭବତୀ

ତେନ୍ତୁଳିଖୁଣ୍ଟି (ହି.ସ): ପାହାଡ଼ିଆ ରାସ୍ତା ହୋଇଥିବାରୁ ଗାଁକୁ ଯାଇ ନପାରି ୪ କିଲୋମିଟର ପୂର୍ବରୁ ଅଟକିଗଲା ଆମ୍ବୁଲାନ୍ସ। ତେଣୁ ପ୍ରସବ ବେଦନାରେ ଛଟପଟ ହେଉଥିବା ଜଣେ ଗର୍ଭବତୀଙ୍କୁ ପାହାଡ଼ିଆ ରାସ୍ତାରେ ଭାରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହାର କିଛି ସମୟ ପରେ ମହିଳା ଜଣଙ୍କ ଏକ ଶିଶୁକନ୍ୟା ପ୍ରସବ କରିଛନ୍ତି। ଏଭଳି ଏକ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅନ୍ତର୍ଗତ ବରଡ଼ାଯୋଡ଼ି ଗ୍ରାମରେ। ସୂଚନା ଅନୁଯାୟୀ, ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ତଥା ପାହାଡ଼ ଉପରେ ଥିବା ବରଡ଼ାଯୋଡି ଗ୍ରାମର ଅମନାଥ ମାଝୀଙ୍କ ପତ୍ନୀ ଜୟନ୍ତୀ ମାଝୀ ଆଜି



ସକାଳେ ପ୍ରସବ ବେଦନା ଅନୁଭବ କରିଥିଲେ। ଏହାପରେ ପରିବାର ଲୋକ ଆଶାକର୍ମୀ ରାଧିକା ନାୟକଙ୍କୁ ଖବର ଦେଇଥିଲେ। ଆଶାକର୍ମୀ ଗର୍ଭବତୀଙ୍କ ଘରକୁ ତୁରନ୍ତ ପହଞ୍ଚି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ପରେ ଆମ୍ବୁଲାନ୍ସ ବରଡ଼ାଯୋଡ଼ି ଗ୍ରାମ ଅଭିମୁଖେ ବାହାରିଥିଲା। କିନ୍ତୁ, ପକ୍କା ରାସ୍ତା ନଥିବାରୁ ୪କିଲୋମିଟର ପୂର୍ବରୁ ସିନ୍ଧିଗୁଡ଼ା ନିକଟରେ ଅଟକି ଯାଇଥିଲା ଆମ୍ବୁଲାନ୍ସ। ବରଡ଼ାଯୋଡ଼ି ଗ୍ରାମବାସୀ ଏହି ଖବର ପାଇବା ପରେ ଜୟନ୍ତୀଙ୍କୁ ଖଟିଆରେ ବୋହି ନେବାପାଇଁ ନିଷ୍ପତ୍ତି ନେଇଥିଲେ। ଶେଷରେ ଜୟନ୍ତୀଙ୍କୁ ଖଟିଆରେ ବୋହି ୪କିଲୋମିଟର ପାହାଡ଼ିଆ ରାସ୍ତା ପାର ପାର ହେବା ପରେ ଆମ୍ବୁଲାନ୍ସ ନିକଟରେ ପହଞ୍ଚିଥିଲେ। ଏହାପରେ ଜୟନ୍ତୀଙ୍କୁ ଆମ୍ବୁଲାନ୍ସ ଯୋଗେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସକାଳ ପ୍ରାୟ ୧୧ଟାରେ ଜୟନ୍ତୀ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଚିକିତ୍ସା ପରେ ମାଆ ଏବଂ ନବଜାତ ଶିଶୁ ସୁସ୍ଥ ଥିବା ଡା. ସଚିକାନ୍ତ ଲେଙ୍କା ପ୍ରକାଶ କରିଛନ୍ତି। ପ୍ରକାଶଥାଉକି, ଗାଁକୁ ରାସ୍ତା ନଥିବାରୁ ବରଡ଼ାଯୋଡ଼ି ଗ୍ରାମବାସୀ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିଥିଲେ। ତଥାପି ଉକ୍ତ ଗ୍ରାମକୁ ପକ୍କା ରାସ୍ତା ଖଣ୍ଡେ ନିର୍ମାଣ ହୋଇପାରିନଥିଲା। ବର୍ତ୍ତମାନ ମନରେଗା ଯୋଜନାରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି।

# ଗୋଷାଣି ପଞ୍ଚାୟତ ସମିତିର ସପ୍ତମ ବୈଠକ

ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ଗୋଷାଣି ପଞ୍ଚାୟତ ସମିତିର ୭ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଶାଣୀ ବ୍ଲକ ଅଧକ୍ଷ ଏନ୍. ବୀରରାଜୁଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗୋଷାଣି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧମ ମାଝୀ, ବ୍ଲକ ଉପାଧକ୍ଷ ଏସ୍.ଅନୁସୂୟା ଦେବୀ, ଜିଲ୍ଲା ପରିଷଦ ସଭ୍ୟ ଏସ୍.ବାଲାରାଜୁ, ସାଂସଦ ପ୍ରତିନିଧି ଏସ୍.ଲିଙ୍ଗରାଜ୍ (ପାରଳାଖେମୁଣ୍ଡି) ତହସିଲଦାର ନାରାୟଣ ବେହେରା ଏବଂ ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟସଭ୍ୟା, ବିଭାଗୀୟ ଅଧିକାରୀ, ବ୍ଲକର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ । ସାଂସଦ ପ୍ରତିନିଧି ଏସ. ଲିଙ୍ଗରାଜ ଆମ୍ବୁଲେନ୍ସ ସେବା, ବିଭିନ୍ନ ପଞ୍ଚାୟତରେ ବିଦ୍ୟୁତ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ଡାକ୍ତର ନିର୍ଯୁକ୍ତି ଉପରେ ଗୁରୁତ୍ୱ ଦେଇ କିପରି ତୁରନ୍ତ ପଦକ୍ଷେପ



ନିଆଯିବ ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବ ତାହା ପାଇଁ ପରାମର୍ଶ ଦେଇଥିଲେ। ଏହି ବୈଠକରେ କୃଷି, କ୍ଷୁଦ୍ର ଜଳସେଚ, ଶିକ୍ଷା, ଉନ୍ନୟନ କାମ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପାନୀୟ ଜଳ, ସ୍ୱାସ୍ଥ୍ୟ, ବିଦ୍ୟୁତ, ପୂର୍ତ୍ତ ବିଭାଗ, ରାଜସ୍ୱ ବିଭାଗ, ଜଳ ବିଭାଜିକା ମୃତିକା ସଂରକ୍ଷଣ, ଜଙ୍ଗଲ ଓ ପରିବେଶ, ପଶୁ ପାଳନ, ମହିଳା ଓ ଶିଶୁ ବିଭାଗ, ଖାଉଟି ଓ ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ ସହ ଅନ୍ୟାନ୍ୟ ବିଷୟକୁ ନେଇ ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ବିଭାଗୀୟ ସ୍ତରୀୟ ସମୀକ୍ଷା ବେଳେ କେତେକ ବିଷୟକୁ ନେଇ ସରପଞ୍ଚ ଓ ସମିତିମାନେ କ୍ଷୁବ୍ଧ ପ୍ରକାଶ କରିଥିବାର ଦେଖିବାକୁ ମିଳିଥିଲା। ସେହିପରି ଅସମ୍ପୂର୍ଣ୍ଣ କାମ ଗୁଡିକୁ ଶେଷ କରିବା, ବିଶେଷ କରି ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ପ୍ରତି ତୁରନ୍ତ ସମାଧାନ କରିବା, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମଚାରୀ ତଥା ଡାକ୍ତରଙ୍କ ଉପସ୍ଥିତ ରହିବା ଆଦି ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ଯେପରି ଆଗାମି ବୈଠକରେ ସମସ୍ୟା ଗୁଡିକର ସମାଧାନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ବିଡିଓ ଶ୍ରୀ ମାଝୀ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର ଭାରପ୍ରାପ୍ତ ଜିପିଇଓ ବିନୋଦ ଗୌଡ ପରିଚାଳନା କରିଥିବାବେଳେ ଉନ୍ନୟନ କାମ ଗୁଡିକର ସବିଶେଷ ବିବରଣୀ ବ୍ଲକ ଉପନିର୍ବାହୀ ଯନ୍ତ୍ରୀ ନିହାର ନାୟକ ପଠନ କରିଥିଲେ । ପରିଶେଷରେ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ଦେଶ ଆଗରେ ପ୍ରଶ୍ନ ନୁହେଁ କିପରି ହିଂସାତ୍ମକ କାର୍ଯ୍ୟ ବନ୍ଦ ହେବ । ପ୍ରଶ୍ନ ହେଉଛି, ଦେଶରେ କିପରି ଉଚ୍ଚ ଆକାଙ୍କ୍ଷା କାର୍ଯ୍ୟ କରିବ ।

-ଡକ୍ଟର ହରେକୃଷ୍ଣ ମହତାବ
(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୫)

ପ୍ରଜାତନ୍ତ୍ର
ତା ୨୧।୦୪।୨୦୨୩ ■ ଶୁକ୍ରବାର

# ଜାତିଗତ ଜନଗଣନା

ଜାତି ଜନଗଣନାର ଦାବି ପୁଣି ତେଜିଛି । କର୍ଣ୍ଣାଟକର କୋଲାରଠାରେ ରବିବାର ଦିନ ହୋଇଥିବା ର୍‍ୟାଲିରେ ରାହୁଲ ଗାନ୍ଧୀ ଏପ୍ରସଙ୍ଗ ଉଠାଇବାପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖରଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖି ଜାତି ଜନଗଣନା କରାଇବା ଲାଗି ଦାବି ଦୋହରାଇଛନ୍ତି । କଂଗ୍ରେସ ନେତାମାନଙ୍କର କହିବା କଥା ହେଉଛି ଭାରତୀୟ ଜନତା ପାର୍ଟି ଯଦି ପଛୁଆବର୍ଗ ବା ଓବିସିଙ୍କ ପ୍ରତି ଏତେ ପ୍ରେମ ଅଛି ତେବେ ତାହା କେବଳ କଥାରେ ସୀମିତ ନ ରଖିବା ଦରକାର ଓ ୨୦୧୧ରେ ହୋଇଥିବା ଜାତି ଜନଗଣନାର ତଥ୍ୟ ଶୀଘ୍ର ସାଧାରଣରେ ପ୍ରକାଶ କରିବା ଆବଶ୍ୟକ । କଂଗ୍ରେସର ଏପ୍ରକାର ଉଚ୍ଚାରଣ ଯେ ଭାଜପାର ଅଭିଯୋଗର ଉତ୍ତର ଏଥିରେ ସନ୍ଦେହ ନାହିଁ । ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ମାନାହନୀ ମାମଲାର ନିର୍ଣ୍ଣୟ ଆସିବା ପରେ ଭାଜପା ନେତାମାନେ ତାଙ୍କ ମୂଳ ବୟାନକୁ ମୋଦୀ ସାଙ୍ଗିଆ ଭିତରେ ସୀମିତ ନ ରଖି ତାହା ପୂରା ଓବିସି ବର୍ଗର ଅପମାନ ବୋଲି ଦର୍ଶାଇ ଆସୁଥିଲା । ତା'ର ଉତ୍ତର ଏବେ କଂଗ୍ରେସ ଦେଇଛି । ଏ ପ୍ରସଙ୍ଗକୁ କଂଗ୍ରେସ ଯେପରି ଭାବେ ଉତ୍ଥାପନ କରିଛି, ତହିଁରୁ ସ୍ପଷ୍ଟ ହୋଇଯାଇଛି ଯେ କେବଳ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ନୁହେଁ ବରଂ ଆଗାମୀ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିରୋଧୀ ଏକତାକୁ ମଜବୁତ କରିବା ଲାଗି ଏହି ପ୍ରସଙ୍ଗକୁ ଏକ କାରକ ଭାବେ ବ୍ୟବହାର କରିବା ଲାଗି ମନସ୍ଥିର କରି ନିଆଗଲାଣି ।

ରାଜନୀତି ଦୃଷ୍ଟିରୁ ଏପ୍ରକାର ନିର୍ଣ୍ଣୟକୁ ଭୁଲ ବୋଲି କୁହାଯାଇ ପାରିବ ନାହିଁ । ଗଣତନ୍ତ୍ରରେ ଯେକୌଣସି ରାଜନୈତିକ ଦଳ ନିଜର ସୁବିଧା ଓ ଇଚ୍ଛା ମୁତାବକ ପ୍ରସଙ୍ଗ ବାଛିବା ଓ ତାହାକୁ ନିର୍ବାଚନ ବେଳେ ବ୍ୟବହାର କରିବାକୁ ସ୍ୱାଧୀନତା ପାଇଛି । କିନ୍ତୁ ଏପରି ଘଟୁଥିବା କାରଣରୁ ଦେଶର ଅନେକ ଜରୁରୀ ପ୍ରସଙ୍ଗ କେବଳ ଉତ୍ଥାପନ, ଗର୍ଜନ ତର୍ଜନ ଭିତରେ ରହିଯାଉଛି । ଜାତି ଜନଗଣନାକୁ ନେଇ କଂଗ୍ରେସର ଏବେକାର ଦୃଷ୍ଟିକୋଣ ମଧ୍ୟ କିଛିମାତ୍ରାରେ ତାହାକୁ ହିଁ ଇଙ୍ଗିତ କରୁଛି । ୨୦୧୧ରେ ଜାତି ଜନଗଣନାର ନିର୍ଣ୍ଣୟ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରଙ୍କ କାର୍ଯ୍ୟକାଳରେ ହୋଇଥିଲା । ସେବେ ତାହାର ତଥ୍ୟ ତଥା ପରିସଂଖ୍ୟାନ ସାଧାରଣରେ ପ୍ରକାଶ କରାଯାଇ ନଥିଲା । ୨୦୧୪ରେ କ୍ଷମତାକୁ ଆସିଥିବା ନରେନ୍ଦ୍ର ମୋଦୀ ସରକାର ମଧ୍ୟ ସେଇ ଦୃଷ୍ଟିକୋଣ ଗ୍ରହଣ କରିଆସିଛି । କଂଗ୍ରେସ ଏବେ କହୁଛି ଜନଗଣନାର ପରିସଂଖ୍ୟାନ ପ୍ରସ୍ତୁତ କରାଯିବା ପରେ ତାହାକୁ ଜାରି କରିବା ପାଇଁ ସମୟ ଯେତେବେଳେ ହେଲା, ସେତେବେଳକୁ ୟୁପିଏ ସରକାର ଆଉ ନଥିଲା । ଏନଡିଏ ସରକାର କ୍ଷମତାକୁ ଆସିଯାଇଥିଲା । ଏହାକୁ କଂଗ୍ରେସର ୟୁ-ଟର୍ଣ୍ଣ କୁହାଯାଇପାରେ କିନ୍ତୁ ଆଜିର ଦିନରେ ଯେ ସେ ଦଳ ଜାତିଜନଗଣନା ସପକ୍ଷରେ ଅନ୍ୟ ବିରୋଧୀଦଳମାନଙ୍କର ଦାବି ସହିତ ଛିଡ଼ା ହେଉଥିବା ଦେଖିବାକୁ ମିଳିଛି । ଏହା ଫଳରେ ଭାଜପାର ଅଡୁଆ ଆଉ କିଛିମାତ୍ରାରେ ବଢ଼ିବ ବୋଲି କୁହାଗଲାଣି ।

ଏହାଫଳରେ ଭାରତୀୟ ଜନତା ପାର୍ଟିର ଅସୁବିଧା ଆହୁରି କିଛି ବଢ଼ିଯାଇଛି କାରଣ ବିହାରରେ ପ୍ରାୟ ସବୁ ରାଜନୈତିକ ଦଳମାନେ ନିଜକୁ ଏହି ଦାବି ସପକ୍ଷରେ ଥିବା ଦର୍ଶାଇବା ସତ୍ତ୍ୱେ କେନ୍ଦ୍ର ସରକାରରେ ଥିବା ଭାଜପା ସରକାରକୁ ବିହାରର ଭାଜପା ରାଜ୍ୟ ଶାଖା ବୁଝାଇବାକୁ ଅସମର୍ଥ ହୋଇଛି । ଯଦିଓ ସବୁ ରାଜନୈତିକ ଦଳ ପରସ୍ପରର ଅସୁବିଧା ଯେତେ ବଢ଼ାଇବା କି ଛିଡ଼ାଇବା ସତ୍ତ୍ୱେ, ପ୍ରସଙ୍ଗକୁ ଏକ ଯୁକ୍ତିଯୁକ୍ତ ପରିଣତି ଯାଏ ନେଇ ପହଞ୍ଚାଇବା ସେଯାଏ ସମ୍ଭବପର ହେବନାହିଁ, ଯେପର୍ଯ୍ୟନ୍ତ ରାଜନୈତିକ ଦଳମାନଙ୍କର ସଂକଳ୍ପ ଏ ନେଇ ସ୍ପଷ୍ଟ ନ ହୋଇଛି ଏବଂ ସେମାନେ ଏହା ସ୍ୱକ୍ଷରେ ମତ ଗଠନ ନ କରିଛନ୍ତି । ବାସ୍ତବରେ ଏହି ଦଳଗୁଡ଼ିକ ସେ ସଂକଳ୍ପର ଅଂଶୀଦାର ହୋଇଛନ୍ତି କି ନାହିଁ, ତାହା ଲୋକଙ୍କ ଭୋଟ୍ ଜରିଆରେ ଆଗାମୀ ନିର୍ବାଚନରେ ହିଁ ଜଣାପଡ଼ିବ । ଲୋକେ, ସେ ଦଳମାନଙ୍କ ବକ୍ତବ୍ୟ, ଦାବିକୁ କେତେମାତ୍ରାରେ ବିଶ୍ୱାସକୁ ନେଇଛନ୍ତି, ତାହା ଭୋଟ ଦ୍ୱାରା ହିଁ ପ୍ରମାଣିତ ହେବ । ▢▢

—ଭର୍ତ୍ତୃହରି ମହତାବ

# ସେ ପଥର ନୁହେଁ

ଶାସ୍ତ୍ରଗୁଡ଼ିକ ଜୀବନ ବାର୍ତ୍ତା ବହନ କରିଥାନ୍ତି । ଭଗବାନଙ୍କ ମୂର୍ତ୍ତିଗୁଡ଼ିକ ଜୀବନ୍ତ ଶିକ୍ଷା ପ୍ରଦାନ କରିଥାନ୍ତି । ସେମାନେ କାଠ ବା ପଥର ନୁହଁନ୍ତି । ଥରେ ରାଣୀ ରାସମଣୀଙ୍କ କୃଷ୍ଣ ମନ୍ଦିରର କୃଷ୍ଣ ମୂର୍ତ୍ତିର ଗୋଡିଟି ଭାଙ୍ଗିଗଲା । ଅନେକେ ପରାମର୍ଶ ଦେଲେ ଯେ ସେ ମୂର୍ତ୍ତି ଆଉ ପୂଜା ହୋଇପାରିବ ନାହିଁ । କିନ୍ତୁ ଶ୍ରୀରାମକୃଷ୍ଣ ପରମହଂସ ଏ ପ୍ରକାର ପରାମର୍ଶକୁ ସମର୍ଥନ କଲେନାହିଁ । ସେ ପଚାରିଲେ ଆଜି ଯଦି ଆପଣଙ୍କ ଜ୍ୱାଇଁ ମାଥୁରବାବୁଙ୍କ ଗୋଡ ଭାଙ୍ଗି ଯାଇଥାନ୍ତା ଆପଣ କ'ଣ ତାଙ୍କୁ ପରିତ୍ୟାଗ କରି ଦେଇଥାନ୍ତେ ? ମୂର୍ତ୍ତିଟିକୁ ଆଉ ଥରେ ସଜାଡ଼ି, ମରାମତି କରି ପୂଜା କରିବାକୁ ସେ ଉପଦେଶ ଦେଲେ । ନିଜ ବୃତ୍ତି ଅନୁସାରେ କାମ କର । ନିଜ ସହ ବା ନିଜ ଆଦର୍ଶ ସହ ମିଥ୍ୟାଚାର କରନାହିଁ । ତୁମେ ଯେଉଁ ଆଦର୍ଶ କଥା କହୁଛ ତାହା ଯଦି କାମରେ କଲ ନାହିଁ ତେବେ ତାହା ଗୋଟିଏ ଭୀରୁତା । ତୁମେ କହୁଛ ଯେ ବାବା ସବୁ କିଛି ଜାଣି ପାରନ୍ତି ଓ ଦେଖି ପାରନ୍ତି, କିନ୍ତୁ ପୁଣି ବେଳେ ବେଳେ ବାବା ଏଠାରେ ନାହାନ୍ତି ବୋଲି ଭାବି କିଛି ଭୁଲ କାମ କରି ପକାଇ ଥାଅ । ଦେବମୂର୍ତ୍ତିକୁ ଜୀବନ୍ତ ଭାବି ପୂଜା କରୁଛ କିନ୍ତୁ କେହି ଜାଣିବେ ନାହିଁ ବୋଲି କିଛି ଜିନିଷ ସେଇ ମୂର୍ତ୍ତି ପଛରେ ଲୁଚାଇ ଦେଇ ପାରୁଛ ।

ଶାସ୍ତ୍ର ଆମ୍ଭମାନଙ୍କୁ ଦେଉଥିବା ସବୁ ମୂଲ୍ୟବାନ ବାର୍ତ୍ତା ହେଉଛି 'ତୁମର ସ୍ୱାଭାବିକ କର୍ମ କରିଯାଅ, ନୀତି ଦୃଷ୍ଟିରୁ ଯାହା କରିବା କଥା ତାହା ସମ୍ପାଦନ କରିଯାଅ, ଅଧିକାର ମୁତାବକ ଜୀବନ ଯାପନ କର । କିନ୍ତୁ ଆସକ୍ତି ବଢ଼ିବାକୁ ଦିଅ ନାହିଁ । ପରିବାର, ଧନ ସମ୍ପତ୍ତି, ଖ୍ୟାତି, ଜ୍ଞାନ ଏବଂ କୌଶଳ ଏସବୁ ବାବଦରେ ନିଜକୁ ଜଣେ ଜିମ୍ମାଦାର ଭାବେ ଭାବ । ଯେତେବେଳେ ଆର ପାରିରୁ ଡାକରା ଆସିବ ସେତେବେଳେ ଏସବୁକୁ ପଛରେ ପକାଇ ଆନନ୍ଦରେ ବାହାରି ପଡ଼ । ଜୀବନରେ ଯେତେ ଶୀଘ୍ର ଶୃଙ୍ଖଳାଭ୍ୟାସ କରାଯାଏ ସେତେ ଭଲ । ଏ ସବୁକୁ ବୃଦ୍ଧି ବୟସକୁ ରଖିବା ଠିକ ନୁହେଁ । ସେତେବେଳକୁ ଏ ଦେହ ବୟସାଧିକ୍ୟ ହେତୁ ଦୁର୍ବଳ ଓ ପ୍ରାୟ ଅକାମୀ ହୋଇ ଯାଇଥିବ । ଅନେକେ ଲୋକ ତାଙ୍କ ପିଲାମାନଙ୍କୁ ସାଧୁସନ୍ଥ ବା ପବିତ୍ର ଗ୍ରନ୍ଥ ମାନଙ୍କ ଠାରୁ ଦୂରରେ ରଖିବାକୁ ଚେଷ୍ଟା କରନ୍ତି । ସେମାନଙ୍କର ଭୟ ଯେ କାଳେ ପିଲା ବୟସରୁ ସେମାନେ ଏସବୁକୁ ଭଲ ପାଇଯିବେ । କିନ୍ତୁ ଏ ବିଷୟରେ କୌଣସି ବେଳ ଅତିଶୀଘ୍ର ନୁହେଁ । ତୁମେ ଯେତେବେଳେ ଆରମ୍ଭ କରି ସେଇଟି ବିଳମ୍ବ ବୋଲି ଭାବ । କାରଣ କିଏ କହି ପାରିବ କେତେବେଳେ ଜୀବନର ଶେଷ ପର୍ଦ୍ଦାଟି ପଡ଼ିଯିବ ?

ସନ୍ତୋଷ କୁମାର ସାହୁ,
ଯାଜପୁର

# ଭାରତରେ ନିର୍ବାଚନ ସଂସ୍କାର

**ଡ. ସୀତାକାନ୍ତ ତ୍ରିପାଠୀ**

ଆଗାମୀ ୨୦୨୪ ମସିହାର ନିର୍ବାଚନ ପାଖେଇ ଆସୁଥିବା ବେଳେ ନିର୍ବାଚନ ପଦ୍ଧତିକୁ ନେଇ ଅନେକଙ୍କ ମନରେ ବିଭିନ୍ନ ପ୍ରଶ୍ନ ସୃଷ୍ଟି ହୋଇଛି । କଥା ହେଉଛି ଆମ ନିର୍ବାଚନ ପଦ୍ଧତିରେ ଗଣତାନ୍ତ୍ରିକ ଦୃଷ୍ଟିଭଂଗୀ ରହିବା ବାଞ୍ଛନୀୟ କାରଣ ସମଗ୍ର ପୃଥିବୀରେ ଭାରତ ଏକ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଯାହା ସମସ୍ତ ନାଗରିକଙ୍କୁ ସମାନ ଭାବରେ ଭୋଟ ଦେବାର ଅଧିକାର ପ୍ରଦାନ କରିଛି । ୧୯୪୭ -୫୨ ମସିହାର ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ପରଠାରୁ ଭାରତରେ ଏପର୍ଯ୍ୟନ୍ତ ୧୭ଥର ଲୋକସଭା ନିର୍ବାଚନ କରାଯାଇ ସାରିଛି । ଅବାଧ, ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନ ପରିଚାଳନା କରିବା ହେଉଛି ନିର୍ବାଚନ ଆୟୋଗଙ୍କ ଆଭିମୁଖ୍ୟ । ଯାହାକୁ ସଫଳ କରିବା ବର୍ତ୍ତମାନ ପର୍ଯ୍ୟନ୍ତ ଏକ ଚାଲେଞ୍ଜ ହୋଇ ରହିଆସିଛି । ବର୍ତ୍ତମାନ ଦେଶରେ ୮ଟି ଜାତୀୟ ରାଜନୈତିକ ଦଳ ଥିବା ବେଳେ ୫୭ଟି ଆଞ୍ଚଳିକ ଦଳ ଅଛନ୍ତି । ଉଭୟ ଏକକ ସଂଖ୍ୟାଗରିଷ୍ଠ ଦଳ ଦ୍ୱାରା ସରକା ଗଠନ ଓ ମିଳିତ ସରକାରର ଅନୁଭୂତି ଭାରତ ଆହରଣ କରିସାରିଛି । ଭୋଟ୍ ପରିଚୟପତ୍ର, ଇଭିଏମ୍, ଭିଭିପିଏଟି, ନୋଟା ଆଦି ଅଭିନବ ପଦକ୍ଷେପ ମାଧ୍ୟମରେ ବିଭିନ୍ନ ନିର୍ବାଚନ ସଂସ୍କାର ଆଣିବା ପାଇଁ ପ୍ରୟାସ ଜାରି ରହିଛି । ଏହା ବ୍ୟତିତ ଲୋକସଭା, ବିଧାନସଭା ଓ ବିଭିନ୍ନ ପଞ୍ଚାୟତ ନିର୍ବାଚନ ଲଢୁଥିବା ପ୍ରାର୍ଥୀ ଓ ଦଳମାନଙ୍କ ନିର୍ବାଚନ ପାର୍ଣ୍ଣି ଖର୍ଚ୍ଚ ଉପରେ କଟକଣା ଲଗାଇ ଏହାକୁ ସ୍ୱଚ୍ଛ କରିବା ପାଇଁ ଚେଷ୍ଟା ଚାଲିଛି । ୨୦୨୨ ମସିହା ପ୍ରାରମ୍ଭରେ ନିର୍ବାଚନ ଆୟୋଗ ବୃହତ୍ତମ ରାଜ୍ୟମାନଙ୍କରେ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କର ସର୍ବାଧିକ ଖର୍ଚ୍ଚ ଯଥାକ୍ରମେ ୯୫ଲକ୍ଷ ଟଙ୍କା ଓ ୭୫ ଲକ୍ଷ ଟଙ୍କା ଧାର୍ଯ୍ୟ କରିଥିବା ବେଳେ କ୍ଷୁଦ୍ରତମ ରାଜ୍ୟମାନଙ୍କ ପାଇଁ ଉକ୍ତ ରାଶିକୁ ୪୦ଲକ୍ଷ ଓ ୨୮ ଲକ୍ଷ ଟଙ୍କା ମଧ୍ୟରେ ସୀମିତ ରଖିଛନ୍ତି ।

କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲାବେଳେ ସମସ୍ତ ଜାତୀୟ ଓ ଆଞ୍ଚଳିକ ଦଳମାନଙ୍କ ବୈଠକ ଡାକିବା ହେଉଛି ଭାରତର ନିର୍ବାଚନ ଆୟୋଗଙ୍କ ବିଶେଷତ୍ୱ । ବର୍ତ୍ତମାନ ପରିପ୍ରେକ୍ଷୀରେ ଭୋଟ୍ ହାର ବଢାଇବା ପାଇଁ ଆୟୋଗ ନିରବଚ୍ଛିନ୍ନ ପ୍ରଚେଷ୍ଟା କରିଆସୁଛନ୍ତି । ନିର୍ବାଚନ ଇତିହାସରେ ୨୦୧୯ ମସିହା ନିର୍ବାଚନରେ ସର୍ବାଧିକ ୬୭.୧୧ ପ୍ରତିଶତ ମତଦାନ ହୋଇଥିଲା । ଯେଉଁଥିରେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ୦.୧୭ ପ୍ରତିଶତ ଅଧିକ ଭୋଟ ଦେଇଥିଲେ । ନିର୍ବାଚନରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟ ନେଇ ଉକ୍ତ ନିର୍ବାଚନ ସମୟରେ ତାମିଲ୍‌ନାଡୁର ଭେଲୋର୍ ନିର୍ବାଚନକୁ ସ୍ଥଗିତ କରାଯାଇଥିଲା ଯାହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ନିଷ୍ପତ୍ତି ହିସାବରେ ଗ୍ରହଣ କରାଯାଏ । ଆମ ଦେଶରେ ଶତ ପ୍ରତିଶତ ଭୋଟ୍ ସତେ ଯେପରି ଏକ ସ୍ୱପ୍ନ ଭଳି ମନେ ହୁଏ । ତେବେ ବିଭିନ୍ନ ସ୍ଥାନରେ, ବିଭିନ୍ନ ସମୟରେ ଭୋଟ୍ ହାରରେ ହ୍ରାସ ବୃଦ୍ଧି ଘଟିଆସିଅଛି । ଏହା ପଛରେ ମୁଖ୍ୟ କାରଣମାନଙ୍କ ମଧ୍ୟରେ ଅଛି ପ୍ରବାସ, ରୋଗ ଓ ବନ୍ଦୀତ୍ୱ । ଉଭୟ ସମୟ ଓ ଆର୍ଥିକ ଦୃଷ୍ଟିକୋଣରୁ ପ୍ରବାସୀମାନେ ପ୍ରାୟତଃ ଭୋଟ୍ ଦେବାରେ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଅନେକ ସମୟରେ ନିଜର ଭବିଷ୍ୟତ ଆଶା ଓ ବିଭିନ୍ନ ସରକାରୀ ଅନୁଦାନ ହାତେଇବା ଲକ୍ଷ୍ୟ ନେଇ ପଞ୍ଚାୟତ ନିର୍ବାଚନ ମାନଙ୍କରେ ସେମାନଙ୍କର ଅଂଶଗ୍ରହଣ ଅଧିକ ଥାଏ । ପ୍ରବାସୀମାନଙ୍କର ଭୋଟ୍ ଦେବାରେ ଅସୁବିଧାକୁ ଦୃଷ୍ଟିରେ ରଖି ମାନ୍ୟବର ସୁପ୍ରିମକୋର୍ଟ ଉପଯୁକ୍ତ ପଦକ୍ଷେପ ନେବାପାଇଁ ଭାରତୀୟ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯାହାକୁ ଆଧାର କରି ଆୟୋଗ ଗତ ଜାନୁଆରୀ ୧୬ ତାରିଖ ଦିନ "ରିମୋଟ ଭୋଟିଂ ମେସିନ୍" ସମ୍ପର୍କରେ ଅବଗତ କରାଇବା ପାଇଁ ସର୍ବଦଳୀୟ ବୈଠକ ଡକାଇଥିଲେ । ଅନେକ ରାଜନୈତିକ ଦଳ ଏହାର ଔପଚାରିକତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇ ବିରୋଧ କରିଆସିଛନ୍ତି । ପ୍ରଥମତଃ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରବାସୀମାନଙ୍କ ସଂଖ୍ୟା ଉପରେ କୌଣସି ରାଜ୍ୟ ସରକାରଙ୍କ ପାଖରେ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ । ଦ୍ୱିତୀୟତଃ ଯେଉଁମାନେ ଋତୁକାଳୀନ ପ୍ରବାସୀ ଅଛନ୍ତି, ସେମାନଙ୍କୁ ଚିହ୍ନଟ କରିବା ଏକ କାଠିକର ପାଠ । ତୃତୀୟତଃ ଯେହେତୁ ପ୍ରବାସୀମାନେ କାମ କରୁଥିବା ଅଞ୍ଚଳରେ ଅଧିକାଂଶ ସମୟ ବିତାଇଥାଆନ୍ତି, ତେଣୁ ପୈତୃକ ବାସଗୃହ ଆଧାରରେ ଭୋଟ ଦେବା ନୈତିକତା ଦୃଷ୍ଟିକୋଣରୁ ଗର୍ହିତ । କିଛି ଆଞ୍ଚଳିକ ଦଳ ଯଥା – ଶିବସେନା,ଜେ.ଏମ.ଏମ ଓ ଜେଡିୟୁର ନିର୍ବାଚନୀ ଚିହ୍ନ ପ୍ରାୟତଃ ସମାନ ହୋଇଥିବାରୁ ଏହା ଭୋଟରମାନଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରିବାର ସମ୍ଭାବନା ରହିଛି । ଏହାବାଦ, ଆଗାମୀ ନିର୍ବାଚନରେ ନିର୍ବାଚନ ଆୟୋଗ ସମସ୍ତ ପ୍ରାର୍ଥୀମାନଙ୍କ ପାଇଁ ପ୍ଲାଟ୍‌ଫର୍ମ ବକ୍ତବ୍ୟର ବ୍ୟବସ୍ଥା କରି ପାରିଲେ ହୁଏତ, ଭୋଟରମାନେ ବିଭିନ୍ନ ନିର୍ବାଚନୀ ପ୍ରସଙ୍ଗ ସହିତ ସିଧାସଳଖ ଅବଗତ ହୋଇପାରନ୍ତେ ଏବଂ ନିର୍ବାଚନୀ ଖର୍ଚ୍ଚ ମଧ୍ୟ ସୀମିତ ହୋଇପାରନ୍ତା । ମାନବାଧିକାର ଦୃଷ୍ଟିକୋଣରୁ ଲୋକ ପ୍ରତିନିଧି ଆଇନ୍ ୧୯୫୧ ଧାରା ୬୨ (୫)ରେ ସଂଶୋଧନ କରି ପୋଲିସ୍ ହାଜତ ଓ ଜେଲ୍‌ରେ ଥିବା କଏଦୀମାନଙ୍କର ମାନସିକ ଭାବେ ସୁଧୁରିବା ଅବସ୍ଥାକୁ ଲକ୍ଷ୍ୟ କରି ଭୋଟ୍ ଦେବାର ବିକଳ୍ପ କଥା ମଧ୍ୟ ଚିନ୍ତା କରିବାର ସମୟ ଆସିଛି । ନିର୍ବାଚନ ସଂସ୍କାର ଏକ ବହୁମୁଖୀ ଏବଂ ସମୟସାପେକ୍ଷ ନିଷ୍ପତ୍ତି, ଯାହାକୁ ସମସ୍ତ ଦିଗରୁ ଚିନ୍ତାକରି ଉପଯୁକ୍ତ ସମୟରେ ଗ୍ରହଣ କଲେ ଭାରତୀୟ ନିର୍ବାଚନ ସ୍ୱଚ୍ଛ ହେବା ସହିତ ପ୍ରକୃତ ଭାବରେ ସ୍ୱଚ୍ଛ ଏବଂ ସାର୍ବଜନୀନ ହୋଇପାରିବ ।

ମୋ: ୯୭୭୮୭୬୪୩୯୪

# ଆତ୍ମକାହାଣୀ ଅନ୍ତେ ବୈଷ୍ଣବ ପାଣି

**ଅଭୟ କୁମାର ଦାସ**

ପ୍ରତ୍ୟେକ ମହାପୁରୁଷଙ୍କ ଆତ୍ମକାହାଣୀ ସତ୍ୟ ଓ ତଥ୍ୟକୁ ନେଇ ଆଧାରିତ । ଏସବୁ ଆତ୍ମ ଲିପି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ । ଗୀତିନାଟ୍ୟ ଜଗତର ମଉଡମଣି ଗଣକବି ବୈଷ୍ଣବ ପାଣି ନିଜେ ଲେଖିଥିବା 'ପାଣି କବିଙ୍କର ଆତ୍ମକାହାଣୀ' ୧୯୫୫ ମସିହାରେ ତାଙ୍କ ନାତୁଣୀ ଜାମାତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସହାୟତାରେ କଟକର ପ୍ରକାଶକ ଶ୍ରୀ ଗୋବିନ୍ଦ ସାହୁଙ୍କ ଦ୍ୱାରା ପ୍ରକାଶ ପାଇଥିଲା । ତାଙ୍କ ଆତ୍ମକାହାଣୀରେ ସେ ସେତେବେଳେ ଧର୍ମାନ୍ଧ ଓ ପ୍ରତିକ୍ରିୟାଶୀଳ ମୌଳବାଦୀ ସମାଜକୁ ଭୂକ୍ଷେପ ନକରି ସମସ୍ତ ଗୁପ୍ତ ଓ ଅଙ୍ଗେଲିଭା କାହାଣୀକୁ ପ୍ରକାଶ କରିଥିଲେ ଯାହାକି ତତ୍କାଳୀନ ସମ୍ଭ୍ରାନ୍ତ ସାହିତ୍ୟିକ ମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ମାତ୍ର ୧୯୫୫ ମସିହା ଅର୍ଥାତ୍ ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ ପ୍ରକାଶ ହେବା ପରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଯାହାକି ୧୯୫୬ ମସିହା ବୈଶାଖ ଅମାବାସ୍ୟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କ ମୁଖରୁ ଯାହା ଶୁଣିବାକୁ ମିଳେ ତାହା ଅତି କରୁଣ ଓ ହୃଦୟ ବିଦାରକ ।

ବୈଷ୍ଣବ ପାଣି ବାପା-ମାଆଙ୍କ ଦ୍ୱାରା ଲୀଳା ପଣ୍ଡାଙ୍କୁ ବିବାହ କଲା ପରେ ବି ସେଇ ଗ୍ରାମର ଶ୍ରୀ ଦଧି ସେଠୀଙ୍କ କନ୍ୟା ହାରାମଣି ସହ ମିଳାମିଶାକୁ ବରଦାସ୍ତ ନକରି ଗ୍ରାମବାସୀମାନେ ଛତିଶିପାଟକ ସଭା ଡାକି ବୈଷ୍ଣବ ପାଣିଙ୍କ ଘରକୁ ବାଛନ୍ଦ କଲାପରେ ସେ ଜିଦିଖୋର ମନୋଭାବ ପୂର୍ବକ ହାରାମଣିକୁ ବରମାଳା ଦେଇ ବିବାହ କରି ବିରୂପା ନଈ କୂଳରେ ଘର କରି ରହିଲେ । ସେତେବେଳେ ବୈଷ୍ଣବ ପାଣି ନାଟ୍ୟ ଜଗତରେ ବେଶ ସୁନାମ ଅର୍ଜନ କରି ସାରିଥିଲେ ଓ ଅନେକ କଳାକାର, ବାଦ୍ୟକାର ତଥା ଯାତ୍ରା ପ୍ରେମୀଙ୍କର ତାଙ୍କ ଘରକୁ ଆତଯାତ ଥିଲା । ଏତଦବ୍ୟତୀତ ନିଜେ ହାରାମଣି ବୈଷ୍ଣବ ପାଣିଙ୍କୁ ବାଛନ୍ଦ ଜନିତ ବାଧାବିଘ୍ନକୁ ଅନୁଭବ କରାଇ ଦେଉ ନଥିଲେ । ମାତ୍ର ହାରାମଣିର ଦେହାନ୍ତ ପରେ 'ପାଣି-ହାରାମଣି' ସର୍ତ୍ତ ଅନୁସାରେ ବିରୂପା ନଦୀ କୂଳରେ ସମାଧିଟିଏ ଗଢ଼ି ବୈଷ୍ଣବ ନିଜ ପୈତୃକ ଗୃହକୁ ଚାଲି ଆସିଥିଲେ । ତା ପୂର୍ବରୁ ତାଙ୍କ ବାପା-ମାଆ ଓ ପ୍ରଥମ ସ୍ତ୍ରୀ ନୀଳାଦେବୀଙ୍କ ଦେହାନ୍ତ ହୋଇ ସାରିଥିଲା ।

ସେତେବେଳକୁ ତାଙ୍କ ବୟସ ଅପରାହ୍ନରେ ପହଞ୍ଚି ସାରିଥିଲା । ଯାତ୍ରା ଦଳରେ କାମ କରିବାକୁ ସେ ସକ୍ଷମ ନଥିଲେ । ଏଣୁ ଅର୍ଥାଭାବ ଓ ବାଛନ୍ଦ ତାଙ୍କୁ ରସାତଳକୁ ଠେଲି ଦେଇଥିଲା । ସେତେବେଳେ ସେ କେବଳ ପ୍ରେୟସୀ ହାରାମଣିଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଯାଇଥିଲେ । ଗାଁର କୌଣସି ଲୋକ ତାଙ୍କୁ ଛୁଇଁବା ତ ଦୂରର କଥା ଆଡ଼ ଆଖିରେ ବି ଚାହୁଁ ନଥିଲେ । ତାଙ୍କର ଅତିପ୍ରିୟ ଶିଷ୍ୟ ଶ୍ରୀ ଯୋଗେନ୍ଦ୍ର ମିଶ୍ର ଜାତି ଚାଲିଯିବା ଭୟରେ ପୂର୍ବଭଳି ତାଙ୍କ ଘରକୁ ଯିବା ଆସିବା ବନ୍ଦ କରିଦେଲେ । ଦିନ ଦିନ ଧରି ସେ ଖାଇବା ବିନା ଉପବାସ ରହୁଥିଲେ । ଦେହ ପାଇଁ ଔଷଧ କିଣିବାକୁ ପଇସାଟିଏ ପାଇଲେନି । ଇଚ୍ଛା ଥିଲେ ବି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରି ପାରିଲେନି । ଯେଉଁ ବୈଷ୍ଣବ ପାଣିଙ୍କୁ ଟିକେ ଦେଖିବା ପାଇଁ ଲୋକେ ଧାଡ଼ି ବାନ୍ଧୁଥିଲେ ବୈଷ୍ଣବ ପାଣି ଯାତ୍ରାକୁ ଦେଖିବା ପାଇଁ ରାତି ରାତି ଅନିଦ୍ରା ହୋଇ ରୁଣ୍ଡ ହେଉଥିଲେ । ସେ ହି ବୈଷ୍ଣବ ପାଣି କିନ୍ତୁ ସମାଜ ପାଇଁ ଅଲୋଡ଼ା ହୋଇଗଲେ । ସେ ଅଚଳ ଅବସ୍ଥାରେ ନିଜ ଖଣ୍ଡିଆ କୁଡ଼ିଆ ଘରେ ପଡ଼ିରହିଲେ ।

ଯୁଗେ ଯୁଗେ ଗୁରୁଶିଷ୍ୟ ସମ୍ପର୍କର ପବିତ୍ରତା ରହିଆସିଛି ଓ ରହିବ ମଧ୍ୟ । ସେହି ମର୍ମରେ ତାଙ୍କ ପ୍ରିୟ ଶିଷ୍ୟ ଯୋଗୀ ମିଶ୍ର ତାଙ୍କ ଗୁରୁ ବୈଷ୍ଣବ ପାଣିଙ୍କୁ ଛାଡ଼ି ସମ୍ଭାଳି ରହିଥାନ୍ତେ କେମିତି ! ଗୁରୁଙ୍କର ଏ ଅବସ୍ଥା ସମ୍ବନ୍ଧୀୟ ଖବର ପାଇ ତତ୍କାଳୀନ କୋଠପଦା ମଠ ମହନ୍ତ ତପୋନିଧି ରାମନାଥ ପୁରୀ ଗୋସ୍ୱାମୀଙ୍କୁ ଧରି ବୈଷ୍ଣବଙ୍କ କୁଡ଼ିଆ ଘରେ ଆସି ପହଞ୍ଚିଛନ୍ତି ଓ ମଠ ପ୍ରସ୍ତୁତ ରଘୁନାଥଜୀଉଙ୍କ ପ୍ରସାଦ ସେବନ କରାଇ ମହନ୍ତ ଗୋସ୍ୱାମୀଙ୍କ ଦ୍ୱାରା ଅଛୁଆଁରୁ ମୁକ୍ତ ହୋ ଜାତିରେ ମିଶିଯିବାକୁ ପ୍ରସ୍ତାବ ଦେଇଛନ୍ତି । ଚାରିଦିନ ହେବ ଭୋକ ଉପବାସରେ ପଡ଼ି ରହିଥିବା ବୈଷ୍ଣବ ପ୍ରସାଦ ସେବନ କରି ପ୍ରିୟ ଶିଷ୍ୟ ଯୋଗେନ୍ଦ୍ର ମିଶ୍ରକୁ ଅର୍ଜସ ଆଶୀର୍ବାଦ ଢ଼ାଳି ଦେବା ସହ ମହନ୍ତ ଗୋସ୍ୱାମୀଙ୍କୁ ଧନ୍ୟବାଦ ପ୍ରଦାନ କଲେ ସତ; ମାତ୍ର ଜାତି ଆଉ ଅଛୁଆଁ ବାବଦରେ ଥର ଥର କଣ୍ଠରେ କହିଲେ 'ଜାତି କାହାକୁ କହୁଛନ୍ତି ଗୋସେଇଁ ! ମୋ ମତରେ ତ ଜାତି ହେଉଛି ଦୁଇଟା, ଗୋଟାଏ ପୁରୁଷ ଜାତି ଅନ୍ୟଟି ନାରୀ ନାରୀ ଜାତି । ମୋ ବାପା ମା ଜନ୍ମ ଦିନରୁ ହିଁ ମୋତେ ପ୍ରଭୁ ଜଗନ୍ନାଥଙ୍କ ବଡ଼ ଛତା ତଳେ ବୈଷ୍ଣବ କରି ଦେଇଛନ୍ତି । କଥାରେ ପରା ଅଛି, ବାର ଜାତି ତେର ଗୋଲା ବୈଷ୍ଣବ ହେଲେ ସବୁ ଗଲା । ଏହାଛଡ଼ା ମଣିଷ, ଜୀବନରେ କେବଳ ଦୁଇଥର ଅଛୁଆଁ ହୋଇଥାଏ । ଥରେ ନିଜେ ଜନ୍ମ ହେଲା ବେଳେ ଆଉ ଥରେ ମରିଗଲା ବେଳେ । ମୁଁ ଲୋକମାନଙ୍କୁ ବହୁତ ଭଲ ପାଏ । ଏଇ ମାନଙ୍କ ପାଇଁ ମୁଁ କେତେ ଗୀତିନାଟ୍ୟ, ଭଜନ ଜଣାଣ, ଫାର୍ସ ଲେଖିଛି, ଗାଇଛି, ନାଚିଛି । ମୋର ଏ ଘରକୁ ପାଠାଗାର କରିବା ପାଇଁ ଶିକ୍ଷାମନ୍ତ୍ରୀ ଡ.ରାଧାନାଥ ରଥଙ୍କୁ ଚିଠି ଲେଖିଛି । ଆଜି ମୋର ଏ ଶେଷ ଅବସ୍ଥାରେ ମୋତେ କେହି ଆଡ଼ ଆଖିରେ ଚାହୁଁ ନାହାଁନ୍ତି । ସମସ୍ତେ ମୋତେ ଘୃଣା କରୁଛନ୍ତି । ମୁଁ ମଲା ପରେ ମୋତେ ବୋଧ ହୁଏ କେହ ମନେରଖିବେ ନାହିଁ । ମୋ ଗୀତିନାଟ୍ୟ, ଭଜନ, ଜଣାଣ କେହି ପଢ଼ିବେନି କି ଦେଖିବେନି !!!

ଲୋକଙ୍କୁ ହସଉଥିବା ମଜଉଥିବା ମନୋରଞ୍ଜନର ଖୋରାକ ଯୋଗାଉଥିବା ଏହି ମହାନ କବି କାନ୍ଦି କାନ୍ଦି ନିଜ କ୍ଷୋଭ ପ୍ରକାଶ କରି ଅଚେତ ହୋଇ ପଡ଼ିଲେ । ସେ ଦିନ ମଠ ମହନ୍ତ ଓ ଯୋଗୀ ମିଶ୍ରଙ୍କ ସହାୟତାରେ ଶଗଡ଼ ଯୋଗେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଭେଷଜ ବିଭାଗରେ କିଛି ଦିନ ଚିକିତ୍ସିତ ହେଲାପରେ ୧୯୫୬ ମସିହା ମେ ମାସ ୧୦ ତାରିଖ ବୈଶାଖ ଅମାବାସ୍ୟା ଠିକ ଆଜିର ତିଥିରେ ଏହି ମହାନ ଗୀତିନାଟ୍ୟକାର, ବାଦ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଆଶୁକବି ଗଣକବି ବୈଷ୍ଣବ ପାଣିଙ୍କ ଦେହାନ୍ତ ହୋଇଥିଲା । କବି ମୁରାରୀ ମୋହନ ଜେନା, କାଳନ୍ଦୀ ପାଣିଗ୍ରାହୀ, ଗୋରାଚାନ୍ଦ ମିଶ୍ର, ନିତ୍ୟାନନ୍ଦ ମହାପାତ୍ର ଓ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସହାୟତାରେ କଟକର ଖାନନଗର ଶ୍ମଶାନ ଆପଣେଇ ନେଇଥିଲା ଏହି କାଳଜୟୀ ମହାପ ପୁରୁଷ କବି ବୈଷ୍ଣବ ପାଣିଙ୍କ ପାର୍ଥୀବ ଶରୀରକୁ ।

ମାହାଙ୍ଗା, କଟକ
ମୋ :୯୪୩୭୧୪୨୭୧୭

## ସଂପାଦକଙ୍କୁ ପତ୍ର

### ବଢୁଛି ପାନୀୟ ଜଳର ଅଭାବ

ମହାଶୟ,

ଜଳର ଅନ୍ୟନାମ ଜୀବନ । ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି । ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାର ଉପଯୋଗୀ ଓ ଚାଷଉପଯୋଗୀ ଜଳ ଯୋଗାଇ ଦେଇଥାନ୍ତି । ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି । ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ । ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ । ଏସବୁ ଅଞ୍ଚଳରେ ଲୋକେ ବାଧ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି । ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି । ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି । ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି । ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ । ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି । ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ । ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି । ପ ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ ।

ସର୍ବେଶ୍ୱର ନାୟକ, ପୁରୀ

# ଦୈବାୟତ୍ତଂ କୁଳେ ଜନ୍ମ ମଦାୟତ୍ତଂ ଚ ପୌରୁଷମ୍...

**ବାଦଲ ଭୂୟାଁ**

ଦୈବାୟତ୍ତଂ କୁଳେ ଜନ୍ମ ମଦାୟତ୍ତଂ ଚ ପୌରୁଷମ୍ ଯାହାର ଅର୍ଥ ହେଉଛି ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷକାର ମୋର ଅଧୀନ । 'କର୍ଣ୍ଣ ବେଣୀ ସଂହାରମ୍'ରେ ଲିଖିତ ଏହି ପବିତ୍ର ଧାଡ଼ିଟିକୁ ନିଜ ଜୀବନର ମହାମନ୍ତ୍ର ରୂପେ ଗ୍ରହଣ କରି କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତରେ ଜଣେ ଅଦ୍ୱିତୀୟ ରାଜନେତା, ସାହିତ୍ୟ ଅନୁରାଗୀ ଓ ସାମ୍ବାଦିକତାର ତ୍ରିବେଣୀ ସଙ୍ଗମ ଭାବେ ତିନୋଟି ପରିଚୟରେ ପ୍ରତିବାଦିତ୍ୱ ଖ୍ୟାତନାମା ରାଜନୈତିକ ବ୍ୟକ୍ତିତ୍ୱ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକ ଆଉ ନାହାଁନ୍ତି । ବରେଣ୍ୟ ଜନନାୟକ, ମହାନରାଷ୍ଟ୍ରନୀତିଜ୍ଞ, ବିଚକ୍ଷଣ ରାଜନୀତିଜ୍ଞ, ପ୍ରତିଥଯଶା ଲେଖକ, ନିରବ ସ୍ୱାରସ୍ୱତ ସାଧକ, ବିଶିଷ୍ଟ ସାମ୍ବାଦିକ ଏମିତି ଅନେକ ପରିଚୟ ତାଙ୍କର । ସାମ୍ବାଦିକତା ହେଉ କି ରାଜନୀତି, ସୃଜନ ହେଉ କି ସଂସ୍କୃତି ସବୁଠି ସେ ଛାଡ଼ି ଯାଇଛନ୍ତି ତାଙ୍କ କୃତିତ୍ୱର ଅମଳିନ ଛାପ । ଜଣେ ଅସାଧାରଣ ବିଦ୍ୱାନ ଓ ବାଗ୍ମୀ ଏବଂ ସର୍ବୋପରି ଜଣେ ସ୍ୱାଭିମାନୀ ଓଡ଼ିଆ ଭାବରେ ସେ ପ୍ରତ୍ୟେକ ଓଡ଼ିଆ ହୃଦୟରେ ନିଜ ପାଇଁ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ସ୍ଥାନ । ଓଡ଼ିଶା କଂଗ୍ରେସ ରାଜନୀତିରେ ରାଜନୀତିର ଚାଣକ୍ୟ କୁହାଯାଉଥିବା ଏହି ଧରଣୀର କୃଷ୍ଣସାରଙ୍କୁ କେନ୍ଦ୍ର କରି ଘୁରୁଥିଲା ରାଜ୍ୟ ରାଜନୀତିର ଚକ୍ର । ଦୀର୍ଘ ପାଞ୍ଚ ଦଶନ୍ଧି ଧରି ତାଙ୍କ ପ୍ରଭାବ ଛାଇ ହୋଇରହିଥିଲା ସାରା ଓଡ଼ିଶାରେ । ତାଙ୍କ ବିନା ନାଁ କରାଯାଇ ପାରୁଥିଲା ସାହିତ୍ୟ ଓ ସାମ୍ବାଦିକତାର ହିସାବ ନିକାଶ । ଅର୍ଦ୍ଧଶତାବ୍ଦୀ ଧରି ଓଡ଼ିଶାର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଜୀବନକୁ ଆଚ୍ଛନ୍ନ କରିରଖିଥିବା ଏହି ମହା ନାୟକଙ୍କ ପାର୍ଥିବ ଶରୀରର ଆଜି ବୁଧବାର ପୁରୀର ସ୍ୱର୍ଗଦ୍ୱାରରେ ପଞ୍ଚଭୂତରେ ଲୀନ ହୋଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିଜ ଆରାଧ୍ୟ ଭଗବାନ ଭାବେ ଗ୍ରହଣ କରିଥିବା ଜାନକୀ ବାବୁଙ୍କ ଆତ୍ମା ସେହି ମହାପ୍ରଭୁଙ୍କ ପଦାରବିନ୍ଦରେ ଲୀନ ହୋଇଛି ।

ସାହିତ୍ୟ ସୃଜନଶୀଳ ସାଧନାର ଏହି ଅଦ୍ୱୈତ୍ୟ ମଉଡ଼ମଣି ତାଙ୍କ ସ୍ୱରଚିତ କବିତା 'ଅସୂୟା'ରେ ଲେଖିଯାଇଛନ୍ତି 'ମୋର ଯାତ୍ରାପଥ / ଦୀର୍ଘ କଙ୍କରିତ କେତେ ଢ଼ିପ, କେତେ ଖାଲ କ୍ୱଚିତ ମିଳଇ ସମତଳ ଖାଲି କଣ୍ଟା ମାଇଲ୍, ମାଇଲ ମୁଁ ନିଶ୍ଚୟ କରିଅଛି ଯିବି ଏଇ ବାଟେ ଥାଉ କଣ୍ଟା, ଖାଲଢ଼ିପ / ମୁଁ ଚାଲିବି ମୋତେ ନ ଓହରି, ମୋର ଲକ୍ଷ୍ୟ ପଥେ ।।' ନିଜ ଜୀବନର ଅନ୍ତର୍ନିହିତ ଚେତନାକୁ ବେଶ୍ ବୁଝିପାରିଥିବା ଏହି ଅଦ୍ୱୈତ୍ୟ ଜନନାୟକଙ୍କ ରାଜନୈତିକ ଜୀବନ ବାସ୍ତବରେ କମ୍ ଝଡ଼ଝଞ୍ଜାପୂର୍ଣ୍ଣ ନୁହେଁ । ରାଜ୍ୟରେ ତିନିଥର ମୁଖ୍ୟମନ୍ତ୍ରୀ ପଦ ଦାୟିତ୍ୱ ଠାରୁ କେନ୍ଦ୍ରରେ ମନ୍ତ୍ରୀପଦ ଓ ରେକର୍ଡ଼ଧାରୀ ଛଅ ଛଅ ଥର ପିସିସିର ସୁପ୍ରିମୋର ଡୋର ମଧ୍ୟ ଧରିଛନ୍ତି । ରାଜନୀତିର ଜୀବନ ଛାତ୍ର କଂଗ୍ରେସ ସଭାପତି ଦାୟିତ୍ୱରୁ ନିଜ ଅସାଧାରଣ ନେତୃତ୍ୱ ପାଇଁ କଂଗ୍ରେସର ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ୧୯୭୧ରେ ପ୍ରଥମେ ଲୋକସଭାକୁ ନିର୍ବାଚିତ ହୋଇ ୧୯୭୩ରେ ପ୍ରତିରକ୍ଷା ବିଭାଗର ଦାୟିତ୍ୱରେ ଥିଲେ । ୧୯୮୦ରେ ପୁର୍ନବାର ଲୋକସଭାକୁ ନିର୍ବାଚିତ ହୋଇ କ୍ୟାବିନେଟ ଦାୟିତ୍ୱ ତୁଲାଇଥିଲେ । ଜୁନ୍ ୧୦ରେ ପ୍ରଥମଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲାପରେ ପୁନର୍ବାର ୧୯୮୫ରେ ଏହି ଦାୟିତ୍ୱ ନେଇଥିଲେ । ୧୯୯୫ରେ ତୃତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ପରେ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

ଏହି ନିପୁଣ ରାଷ୍ଟ୍ରନାୟକ, ନିଷ୍ଠାବାନ ଦେଶପ୍ରେମୀ, ନିରଳସ ସାହିତ୍ୟିକ ଓ ନୀତିନିଷ୍ଠ ବ୍ୟକ୍ତିତ୍ୱଙ୍କ ମହାପ୍ରୟାଣ ସହିତ ବାସ୍ତବରେ ଓଡ଼ିଶାରେ ଗୋଟିଏ ଯୁଗର ଅବସାନ ଘଟିଲା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୋକବାର୍ତ୍ତା ଅତ୍ୟନ୍ତ ଯଥାର୍ଥ । ରାଷ୍ଟ୍ରନେତା ଭାବେ ତାଙ୍କର ସମ୍ପ୍ରସାରିତ ଦୃଷ୍ଟିକୋଣ ଓ ବ୍ୟକ୍ତିତ୍ୱ କ୍ଷେତ୍ରରେ ତାଙ୍କର ଧୈର୍ଯ୍ୟ, ବିଶାଳ ଉଦାରତା ଓ ସହନଶୀଳତା ନିଶ୍ଚିନ୍ତ ଭାବରେ ପ୍ରତିଟି ଓଡ଼ିଆଙ୍କ ପାଇଁ ପ୍ରେରଣାର ମାର୍ଗଦର୍ଶନ । ଯଥାର୍ଥରେ ତାଙ୍କୁ କୁହାଯାଇପାରେ ସ୍ୱପ୍ନ ଓ ସଂକଳ୍ପର ପ୍ରମୂର୍ତ୍ତ ପ୍ରତିଭୂ ଚଳନ୍ତି ବିଗ୍ରହ । ନିଜର 'ସିନ୍ଧୁ ଉପତ୍ୟକା'ରେ ସେ ଲେଖିଯାଇଛନ୍ତି 'ଆସୁ ଝଞ୍ଜା ଆସୁ ଝଡ଼, ଆସୁ କେତେ ବାଧାର ପାହାଡ଼, କନକ ମୁକୁଟ ମୁହିଁ ଚାହେ ନାହିଁ କଣ୍ଟା ଲାଗେ ଭଲ..... ଏ କଣ୍ଟାରେ ଫୁଟୁ ଫୁଲ ଆଗାମୀ କାଲିର, ସେହି ଫୁଲ ପାଇଁ ମୋର ସବୁ ଶ୍ରମ, ସ୍ୱେଦ, ଅଶ୍ରୁ, ଶୋଣିତର ଧାର....' । ରାଜନୀତି ବା କଂଗ୍ରେସ ଦଳର ନେତୃତ୍ୱର ଉର୍ଦ୍ଧ୍ୱରେ ଏହି ମହାନ ରାଷ୍ଟ୍ରନୀତିଜ୍ଞ ଥିଲେ ଓଡ଼ିଶାର ଅବିସମ୍ବାଦିତ ମୁରବୀ । ସବୁବର୍ଗର ଲୋକେ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ । ତାଙ୍କର ସୌଜନ୍ୟ ଓ ଶାଳୀନପୂର୍ଣ୍ଣ ବ୍ୟବହାର ସମସ୍ତଙ୍କୁ ବିମୁଗ୍ଧ କରିପାରିଥିଲା । ଗୋଟିଏ ଧାଡ଼ିରେ କହିଲେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୀବନ ଥିଲା ଏକ କର୍ମମୟ, ଧର୍ମମୟ ଓ ସ୍ୱପ୍ନମୟ ଜୀବନ । ୧୯୮୫ରେ ଓଡ଼ିଆକୁ ରାଜଭାଷାର ମର୍ଯ୍ୟାଦା ଦେବା ସହ ତାଙ୍କରି ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ ଶିଳ୍ପାୟନକୁ ଦୃଷ୍ଟିରେ ରଖି ହଜାରେ ଶିଳ୍ପର ଯୋଜନା ହାତକୁ ନେଇଥିଲେ । ୧୯୮୦ରେ ସେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରୁ ହିଁ ଆରମ୍ଭ କରିଥିଲେ ବିଦ୍ୟୁତ ସଂସ୍କାର କାର୍ଯ୍ୟକ୍ରମ । ୧୯୯୫ ଅପ୍ରେଲରେ ରାଜ୍ୟର ଏଗାରଟି ଆଦିବାସୀ ବହୁଳ ଓ ପଚିଶଟି ମରୁଡ଼ି ପ୍ରବଣ ବ୍ଲକରେ ଆରମ୍ଭ କରିଥିଲେ ଦୁଇଟଙ୍କିଆ ଚାଉଳ ଯୋଗାଣ ପରେ ୧୯୯୫ ଜୁଲାଇରେ ରାଜ୍ୟର ବୟାଳିଶ ହଜାର ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ହାତକୁ ନେଇଥିଲେ । ଓମ୍‌ଫେଡ଼ ପ୍ରତିଷ୍ଠାତାରୁ ନିଜେ କେନ୍ଦ୍ରରେ ପ୍ରତିରକ୍ଷା ଦାୟିତ୍ୱରେ ଥିବାବେଳେ ଚିଲିକାରେ ନୌବାହିନୀର ତାଲିମ କେନ୍ଦ୍ର, ଗୋପାଳପୁରରେ କ୍ଷେପଣାସ୍ତ୍ର ପ୍ରତିରୋଧ ତାଲିମ କେନ୍ଦ୍ର, ବଲାଙ୍ଗୀରରେ ଗୋଳାବାରୁଦ କାରଖାନା, କୋରାପୁଟରେ ଅସ୍ତ୍ରାଗାର ଓ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ସିଧାସଳଖ ବିମାନ ଓ ରେଳଚଳାଚଳ ପାଇଁ ବାଟ ଫିଟାଇଥିଲେ । ଓଡ଼ିଶାର ନଅଟି ଜିଲ୍ଲାକୁ ନେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରିବା ସହ ପୁରୁଣା ରାଜଧାନୀ କଟକ ଓ ନୂଆ ଭୁବନେଶ୍ୱର ପାଇଁ ଅନେକ ପ୍ରଗତିମୂଳକ କାର୍ଯ୍ୟକ୍ରମ ସେ ହାତକୁ ନେଇଥିଲେ । କଳିଙ୍ଗ ଷ୍ଟୁଡିଓ ହେଉ ବା ହରେକୃଷ୍ଣ ମହାତାବ ରାଜ୍ୟ ପାଠାଗାର, କଳିଙ୍ଗ ଷ୍ଟାଡିୟମ୍ ହେଉ ବା ସାମନ୍ତଚନ୍ଦ୍ରଶେଖର ପ୍ଲାନିଟୋରିୟମ, ମହାତ୍ମା ଗାନ୍ଧୀ ଓ ଇନ୍ଦିରା ଗାନ୍ଧୀ ପାର୍କ, ଓଡ଼ିଶୀ ଗବେଷଣା କେନ୍ଦ୍ର, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ମଧ୍ୟ ଥିଲା ତାଙ୍କରି କୃତିତ୍ୱର ଚିର ଭାସ୍ୱର କୀର୍ତ୍ତି । ସମଗ୍ର ଓଡ଼ିଶା ଅକ୍ଷୟତୃତୀୟାର ଅଖିମୁଠି ବାଢ଼ିବା ପାଇଁ ପ୍ରସ୍ତୁତି ହେଉଥିବାବେଳେ ଜାନକୀ ବଲ୍ଲଭ ନିଜ ହାଟ ସଉଦା ସାରି ବାହୁଡ଼ିବାକୁ ଆରମ୍ଭ କରିଥିଲେ । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁକୂଳ ଅବସରକୁ ସତେକି ଜାନକୀ ବଲ୍ଲଭ ନିଜ ମହାଯାତ୍ରାର ଅନୁକୂଳ ପାଇଁ ଅପେକ୍ଷା କରିଥିଲେ । ବାସ୍ତବରେ ତାଙ୍କ ବ୍ୟକ୍ତିତ୍ୱର ଇତି ହୋଇନି ବରଂ ସେ ଚିରକାଳ ପାଇଁ ସେ ପ୍ରତିଟି ଓଡ଼ିଆଙ୍କ ପାଇଁ ଆଦର୍ଶ, ପ୍ରେରଣା ଓ ସାମର୍ଥ୍ୟର ଇତିହାସର ଜଣେ ଅମ୍ଳିନ ନାୟକ ଭାବେ ଚିରକାଳ ଆମ ସମସ୍ତଙ୍କ ପାଖରେ ତାରକା ପରି ଜାଜ୍ଜ୍ୱଲ୍ୟ ହୋଇରହିବେ । ଏହି ଅଦ୍ୱିତୀୟ ରାଷ୍ଟ୍ରନୀତିଜ୍ଞ ଓ ସୃଜନଶୀଳତାର ଧରଣୀର କୃଷ୍ଣସାରଙ୍କ ବ୍ୟକ୍ତିତ୍ୱଙ୍କ ପାଖରେ ମୋର କୋଟି କୋଟି ସଶ୍ରଦ୍ଧ ପ୍ରଣାମ ।

ପୁରୁଣା ସୋନାରୀ,
ଜାମସେଦପୁର,
ମୋ:୦୯୨୦୪୬୫୨୦୬୫

# କେବେ ବାସ୍ତବ ରୂପ ନେବ ଟେକ୍ସଟାଇଲ ପାର୍କ ?






ଧାମନଗର (ସୁଧାକର ଦାସ): ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ନିମନ୍ତେ ନିର୍ବାଚନ ବୈତରଣୀ ପାର ହେବାପାଇଁ ପ୍ରମୁଖ ମାଧ୍ୟମ ପାଲଟିଥିବା ୧୬ନଂ ଜାତୀୟ ରାଜପଥ ଧାମନଗର ଛକ ଠାରେ ପ୍ରସ୍ତାବିତ ଓ ଅଧୁନା ନିର୍ମାଣାଧୀନ ଟେକ୍ସଟାଇଲ ପାର୍କ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ବାସ୍ତବ ରୂପ ନେବା ନେଇ ସନ୍ଦେହ ଦେଖାଦେଇଛି। ବିଗତ କିଛି ନିର୍ବାଚନରେ ଭଦ୍ରକ ଲୋକସଭା ଓ ଧାମନଗର, ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନରେ ପ୍ରଧାନ ମୁଦ୍ଦା ଥିବା ଏହି ପ୍ରକଳ୍ପ ନିର୍ବାଚନ ପରେ ପ୍ରସଙ୍ଗ ବିହୀନ ହେଉଥିବା ଦେଖା ଯାଇଛି। ତେବେ କିଛିମାସ ତଳେ ଅନୁଷ୍ଠିତ ଓଡ଼ିଶା କନକ୍ଲେଭରେ ରାଜ୍ୟ ସରକାର ଯେପରି ଭାବେ ଶିଳ୍ପପତି ମାନଙ୍କୁ ରେଡ କାର୍ପେଟ ପକାଇ ସ୍ୱାଗତ କଲେ ଏବଂ ବହୁ ଶିଳ୍ପପତି ଓଏମଓୟୁ ସ୍ୱାକ୍ଷର କଲେ ତାହା ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାକୁ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିଥିବା ବେଳେ ଭଦ୍ରକ ବାସୀ ଏହି ଟେକ୍ସଟାଇଲ ପାର୍କକୁ ନେଇ ଆଶାବାଦୀ ହୋଇଥିଲେ। ଏଠାରେ ସୂଚନାଯୋଗ୍ୟ ଗତ ବର୍ଷ ଅକ୍ଟୋବର ମାସରେ ସି ଆଇ ଆଇ ୱେବିନାରରେ ଆଇଓଏସିଲ ପକ୍ଷରୁ ମାନବ ସମ୍ବଳ ଅଧିକାରୀ ରଞ୍ଜନ କୁମାର ମହାପାତ୍ର ଏ ସମ୍ପର୍କରେ ମଧ ଘୋଷଣା କରିଥିଲେ। ଏଥି ସହିତ ଏହି ପାର୍କ ସମ୍ପର୍କରେ ମେକଇନ ଓଡ଼ିଶା ୨୦୨୨ ରେ ମଧ ଘୋଷଣା ହୋଇଥିଲା। ଏହି ପ୍ରକଳ୍ପ ନିମନ୍ତେ ୧ ହଜାର ୯୭୧ କୋଟି ଟଙ୍କା ବିନିଯୋଗ ହେବ ଓ ଏହା ୨୦୨୪ ମସିହା ସୁଦ୍ଧା କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରାଯାଇ ଥିଲା। ତେବେ ଉକ୍ତ ସମୟ ଅବଧି ମଧ୍ୟରେ ଏହା କାର୍ଯ୍ୟକାରୀ ହେବା ନେଇ ସନ୍ଦେହ ଉପୁଜିଛି। ଗତ ୧୯୯୦ ମସିହାରେ ଧାମନଗର ଛକ ଠାରେ ଧରଣୀ ସୁଗାର ପକ୍ଷରୁ ଏକ ଚିନିକଳ ପ୍ରତିଷ୍ଠା ପାଇଁ ୨୧୭.୭୧ ଏକର ଜମି ଅଧିଗ୍ରହଣ କରାଯାଇ ଥିଲା। ପରେ କମ୍ପାନୀ ଚିନିକଳ ପ୍ରତିଷ୍ଠା ନିଷ୍ପତ୍ତିରୁ ଓହରିବା ଫଳରେ ତାହା ସ୍ୱପ୍ନରେ ରହିଯାଇ ଥିଲା। ସେହିପରି ଗତ ୮ବର୍ଷ ପୂର୍ବେ ଇଡକୋ ଅଧିନକୁ ଯାଇଥିବା ଏହି ଜମିରୁ ୫୮ ଏକର ଜମିରେ ଟେକ୍ସଟାଇଲ ପାର୍କ ନିର୍ମାଣ କରିବାକୁ କେନ୍ଦ୍ର ସରକାର ଘୋଷଣା କରିଥିଲେ। ଏଥି ସହିତ ମେକଇନ ଇଣ୍ଡିଆ କାର୍ଯ୍ୟକ୍ରମରେ ଏଠାରେ ବହୁ ଶିଳ୍ପ ପ୍ରତିଷ୍ଠା ହେବ ବୋଲି ବିଜେଡ଼ି ପକ୍ଷରୁ ନିର୍ବାଚନ ସମୟରେ କୁହାଯାଇ ଥିଲା। ଏବେ ଉଭୟ ଶାସକ ବିଜେଡ଼ି ଓ ବିରୋଧୀ ବିଜେପି ପକ୍ଷରୁ ଏହି ପ୍ରକଳ୍ପ ସମ୍ପର୍କରେ ନିରବ ଥିବା ଦେଖାଯାଇଛି। ତେବେ କିଛି ମାସ ପୂର୍ବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିଲ୍ଲୀରେ ସାକ୍ଷାତ କରି ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି କରିଥିଲେ। ଯାହା ଫଳରେ ଇଡକୋ ପକ୍ଷରୁ ବହୁ ବାଦାନୁବାଦ ପରେ ବାଉଣ୍ଡରି ୱାଲ ତିଆରି ସହ ଏବେ ସେହି ସ୍ଥାନର ପ୍ରବେଶ ପଥରେ ଗୋଟିଏ ବ୍ରିଜ କଚ୍ଛପ ଗତିରେ ନିର୍ମାଣ ଚାଲିଛି। ଯାହା ଦ୍ୱାରା ୨୦୨୪ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟକାରୀ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯେଉଁଥିପାଇଁ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ସ୍ଥିତପ୍ରଜ୍ଞ ଗତ ବିଧାନସଭାରେ ପ୍ରଶ୍ନ କାଳରେ ଉଭୟ ପ୍ରକଳ୍ପ ସମ୍ପର୍କରେ ପ୍ରଶ୍ନ ଉଥାପନ କରିଥିଲେ। ମାତ୍ର ବିଭାଗୀୟ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଉତ୍ତରରେ ଏହି ସମସ୍ୟାକୁ ସମ୍ପୂର୍ଣ୍ଣ ଟାଳି ଦେଇଥିଲେ। ତେବେ ଆସନ୍ତା ସାଧାରଣ ନିର୍ବାଚନରେ ଏହା ପୁଣି ଉଭୟ ଦଳ ପାଇଁ ନିର୍ବାଚନୀ ଇସ୍ତାହାର ହେଉଛି କି ନା ତାହା ସମୟ କହିବ। ତେବେ ପ୍ରାର୍ଥୀ ମାନେ ନିର୍ବାଚନ ବେଳେ ଜିତାପଟ ନେବାକୁ ଭୋଟରଙ୍କୁ ଏହି ପ୍ରକଳ୍ପ ଲଲିପପ ଧରାଇବା ଏବେ ସହଜ ହେବନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।





# ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଜଳ ଟୋପାଏ ପାଇଁ ଲୋକେ ତହଳ ବିକଳ

କେନ୍ଦୁଝର, (ହି .ସ): ଓଡିଶା ଏକ ନମ୍ବର ରାଜ୍ୟ ବୋଲି ସରକାରଙ୍କ ପକ୍ଷରୁ ଡିଣ୍ଡିମ ପିଟା ଯାଉଛି। ଗତ ଦୀର୍ଘ ବର୍ଷ ପୂର୍ବରୁ ପ୍ରତ୍ୟେକଙ୍କ ଘରେ ବିଶୁଦ୍ଧ ପାନୀୟ ଜଳ ପହଂଚାଇବାର ଦାୟିତ୍ୱ ସରକାର ନେଇଥିବା ଘୋଷଣା ମଧ୍ୟ କରିଥିଲେ । କିନ୍ତୁ ଅଦ୍ୟବଧି ସରକାର ତାଙ୍କ ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛନ୍ତି । ଯେଉଁଥିପାଇଁ ଆଜି ବି ଜିଲ୍ଲାର ଅଧିକାଂଶ ଅଂଚଳର ଅଧିବାସୀ ଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ତହଳ ବିକଳ ହେଉଛନ୍ତି। କିନ୍ତୁ ସବୁଠାରୁ ଦୁଃଖର ବିଷୟ ହେଉଛି ଯେ ଏହି ଗରିବ ଅଧିବାସୀ ମାନଙ୍କ ଦୁଃଖ ଶୁଣିବାକୁ କେହି ଆଗ୍ରହ ବି ପ୍ରକାଶ କରୁ ନାହାଁନ୍ତି। ଏ କ୍ଷେତ୍ରରେ ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାର, ବିଶେଷ ଭାବେ ଗ୍ରାମାଚଂଳର ଅଧିବାସୀ ମାନଙ୍କର ଅବସ୍ଥା ଅଧିକ ସଙ୍ଗୀନ । ସରକାର ମହିଳା ଶସକ୍ତକରଣର ବାହାସ୍ଫୋଟ ମାରୁଥିବା ବେଳେ ସେହି ମହିଳାମାନଙ୍କୁ ପ୍ରଚଣ୍ଡ ରୋଦ୍ରତାପରେ ପାଣି ଟୋପାଏ ସଂଗ୍ରହ କରିବା ପାଇଁ ବିପଦପୂର୍ଣ୍ଣ ଅବସ୍ଥାରେ ମାଇଲ ମାଇଲ ରାସ୍ତା ପାଦରେ ଚାଲି ଚାଲି ଯିବାକୁ ପଡୁଛି । ଏମାନଙ୍କ ପାଇଁ ପ୍ରାୟତଃ ଚୁଆ ପାଣି ହିଁ ଏକମାତ୍ର ଭରସା ପାଲଟି ଥିବା ଦେଖାଯାଉଛି। ଏଭଳି ସ୍ଥିତିରେ ପାଟଣା ବ୍ଲକର ଜଡିଚାତର ଗ୍ରାମକୁ ଅନୁଧ୍ୟାନ କରାଯାଇପାରେ । ଏହି ଜଡିଚାତର ଗ୍ରାମରେ ତିନୋଟି ସାହି ରହିଥିବା ବେଳେ ଜନ ସଂଖ୍ୟା ଏକ ହଜାରରୁ ଅଧିକ ଏବଂ ଅଧିକାଂଶ ପରିବାର ଆଦିବାସୀ ସଂପ୍ରଦାୟର । ଏହି ଗ୍ରାମରେ ମାତ୍ର ୨ ଟି ନଳକୂପ ରହିଥିବା ବେଳେ ସେ ମଧ୍ୟରୁ ଗୋଟିଏରୁ ପ୍ରାୟତଃ ପାଣି ବାହାରୁ ନଥିବା ବେଳେ ଅନ୍ୟଟିରୁ ଯଦିଓ ପାଣି ବାହାରୁ ଅଛି ତାହା ବହୁ କଷ୍ଟରେ ଘଟଂାରେ ବାଲଟିଏ ମାତ୍ର । ମାସ ମାସ ଧରି ବର୍ଷାର ଦେଖା ନଥିବା କାରଣରୁ ପୋଖରୀ ଗାଡିଆ ସବୁ ଶୁଖିଲା ପଡିଛି । ଫଳରେ ଗ୍ରାମର ମହିଳା ମାନଙ୍କୁ ପାଣି ସଂଗ୍ରହ କରିବାକୁ ଗାଁଠାରୁ ପ୍ରାୟ ଦୁଇ କିଲୋମିଟର ଦୂର ଜଙ୍ଗଲ ପାଖ ବିଲ ଭିତରେ ଥିବା ଏକ କାଦୁଅଭର୍ତି ପୋଖରା ନିକଟରେ ଚୁଆ ଖୋଳି ସେଥିରୁ ଜଳ ସଂଗ୍ରହ କରିବାକୁ ପଡିଥାଏ। ଯଦିଓ ସେହି ପାଣି ବ୍ୟବହାର ଉପେଯାଗୀ ନୁହେଁ , ତଥାପି ବାଧ୍ୟହୋଇ ସେମାନଙ୍କୁ ସେହି ପାଣିରେ ରୋଷାଇ ଠାରୁ ଆରମ୍ଭ କରି ଗାଧୁଆପାଧୁଆ , ପିଇବା , ଖାଇବା ସବୁ କାମରେ ବ୍ୟବହାର କରିବାକୁ ପଡିଥାଏ। ସେହି ବ୍ୟବହାର ଅନୁପେଯାଗୀ ଜଳ ବ୍ୟବହାର କରି ଯଦିଓ ସେମାନେ ଅନେକ ସମୟରେ ବିଭିନ୍ନ ଅଜଣା ରୋଗରେ ପଡିଥାନ୍ତି ତଥାପି କିଛି ଉପାୟ ନାହିଁ ବୋଲି କୁହନ୍ତି ଗ୍ରାମର ଲଳିତା ନାଏକ ପ୍ରମୁଖ। ସେ ଅଂଚଳରେ ପ୍ରାୟତଃ ବନ୍ୟଜନ୍ତୁ ଭୟ ରହୁଥିବାରୁ ପାଣି ସଂଗ୍ରହ ପାଇଁ ଦଳବଦ୍ଧ ହୋଇ ଯିବାକୁ ପଡିଥାଏ ବୋଲି କହିଛନ୍ତି ଲକ୍ଷ୍ମୀ ନାଏକ , ଭାନୁମତୀ ନାଏକ , ଅମ୍ରିତ ମହାନ୍ତ ପ୍ରମୁଖ ଗ୍ରାମବାସୀ ମାନେ । ଏହି ଅଂଚଳରେ ଜଳର ଏତାଦୃଶ୍ୟ ଉକ୍‌ଟ ଅଭାବ ସଙ୍ଗକୁ ଲୋକମାନଙ୍କର ବିଶେ ଷ ଭାବେ ମହିଳା ମାନେ ଭୋଗୁଥିବା କଷ୍ଟ ସଂପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ସରପଂଚଙ୍କ ଠାରୁ ଆରମ୍ଭ କରି ବିଡିଓ ପ୍ରମୁଖଙ୍କ ନିକଟରେ ବାରମ୍ବାର ଗୁହାରୀ କରିଆସୁଥିଲେ କେହି ହେଲେ ବି ସେମାନଙ୍କର ଦୁଃଖ ଶୁଣୁ ନଥିବା ସେମାନେ କହିଛନ୍ତି । ଏପଟେ ବିଡିଓ ,ସରପଂଚ ମଧ୍ୟ ସେମାନଙ୍କ ମତମତ ଦେଲେନାହିଁ ।



# ସରକାର ଓ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ପ୍ରାଚୀ ଉପତ୍ୟକାର ପୁରାତନ ଐତିହ୍ୟ



କାକଟପୁର (ଭାଗିରଥି ସ୍ୱାଇଁ): ପ୍ରତିବର୍ଷ ଏପ୍ରିଲ ୧୮ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ଐତିହ୍ୟ ଦିବସ। ଆଜି ବି ରାଜ୍ୟର ବିଭିନ୍ନ ସ୍ଥାନ ରେ ଏହି ଦିବସ ଧୁମଧାମରେ ପାଳିତ ହୋଇଛି। ତେବେ ପୁଣ୍ୟତୋୟା ପ୍ରାଚୀନଦୀ ର ଉପତ୍ୟକାରେ ରହିଥିବା ଶହ ଶହ ଐତିହ୍ୟ ଆଜି ସରକାର ଓ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହି ଅବହେଳିତ ଅବସ୍ଥାରେ ଅଛି। ଯାହାକୁ ଦେଖିଲେ ବିଶ୍ୱ ଐତିହ୍ୟ ଦିବସ ପାଳନ ଯେ ଏକ ପ୍ରଚାର ସର୍ବସ୍ୱ କାର୍ଯ୍ୟ ଏହା ନିଶ୍ଚିତ ହୋଇଯାଇଛି। ଗବେଷକ ଡଃ.ରାଧାଚରଣ ପଣ୍ଡାଙ୍କ ପ୍ରାଚୀ ନଦୀର ଐତିହାସିକ ବିଭବ ପୁସ୍ତକରେ ଦର୍ଶାଯାଇଛି ଯେ, ପ୍ରାଚୀନଦୀ ଅତୀତରେ ମହାନଦୀର ମୁଖ୍ୟ ଶାଖାନଦୀ ଥିଲା। ପ୍ରାୟ ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାଚୀ ନଦୀ ସୁନାବ୍ୟା ଥିଲା। ଏହି କାରଣରୁ ଅଭିଭକ୍ତ କଟକ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ଜନସାଧାରଣ ମାନଙ୍କ ଗମନାଗମନର ମୁଖ୍ୟପଥ ପ୍ରାଚୀ ନଦୀ ଥିଲା। ସେଥିପାଇଁ ନଦୀ ର ଉଭୟ ପାଶ୍ୱ ରେ ଜନବସତି ସହିତ ବିଭିନ୍ନ ମଠ, ମନ୍ଦିର, ଆଶ୍ରମ, ବୌଦ୍ଧ ବିହାର ମାନ ଗଢି ଉଠିଥିଲା। ସେ ସମୟ ରେ ଉତ୍କଳୀୟ ଶିଳ୍ପୀ ମାନେ କମନୀୟ, ସୂକ୍ଷ୍ମକାରୁକାର୍ଯ୍ୟ ପୁର୍ଣ୍ଣ ମୂର୍ତ୍ତି ଓ ମନ୍ଦିର ଗଢ଼ିବାରେ ଓସ୍ତାଦ ଥିଲେ। ଖ୍ରୀଷ୍ଟପୂର୍ବ ସମୟ ରୁ ସପ୍ତଦଶ ଶତାବ୍ଦୀ ମଧରେ ପ୍ରାଚୀ ଉପତ୍ୟକା ଅଞ୍ଚଳ ରେ ଶହ ଶହ ଐତିହ୍ୟ ନିର୍ମାଣ ହୋଇଥିବା ଐତିହାସିକ ଶ୍ୟାମସୁନ୍ଦର ତ୍ରିପାଠୀ ତାଙ୍କ ଗବେଷଣାତ୍ମକ ଗ୍ରନ୍ଥରେ ପ୍ରକାଶ କରିଛନ୍ତି। ପ୍ରାଚୀ ଉପତ୍ୟକା ରେ ଦ୍ୱାଦଶ ଶମ୍ଭୁ, ଦ୍ୱାଦଶ ମାଧବ, ଦ୍ୱାଦଶ ଶକ୍ତିପୀଠ ରହିଥିବାବେଳେ ଏକାଧିକ ସଂଖ୍ୟାରେ ବୌଦ୍ଧ,ଜୈନ, ବୈଷ୍ଣବ, ଇସଲାମ, ଧର୍ମାବଲମ୍ବୀଙ୍କ ପୀଠ, ବିହାର, ଉପାସନାସ୍ଥଳୀ ଦେଖିବାକୁ ମିଳେ। ପ୍ରାଚୀନଦୀ ଉପତ୍ୟକାରେ ରେ ରହିଥିବା ପୁରାତନ ଐତିହ୍ୟ ଓ କୀର୍ତ୍ତିରାଜି ଅତୀତ ଓଡ଼ିଶା ର ଜୀବନ୍ତ ଇତିହାସ ବୋଲି କହିଛନ୍ତି ପ୍ରାଚୀ ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର। ପ୍ରାଚୀ ଉପତ୍ୟକା ରେ ରହିଥିବା ପୁରାତନ ଐତିହ୍ୟ ଓ କୀର୍ତ୍ତିରାଜି ସମ୍ପର୍କ ରେ ଏକ ସୂଚନା ପତ୍ରିକା ପ୍ରସ୍ତୁତ କରାଯିବା ସହିତ ଏହି ଅଞ୍ଚଳ କୁ ଏକ ଆଧ୍ୟାତ୍ମିକ ପର୍ଯ୍ୟଟନ ସ୍ଥଳୀ ସର୍କିଟ ଘୋଷଣା କରିବାକୁ ସାଧାରଣରେ ଦାବି ହେଉଛି।୧୮/୦୪ଆଜି ଥିଲା ବିଶ୍ୱ ଐତିହ୍ୟ ଦିବସ ।

କାକଟପୁର: ପ୍ରତିବର୍ଷ ଏପ୍ରିଲ ୧୮ ତାରିଖ ରେ ପାଳିତ ହୋଇଥାଏ ବିଶ୍ୱ ଐତିହ୍ୟ ଦିବସ। ଆଜି ବି ରାଜ୍ୟ ର ବିଭିନ୍ନ ସ୍ଥାନ ରେ ଏହି ଦିବସ ଧୁମଧାମ ରେ ପାଳିତ ହୋଇଛି। ତେବେ ପୁଣ୍ୟତୋୟା ପ୍ରାଚୀନଦୀ ର ଉପତ୍ୟକା ରେ ରହିଥିବା ଶହ ଶହ ଐତିହ୍ୟ ଆଜି ସରକାର ଓ ପର୍ଯ୍ୟଟକ ଙ୍କ ଦୃଷ୍ଟି ଆଢୁଆଳରେ ରହି ଅବହେଳିତ ଅବସ୍ଥାରେ ଅଛି। ଯାହାକୁ ଦେଖିଲେ ବିଶ୍ୱ ଐତିହ୍ୟ ଦିବସ ପାଳନ ଯେ ଏକ ପ୍ରଚାର ସର୍ବସ୍ୱ କାର୍ଯ୍ୟ ଏହା ନିଶ୍ଚିତ ହୋଇଯାଇଛି। ଗବେଷକ ଡଃ.ରାଧାଚରଣ ପଣ୍ଡା ଙ୍କ ପ୍ରାଚୀ ନଦୀର ଐତିହାସିକ ବିଭବ ପୁସ୍ତକ ରେ ଦର୍ଶାଯାଇଛି ଯେ,ପ୍ରାଚୀନଦୀ ଅତୀତ ରେ ମହାନଦୀ ର ମୁଖ୍ୟ ଶାଖାନଦୀ ଥିଲା। ପ୍ରାୟ ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାଚୀ ନଦୀ ସୁନାବ୍ୟା ଥିଲା। ଏହି କାରଣରୁ ଅଭିଭକ୍ତ କଟକ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲା ର ଜନସାଧାରଣ ମାନଙ୍କ ଗମନାଗମନ ର ମୁଖ୍ୟପଥ ପ୍ରାଚୀ ନଦୀ ଥିଲା। ସେଥିପାଇଁ ନଦୀ ର ଉଭୟ ପାଶ୍ୱ ରେ ଜନବସତି ସହିତ ବିଭିନ୍ନ ମଠ, ମନ୍ଦିର, ଆଶ୍ରମ, ବୌଦ୍ଧ ବିହାର ମାନ ଗଢି ଉଠିଥିଲା। ସେ ସମୟ ରେ ଉତ୍କଳୀୟ ଶିଳ୍ପୀ ମାନେ କମନୀୟ, ସୂକ୍ଷ୍ମକାରୁକାର୍ଯ୍ୟ ପୁର୍ଣ୍ଣ ମୂର୍ତ୍ତି ଓ ମନ୍ଦିର ଗଢ଼ିବାରେ ଓସ୍ତାଦ ଥିଲେ। ଖ୍ରୀଷ୍ଟପୂର୍ବ ସମୟରୁ ସପ୍ତଦଶ ଶତାବ୍ଦୀ ମଧରେ ପ୍ରାଚୀ ଉପତ୍ୟକା ଅଞ୍ଚଳ ରେ ଶହ ଶହ ଐତିହ୍ୟ ନିର୍ମାଣ ହୋଇଥିବା ଐତିହାସିକ ଶ୍ୟାମସୁନ୍ଦର ତ୍ରିପାଠୀ ତାଙ୍କ ଗବେଷଣାତ୍ମକ ଗ୍ରନ୍ଥ ରେ ପ୍ରକାଶ କରିଛନ୍ତି। ପ୍ରାଚୀ ଉପତ୍ୟକାରେ ଦ୍ୱାଦଶ ଶମ୍ଭୁ, ଦ୍ୱାଦଶ ମାଧବ, ଦ୍ୱାଦଶ ଶକ୍ତିପୀଠ ରହିଥିବାବେଳେ ଏକାଧିକ ସଂଖ୍ୟାରେ ବୌଦ୍ଧ,ଜୈନ, ବୈଷ୍ଣବ, ଇସଲାମ, ଧର୍ମାବଲମ୍ବୀଙ୍କ ପୀଠ, ବିହାର, ଉପାସନାସ୍ଥଳୀ ଦେଖିବାକୁ ମିଳେ। ପ୍ରାଚୀନଦୀ ଉପତ୍ୟକାରେ ରେ ରହିଥିବା ପୁରାତନ ଐତିହ୍ୟ ଓ କୀର୍ତ୍ତିରାଜି ଅତୀତ ଓଡ଼ିଶା ର ଜୀବନ୍ତ ଇତିହାସ ବୋଲି କହିଛନ୍ତି ପ୍ରାଚୀ ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର। ପ୍ରାଚୀ ଉପତ୍ୟକା ରେ ରହିଥିବା ପୁରାତନ ଐତିହ୍ୟ ଓ କୀର୍ତ୍ତିରାଜି ସମ୍ପର୍କ ରେ ଏକ ସୂଚନା ପତ୍ରିକା ପ୍ରସ୍ତୁତ କରାଯିବା ସହିତ ଏହି ଅଞ୍ଚଳ କୁ ଏକ ଆଧ୍ୟାତ୍ମିକ ପର୍ଯ୍ୟଟନ ସ୍ଥଳୀ ସର୍କିଟ ଘୋଷଣା କରିବାକୁ ସାଧାରଣରେ ଦାବି ହେଉଛି।



# 'ସି-୨୦' ସାଇଡ୍ ଇଭେଣ୍ଟ ନିମନ୍ତେ ଭିନ୍ନକ୍ଷମଙ୍କ ପାଇଁ ଆର୍ଥିକ ସଶକ୍ତିକରଣ ଓ ଚିରସ୍ଥାୟୀ ଜୀବିକା ସମ୍ପର୍କିତ ସୁପାରିଶ ବୈଠକ



ପାରଳାଖେମୁଣ୍ଡି,(ପିପିଏସ୍): ପାରଳାଖେମୁଣ୍ଡିସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିସିଡିର ସଭାଗୃହ ଠାରେ 'ଜି:-୨୦'ର ସାଇଡ ଇଭେଣ୍ଟ 'ସି:-୨୦' ନିମନ୍ତେ ଭିନ୍ନକ୍ଷମମାନଙ୍କ ପାଇଁ ଆର୍ଥିକ ସଶକ୍ତିକରଣ ଓ ଚିରସ୍ଥାୟୀ ଜୀବିକା ସମ୍ପର୍କିତ ଏକ ସୁପାରିଶ ବୈଠକ କାର୍ଯ୍ୟକ୍ରମ ଭିନ୍ନକ୍ଷମ ଅନୁଷ୍ଠାନ 'ସମର୍ଥ' ପକ୍ଷରୁ ସାଇଟ୍ ସେଭର୍ସ୍ ଇଣ୍ଡିଆ ସହାୟତାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ବିକଳାଙ୍ଗ ମଞ୍ଚର ସଭାପତି ତଥା 'ସମର୍ଥ' ଆନୁଷ୍ଠାନର ଗଜପତି ଜିଲ୍ଲା ସଭାପତି ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସିସିଡ଼ିର ମୁଖ୍ୟ ଏ ଜଗନ୍ନାଥ ରାଜୁ , ଓଡ଼ିଶା ଜୀବିକା ମିଶନ:- "ସ୍ୱୟମ" କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜୀକା ଶିବାନୀ ପାଣିଗ୍ରାହୀ , ଗୁରାଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପିଏଚଇଓ: ମମତା ପାଢ଼ୀ ଏବଂ 'ସମର୍ଥ' ର ଜିଲ୍ଲା ସଂପାଦକ ସନ୍ତୋଷ କୁମାର ମହାରଣା ପ୍ରମୁଖ ମଞ୍ଚାସୀନ ରହି ଭିନ୍ନକ୍ଷମ ଭାଇ ଭଉଣୀମାନଙ୍କ କିଭଳି ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ଏବଂ ସେମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇ ସେମାନଙ୍କ ଚିରସ୍ଥାୟୀ ଜୀବନ ଜୀବିକା କିଭଳି ସୁନିଶ୍ଚିତ ହୋଇପାରିବ , ସେ ସବୁକୁ ନେଇ ଆମେ କିଭଳି ଭୁବନେଶ୍ୱର ଠାରେ ସାଇଟ୍ ସେଭାର୍ସ୍ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା 'ଜି:-୨୦'ର ସାଇଡ ଇଭେଣ୍ଟ 'ସି:-୨୦' ବୈଠକରେ ଆମର ସୁପାରିସ ରଖିବା , ଯେଉଁ ସୁପାରିଶ "ସି:-୨୦" ମାଧ୍ୟମରେ "ଜି:-୨୦"ରେ ଆମ ସୁପାରିଶ ସବୁ ଯିବ ସେହି ଉଦ୍ଦେଶ୍ୟ ନେଇ ଏହି କାର୍ଯ୍ୟକ୍ରମ ବୋଲି କହିଥିଲେ ।ଅନ୍ୟପକ୍ଷରେ ଆମ ଭିତରେ ଅନେକ ପ୍ରକାରର ଭିନ୍ନକ୍ଷମ ବ୍ୟକ୍ତି ରହିଛନ୍ତି , ସେଥିପାଇଁ କାହାର କଣ ସମସ୍ୟା ରହିଛି ଏବଂ ସେମାନଙ୍କୁ କି ପ୍ରକାରର ସୁବିଧା ସୁଯୋଗ ଆବଶ୍ୟକ , ସେଥିପାଇଁ ତାର ଏକ ସମ୍ପୂର୍ଣ୍ଣ ଡାଟା ତଥ୍ୟ ନିହାତି ରଖିବା ଆବଶ୍ୟକ ବୋଲି କୁହା ଯାଇଥିଲା । ଏଥି ସମେତ ଆମ ପାଇଁ ଯେଉଁ ସବୁ ଆହ୍ୱାନ ରହିଛି , ତାହା ଆମେ କିଭଳି କାର୍ଯ୍ୟରେ ପରିଣତ କରି ସକ୍ଷମ ଠାରୁ ମଧ୍ୟ ଆମେ କିଛି କାମ ନୋହୁଁ ବୋଲି ନଜିର ଦେଖାଇବାକୁ ହେବ ବୋଲି ପରାମର୍ଶ ଦେଇ କହିଥିଲେ । ବହୁ ସଂଖ୍ୟାରେ ଭିନ୍ନକ୍ଷମ ବ୍ୟକ୍ତି ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୈନନ୍ଦିନ ଜୀବନରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାରର ସମସ୍ୟା ଓ ଅସୁବିଧା ସମ୍ପର୍କରେ ବୈଠକରେ ଅବଗତ କରାଇଥିଲେ ।

# ଗାୟତ୍ରୀ ଫାର୍ମାସୀ ମହାବିଦ୍ୟାଳୟରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ




ରାୟଗଡା(ପିପିଏସ୍): ରାୟଗଡ ଜିଲ୍ଲା ଗୁଣୁପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଗାୟତ୍ରୀ ଫାର୍ମାସୀ ମହାବିଦ୍ୟାଳୟ ପରିସରରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣକରି ପରିବେଷ ସନ୍ତୁଳନ ଓ ପରିବେଷ ପାଇଁ ବୃକ୍ଷରୋପଣ କିପରି ଏକାନ୍ତ ଆବଶ୍ୟକ ତାହା ଚିତ୍ରକଳା ମାଧ୍ୟମରେ ପ୍ରଦର୍ଶନ କରିଥିଲେ । ଏଥିସହ ସ୍ଥାନୀୟ ଅଗ୍ନିସମ ବିଭାଗ ତରଫରୁ ପରିବେଷକୁ ନିଆଁ ଦାଉରୁ କିପରି ରକ୍ଷା କରାଯାଇପାରିବ ତାହାକୁ ଏକ ଡେମୋ ମାଧ୍ୟମରେ ପ୍ରଦର୍ଶନ କରିଥିଲେ । ଏଥିରେ ଅଗ୍ନିସମ ବିଭାଗର ଫାଏର୍ ଫାଇଟର ପବିତ୍ର ସିଙ୍ଗ (ଏଲ୍.ଏଫ୍.ଏମ୍) ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରିନ୍ସିପାଲ ଡଃ. ପ୍ରକାଶ ଚନ୍ଦ୍ର ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ଡଃ. କାହ୍ନୁଚରଣ ଚରଣ ପାଣିଗ୍ରାହୀ, ଜଗଦିଶ ଖୁଣ୍ଟିଆ, ପ୍ରଶାସନିକ ଅଧିକାରୀ ପି.ଭି କୋଟେଶ୍ୱର ରାଓ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନେ ଅଂଶ ଗ୍ରହଣ କରିଥିଲେ । ଅନୁଷ୍ଠାନର ସମସ୍ତ ବର୍ଷର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ଏବଂ ସମ୍ପାଦକ ସଞ୍ଜୟ କୁମାର ସାହୁ ଶୁଭେଚ୍ଛା ଜଣାଇବା ସହ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ ।

# ବନ୍ଧ ପାଳନ ସମୟରେ ଜୟପୁର ଶିକ୍ଷକ ଶିକ୍ଷୟିତ୍ରୀ ହେଲେ ହିନସ୍ତା

ଜୟପୁର, (ହି.ସ.) : ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ସକାଳ ୬ ଘଂଟା ଠାରୁ ସଂନ୍ଧ୍ୟା ୬ ଘଂଟା ଯାଏ ବନ୍ଦ ପାଳନ କରାଯାଇଥିଲା । ଗ୍ରୀଷ୍ମ ପ୍ରବାହ ପାଇ ରାଜ୍ୟ ସରକାର ୧୯ ଓ ୨୦ ତାରିଖ ଦୁଇ ଦିନ ସମସ୍ତ ବିଦ୍ୟାଳୟକୁ ବନ୍ଦ ରଖିଥିଲେ । କିନ୍ତୁ ଜୟପୁର ଗୋଷ୍ଠି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଏବିଓ, ବିଇଓଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ସ୍କୁଲ ଯିବାକୁ ବାଧ ବୋଲି ମୌଖିକ ଓ ହ୍ୱାଟସଆପ ମାଧ୍ୟମରେ ମେସେଜ କରି ଥିଲେ । ଯେହେତୁ ସକାଳୁଆ ସ୍କୁଲ ରହିଛି । ଏପଟେ ବନ୍ଦର ସୁଚନା ପାଇ ଶିକ୍ଷକ ଶିକ୍ଷୟତ୍ରୀ ମାନେ ବିଚଳିତ ହୋଇ ପଡିଥିଲେ । କେତେକ ଶିକ୍ଷକ ଏବିଓଙ୍କ ସହ ସାକ୍ଷାତ କରି ସବୁ ବିଷୟ କହିଥିଲେ । କିନ୍ତୁ ଏବିଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସାଢେ ୬ଟାରୁ ୧୧ ଟା ଯାଏ ସ୍କୁଲରେ ରହିବାକୁ ବାଧ । ନଚେତ ନିଲମ୍ବନ କରାଯିବ ବୋଲି କହିଥିଲେ । ଶେଷରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଭୋର ୪ ରିଟା ରୁ ଉଠି ବସ ଅଟୋ ଚଳ ପ୍ରଚଳ ବନ୍ଦ ଥିବାରୁ ଶିକ୍ଷୟତ୍ରୀ ମାନେ କିଏ ଭାଇ ସହ କିଏ ସ୍ୱାମୀ ସହ କିଏ ସମ୍ପର୍କୀୟ ସହ ସ୍କୁଲ କୁ ଯାଇଥିଲେ । ଭୋର ସମୟ ର ହୋଇଥିବା ରୁ କୁକୁର ମାନେ ଗୁଡାଇ ଥିବା ବେଳେ ବହୁ ଶିକ୍ଷକ ସମ୍ପର୍କୀୟ ମାନେ ରାସ୍ତା ରେ ପଡି ଆହତ ହୋଇଥିଲେ । ଗୋଟିଏ ପଟେ ରାଜ୍ୟ ସରକାର ସ୍କୁଲ ବନ୍ଦ କରୁଥିବା ବେଳେ ଜୟପୁର ଗୋଷ୍ଠି ଶିକ୍ଷାଧିକାରି କାର୍ଯ୍ୟାଳୟରେ ମୌଖିକ ଅର୍ଡର ବାହାରି ଥିଲା । ଜାତୀୟ ରାଜପଥ ୨୬ର ମୁଖ୍ୟ ଟ୍ରାଫିକ ଛକ ନିକଟରେ ରାସ୍ତା ଅବରୋଧ, ଆମ୍ବାଗୁଡା ଠାରେ ରାସ୍ତା ଅବରୋଧ, ବୋରିଗୁମ୍ମାରେ ରାସ୍ତା ଅବରୋଧ ସହ ଗଳି ଗନ୍ଦିରେ ମଧ ରାସ୍ତା ଅବରୋଧ ହୋଇଥିଲା । ସାଢେ ୧୧ ଟାପରେ ଶିକ୍ଷକ ମାନେ ସ୍କୁଲ ଛୁଟି କରି ଘରୁ ଆସି ପାରି ନଥିଲେ । ରାସ୍ତା ଅବରୋଧ ହଟିବା ପରେ ସଂନ୍ଧ୍ୟା ୬ଟା ୭ ଟା ବେଳେ ଶିକ୍ଷକ ମାନେ ଘରେ ପହଂଚିଥିଲେ । ଫଳରେ ଶିକ୍ଷକ ମାନେ ସରକାରଙ୍କ ନିୟମ ମାନିବେ ନା ଏବିଓ ଙ୍କ ନିୟମ ମାନିବେ ଏ ନେଇ ହରଡ ଘଣାରେ ପଡିଥିବା ଜଣାଯାଇଛି । ଏନେଇ କେତେକ ବୁଦ୍ଧୀଜିବି ଆହତମାନଙ୍କ ତାଲିକା ଧରି ଜିଲାପାଳ କୋରାପୁଟ ଓ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବଙ୍କ ସହ ସାକ୍ଷାତ କରି ଦାବି ପତ୍ର ଦେବା ନେଇ ନିଷ୍ପତି ହୋଇଛି । ଆହତ ଶିକ୍ଷକ ଓ ସମ୍ପର୍କିୟ ମାନେ ନିଜ ନାମ କରିବାକୁ ଭୟ କରିଥିଲେ । କାଳେ ଏବିଓ ସାର ରାଗି ଯିବେ ବୋଲି ନିଜ ଭାଗ୍ୟ କୁ ଆଦରି ଶିକ୍ଷାମନ୍ତ୍ରୀଙ୍କ ନାଲି ଆଖିକୁ ଭୟ କରି ଚୁପ ରହିଥିଲେ । ବିଇଓ ଓ ଏବିଓ ସରକାରଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ନିଜର ମୌଖିକ ନିର୍ଦ୍ଦେଶ ଦେବା କେତେ ଯୁକ୍ତି ସଂଗତ ? ଏହାର ଉଚ୍ଚସ୍ତରିୟ ତଦନ୍ତ କରିବାକୁ ଦାବି ହୋଇଛି । ବିଇଓ ଓ ଏବିଓ ନିଜ ପଦବୀର ଅପବ୍ୟବହାର କରିଥିବା କାର୍ଯ୍ୟକୁ ଅବସର ପ୍ରାପ୍ତ ଶିକ୍ଷକ ମାନେ ନିନ୍ଦା କରିଛନ୍ତି ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ନୂଆପଡ଼ା, (ହି.ସ.): ନୂଆପଡ଼ା ଜିଲ୍ଲା ବୋଡ଼େନ ବିଜୁ ପଟ୍ଟନାୟକ କଲେଜର ଓଡ଼ିଆ ପ୍ରାଧ୍ୟାପକ ରବିରଞ୍ଜନ ପ୍ରଧାନ ଓ ଭୂଗୋଳ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପଣ୍ଡା ଉଭୟେ ଚାକିରି କ୍ଷେତ୍ରରୁ ଅବସର ନେଇ ସାରିଛନ୍ତି । ବିଜୁ ପଟ୍ଟନାୟକ କଲେଜ ବୋଡ଼େନ ପୁରାତନ ଛାତ୍ରଛାତ୍ରୀ ଗୁରୁକୃପା କମିଟୀ ସଂଘ ଆୟୋଜନାରେ ଉଭୟ ପ୍ରଧାନ ମହୋଦୟ ଓ ପଣ୍ଡା ମହୋଦୟଙ୍କୁ ପୁଷ୍ପ ମାଲ୍ୟାର୍ପଣ କରି ଘଂଟ ଶଙ୍ଖନାଦ ସଙ୍କୀର୍ତନ ବାଜା ସହିତ ସମ୍ମାନୀତ ସହିତ ମଂଚାସୀନ କରାଯାଇଥିଲା । ଏଥିରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟସଭ୍ୟା ଦ୍ୱୟ ଯାଥାକ୍ରମେ ଶ୍ରୀକାନ୍ତ ସିଂ ମାଝୀ ଓ ହେମକାନ୍ତି ଦୁରିଆ ଓ ଗଜରାଜ ବୈଠାରୁ ସିଆରସିସି ବୋଡ଼େନ, ସମ୍ମାନୀତ ଅତିଥି ଓ ମୁଖ୍ୟ ବକ୍ତା ଶିକ୍ଷକ ସଂଘ ସଭାପତି ବୋଡ଼େନ ତଥା ପୁରାତନ ଛାତ୍ର ବୈଷ୍ଣବ ଦୁରିଆ ମଂଚାସୀନ ହୋଇ ଗୁରୁ ହିଁ ସାକ୍ଷାତ ଈଶ୍ୱର ,ଚରିତ୍ର ଓ ରାଷ୍ଟ୍ର ଗଠନରେ ଗୁରୁ ମୁଖ୍ୟ ଭୂମିକା ଅଟନ୍ତି ବୋଲି ମତ ଦେଇଥିଲେ । ପ୍ରଧ୍ୟାପକ ପ୍ରଧାନ ମହାଶୟ ଏକାଧାରରେ ଜଣେ ସୁବକ୍ତା, ବରିଷ୍ଠ ସାହିତ୍ୟଙ୍କ,ଛାତ୍ର ବତ୍ସଳ,ପରୋପକାରୀ ତଥା ଭାରତୀୟ ନାଟ୍ୟକଳା କ୍ଷେତ୍ରରେ ବରିଷ୍ଠ ନିର୍ଦ୍ଦେଶକ, ଲେଖକ ରୂପେ ସୁନାମ ଅର୍ଜନ କରିଥିବା ବେଳେ ପ୍ରାଧ୍ୟାପକ ପଣ୍ଡା ମହୋଦୟ ମଧ ମିଷ୍ଟଭାଷୀ, ଛାତ୍ର ବତ୍ସଳ ସହାନୁଭୂତି, ସମାଜରେ ଖ୍ୟାତି ଅର୍ଜନ କରିଛନ୍ତି ।ଉଭୟ ଗୁରୁଙ୍କ ଅବସରରେ ଶତାଧିକା ପୁରାତନ ଛାତ୍ରଛାତ୍ରୀ ତଥା ଅଂଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ଗୁରୁଜନଙ୍କ ଗୁଣ ଗାଇ ଥିଲେ । କେରାପଦର ସିଆରସିସି ତଥା ପୁରାତନ ଛାତ୍ର ନରେନ୍ଦ୍ର ନାଗ ମଂଚ ପରିଚାଳନା କରିଥିବା ବେଳେ ସଞ୍ଜୁ ଦୁରିଆ ସ୍ୱାଗତ ସଙ୍ଗୀତ ଓ ବିଜୁ ପଟ୍ଟନାୟକ କଲେଜର ଉତ୍ପତି ଗାଥା ଓ ଗୁରୁଦ୍ୱୟଙ୍କ ସମ୍ବନ୍ଧରେ ପିତାମ୍ବର ଦୀପ କୋଶଳୀ କବିତା ପାଠ କରି ସମ୍ମାନୀତ କରିଥିଲେ ଏବଂ ଗୁରୁଜୀ ଦୁହେଁଙ୍କ ଅବସର ଜୀବନ ଅତି ସୁଖମୟ ହେଉ ବୋଲି ଅଂଚଳର ଇଷ୍ଟ ଦେବୀ ମାଁ ଦୁଆରଶନି ଙ୍କ ନିକଟରେ ସମସ୍ତେ ଗୁହାରି କରିଥିଲେ । ପ୍ରାଧ୍ୟାପକ ପ୍ରଧାନ ମହାଶୟ ଓ ପ୍ରାଧ୍ୟାପକ ପଣ୍ଡା ମହାଶୟଙ୍କ ଅବଦାନ ଏହି କଲେଜରେ ତଥା ଅଂଚଳ ବାସୀଙ୍କ ହୃଦୟରେ ସ୍ମୃତି ହୋଇ ରହିଥିବ । ଗଣେଶ ଦଣ୍ଡସେନା, ଦିଲୀପ ଦଣ୍ଡସେନା, ବିନୋଦ ନାୟକ, ପରଦେଶୀ ଦୁରିଆ, ଧର୍ମେନ୍ଦ୍ର ନାୟକ, ଭୂପତି ଦୁରିଆ, ଲିଙ୍ଗେଶ୍ୱର ଦାସ, ବିଜୟ ବଘେଲ, ଲଛମନ ମହାନନ୍ଦ ସମେତ ଅନେକ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଜଳୁଛି ଜଙ୍ଗଲ : ବନ ବିଭାଗ ନିରବଦ୍ରଷ୍ଟା

ଭବାନୀପାଟଣା , (ହି.ସ.)-କଳାହାଣ୍ଡି ଜିଲ୍ଲାର ବନ ବିଭାଗ ତରଫରୁ ଅନେକ ଜାଗାରେ ଜଙ୍ଗଲ ସୁରକ୍ଷା ପାଇଁ ପ୍ରଚାର ପ୍ରସାର କରୁଛନ୍ତି । କିନ୍ତୁ ତାହା ଫେଲ୍ ହୋଇଯାଉଛି । ଏପଟେ ଦେଖିଲା ବେଳକୁ ନିଆଁରେ ପୋଡି ଛାରଖାର ହେଇଯାଉଛି ଅନେକ ମୂଲ୍ୟବାନ ଗଛ ସହ ବନ୍ୟଜନ୍ତୁ । କୋଟି କୋଟି ଟଙ୍କା ଖର୍ଚ୍ଚ କରି ସରକାର ବନୀକରଣ କରୁଛନ୍ତି । ତାହା ମଧ ନିଆଁ ଲାଗି ଛାରଖାର ହୋଇଯାଉଛି । ବନ ବିଭାଗ କ'ଣ କରୁଛି ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପଟେ ଛତିକୁଡ଼ା ଦେପୁର ନର୍ଲା ରାସ୍ତା ଦେଇ ପ୍ରଶାସନିକ ଅଧିକାରୀମାନେ ସବୁବେଳେ ଯିବା ଆସିବା କରୁଛନ୍ତି । କିନ୍ତୁ କାହାର ନଜର ପଡୁନାହିଁ । ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱ ଥିବା ଜଙ୍ଗଲ ଜଳୁଛି । ଏପଟେ ଜଙ୍ଗଲ ସୁରକ୍ଷା ଏବଂ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବନ ବିଭାଗ ରହିଥିବା ବେଳେ ତାହା ର ବିପରୀତ କାର୍ଯ୍ୟ କରୁଛି ବନ ବିଭାଗ । ହଜାର ହଜାର ଟଙ୍କା ବେତନ ନେଇ କୁମ୍ଭକର୍ଣ ନିଦ୍ରା ରେ ସୋଇପଡୁଛନ୍ତି ବନ ବିଭଗ କର୍ମଚାରୀ । କାର୍ଯ୍ୟ ରେ ଅବହେଳା ଯୋଗୁଁ ଆଜି ଏଭଳି ଜଙ୍ଗଲ ଜଳୁଥିବା ଦେଖିବା କୁ ମିଳୁଛି । ଜଙ୍ଗଲ ବଂଚିଲେ ଆମେ ବଂଚିବା ନାରା ଦେଇ ଚାଲିଛି ବନ ବିଭାଗ ଯେତେ ବେଳେ ଜଙ୍ଗଲ ରେ ନିଆଁ ଲାଗୁଛି ସେତେ ବେଳେ ସୋଇପଡୁଛନ୍ତି ବନ ବିଭାଗ । ଯାହାଦ୍ୱାରା ଅନେକ ଗଛ ଜଳି ସାରିଲାଣି । ମୂଲ୍ୟବାନ ଗଛ ଦିନକୁ ଦିନ ଲୋପ ପାଇବାରେ ଲାଗିଛି । କିନ୍ତୁ ବନ ବିଭାଗ କୁ ତାହା ଦେଖାଯାଉନାହିଁ । ଏଦିଗ ରେ ଜିଲା ବନ ଅଧିକାରୀ ଜିଲ୍ଲା ପ୍ରଶାସନ ଆଦିଗରେ ଦୃଷ୍ଟି ଦେବା ପାଇଁ ସାଧାରଣ ରେ ଦାବି ହେଉଛି ।

# ଏଟିଏମ୍ ଲୁଟେରାକୁ ଦୁଇବର୍ଷ କାରାଦଣ୍ଡ

ବଲାଙ୍ଗୀର (ହି.ସ.)-ଏଟିଏମ୍ ଲୁଟ୍ ମାମଲାରେ ଲୋଇସିଂହା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଜାଲି ମହାନ୍ତି ଅଭିଯୁକ୍ତ ଆଗଲପୁର ଥାନା ନଅଗାଁ(କ) ଗ୍ରାମର ନାରାୟଣ ସାହୁଙ୍କୁ ୨ ବର୍ଷ ୯ ମାସ ସଶ୍ରମ କାରାଦଣ୍ଡ ସହିତ ୯ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ଦେଇଥିବା ଜଣାପଡିଛି । ସୂଚନାମତେ, ଗତ ୨୦୨୨ ମସିହା ଅକ୍ଟୋବର ୩୧ ତାରିଖ ଦିନ ନେଗିପାଲି ଗ୍ରାମର ପ୍ରେମରାଜ ଦ୍ୱାରି ଓ ଦିଲୀପ କୁମାର ବିଶି ଲୋଇସିଂହା ସ୍ଥିତ ଏସ୍‌ବିଆଇ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଆସିଥିଲେ । ସେଠାରେ ପୂର୍ବରୁ ଅଭିଯୁକ୍ତ ନାରାୟଣ ଥିଲେ । ଟଙ୍କା ଉଠାଇ ସାରିବା ପରେ କୌଶଳ କ୍ରମେ ପ୍ରେମରାଜଙ୍କ ଏଟିଏମ୍‌କୁ ନାରାୟଣ ବଦଳାଇ ଦେଇ ଅନ୍ୟ ଏକ ଏଟିଏମ୍ ଦେଇଥିଲେ । ଯାହା ପ୍ରେମରାଜ ଜାଣି ନ ପାରି ସେଠାରୁ ଚାଲି ଆସିଥିଲେ । ପରେ ଦିଲୀପଙ୍କ ଏଟିଏମ୍ କାର୍ଡ ବଦଳ କରୁଥିବା ବେଳେ ଦିଲୀପ ତାହା ଜାଣିପାରି ବିରୋଧ କରିଥିଲେ । ପରେ ଏଟିଏମ୍ ସୁରକ୍ଷା କର୍ମୀ ଓ ବାହାରେ ଥିବା ପୋଲିସ ନାରାୟଣଙ୍କୁ କାବୁ କରି ଲୋଇସିଂହା ଥାନାରେ ଜିମା ଦେଇଥିଲେ । ପ୍ରାୟ ୮ ଜଣ ସାକ୍ଷୀଙ୍କ ବୟାନ ଓ ୬ ଗୋଟି ଦସ୍ତାବିଜକୁ ଭିତି କରି ମାଜିଷ୍ଟ୍ରେଟ ଅଭିଯୁକ୍ତକୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ଏପିପି ସୁଶିଲ କୁମାର ସୁଶାନି ଏବଂ ପ୍ରୀତିରଞ୍ଜନ ସାହୁ ମାମଲା ପରିଚାଳନା କରିଥିଲେ ।

# ଶାନ୍ତିପୂର୍ଣ୍ଣ ଭାବେ ବୌଦ୍ଧ ଜିଲ୍ଲା ବନ୍ଦ ପାଳନ

ବୌଦ୍ଧ, (ହି.ସ.): ବଜରଙ୍ଗଦଳ ପକ୍ଷରୁ ବୌଦ୍ଧ ବନ୍ଦ କରାଯାଇଥିଲା । ବୌଦ୍ଧ ଜିଲ୍ଲା ସମତେ ପଶ୍ଚିମ ଓଡିଶାର ୧୫ ଟି ଜିଲ୍ଲା ରେ ବନ୍ଦ ପାଳନ କରାଯାଇଛି । ସମ୍ବଲପୁର ସହରରେ ଘଟିଥିବା ହିଂସାକାଣ୍ଡ ଘଟଣାକୁ ବିରୋଧ କରି ବଜରଙ୍ଗଦଳ ପକ୍ଷରୁ ଏହି ବନ୍ଧ ପାଳନ କରାଯାଇଛି । ସମ୍ବଲପୁର ସହରରେ ଗତ ୧୨ ତାରିଖ ଦିନ ହନୁମାନ ଭକ୍ତଙ୍କ ମୋଟର ସାଇକେଲ ଶୋଭଯାତ୍ରା ଓ ୧୪ ତାରିଖ ଦିନ ହନୁମାନ ମହୋତ୍ସବ ଶୋଭାଯାତ୍ରା ଉପରକୁ ହିଂସାତ୍ମକ ଆକ୍ରମଣ କରାଯାଇଥିଲା ।

ଏହା ଏକ ସୁନିୟୋଜିତ ଆକ୍ରମଣ ବୋଲି ଅଭିଯୋଗ କରାଯିବା ସହ ବୌଦ୍ଧ ଜିଲ୍ଲା ବଜରଙ୍ଗ ଦଳର କର୍ମକର୍ତ୍ତା ଏହାକୁ ଦୃଢ ନିନ୍ଦା କରିଛନ୍ତି । ବନ୍ଦ ସକାଳ ୬ଟାରୁ ଆରମ୍ଭ ହୋଇଛି । ବନ୍ଦ ପାଳନ ଫଳରେ ସମସ୍ତ ସରକାରୀ , ବେସରକାରୀ କାର୍ଯ୍ୟାଳୟ , ଦୋକାନ ବଜାର, ଯାନବାହାନ ବିଦ୍ୟାଳୟ , କଲେଜ ବନ୍ଦ ରହିଛି । ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଛି । ଫଳରେ ଶହଶହ ଗାଡି ମୋଟର ଅଟକି ରହିଛି । ବନ୍ଦ ଶାନ୍ତିପୁର୍ଣ୍ଣ ରହିଛି । ବ୍ୟାପକ ପୋଲିସ ବ୍ୟବସ୍ଥା ମଧ୍ୟରେ ବିଚାରପତି ମାନେ ଜିଲ୍ଲା କୋର୍ଟରେ ପହଂଚି କାର୍ଯ୍ୟ କରିଛନ୍ତି । ସେହିପରି ଜିଲାର ବାଉଁଶୁଣି, ମନମୁଣ୍ଡା, କଂଟାମାଳ, ପୁରୁଣାକଟକ , ଚାରିଛକ ଆଦି ଅଂଚଳରେ ବନ୍ଦ ଶାନ୍ତିପୁର୍ଣ୍ଣ ରହିଛି । ଜିଲା ସାରା ବଜରଙ୍ଗଦଳ, ବିଶ୍ୱ ହିନ୍ଦୁ ପରିଷଦ, ବିଜେପି, ଅନ୍ୟ କେତେକ ସଂଗଠନ ର କାର୍ମକର୍ତା ମାନେ ପିକେଟିଂ କରୁଛନ୍ତି କ୍ଷ ବୌଦ୍ଧ ଜିଲ୍ଲା ବଜରଙ୍ଗଦଳ ସଂଯୋଜକ ସମ୍ବିତ ପଟ୍ଟନାୟକ, ଚକିତ ଭଞ୍ଜ, ଶମ୍ଭୁ ମିଶ୍ର ଙ୍କ ସମତେ ଅନ୍ୟମାନେ ନେତୃତ୍ୱ ନେଇଛନ୍ତି । ଆନ୍ଦୋଳନ କୁ ବିଜେପି ସମତେ ଅନ୍ୟ କେତେକ ସଂଗଠନ ପକ୍ଷରୁ ସମର୍ଥନ ଦିଆଯାଇଛି । ଆଇନ ଶୃଙ୍ଖଳା ପରିସ୍ଥିତିକୁ ସାମାନ୍ୟ ରଖିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ବଜରଙ୍ଗଦଳ ଓ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଶାନ୍ତିପୂର୍ଣ୍ଣ ବନ୍ଧ ପାଳନ

ମାଲକାନଗିରି, (ହି. ସ.): ଓଡିଶା ରାଜ୍ୟ ବଜରଙ୍ଗଦଳ ଓ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଆହ୍ୱାନ ଦିଆଯାଇଥିବା ୧୨ ଘଂଟିଆ ବନ୍ଦ ପାଳନ ମାଲକାନଗିରି ଜିଲ୍ଲାର ମାଥିଲି, ପଡିଆ, ଚିତ୍ରକୋଣ୍ଡା, ଖଇରପୁଟ, ବାଲିମେଳା, ମାଲକାନଗିରି,କାଲିମେଳା, ଏମଭି ୭ ୯ ଓ ମୋଟୁ ଥାନା ଅଂଚଳ ରେ ଶାନ୍ତିପୂର୍ଣ ସହକାରେ ପାଳିତ ହୋଇଯାଇଛି । ପ୍ରକାଶ ଥାଉକି ଗତ ୧୨ ଓ ୧୪ ତାରିଖରେ ସମ୍ବଲପୁର ଜିଲ୍ଲାରେ ପାଳିତ ହେଉଥିବା ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ କିଛି ମୁସଲିମ ସମ୍ପ୍ରଦାୟ ର ଯୁବକ ମାନଙ୍କ ଦ୍ୱାରା ଟେକା ପଥର ମାଡ କରାଯାଇ ଶୋଭାଯାତ୍ରା ଟିକୁ ଅସ୍ତବ୍ୟସ୍ତ କରି ଦିଆଯାଇଥିଲା , ଯାହା ଫଳରେ ଏହି ଆକ୍ରମଣରେ ଶହେ ରୁ ଅଧିକ ହନୁମାନ ଭକ୍ତ ଆହତ ହୋଇଥିଲେ ଏବଂ ଆହତ ମାନଙ୍କୁ ଉପଯୁକ୍ତ ଚିକିତ୍ସା ନିମନ୍ତେ ଚିକିତ୍ସାଳୟ ରେ ଭର୍ତି କରାଯାଇଛି । ଆଜିକୁ ପାଂଚ ଦିନ ବିତିଯାଇଥିଲେ ମଧ ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ପୋଲିସ ତରଫରୁ ଅପରାଧୀଙ୍କୁ ଗିରଫ କରିବାରେ ବିଫଳ ହୋଇଥିବାରୁ ଶେଷରେ ବାଧହୋଇ ରାଜ୍ୟର ୧୪ ଗୋଟି ଜିଲ୍ଲାରେ ଏହି ବନ୍ଦ ପାଳନ ର ଆହ୍ୱାନ ଦିଆଯାଇଛି । ଆଜିର ଏହି ବନ୍ଦ ପାଳନ ଅବସରରେ କୁଡୁମୁଲୁଗୁମ୍ମା ବଜରଙ୍ଗଦଳ ଓ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଗୋପୀନାଥ ଦାସ ନେତୃତ୍ୱ ନେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଅଜୟ କୁମାର ପଟ୍ଟନାୟକ,ଯୁଗଳ କିଶୋର ସ ।ଇଁ, ଅଶୋକ କୁମାର ଆଡ୍ୟ,ଜ୍ୟୋତି ରଞ୍ଜନ ବେହେରା, ରମାକାନ୍ତ ଧାକଡ, ସନ୍ତୋଷ କୁମାର ସାଇଁ, ଫିଂଟୁ, ଦିବାକର ସାହୁ,ନୀଳାଂଚଳ ମହାନ୍ତି,ଦିପକ ରାଜୁ ଓ ସନ୍ତୋଷ ମହାରଣା ପ୍ରମୁଖ ଯୋଗଦେଇ ଆଜିର ବନ୍ଦ ପାଳନ କୁ ସଫଳତାର ସହ ଆୟୋଜନ କରିଥିଲେ ।

# ବିପଦପୂର୍ଣ୍ଣ ଘାଟିର ୨ଶହ ଫୁଟ୍ ତଳକୁ ଖସିଲା ଟ୍ରକ୍



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲାର ଆର. ଉଦୟଗିରି ବ୍ଲକର ଉଚ୍ଚ ପାହାଡିଆ ବୁଲାଣିଆ ଘାଟିରେ ଗୁରୁବାର ଏକ ସିମେଣ୍ଟ ବୋଝେଇ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଟ୍ରକ୍‌ଟି ଘାଟିରୁ ୨୦୦ ଫୁଟ ତଳକୁ ଖସି ପଡିଛି । ଏହି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ଗୁରୁତର ହୋଇଛି । ପରେ ତାଙ୍କୁ ଜରୁରୀ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯିବ

## ଡ୍ରାଇଭର ଗୁରୁତର

ବୋଲି ଆର୍ ଉଦୟଗିରି ଡାକ୍ତରଖାନା ତରଫରୁ ସୂଚନା ମିଳିଛି । ଘଟଣାରୁ ପ୍ରକାଶ ଯେ, ଆନ୍ଧ୍ରପ୍ରଦେଶରୁ ଏକ ୧୦ ଚକା ବିଶିଷ୍ଟ ସିମେଣ୍ଟ ବୋଝେଇ ଟ୍ରକ ଗଜପତି ଜିଲ୍ଲାର ଆର୍ ଉଦୟଗିରି ବ୍ଲକରେ ଥିବା ଛେଲିଗଡ଼ ପ୍ରକଳ୍ପ କାର୍ଯ୍ୟ ପାଇଁ ଯାଉଥିଲା । ଗୁରୁବାର ସକାଳ ପ୍ରାୟ ୮ଟା ସମୟରେ ଆର. ଉଦୟଗିରି ଠାରୁ ମାତ୍ର କିଛି ଦୂରରେ ରହିଥିବା ବାଦପୁର ଘାଟିର ବିପଦପୂର୍ଣ ବୁଲାଣିରେ ଆନ୍ଧ୍ର ଡ୍ରାଇଭର ଜଣକ ଭରସାମ୍ୟ ରକ୍ଷା କରି ନପାରିବାରୁ ଘାଟିରୁ ୨ ଶହ ଫୁଟ ତଳକୁ ଟ୍ରକଟି ଓଲଟି ପଡିଥିଲା । ଏଥିରେ ଆନ୍ଧ୍ର ଟ୍ରକ ଡ୍ରାଇଭର ନାଗରାଜ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଆର୍ ଉଦୟଗିରି ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା । ସମ୍ପୃକ୍ତ ବାଦପୁର ଘାଟିର ବିପଦପୂର୍ଣ ବୁଲାଣିଆ ରାସ୍ତାରେ ଏଭଳି ଭାବେ ବହୁତ ଦୁର୍ଘଟଣା ଘଟି ଆସିଛି । ପ୍ରଥମକରି କିମ୍ବା ନୂତନ ଭାବେ ଏହି ଘାଟି ଦେଇ ଯାତାୟାତ କରୁଥିବା ଡ୍ରାଇଭରମାନେ ବୁଲାଣିଆ ରାସ୍ତାକୁ ଜାଣି ପାରୁ ନଥିବା ଯୋଗୁଁ ଏଭଳି ଦୁର୍ଘଟଣା ବଢ଼ି ଚାଲିଛି । ତେବେ ଜିଲ୍ଲା ପ୍ରଶାସନ ତଥା ଦାୟିତ୍ୱରେ ଥିବା ସମ୍ପୃକ୍ତ ବିଭାଗ ଏଥିପ୍ରତି ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସର୍ବସାଧାରଣରେ ଦାବି ହୋଇଛି ।

# ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ସ୍ୱର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ ଓଡ଼ିଶା ପଶ୍ଚିମ ପ୍ରାନ୍ତର ଆଭାସୀ ବୈଠକ

ବଲାଙ୍ଗୀର, ( ହି.ସ.): ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ତାର ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଚି ଏହାର ପ୍ରସ୍ତୁତି ପାଇଁ ଏକ ଅନ୍‌ଲାଇନ ବୈଠକ ସଭାପତି ଶଶିଭୂଷଣ ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଚି ଓ ବୈଠକରେ ପ୍ରାନ୍ତ ଦାୟିତ୍ୱ ରେ ଥିବା କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ଯ ରବିକାନ୍ତ ଜୈସୱାଲ୍ , ପୂର୍ବ କ୍ଷେତ୍ର ସଂଗଠନ ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ, ସହ ମନ୍ତ୍ରୀ ବଦ୍ରି ନାରାୟଣ ମହାରଣା , ପ୍ରାନ୍ତ ସାଧରଣ ସମ୍ପାଦକ ମାଣିକ ଲାଲ ବର୍ମା, ସଂଗଠନ ସମ୍ପାଦକ ସତ୍ୟନାରାୟଣ ପଟେଲ, ଯୋଗାଇଥିବା ବେଳେ ସମସ୍ତ ଜିଲ୍ଲାର କାର୍ଯ୍ୟକର୍ତା ଓ ସଭ୍ଯ ସଭ୍ୟା ମାନେ ଯୋଗାଇଥିଲେ ଓ ସେପଟ୍ମ୍ବର ୮ ରୁ ୧୦ ତାରିଖ ରେ ଦିଲ୍ଲୀ ରେ ଜୟନ୍ତୀ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କୁ ନେଇ ପ୍ରତି ଜିଲ୍ଲାରେ ଜିଲ୍ଲା ସ୍ତରରେ କମିଟି ମାନ ସବ୍‌ଡିଭିଜନ ଓ ବ୍ଲକ ତହସିଲ ସ୍ତରକୁ ଯାଇ କମିଟି ମାନ ଗଠନ କରି ଅଧିକ ସଦସ୍ୟତା ସୃଷ୍ଟି ସଙ୍ଗେ ସଙ୍ଗେ ହାଇସ୍କୁଲ ଛାତଛାତ୍ରୀ, କଲେଜ ଗୁଡିକରେ ସଚେତନତା ପାଇଁ କାର୍ଯ୍ୟକ୍ରମମାନ କରିବା ପାଇଁ ପ୍ରସ୍ତୁତି ବୈଠକ ରେ ସ୍ଥିର ହୋଇଥିଲା ଓ ପ୍ରତି ଜିଲାର ମହିଳା ଗୃହିଣୀ ଛାତ୍ରୀ ମାନକୁ ସଦସ୍ୟତା ଗ୍ରହଣ କରି ବିଭିନ୍ନ ଗ୍ରାହକ ସଚେତନତା ଓ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଯାଇଛି ଓ ୮ ସେପ୍ଟେମ୍ବର ୨୦୨୪ ରେ ସମାପନ ହେବ ତାପୂର୍ବରୁ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ସ୍ତରରେ ବୈଠକ କରି ଆଗାମୀ ତିନିମାସ ଭିତରେ ଭିତିଭୂମି ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ବଲାଙ୍ଗିର ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀ, ଉପସଭାପତି ମହେଶ୍ୱର ସାହୁ, ସମ୍ପାଦକ କିଶୋର ମିଶ୍ର, ରାୟଗଡା ରୁ ଆବାହକ କିଶୋର ସାହୁ ରଜତ ରଞ୍ଜନ ଖଟୁଆ ଗଣେଶ ସାହୁ ପରମାନନ୍ଦ ପଧାନ କୁମାରୀ ବଡ଼ତ୍ୟା , ସୁନ୍ଦରଗଡ଼ ରୁ ମିନାକ୍ଷୀ ନାଏକ ସାମ୍ବାଦିକ, ବଲାଙ୍ଗିର ରୁ ଦେବବ୍ରତ ରଥ, ବିଶ୍ୱନାଥ ତ୍ରିପାଠୀ, ସଂଯୁକ୍ତା ମିଶ୍ର,ରଞ୍ଜିତା ମିଶ୍ର , ଜୟଚନ୍ଦ୍ର ସାହୁ ବରଗଡ଼ ରୁ ପ୍ରୀତମ ସିଂହ ଓ ତ୍ରିନାଥ କାଳସା , ରାଉରକେଲା ର ସରୋଜ ପତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଏସ୍‌କେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଯୋଗଦେଇ ପ୍ରଥମେ କଲେଜରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ । କଲେଜ ପରିସରରେ ଥିବା ରଙ୍ଗମଞ୍ଚ ଠାରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜୀ. ତିରୁପତି ରାଓ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭାଇସ ଚାସନ୍ସଲେର ଖୋଲି କୋଟ ୟୁନେଟେରୀ ୟୁନିଭରସିଟି ବ୍ରହ୍ମ ପୁରର ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଡି ପ୍ରିୟଙ୍କା, ହୃଷିକେଶ ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ କଲେଜ ଅଧ୍ୟକ୍ଷ ଅଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭିକ ସଙ୍ଗୀତ କଲେଜର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଗାନ କରାଯାଇଥିଲା ।ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଡକ୍ଟର ଜିତେନ୍ଦ୍ର ନାଥ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଡକ୍ଟର ସ୍ନେହ ପ୍ରଭା ପଣ୍ଡା ପରେ ଅତିଥି ମାନଙ୍କ ଦ୍ୱାରା ପତ୍ରିକା ଉନ୍ମୋଚିତ କରାଯାଇଥିଲା । ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସଂ ।ସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ରାଧା କାନ୍ତ ଭୂୟାଁ । ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ର ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

# ଜିଲ୍ଲା ଯାଦବ ମହାସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କୋରାପୁଟ, (ହି.ସ.): କୋରାପୁଟ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାପାଳଙ୍କୁ ଏକ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ଯେ, ଅବିଭକ୍ତ କୋରାପୁଟ ଜିଲ୍ଲାରେ ଜନସଂଖ୍ୟାର ୨୨ ପ୍ରତିଶତ ଅର୍ଥାତ ବର୍ତ୍ତମାନ ପ୍ରାୟ ୧୨ ଲକ୍ଷ ଲୋକ ଗୌଡ଼ ଜାତିର ଯାହାକି ଭିନ୍ନ ଭିନ୍ନ ସାଙ୍ଖାରେ ଆଦିମ କାଳରୁ ବସବାସ କରି ରହିଆସୁଛନ୍ତି । ସେମାନଙ୍କ ଚାଲିଚଳଣି, ଜୀବନଶୈଳୀ, ସାମାଜିକ ସ୍ଥିତି, ଆର୍ଥିକ ମାନଦଣ୍ଡ ଅନୁସୂଚିତ ଜନଜାତିଙ୍କ ଠାରୁ ମଧ ବହୁ ପଛରେ । କିନ୍ତୁ ସେମାନେ ୨୦୮ ଜାତି ମଧ୍ୟରେ ପଛୁଆ ବର୍ଗ ଅନ୍ତର୍ଭୁକ୍ତ ରହିଛନ୍ତି, ଯଦ୍ୱାରା ସେମାନଙ୍କ ବିକାଶ ସମ୍ଭବ ହେଉନାହିଁ । ପ୍ରତିକ୍ଷେତ୍ର ଶିକ୍ଷା ହେଉ କି ଚାକିରୀ କିମ୍ବା ରାଜନୀତି, ସେମାନଙ୍କ ଭାଗିଦାରୀ ଜିଲ୍ଲାରେ ଏକ ପ୍ରତିଶତ ବି ନାହିଁ, ସଂସଦରେ ରାଜ୍ୟରୁ ସେମାନଙ୍କ ଲୋକ ନାହାନ୍ତି, ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ବି କେହି ନାହିଁ, ଏପରିକି ବିଧାନସଭାରେ ବି ସ୍ଥାନ ଏକ ପ୍ରତିଶତରୁ ତଳେ, ଅବିଭକ୍ତ କୋରାପୁଟ ଜିଲ୍ଲା ସେଡ୍ୟୁଲ ଏରିଆ ହୋଇଥିବାରୁ ସରପଂଚ, ସମିତି ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମଧ କେହି ନାହାନ୍ତି । ତେଣୁ ତାଙ୍କ ସ୍ୱର ଦିଲ୍ଲୀ ତ ଦୂର କଥା, ପଲ୍ଲୀ ରୁ ପଂଚାୟତକୁ ବି ଆସି ପାରୁନାହିଁ । ଯାହାକୁ ନେଇ ସେମାନେ ନିସଙ୍ଗତ ମନେ ହେଉଥିବା ଦର୍ଶାଯାଇଛି । ବହୁ ବିଚାର ବିମର୍ଷ ପରେ ଯାଦବ ନେତୃ ମଣ୍ଡଳୀ ପକ୍ଷରୁ ଗତ ୧୬-୦୪-୨୦୨୩ ତାରିଖ ରବିବାର ଦିନ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରାଣକେନ୍ଦ୍ର ଜୟପୁର ଠାରେ 'ଗୌଡ଼ ଅଧିକାର ସମାବେଶ' ନାମରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୭ଟି ଦାବି ରଖିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି । ଏହି ଦାବୀ ମଧ୍ୟରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଆଦିମ କାଳରୁ ବସବାସ କରୁଥିବା ଗୌଡ଼ ମାନଙ୍କୁ 'ଗିରିଜନ' ମାନ୍ୟତା ମିଳୁ , ଜାଗା ମିସନ ଢାଂଚାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଗୌଡ଼ଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳୁ । ଗୋଚର, ଗୋଧଡସ ଜମି ଜବରଦଖଲ ମୁକ୍ତ ହେଉ । ଗଉଡ଼ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହେଉ । ରାଜ୍ୟରେ ଗୋ-ସେବା ଆୟୋଗ ପ୍ରତିଷ୍ଠା ସହ ଓମ୍ଫେଡ଼ ଦାୟିତ୍ୱ ଗୌଡ଼ଙ୍କୁ ଦିଆଯାଉ । ଏସ୍ଥିସି ଢାଂଚାରେ 'ଗୌଡ଼ ଉନ୍ନୟନ ପରିଷଦ' ଗଠନ ହେଉ ଏବଂ ସଂସଦରେ ଗୌଡ଼ ସ୍ୱର ଉଠାଇବାକୁ ଜଣେ ଗୌଡ଼ ଲୋକଙ୍କୁ ରାଜ୍ୟସଭାକୁ ପ୍ରେରଣ କରାଯାଉ ବୋଲି ଏହି ଦାବିରେ ଯୁକ୍ତି ରଖାଯାଇଛି । ଏହି ପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ମଦନମୋହନ ନାୟକ, ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼, କାର୍ଯ୍ୟକାରି ସଭାପତି ବୁଲୁ ଗୌଡ଼, ଉପସଭାପତି ପରମେଶ୍ୱର ପାତ୍ର, କୋଷାଧ୍ୟକ୍ଷ ନରେଶ ମହାକୁଳ, ଲମତାପୁଟ ସଭାପତି ଅର୍ଜୁନ ହନ୍ତାଳ, ନନ୍ଦପୁର ସଭାପତି ଗୋବର୍ଦ୍ଧନ ବୈରାଗି, ଦସମନ୍ତପୁର ସଭାପତି କମଳ ଲୋଚନ ଗୌଡ଼, କୋରାପୁଟ ସଭାପତି ସୁନଧର ଗୌଡ଼, ଉପଦେଷ୍ଟା ଗୋପୀନାଥ ପୋଲାଇ, ଚନ୍ଦ୍ରକାନ୍ତ ସୁତାର, ଶ୍ରୀଚନ୍ଦନ ନାୟକ, ହରି ଗୌଡ଼, ମଧୁସୂଦନ ଗୋଲାରୀ, ନକୁଳ ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଦେଢ଼ ଘଣ୍ଟା କଲବଲ କଲା ଟ୍ରାଫିକ୍ ଜାମ୍



**ଭୁବନେଶ୍ୱର (ପିପିଏସ୍):** ୧୬ ନମ୍ବର ଜାତୀୟ ରାଜପଥରେ ଡୁମୁଡୁମା କସ୍‌ମୋପଲିସ୍ ଛକରୁ ଏମ୍‌ସ ଅଣ୍ଡରପାସ୍ ଓ ପାତ୍ରପଡ଼ା ପର୍ଯ୍ୟନ୍ତ ସବୁବେଳେ ଟ୍ରାଫିକ୍ ଭିଡ଼ ହେଉଛି। ଆଇଗିଣିଆ ଛକରେ ନିର୍ମାଣାଧୀନ ଅଣ୍ଡରପାସ୍ ପାଇଁ ଏଠାରେ ଗତ ପ୍ରାୟ ୨ ମାସ ହେଲା ଟ୍ରାଫିକ୍ ସମସ୍ୟା ଦେଖାଯାଉଛି। କିନ୍ତୁ ଆଜି ସନ୍ଧ୍ୟା ୬ରୁ ସାଢ଼େ ୭ଟା ପର୍ଯ୍ୟନ୍ତ ପ୍ରାୟ ଦେଢ଼ ଘଣ୍ଟା ଧରି ଏଠାରେ ହୋଇଥିବା ଟ୍ରାଫିକ୍ ଭିଡ଼ ସବୁ ସୀମା ଟପିଯାଇଥିଲା। ଲୋକେ ଟ୍ରାଫିକ୍ ଭିଡ଼ରେ ଫସି ରହି ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଆଜି କସ୍‌ମୋପଲିସ୍ ଛକରେ ବିଏମ୍‌ସି ନିର୍ମାଣ କରିଥିବା ଏକ ଆଦର୍ଶ ଭେଣ୍ଡିଂ ଜୋନ୍‌ର ଉଦ୍‌ଘାଟନ କାର୍ଯ୍ୟକ୍ରମ ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଭେଣ୍ଡିଂ ଜୋନ୍‌କୁ ଉଦ୍‌ଘାଟନ କରିଥିଲେ। ତେଣୁ ଏହି ଛକରେ ସ୍ୱତଃ ଟ୍ରାଫିକ୍ ସମସ୍ୟା ଆହୁରି ବଢ଼ି ଯାଇଥିଲା। ଭୁବନେଶ୍ୱରରୁ ଖୋର୍ଦ୍ଧା ଦିଗରେ ଅଧିକ ଭିଡ଼ ହୋଇଥିଲା। ଖଣ୍ଡଗିରି ଫ୍ଲାଏଓଭର ବ୍ରିଜ୍ ଉପରୁ ଯାନବାହାନ ସବୁ ଅଟକି ରହିଥିଲେ।

## ଆଉ ୮ବାଇକ୍‌ରୁ କଢ଼ାଗଲା ସାଇଲେନ୍‌ସର୍

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରେ ବିକଟାଳ ଶବ୍ଦ କରୁଥିବା ଗାଡ଼ିଗୁଡିକ ଉପରେ ଟ୍ରାଫିକ୍ ପୁଲିସ ପକ୍ଷରୁ ବଡ଼ଧରଣ ଧରପଗଡ଼ ଚାଲୁଛି। ସାଇଲେ଼ସର ଲଗାଇ ଠୋ ଠୋ ଶବ୍ଦ ଓ ନିଆଁ ବାହାର କରୁଥିବା ବୁଲେଟ୍‌ଗୁଡିକୁ ଜବତ କରିବା ସହ ଜରିମାନା ଆଦାୟ ହୋଇଛି। ବୁଧବାର ଉଚ୍ଚଶବ୍ଦ ସୃଷ୍ଟିକରି ପ୍ରଦୂଷଣ କରୁଥିବା ଆଉ ୮ଟି ବୁଲେଟ୍ ଗାଡ଼ିରୁ ସାଇଲେନ୍‌ସର କଢ଼ାଯାଇଛି। ଉକ୍ତ ଗାଡ଼ିଗୁଡିକ ଠାରୁ ୧ହଜାର ଲେଖାଏଁ ଜରିମାନା ଆଦାୟ ହୋଇଛି। ଆଜି ରାଜଧାନୀର ଏଜି, ରାଜମହଲ, ନାଲ୍‌କୋ, ପଟିଆ, ବାଣୀବିହାର, କଳ୍ପନା ଛକରେ ସାଇଲେନ୍‌ସର ଧରପଗଡ଼ ହୋଇଥିଲା। ଗତକାଲି ୧୩ଟି ଗାଡ଼ିରୁ କଢ଼ାଯାଇଥିଲା। ଏଭଳିଭାବେ ଦୁଇ ଦିନରେ ୨୧ଟି ଗାଡ଼ିରୁ ସାଇଲେନ୍‌ସର କଢ଼ାଯାଇଥିଲା।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ସତ୍ୟାଗ୍ରହ ଓ ବିକ୍ଷୋଭ



**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ବୁଧବାର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୟ ଭାରତ ସତ୍ୟାଗ୍ରହ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଥିବା କଂଗ୍ରେସ ନେତୃବୃନ୍ଦଙ୍କ ଅଭିଯୋଗ ଅନୁଯାୟୀ ଭାରତବର୍ଷର ଗଣତନ୍ତ୍ର ଗତ ୯ ବର୍ଷ ଭିତରେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। କେନ୍ଦ୍ରରେ ବିଜେପି ସରକାର ଭାରତବର୍ଷର ଗଣତନ୍ତ୍ରକୁ ନିଜ କାର୍ଯ୍ୟଧାରା ମାଧ୍ୟମରେ ଦୁର୍ବଳରୁ ଦୁର୍ବଳର କରିବାରେ ଲାଗିଛନ୍ତି। ଏପରିକି ଭାରତବର୍ଷର ସମସ୍ତ ନିରପେକ୍ଷ ଅନୁଷ୍ଠାନ ଯଥା ସିବିଆଇ, ଇଡି ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକକୁ କେବଳ ବିରୋଧୀମାନଙ୍କୁ ହଇରାଣ ହରକତ କରିବା ଓ ସେମାନଙ୍କୁ ଦୁର୍ବଳ କରିଦେବା ପାଇଁ ବ୍ୟବହାର କରାଯାଉଛି। ବିଜେପି ସରକାର ଭାରତବର୍ଷର ବିଚାରାଳୟକୁ ଅତ୍ୟନ୍ତ ଦୁର୍ବଳ କରିବା ସହିତ ସରକାରୀ ଦଳର ସ୍ୱର ସହିତ ସ୍ୱର ମିଶାଇବା ପାଇଁ ବାଧ୍ୟ କରାଯାଉଛି ବୋଲି ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ପ୍ରସାଦ ହରିଚନ୍ଦନ ପର୍ଯ୍ୟବେକ୍ଷକ ହିସାବରେ ଅଂଶଗ୍ରହଣ କରିଥିଲେ। ସେହପରି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍

**ଭୁବନେଶ୍ୱର (ପିପିଏସ୍):** ବିଏମ୍‌ସି ପକ୍ଷରୁ ଡୁମୁଡୁମା ଠାରେ କସ୍‌ମୋପଲିସ ନିକଟସ୍ଥ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍‌କୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ମହିଳା ସଶକ୍ତିକରଣକୁ ଆଗେଇ ନେବା ବିଶେଷ କରି ମିଶନଶକ୍ତି ଗ୍ରୁପ୍ କରୁଥିବା ବିଭିନ୍ନ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏହି ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ମୁଖ୍ୟମନ୍ତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଅର୍ପଣ କରିଛନ୍ତି। ମୁକ୍ତା ଯୋଜନା ଜରିଆରେ ନିର୍ମିତ ମୋଟ ୪୧ଟି ଭେଣ୍ଡିଂ ଜୋନ୍‌କୁ କେବଳ ମିଶନଶକ୍ତି ଉଦ୍ୟୋଗୀମାନଙ୍କୁ ଦେଇ ରାଜଧାନୀରେ ସେମାନଙ୍କର ବିକାଶକୁ ପ୍ରତିପାଦନ କରିବା ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି। ସମସ୍ତ ଜୋନ୍‌ରୁ ଚିହ୍ନିତ ହିତାଧିକାରୀ ଭେଣ୍ଡିଂ ଜୋନ୍ ପାଇଛନ୍ତି। ମୁକ୍ତା ଯୋଜନା ଅଧିନରେ ଏହି କାର୍ଯ୍ୟକ୍ରମ କରାଯାଉଥିବା ବେଳେ ୧ କୋଟି ୭ ଲକ୍ଷ ଟଙ୍କା ବ୍ୟୟରେ କସ୍‌ମୋପଲିସ ମଡେଲ ଭେଣ୍ଡିଂ ଜୋନ୍ ନିର୍ମିତ କରାଯାଇଛି। ଏଠାରେ ପିଇବା ପାଣି, ପରିସ୍ରାଗାର, କଂକ୍ରିଟ ଚେୟାର, ଆଲୋକିକରଣ ଏବଂ ପାର୍କିଂ ସ୍ଥାନ ମଧ୍ୟ ରହିଛି। ବିଏମ୍‌ସିର ନିୟମ ଅନୁସାରେ ଆବଣ୍ଟିତ ହୋଇଥିବା ଗ୍ରୁପ୍‌ମାନେ ସ୍ୱତନ୍ତ୍ର ଚୁକ୍ତିପତ୍ର ସ୍ୱାକ୍ଷର କରିବା ସହିତ ଏହାକୁ ମାନି ଚଳିବାକୁ କୁହାଯାଇଛି। ତେବେ ଏହି ଆବଣ୍ଟନରେ ବିଏମ୍‌ସି ସମସ୍ତ ବର୍ଗକୁ ଦୃଷ୍ଟି ଦେବା ସହିତ ଓରମାସ୍ ସମେତ ବିଭିନ୍ନ ବିଭାଗକୁ ସାମିଲ କରିଛି। ଏହା ଦ୍ୱାରା ଏକ ସାମୁହିକ ବଜାର ସୃଷ୍ଟି ହୋଇପାରିବ। ଭିନ୍ନକ୍ଷମ ମହିଳା ଚଳାଉଥିବା ଏକ ଗୋଷ୍ଠୀକୁ ଗୋଟିଏ ଭେଣ୍ଡିଂ ଜୋନ୍ ଦିଆଯାଇଛି। ୧୩ ନମ୍ବର ଭେଣ୍ଡିଂ ଜୋନ୍‌ରେ ଥିବା ଅମ୍ବାରିକା ତେଜସ୍ୱିନୀ ନାୟକ ଓ ନର୍ମଦା ସିଂଙ୍କ ନେତୃତ୍ୱରେ ଏହି ଭେଣ୍ଡିଂ ଜୋନ୍ (ତେଜସ ପ୍ରଡକ୍ଟସ) ଆରମ୍ଭ ହୋଇଛି। ଏହି ଭେଣ୍ଡିଂ ଜୋନ୍‌ରେ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି କପଡା, ଡ୍ରେସ୍, ଘରକରଣା, ଘର ସଜା ଉପକରଣ, ଖାଦ୍ୟପେୟ, ଚାନ୍ଦୁଆ ଇତ୍ୟାଦି ମିଳିବ। ସୂଚନାଯୋଗ୍ୟ, ମୁକ୍ତା ଯୋଜନା ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଉଥିବା ବେଳେ ଭେଣ୍ଡିଂ ଜୋନ୍ କରି ମିଶନଶକ୍ତି ଉଦ୍ୟୋଗୀଙ୍କୁ ସେମାନଙ୍କର ଆର୍ଥିକ ବିକାଶକୁ ଆଗେଇ ନେବାରେ ଏଭଳି ପଦକ୍ଷେପ ସେମାନଙ୍କୁ ଉତ୍ସାହିତ କରିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସିର ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ମୁକ୍ତା ଯୋଜନାର ଡେପୁଟି କମିଶନର ମନୋରଞ୍ଜନ ସାହୁ, ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀ, ମାର୍କେଟ ଉପବିଭାଗର ଡେପୁଟି କମିଶନର ଅଶୋକ କୁମାର ଲେଙ୍କା ଏବଂ ରାଜସ୍ୱ ଉପବିଭାଗର ସପନ ବିକାଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ ଜଣେ ମୃତ

**ଭୁବନେଶ୍ୱର (ପିପିଏସ୍) :** ହୃଦ୍‌ଘାତରେ ପୂର୍ବତନ ଆୟକର ଅଧିକାରୀ ନବୀନ କୁମାର ପ୍ରଧାନଙ୍କ ପରଲୋକ ହୋଇଯାଇଛି। ସେ ଭାରତୀୟ ରାଜସ୍ୱ ସେବାର ୧୯୮୬ ବ୍ୟାଚ୍ ସଦସ୍ୟ। ଓଡ଼ିଶାର ସମ୍ବଲପୁର, ଭୁବନେଶ୍ୱର ଓ କଟକରେ ଆୟକର ବିଭାଗର ବିଭିନ୍ନ ଉଚ୍ଚ ପଦପଦବୀରେ ଅନେକ ବର୍ଷ ଧରି ସେ କାର୍ଯ୍ୟ କରିଥିଲେ। ସେ ବୁର୍ଲାସ୍ଥିତ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍‌ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଭାବେ ମଧ କିଛିବର୍ଷ କାର୍ଯ୍ୟ ସମ୍ପାଦନ କରିଥିଲେ। ମହାରାଷ୍ଟ୍ରର ପୁଣେରେ ତାଙ୍କର ହୃଦ୍‌ଘାତରେ ପରଲୋକ ହୋଇଥିଲା। ତାଙ୍କର ମରଶରୀରକୁ ପୁଣେରୁ ବିମାନରେ ଭୁବନେଶ୍ୱର ଅଣାଯାଇ ସେଠାରୁ ତାଙ୍କ ପୈତୃକ ବାସସ୍ଥାନ ବରଗଡ଼ ଜିଲ୍ଲାର ଘେଁସ ନିଆଯାଇ ଦାହ କରାଯାଇଥିଲା।

# ବରିମୁଣ୍ଡରେ ବାରମ୍ବାର ଅଗ୍ନିକାଣ୍ଡ, ଗ୍ରାମବାସୀ ଚିନ୍ତିତ



**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଉତ୍ତର ମଞ୍ଚେଶ୍ୱର ଥାନା ବରିମୁଣ୍ଡ ପଞ୍ଚାୟତର ରୋକଟ ଗ୍ରାମରେ ବାରମ୍ବାର ଅଗ୍ନିକାଣ୍ଡକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗ୍ରାମରେ ଗତକାଲି ସାଢ଼େ ୧୨ଟା ସମୟରେ ପ୍ରଥମେ ରାଜା ପାତ୍ରଙ୍କ ଏକ ନଡ଼ା ଗଦାରେ ନିଆଁ ଲାଗିଥିଲା। ଗ୍ରାମବାସୀ ଓ ଶୈଳଶ୍ରୀ ବିହାର ଅଗ୍ନିଶମ ବିଭାଗ ନିଆଁ ଲିଭାଇଥିଲା। ହେଲେ ଆଜି ପୁଣି ସେହି ସାଢ଼େ ୧୨ଟା ସୁଦ୍ଧା ବିଜୟାନନ୍ଦ ବିଶ୍ୱାଳଙ୍କ କୁଟା ଗଦାରେ ନିଆଁ ଲାଗିଥିଲା। ଶୈଳଶ୍ରୀବିହାର ଅଗ୍ନିଶମ ବିଭାଗ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଏହି ସମୟରେ ଆଉ କିଛି ଦୂରରେ ଥିବା ଅଜୟ ବିଶ୍ୱାଳଙ୍କ ନଡ଼ା ଗଦାରେ ମଧ ନିଆଁ ଲାଗିଥିଲା। ଏହାକୁ ଆୟତ୍ତକୁ ଆଣିବା ଭିତରେ ପୁଣି ଆଉ ଗୋଟିଏ ଗୋଟିଏ ନଡ଼ାଗଦାରେ ନିଆଁ ଲାଗିଥିଲା। ଯାହାକୁ ସାଢ଼େ ୪ଟା ସୁଦ୍ଧା ଆୟତ୍ତକୁ କରାଯାଇଥିଲା। ତେବେ ପୁଣି ରାତି ୮ଟା ସୁଦ୍ଧା ନଡ଼ାଗଦାରେ ନିଆଁ ଲାଗିଥିଲା। ଯାହାକୁ ଗ୍ରାମବାସୀ ଲିଭାଇଥିଲେ। ଦିନକ ମଧ୍ୟରେ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୫ଟି ନଡ଼ା ଓ ପାଳ ଗଦା ପୋଡ଼ି ଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୧୫ ହଜାର ନଡ଼ା ଓ କୁଟା ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ନିଆଁ ବ୍ୟାପିବା ଭୟରେ ଗ୍ରାମବାସୀ ଚାରିଆଡ଼େ ଜଗି ରହିଥିବାବେଳେ ତୁହାକୁ ଏ ଗଦାରୁ ସେ ଗଦା ନିଆଁ ଅଚାନକ ଲାଗି ଯାଉଛି। ଏମିତି ହଠାତ ନିଆଁ ଲାଗିବାର କାରଣ କିଛି ଜଣାପଡୁନାହିଁ। ଦିନବେଳେ ନିଆଁ ଲାଗିବାରୁ ନଡ଼ାଗଦାଗୁଡିକରେ ପାଣି ପକାଯାଇଥିଲା। ତେବେ ଆଜି ସେହି ଓଦା ନଡ଼ାଗଦାରେ ମଧ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। କେମିତି କେଉଁଠୁ ନିଆଁ ଆସି ଲାଗୁଛି ଜଣା ନ ପଡ଼ିବାରୁ ଅଜଣା ଆତଙ୍କରେ ଗ୍ରାମବାସୀମାନେ ଜଗି ରହିଛନ୍ତି। ଖବର ଲେଖା ହେଲା ବେଳକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏମିତି ତୁହାକୁ ତୁହା ନିଆଁ ଲାଗୁଥିବା ବେଳେ ଶୈଳଶ୍ରୀବିହାର ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିବାକୁ ଜଗି ରହିଛି।

## ମୋବାଇଲ୍ ଚୋର ଗିରଫ



**ଭୁବନେଶ୍ୱର (ପିପିଏସ୍):** ଚୋରି ମୋବାଇଲ ଫୋନ୍‌କୁ କମ୍ ଦାମ୍‌ରେ ବିକ୍ରି କରୁଥିବା ୨ ଲୁଟେରାଙ୍କୁ ଗିରଫ କରିଛି କ୍ୟାପିଟାଲ୍ ଥାନା ପୁଲିସ। ଗିରଫ ୨ ଅଭିଯୁକ୍ତ ହେଲେ ବଡ଼ଗଡ଼ ବ୍ରିଟ୍ କଲୋନୀର ଦୀପକ ଶାହା ଓ ଜୟନ୍ତ କୁମାର ସେଠୀ। ସେମାନେ ଚୋରି ଫୋନ୍‌କୁ ୟୁନିଟ୍-୨ ମାର୍କେଟ୍‌ରେ ବିକ୍ରି କରୁଥିଲେ। ପୁଲିସ ଗ୍ରାହକ ବେଶରେ ଯାଇ ୨ ଲୁଟେରାଙ୍କୁ କାବୁ କରିବା ସହ ୩ଟି ମୋବାଇଲ ଫୋନ୍ ଜବତ କରିଥିଲା।

## ଜଗବନ୍ଧୁଙ୍କର ହେଲା ସ୍ୱାସ୍ଥ୍ୟପରୀକ୍ଷା

**ଭୁବନେଶ୍ୱର (ପିପିଏସ୍):** ବହୁଚର୍ଚ୍ଚିତ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ମାମଲାରେ ଗିରଫ ହୋଇଥିବା ସ୍ୱାମୀ ଜଗବନ୍ଧୁ ଚାନ୍ଦ ଆଜି ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ହସ୍ପିଟାଲକୁ ଆସିଥିଲେ। ସେଠାରେ ଗଣମାଧ୍ୟମକୁ କହିଛନ୍ତି ଯେ, ତାଙ୍କୁ କିଛି ଲୋକ ଚକ୍ରାନ୍ତ କରି ଫସାଇ ଦେଇଛନ୍ତି। ଏଥିରେ ଅନେକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ସେମାନେ କାହାକୁ ଟଙ୍କା ମାଗିନାହାନ୍ତି। ସ୍ୱାସ୍ଥ୍ୟ ଖରାପ ଥିବାରୁ ଡାକ୍ତର କମ୍ କଥା କହିବାକୁ କହିଛନ୍ତି। ସମୟ ଆସିଲେ ସବୁ ସତକଥା କହିବି ବୋଲି ସେ ସୂଚନା ଦେଇଛନ୍ତି।

## ଆଇଟି ଉପଦେଷ୍ଟାଙ୍କ ମୋ ସେବା କେନ୍ଦ୍ର ପରିଦର୍ଶନ

**ଭୁବନେଶ୍ୱର (ପିପିଏସ୍):** ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଭୁବନେଶ୍ୱର ସହରାଞ୍ଚଳସ୍ଥିତ ବିଭିନ୍ନ ୱାର୍ଡର 'ମୋ ସେବାକେନ୍ଦ୍ର' ପରିଦର୍ଶନ କରି ସେଠାରେ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ଇ-ସେବାଗୁଡ଼ିକ ବିଷୟରେ ବୁଝିବା ସହ ଉପସ୍ଥିତ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ବିଭାଗର ୧୫୦ରୁ ଉର୍ଦ୍ଧ୍ୱ ସେବା ଯୋଗାଇବାରେ ଏହି ବ୍ୟବସ୍ଥା ବିଶେଷ ସହାୟକ ହୋଇପାରିଛି। ସାଧାରଣ ଲୋକଙ୍କୁ ନିଜ ଘର ପାଖରେ ମିଳିପାରୁଥିବା ଏହି ସେବା ବ୍ୟବସ୍ଥାକୁ ଆହୁରି ବ୍ୟାପକ, ସୁଦୃଢ଼ ଓ ସଫଳ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଶ୍ରୀ ପଟ୍ଟନାୟକ ମୋ ସେବା କେନ୍ଦ୍ରର ପରିଚାଳକମାନଙ୍କୁ ପରାମର୍ଶ ଦେଇଛନ୍ତି। ମୋ ସେବା କେନ୍ଦ୍ର ଜରିଆରେ ଜନସାଧାରଣଙ୍କୁ ବିଭିନ୍ନ ସୁବିଧାସବୁ ସହଜରେ ମିଳିପାରୁଥିବାରୁ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଆଇଟି ଉପଦେଷ୍ଟାଙ୍କର ୱାର୍ଡ ନମ୍ବର ୫୧, ୱାର୍ଡ ନମ୍ବର ୨୪ ତଥା ୱାର୍ଡ ନମ୍ବର ୨୫ ଅନ୍ତର୍ଗତ ସୌଭାଗ୍ୟ ନଗର, ବରମୁଣ୍ଡା ଏବଂ ଆଇଆର୍‌ସି ଭିଲେଜସ୍ଥିତ 'ମୋ ସେବାକେନ୍ଦ୍ର' ଗସ୍ତ ଅବସରରେ ସହଜ ସେଣ୍ଟରର କ୍ଲଷ୍ଟର ହେଡ୍ ନିରଞ୍ଜନ ଦାସ ଓ ଓକାକ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କିଟ୍‌ରେ ଇଫ୍‌ତାର ପାର୍ଟି

**ଭୁବନେଶ୍ୱର (ପିପିଏସ୍):** ପ୍ରତିବର୍ଷ ଭଳି ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟରେ ଇଫ୍‌ତାର ପାଳିତ ହୋଇଯାଇଛି। କିଟ୍‌ରେ କାର୍ଯ୍ୟରତ ମୁସଲମାନ ସଂପ୍ରଦାୟର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଭାରତ ସମେତ ବିଭିନ୍ନ ଦେଶର ଛାତ୍ରଛାତ୍ରୀଙ୍କୁ ନେଇ ଇଫ୍‌ତାର ପାର୍ଟିର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ସବୁ ଧର୍ମର ମୂଳ ଆଧାର ହେଉଛି ଦୟା, ମାନବିକତା, ସ୍ନେହ ଓ ସୌହାର୍ଦ୍ଦ୍ୟ। କିଟ୍ ଓ କିସ୍ ଦୟା ଓ ମାନବିକତା ଉପରେ ପର୍ଯ୍ୟବସିତ ଦୁଇଟି ଶିକ୍ଷାନୁଷ୍ଠାନ। ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇ ଶ୍ରୀ ସାମନ୍ତ କହିଲେ, ଅନ୍ୟକୁ ଭଲ ପାଇବା ଅନ୍ୟମାନଙ୍କ ଠାରୁ ଭଲ ପାଇବା ଓ ସ୍ନେହ ପାଇବା ପାଇଁ ଚେଷ୍ଟା କର। ଏହା ଦ୍ୱାରା ମଣିଷକୁ ଆତ୍ମସନ୍ତୋଷ ମିଳିବା ସହ ଅନ୍ୟମାନେ ମଧ ଏଥିରୁ ଆନନ୍ଦ ପାଇଥାନ୍ତି। ପରସ୍ପରକୁ ଭଲ ପାଇବା ଦ୍ୱାରା ଅନେକ ମାନସିକ ଓ ସାମାଜିକ ସମସ୍ୟା ଦୂର ହୋଇପାରିବ। ଏହାକୁ ସମସ୍ତେ ଆପଣାଇବା ସହ ଅଭ୍ୟାସ କରିବା ଉଚିତ ବୋଲି ସେ କହିଥିଲେ। ଏଥିପାଇଁ ନିଜ ଜୀବନରେ ଆର୍ଟ ଅଫ୍ ଗିଭିଂକୁ ଏକ ଅଭ୍ୟାସରେ ପରଣିତ କରିବା ପାଇଁ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

## ବନ୍ଧୁକ ବେପାରୀଙ୍କୁ ଅଢ଼େଇ ବର୍ଷ ଲେଖାଏ ଜେଲ୍‌ଦଣ୍ଡ

**ଭୁବନେଶ୍ୱର (ପିପିଏସ୍):** ବେଆଇନ୍ ଅସ୍ତ୍ରଶସ୍ତ୍ର କାରବାର ମାମଲାରେ ଗିରଫ ହୋଇଥିବା ଦୁଇଜଣ ବନ୍ଧୁକ ବେପାରୀଙ୍କୁ ଅଢ଼େଇ ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ଭୁବନେଶ୍ୱର ତୃତୀୟ ଅତିରିକ୍ତ ସେସନ ଜଜ ଶୁଣାଇଛନ୍ତି ଏହି ଦଣ୍ଡାଦେଶ। ଗିରଫ ହୋଇଥିବା ବିକାଶ ବେହେରା ଓରଫ ଭିକାରୀ ଓ ରାକେଶ କୁମାର ଜେନା ଓରଫ କାହ୍ନାଙ୍କୁ ଅଢ଼େଇ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଲେଖାଏଁ ଜରିମାନା ଦେବା ଲାଗି ଆଦେଶ ଦେଇଛନ୍ତି ମାନ୍ୟବର ବିଚାରପତି। ଜରିମାନା ଅନାଦାୟ ହେଲେ, ଅଧିକ ଦୁଇ ମାସ ଲେଖାଏଁ ଜେଲ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ ଯେ, ୨୦୨୦ ମସିହା ଅକ୍ଟୋବର ମାସ ୧୫ ତାରିଖରେ ଚନ୍ଦକା ଥାନା ଦାସପୁର ବ୍ରିଜ ନିକଟରେ ଭିକାରୀ ଓ କାହ୍ନା ବେଆଇନ ଭାବେ ବନ୍ଧୁକ କାରବାର କରୁଥିଲେ। ବିଶେଷସୂତ୍ରରୁ ଖବରପାଇଁ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଚଢ଼ଉ କରିଥିଲା। ବନ୍ଧୁକ କାରବାର ସମ୍ପୃକ୍ତି ରହିଥିବା ଭିକାରୀ ଓ କାହ୍ନାକୁ ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ୮ଟି ବନ୍ଧୁକ ଓ ୧୨ଟି ଗୁଳି ଜବତ ହୋଇଥିଲା। ଦୁଇଟି ଆମେରିକା ନିର୍ମିତ ୭ଏମ୍‌ଏମ୍ ବନ୍ଧୁକ, ଗୋଟିଏ ତାଇୱାନ ରିଭରବଲ୍, ୪ଟି ଦେଶୀ ବନ୍ଧୁକ, ଗୋଟିଏ ୭.୬୨ ଏମ୍‌ଏମ୍ ଏସ୍‌ଏଲ୍‌ଆର୍ ଓ ଗୋଟିଏ ଏସ୍‌ବିଏମ୍‌ଏଲ୍ ବନ୍ଧୁକ ରହିଥିଲା। ସେମାନଙ୍କ ଠାରୁ ଆମେରିକା, ତାଇୱାନ ଓ ଦେଶୀ ନିର୍ମିତ ବନ୍ଧୁକ ମିଳିବା ପରେ ପଦାକୁ ଆସିଥିଲା ବନ୍ଧୁକ ସାମ୍ରାଜ୍ୟର ବିଦେଶୀ ଲିଙ୍କ୍। ବିଦେଶୀ ଓ ଦେଶୀ ବନ୍ଧୁକକୁ ଭିକାରୀ ଓ କାହ୍ନା ବେଆଇନ ଭାବେ ବିକ୍ରିକରି ସାମ୍ରାଜ୍ୟ ବିସ୍ତାର କରୁଥିଲେ। ସେମାନଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲା ଏସ୍‌ଟିଏଫ୍। ଏହି ମାମଲାର ତୃତୀୟ ଅତିରିକ୍ତ ସେସନ ଜଜ ୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଭିକାରୀ ଓ କାହ୍ନାକୁ ଦୋଷୀ ସାବ୍ୟସ୍ତ କରିବା ସହ ଦେଢ଼ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ରଶ୍ମିରଞ୍ଜନ ବ୍ରହ୍ମା ମାମଲାକୁ ପରିଚାଳନା କରୁଥିଲେ।

## ଆକ୍ରମଣ ଘଟଣାରେ ୪ ଗିରଫ



**ଭୁବନେଶ୍ୱର (ପିପିଏସ୍):** ବାଲିପାଟଣା ଥାନା ଆମେଣାକୁଦ ପଞ୍ଚାୟତ କୁଦପାଟଣା ଗ୍ରାମର ସୁକାନ୍ତ ପଣ୍ଡାଙ୍କ ଘରେ ଜୋର ଜବରଦସ୍ତ ପଶି ମାଡ଼ ମାରିବା ଓ ଆସବାବପତ୍ର ଭଙ୍ଗାରୁଜା ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁଦପାଟଣା ଗ୍ରାମର ନନ୍ଦୁ ଭୋଇ (୧୯), ଶାନ୍ତନୁ ଭୋଇ (୨୩), ଜିତୁନା ଭୋଇ (୧୯), ଆକାଶ ମହାରଣା (୨୩)। ସୂଚନାଯୋଗ୍ୟ ଗତ ଶନିବାର ସୁକାନ୍ତଙ୍କ ପୁଅ ଜ୍ଞାନ ରଞ୍ଜନ ପଣ୍ଡା ଓରଫ ସୀତୁନ ସାଙ୍ଗମାନଙ୍କ ସହ ରାତିରେ ଏକାଠି ବସିଥିଲେ। ଏହି ସମୟରେ ସାଙ୍ଗମାନଙ୍କ ମଧ୍ୟରୁ କେହି ସୀତୁନର ମୋବାଇଲ ନେଇଯାଇଥିଲେ। ସେହି ରାଗରେ ସୀତୁନ ଅନ୍ୟଜଣଙ୍କ ମୋବାଇଲ ନେଇ ଯାଇଥିଲା। ରବିବାର ସକାଳୁ ସେହି ଘଟଣାକୁ ନେଇ ୨୦ରୁ ୨୫ଜଣ ଯୁବକ ସୁକାନ୍ତଙ୍କ ଘର ନିକଟକୁ ଆସି ହୋ ହଲ୍ଲା କରିଥିଲେ। ସୁକାନ୍ତ ସେମାନଙ୍କୁ ବାରଣ କରିଥିଲେ। ଘଟଣାର ସମାଧାନ ପାଇଁ ନେହୁରା ମଧ ହୋଇଥିଲେ। ମାତ୍ର ସେମାନେ ତାଙ୍କ କଥା ନଶୁଣି ଲୁହା ଛଡ଼, ଠେଙ୍ଗା, ବାଡ଼ି ଓ ପିଭିସି ପାଇପ ଧରି ଆକ୍ରମଣ କରିଥିଲେ। ଏପରିକି ସଙ୍ଘବଦ୍ଧ ହୋଇ ଘର କବାଟ ଭାଙ୍ଗି ଘରେ ପଶି ସୀତୁନକୁ ମାଡ଼ ମାରି ଲହୁ ଲୁହାଣ କରିଥିବା ଅଭିଯୋଗ ହୋଇଥିଲା।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

**ଭୁବନେଶ୍ୱର (ପିପିଏସ୍):** ବିଶ୍ୱ ଯକୃତ ଦିବସ ଅବସରରେ ମଞ୍ଚେଶ୍ୱର ଥାନା ଥାନା ମା' ହାଡବାଇ ବସ୍ତିର ମାଗଣା ସ୍ୱାସ୍ଥ୍ୟପରୀକ୍ଷା ଶିବିର କରାଯାଇଛି। ବସ୍ତିର ପ୍ରାୟ ଦେଢ଼ଶହ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ସେମାନଙ୍କୁ ମାଗଣା ଔଷଧ ଦିଆଯିବା ସହ ଚିକିତ୍ସା କରାଯାଇଥିଲା। ଏଥିରେ ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅତିରିକ୍ତ ପୁଲିସ କମିସନର ଉମାଶଙ୍କର ଦାଶଙ୍କ ସମେତ ଅନ୍ୟାନ୍ୟ ପୁଲିସ ଓ ବସ୍ତିବାସିନ୍ଦା ଉପସ୍ଥିତ ରହିଥିଲେ।

### ମହର୍ଷି କଲେଜରେ ଗଣ୍ଡଗୋଳ ଘଟଣା

## ଦୋଷ ଖସାଉଛନ୍ତି କଲେଜ କର୍ତ୍ତୃପକ୍ଷ

**ଭୁବନେଶ୍ୱର (ପିପିଏସ୍):** ମହର୍ଷି କଲେଜ ଗଣ୍ଡଗୋଳ ଘଟଣାରେ କଲେଜ କର୍ତ୍ତୃପକ୍ଷ ଓ ପୁଲିସ ନିଜ ଉପରୁ ଦୋଷ ଖସାଉଥିବା ଜଣାପଡ଼ିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ୪ଦିନ ବିତିଯାଇଥିଲେ ବି ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା କାରଣରୁ ଏଭଳି ଆଲୋଚନା କରୁଛନ୍ତି ଅଭିଭାବକ ଓ ସ୍ଥାନୀୟ ଲୋକେ। ଗିରଫ କରିବା ତ ଦୂରର କଥା ମାମଲା ବି ରୁଜୁ ହୋଇନାହିଁ। ପାଲଟା ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଯାଉଛି। କଲେଜ କର୍ତ୍ତୃପକ୍ଷ ନିରବ ରହିବା ଓ ପୁଲିସ ହାତ ଟେକିଦେବାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ୟପଟେ ଘଟଣାକୁ ନେଇ ପୁଲିସ ଓ କଲେଜ କର୍ତ୍ତୃପକ୍ଷ ପରସ୍ପରକୁ ଆରୋପ ପ୍ରତ୍ୟାରୋପ କରିଛନ୍ତି। କଲେଜ କର୍ତ୍ତୃପକ୍ଷ କହିଛନ୍ତି ଯେ, ସୋମବାର ଦିନ କଲେଜ ସମ୍ମୁଖରେ କିଛି ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଜଣେ ପିଲା ଭୟରେ କ୍ୟାମ୍ପସ ଭିତରକୁ ପଶିଆସିବାରୁ ତାକୁ ଅନ୍ୟମାନେ ବାହାରକୁ ନେଇଯାଇଥିଲେ। କ୍ୟାମ୍ପସ ବାହାର ତାଙ୍କୁ ମାରପିଟ୍ କରିଥିଲେ। କୌଣସି ସୂତ୍ରରୁ ଖବରପାଇ ପୁଲିସ ସେଠାରେ ପହଞ୍ଚି ହସ୍ତକ୍ଷେପ କରି ପିଲାଙ୍କୁ ଛାଡ଼ିଥିଲା। ଆମେ ପୁଲିସକୁ ଖବର ଦେଇ ନଥିଲୁ। ତେବେ ଶୁକ୍ରବାର ଦିନ ଯେଉଁ ପିଲା ଛାତ୍ରୀଙ୍କୁ କମେଣ୍ଟ କରିଥିଲେ ଆମେ ତାଙ୍କୁ ଅଣ୍ଡରଟେକିଂ ଦେଇ ଛାଡ଼ିଥିଲୁ। ଗଣ୍ଡଗୋଳ ଦିନ ସେହି ପିଲା ଥିଲେ କି ନାହିଁ ଆମେ ଜାଣିନାହୁଁ। ଏମିତିକି କଲେଜର କୌଣସି ଛାତ୍ର ଆକ୍ରମଣର ଶିକାର ହୋଇଥିବା ନେଇ ଆମ ନିକଟରେ ଅଭିଯୋଗ କରିନାହାନ୍ତି। ସେଥିପାଇଁ ଆମେ ପୁଲିସରେ ଅଭିଯୋଗ କରିନାହୁଁ। ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଛାତ୍ରଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ବି ସେମାନେ ଅଭିଯୋଗ ଫର୍ଦ୍ଦ ଦାଖଲ କରିନଥିଲେ। ହେଲେ କେବଳ ସୁରକ୍ଷା ଯୋଗାଇଦେବା ପାଇଁ କଲେଜ କର୍ତ୍ତୃପକ୍ଷ ଥାନାକୁ ଲେଖିଥିଲେ। ସେଥିରେ ଗଣ୍ଡଗୋଳ କି ଆକ୍ରମଣ ନେଇ କିଛି ଲେଖାଯାଇନଥିଲା ବୋଲି ଥାନା ପକ୍ଷରୁ କୁହାଯାଇଛି। ଗୋଟିଏ ପଟେ ଛାତ୍ରଙ୍କୁ ଆକ୍ରମଣ ହୋଇଥିବା ନେଇ ପୁଲିସ କହୁଥିବା ବେଳେ କଲେଜ କର୍ତ୍ତୃପକ୍ଷ ଛାତ୍ରଙ୍କୁ ଚିହ୍ନି ନପାରିବା ସମସ୍ତଙ୍କୁ ଚକିତ କରିଛି। ସମଗ୍ର ଘଟଣାରୁ ସ୍ପଷ୍ଟ ଯେ ନିଜ ନିଜ ମୁଣ୍ଡରୁ ଦୋଷ ଖସାଇବା ପାଇଁ ଏଭଳି ଉଦ୍ୟମ ଚଳାଇଛନ୍ତି।

ଆଉ ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିକୁ ଯାଞ୍ଚ୍ କରି ପୁଲିସ୍ ଅପରାଧୀଙ୍କୁ ଧରିବାକୁ ଉଦ୍ୟମ କରୁନାହିଁ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଅପରାଧୀଙ୍କ ଭୟରେ ହେଉ ଅବା ସଲାସୁତରାରେ ମାମଲାକୁ କମ୍‌ଜୋର କରିବାକୁ ଉଦ୍ୟମ କରାଯାଉଛି ବୋଲି ଜଣେ ଅଭିଭାବକ କହିଛନ୍ତି। ସୂଚନା ଯୋଗ୍ୟ ଗତ ଶୁକ୍ରବାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କିଛି ଯୁବକ ମହର୍ଷି କଲେଜ ସମ୍ମୁଖରେ ଖଟି ଜମାଇ କଲେଜକୁ ଆସୁଥିବା ଛାତ୍ରୀଙ୍କୁ କମେଣ୍ଟ କରିଥିଲେ। କିଛି ଛାତ୍ର ଏହାର ପ୍ରତିବାଦ କରିଥିଲେ। ପ୍ରତିଶୋଧ ପାଇଁ ସେହି ଗୋଷ୍ଠୀର ଯୁବକମାନେ ସୋମବାର ଦିନ ହାତରେ ବ୍ୟାଟ୍, ହକିଷ୍ଟିକ୍ ଆଦି ମାରଣାସ୍ତ୍ର ଧରି କଲେଜ୍ କ୍ୟାମ୍ପସରେ ପଶି ଆତଙ୍କ ଖେଳାଇଥିଲେ। ଛାତ୍ରଙ୍କୁ କ୍ୟାମ୍ପସରୁ ନେଇ ବାହାରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଅକ୍ରମଣ ଯୋଗୁଁ ୩ଜଣ ଛାତ୍ର ଆହତ ହୋଇଥିଲେ।

# କ୍ୟାପିଟାଲ୍ ହସ୍ପିଟାଲ୍ ଓପିଡିରେ ଅବ୍ୟବସ୍ଥା, ରୋଗୀ ହନ୍ତସନ୍ତ




**ଭୁବନେଶ୍ୱର (ପିପିଏସ୍) :** କ୍ୟାପିଟାଲ୍ ହସ୍ପିଟାଲ୍ ଓପିଡିରେ ଅବ୍ୟବସ୍ଥା ଯୋଗୁଁ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣେ ରୋଗୀ ହେଲେ ୬୫ ବର୍ଷ ବୟସର ବୃଦ୍ଧ ସନ୍ତୋଷ ସାହୁ। ସେ କାନ୍ଧ ଓ ଆଣ୍ଠୁଗଣ୍ଠି ସମସ୍ୟା ନେଇ ନୟାଗଡ଼ ଜିଲ୍ଲା ଓଡ଼ଗାଁରୁ ଧାଇଁ ଆସିଥିଲେ। ଅସ୍ଥିଶଲ୍ୟ ବିଭାଗରେ ଡାକ୍ତରଙ୍କୁ ଦେଖା କରିବେ ବୋଲି ଭୋରରୁ ଟିକେଟ୍ କାଉଣ୍ଟରରେ ଧାଡ଼ିରେ ଠିଆହେଲେ। ପୁଣି ଓପିଡି ସମ୍ମୁଖରେ ଧାଡ଼ିରେ ଅପେକ୍ଷା କଲେ। ଯନ୍ତ୍ରଣା ହେଉଥିବା ସତ୍ତ୍ୱେ ଅପେକ୍ଷା କରି କରି ଶେଷରେ ଡାକ୍ତରଙ୍କୁ ଭେଟି ବେଶ୍ ଖୁସିହେଲେ। ଡାକ୍ତର ତାଙ୍କୁ ଏକ୍ସ-ରେ କରିବାକୁ କହିବାରୁ ସେ ଏକ୍ସ-ରେ ବିଲିଂ କାଉଣ୍ଟରରେ ପୁଣି ଧାଡ଼ିରେ ଠିଆ ହେଲେ। ସୌଭାଗ୍ୟକୁ ଏକ୍ସ-ରେ ପାଳି ବି ପଡ଼ିଗଲା। ଏକ୍ସ-ରେ ଫଟୋ କପି ଓ ରିପୋର୍ଟ ପାଇବା ପରେ ତାଙ୍କୁ କୋଟିନିଧି ପାଇବା ଭଳି ଲାଗିଲା। ବଡ଼ ଖୁସିରେ ସେ ଧାଇଁଲେ ଓପିଡିକୁ। ମାତ୍ର ସେତେବେଳକୁ ଭୋଜନ ବିରତି ସମୟ ହୋଇଯାଇଥିଲା ଏବଂ ଓପିଡିରେ ଡାକ୍ତର ନଥିଲେ। ତେଣୁ ସନ୍ତୋଷ ବାଧ ହୋଇ ଅପେକ୍ଷା କଲେ। ଅପରାହ୍ନ ୨ଟାରେ ଓପିଡି ଖୋଲିଲା। କିନ୍ତୁ ସନ୍ତୋଷଙ୍କ ଖୁସି ପାଣିରେ ମିଳେଇଗଲା। ସକାଳେ ଯେଉଁ ଡାକ୍ତର ତାଙ୍କୁ ଦେଖିଥିଲେ, ସେ ଓପିଡିରେ ନଥିଲେ। ଯେଉଁ ଡାକ୍ତର ଥିଲେ, ସେ ସକାଳ ରୋଗୀଙ୍କୁ ପରାମର୍ଶ ଦେଇପାରିବେ ନାହିଁ ବୋଲି ସନ୍ତୋଷଙ୍କୁ ରୋକ୍‌ଠୋକ ମନା କରି ଫେରାଇଦେଲେ। କେବଳ ସେତିକି ନୁହେଁ, ଏକ୍ସ-ରେ କରିବାକୁ ପରାମର୍ଶ ଦେଇଥିବା ଡାକ୍ତରଙ୍କୁ ଦେଖା କରିବାକୁ ହେଲେ, ଦୁଇ ଦିନ ପରେ ଆସିବାକୁ କହିଲେ। ସନ୍ତୋଷଙ୍କ ମୁଣ୍ଡରେ ଚଡ଼କ ପଡ଼ିଗଲା। କିଛି ସମୟ ପୂର୍ବରୁ ଏକ୍ସ-ରେ ରିପୋର୍ଟ ପାଇବା ବେଳେ ତାଙ୍କୁ ଯେଉଁ ଖୁସି ମିଳିଥିଲା, ତାହା ଅପରାହ୍ନର ଡାକ୍ତରଙ୍କ କଥାରେ ନିମିଷେକ ମଧ୍ୟରେ ମିଳେଇଗଲା। ବହୁ କଷ୍ଟରେ ୧୦୦ କିଲୋମିଟର ଦୂରରୁ ଧାଇଁ ଆସିବାର ପରିଶ୍ରମ ବୃଥା ହୋଇଗଲା। କାନମୁଣ୍ଡା ଆଉଁସି ଘରକୁ ଫେରିଲେ ସନ୍ତୋଷ। କେବଳ ସନ୍ତୋଷ ନୁହନ୍ତି, ଏମିତି ଅନେକ ସନ୍ତୋଷ ଏମିତି ସବୁଦିନ ହଇରାଣ ହେଉଛନ୍ତି। ସକାଳେ ଓପିଡିରେ ଥିବା ଡାକ୍ତର ଅପରାହ୍ନରେ ଓପିଡିକୁ ଆସୁନଥିବାରୁ ସନ୍ତୋଷମାନେ ହତାଶ ହୋଇ ଫେରୁଛନ୍ତି। ନିୟମାନୁସାରେ ସକାଳେ ଓପିଡି ଡିଉଟିରେ ଥିବା ଡାକ୍ତର ଅପରାହ୍ନରେ ବି ଓପିଡିରେ ରହିବା କଥା। କିନ୍ତୁ ଅନେକ ବିଭାଗର ଡାକ୍ତର ଏହି ନିୟମକୁ ଫୁ' କରି ଅପରାହ୍ନରେ ଓପିଡିରେ ଅନୁପସ୍ଥିତ ରହୁଛନ୍ତି। ଏମିତିକି ହସ୍ପିଟାଲର ନିର୍ଦ୍ଦେଶକ ଏନେଇ ଡାକ୍ତରମାନଙ୍କୁ ନୋଟିସ୍ କରିଥିଲେ ବି ବହୁ ଡାକ୍ତର ନିଜ ନିଜ ଭିତରେ ସଲାସୁତୁରା କରି ଅପରାହ୍ନରେ ଓପିଡି ଡିଉଟିରେ ରହୁନାହାନ୍ତି। ଫଳରେ ସକାଳର ରୋଗୀ ସେହିଦିନ ଆଉ ସମ୍ପୃକ୍ତ ଡାକ୍ତରଙ୍କୁ ଭେଟି ପରାମର୍ଶ ନେବା ସମ୍ଭବ ହେଉନାହିଁ। କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଦୈନିକ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଆସନ୍ତି। ଭୁବନେଶ୍ୱର ବାଦ୍ ଖୋର୍ଦ୍ଧା, ନୟାଗଡ଼ର ବହୁ ରୋଗୀ ଏଠାକୁ ଆସନ୍ତି। ମାତ୍ର ଡାକ୍ତରମାନଙ୍କ ମନମାନି ଯୋଗୁ ସେମାନେ ସମସ୍ୟାରେ ପଡ଼ି ଫେରିବାକୁ ବାଧ ହୁଅନ୍ତି। ସେହିଭଳି କିଛି ବିଭାଗରେ ଓପିଡିରେ ପିଜିଆଇ ପ୍ରଫେସରମାନେ ରୋଗୀ ଦେଖିବାକୁ ନିୟମ ଥିବା ବେଳେ ପ୍ରଫେସରମାନେ ରୋଗୀ ଦେଖୁନାହାନ୍ତି। ପିଜି କରୁଥିବା ସ୍ୱଳ୍ପ ଅଭିଜ୍ଞତାସମ୍ପନ୍ନ ଡାକ୍ତରମାନେ ଓପିଡିରେ ବସୁଛନ୍ତି। ସେମାନଙ୍କୁ ଗାଇଡ୍ କରିବାକୁ ନିକଟରେ ପ୍ରଫେସରମାନେ ଉପସ୍ଥିତ ରହୁନାହାନ୍ତି। ଏହାକୁ ନେଇ ହସ୍ପିଟାଲରେ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ ଏନେଇ ହସ୍ପିଟାଲ୍ ତରଫରୁ ଡାକ୍ତରମାନଙ୍କୁ ନୋଟିସ କରାଯାଇଛି। ସକାଳ ଡାକ୍ତର ଓପିଡିକୁ ଅପରାହ୍ନରେ ଆସୁନଥିବା ଅଭିଯୋଗ ହେଲେ ଏବଂ ଏଭଳି ଅନିୟମିତତା ପ୍ରମାଣିତ ହେଲେ, ସଂପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏମିତି ହେଉଥିଲେ, ଅପରାହ୍ନରେ ଓପିଡିରେ ରହୁନଥିବା ଡାକ୍ତରଙ୍କ ଅଧା ଦିନର ଦରମା କଟାଯିବ ବୋଲି ସେ କହିଛନ୍ତି।






# ଭାରତ ବିପର୍ଯ୍ୟୟ ମୁକାବିଲା ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ ନେଇଛି



ନୂଆଦିଲ୍ଲୀ : ନୂଆଦିଲ୍ଲୀରେ ଅନୁଷ୍ଠିତ ଜରୁରୀକାଳୀନ ପରିସ୍ଥିତିକୁ ରୋକିବା ତଥା ରୋକିବା ପାଇଁ ଦାୟିତ୍ୱରେ ଥିବା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ସଦସ୍ୟ ଦେଶର ମୁଖ୍ୟଙ୍କ ବୈଠକରେ କେନ୍ଦ୍ର ଗୃହ ଓ ସହଯୋଗ ମନ୍ତ୍ରୀ ଅମିତ ଶାହା ଅଧ୍ୟକ୍ଷତା କରିଥିଲେ। ଏଥିରେ ସଦସ୍ୟ ରାଷ୍ଟ୍ରର ବିଭାଗୀୟ ମୁଖ୍ୟମାନେ ଜରୁରୀକାଳୀନ ପରିସ୍ଥିତିକୁ ରୋକିବା ଏବଂ ଦୂର କରିବା ବିଷୟରେ ଆଲୋଚନା କରିଥିଲେ। ୨୦୦୧ ରେ ଝଉଙ ପ୍ରତିଷ୍ଠା କରାଯାଇଥିଲା । ଏହା ଏକ ଆନ୍ତଃସରକାରୀ ସଂଗଠନ, ଯେଉଁଥିରେ ଆଠଟି ସଦସ୍ୟ ଦେଶ ଭାରତ, ଚୀନ୍, କାଜାଖସ୍ତାନ, କିର୍ଗିଜସ୍ଥାନ, ପାକିସ୍ଥାନ, ରୁଷ, ତାଜିକିସ୍ତାନ ଏବଂ ଉଜବେକିସ୍ତାନ ଅନ୍ତର୍ଭୁକ୍ତ। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ବର୍ଷ ବର୍ଷ ଧରି ଏସସିଓ ଅଞ୍ଚଳ ବିପୁଳ ଅର୍ଥନୈତିକ କ୍ଷତି ସହ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସେ କହିଛନ୍ତି ଯେ ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ବିପର୍ଯ୍ୟୟ ମଧ୍ୟରେ କୌଣସି ସ୍ପଷ୍ଟ ସମ୍ପର୍କ ନଥିଲେ ମଧ୍ୟ ବିପର୍ଯ୍ୟୟ ନିରାକରଣର ଆହ୍ୱାନ ସମଗ୍ର ବିଶ୍ୱରେ ସମାନ ଏବଂ ତେଣୁ ଆମେ ପରସ୍ପରଠାରୁ ଶିଖିବା, ସହଯୋଗ ଏବଂ ନୂତନତା ବୃଦ୍ଧି କରିବା ଆବଶ୍ୟକ। ଭାରତ ୨୦୧୭ ରେ ଏକ ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର ଭାବରେ ଏହି ସଂଗଠନରେ ଯୋଗ ଦେଇଥିଲା ଏବଂ ସେହି ଦିନଠାରୁ ସକ୍ରିୟ ଭାବରେ ଜଡିତ ଥିଲା। ଭାରତ ସର୍ବଦା ଏସସିଓ ସଦସ୍ୟ ଦେଶମାନଙ୍କ ପାଇଁ ପାରସ୍ପରିକ ଲାଭର ପ୍ରସ୍ତାବ ଆଣିବା ଉପରେ ଧ୍ୟାନ ଦେଇଛି। ଏହି ବୈଠକରେ ସଦସ୍ୟ ଦେଶଗୁଡିକର ପ୍ରତିନିଧୀମାନେ ସେମାନଙ୍କ ସୀମା ମଧ୍ୟରେ ସୃଷ୍ଟି ହୋଇଥିବା ଗୁରୁତର ଜରୁରୀକାଳୀନ ପରିସ୍ଥିତି ସମ୍ବନ୍ଧୀୟ ସୂଚନା ବାଣ୍ଟିବେ ଏବଂ ସେମାନଙ୍କୁ କିପରି ମୁକାବିଲା କରାଯାଇଥିଲା। ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ଜରୁରୀକାଳୀନ ପରିସ୍ଥିତିରେ ପ୍ରଭାବଶାଳୀ ଯୋଗାଯୋଗ ଏବଂ ସୂଚନା ଆଦାନପ୍ରଦାନ ସହାୟକ ହୋଇପାରିବ। ସେ କହିଛନ୍ତି ଯେ ବିପର୍ଯ୍ୟୟ ମୁକାବିଲା କ୍ଷମତା ବୃଦ୍ଧିରେ ନୂତନ ଏବଂ ବିକଶିତ ପ୍ରଯୁକ୍ତିବିଦ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ, ବିପର୍ଯ୍ୟୟ ବିପଦ ଆକଳନ ଏବଂ ପ୍ରତିକ୍ରିୟାରେ ଉନ୍ନତି ଆଣିବା ପାଇଁ କୃତ୍ରିମ ବୁଦ୍ଧିମତା, ରିମୋଟ ସେନ୍ସିଂ, ଡ୍ରୋନ୍ ଟେକ୍ନୋଲୋଜି ଏବଂ ଡାଟା ଆନାଲିଟିକ୍ସ ଭଳି ଟେକ୍ନୋଲୋଜିର ସଫଳ ବ୍ୟବହାର କ୍ଷେତ୍ରରେ ଏସ୍‌ସିଓ ସଦସ୍ୟ ଦେଶମାନେ ସେମାନଙ୍କର ଅଭିଜ୍ଞତା ଏବଂ ଜ୍ଞାନ ବାଣ୍ଟିପାରିବେ । ଏହି ବୈଠକରେ ପ୍ରତିନିଧୀ ଦେଶମାନେ ଅଭିନବ ପ୍ରଯୁକ୍ତିବିଦ୍ୟା ଉପରେ ସେମାନଙ୍କର ମତାମତ ବାଣ୍ଟିଥିଲେ ଏବଂ ଭବିଷ୍ୟତରେ ଜରୁରୀକାଳୀନ ପରିସ୍ଥିତିକୁ ରୋକିବା ଏବଂ ମୁକାବିଲା କରିବାର ଉପାୟ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନର ଚେୟାରମ୍ୟାନ୍, ଭାରତ ଚଳିତ ବର୍ଷ ରାଜ୍ୟ ପରିଷଦର ପରବର୍ତ୍ତୀ ଶିଖର ସମ୍ମିଳନୀ ଆୟୋଜନ କରିବ। ଏଥିରେ ଚାରୋଟି ପର୍ଯ୍ୟବେକ୍ଷକ ରାଜ୍ୟ ଆଫଗାନିସ୍ତାନ, ବେଲାରୁଷ, ଇରାନ ଏବଂ ମୋଙ୍ଗୋଲିଆ ଅଛି।



**ହରିଆଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟଙ୍କଠାରୁ ଚଣ୍ଡୀଗଡ଼ ରାଜଭବନଠାରେ ଶ୍ରୀକୃଷ୍ଣ ମୂର୍ତ୍ତି ଗ୍ରହଣ କରୁଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ**

## ଭାରତ ଆସିବେ ପାକ୍ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ

ନୂଆଦିଲ୍ଲୀ : ଗୋଆରେ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ବୈଠକରେ ଯୋଗଦେବା ପାଇଁ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦାରୀ ଭାରତ ଗସ୍ତରେ ଆସିବେ। ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ଏହି ସୂଚନା ଦେଇଛି ।



୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶପଥ ଗ୍ରହଣ ସମାରୋହ ପରେ କୌଣସି ପାକିସ୍ତାନୀ ନେତାଙ୍କ ଏହା ପ୍ରଥମ ଭାରତ ଗସ୍ତ ହେବ। ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାଜ ସରିଫ ପ୍ରଧାନମନ୍ତ୍ରୀ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବା ପାଇଁ ଦିଲ୍ଲୀ ଆସିଥିଲେ । ଗତ ଡିସେମ୍ବର ମାସରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂପର୍କରେ ବିବାଦୀୟ ବୟାନ ଦେଇ ଚର୍ଚ୍ଚାକୁ ଆସିଥିଲେ ଭୁଟ୍ଟୋ । ଚଳିତ ବର୍ଷ ଏସସିଓର ଅଧ୍ୟକ୍ଷତା ଭାରତ ହାତରେ ରହିଛି। ୨୦୨୨ମସିହାରେ ଉଜବେକିସ୍ତାନର ସମରକାଣ୍ଡରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ୨୦୧୭ରେ ଭାରତ ଏହି ସଂଗଠନର ପୂର୍ଣ୍ଣ ସଦସ୍ୟ ହୋଇଥିଲା। ସେବେଠାରୁ ସଂଗଠନର ସଦସ୍ୟ ରାଷ୍ଟ୍ରଗୁଡ଼ିକର ପାରସ୍ପରିକ ସ୍ୱାର୍ଥ ପାଇଁ ଭାରତ ଅନେକ ସଂକଳ୍ପ ଆଗତ କରିଛି । ଶେଷ ଥର ପାଇଁ ୨୦୧୧ରେ ପାକିସ୍ତାନର ଜଣେ ବୈଦେଶିକ ମନ୍ତ୍ରୀ ଭାରତ ଗସ୍ତରେ ଆସିଥିଲେ। ସେ ହେଉଛନ୍ତି ହିନା ରବ୍ବାନି ଖାର। ସେତେବେଳେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନେତୃତ୍ୱରେ ୟୁପିଏ ସରକାର ଥିଲା ।

## ରୁଷିଆ-ୟୁକ୍ରେନ ଯୁଦ୍ଧ: କିଭ୍ ଆକାଶରେ ରହସ୍ୟମୟ ଆଲୋକ



କିଭ୍ : ରୁଷିଆ-ୟୁକ୍ରେନ ଯୁଦ୍ଧ ହେବାର ଏକ ବର୍ଷରୁ ଅଧିକ ସମୟ ବିତିଗଲାଣି। କିଭର ଲୋକମାନେ ସର୍ବଦା ଆକ୍ରମଣର ଭୟରେ ରହୁଛନ୍ତି। ଏଭଳି ପରିସ୍ଥିତିରେ କିଭ୍ ଆକାଶରେ ଏକ ରହସ୍ୟମୟ ଆଲୋକ ଦେଖାଯାଇଥିଲା। ଏହାପରେ ସହରରେ ସୁରକ୍ଷା ସାଇରନ୍ ବାଜି ଉଠିଥିଲା। ତେବେ ଏହି ଆଲୋକ ଏକ ଉପଗ୍ରହ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା କାରଣରୁ ଦେଖାଯାଇଥିବା ଜଣାପଡ଼ିଛି। କିଭ୍ର ସାମରିକ ପ୍ରଶାସନର ମୁଖ୍ୟ ସେର୍ଗି ପୋପକ କହିଛନ୍ତି, ଅନୁସନ୍ଧାନ ପରେ ନାସା ମହାକାଶ ଉପଗ୍ରହ ପୃଥିବୀକୁ ଖସିଯିବା କାରଣରୁ ଆକାଶରେ ଆଲୋକ ଦେଖା ଯାଇଥିବା ଜଣାପଡିଛି। ଉଲ୍ଲେଖନୀୟ କଥା ହେଉଛି, ଆମେରିକାର ସ୍ପେସ ଏଜେନ୍ସି (ନାସା) ପୂର୍ବରୁ ଘୋଷଣା କରିସାରିଥିଲା, ୬୬୦ପାଉଣ୍ଡ (୩୦୦ କିଲୋଗ୍ରାମ) ଓଜନର ଏକ ପୁରୁଣା ଉପଗ୍ରହ ବୁଧବାର ପୁଣିଥରେ ପୃଥିବୀକୁ ଫେରି ଆସିବ। ନାସା କହିଥିଲା ରେଭେନ ରାମାଟି ଉଚ୍ଚ ଶକ୍ତି ସୌର ସ୍ପେକ୍ଟ୍ରୋସ୍କୋପିକ ଇମେଜର୍ ମହାକାଶଯାନ ଯାହା ସୌର ପ୍ରଜ୍ୱଳନକୁ ଦେଖିବା ପାଇଁ ବ୍ୟବହୃତ ହେଉଥିଲା। ତାହା ୨୦୦୨ରେ ପୃଥିବୀର ନିମ୍ନ କକ୍ଷପଥରେ ସ୍ଥାପିତ ହୋଇଥିଲା ଏବଂ ୨୦୧୮ ରେ ଅକାମୀ ହେବାରୁ ସେବାମୁକ୍ତ ହୋଇଥିଲା। ପୋପକ କହିଛନ୍ତି, ରାତି ପ୍ରାୟ ୧୦ ଟା ସମୟରେ କିଭ ଉପରେ ଆକାଶରେ ଏକ ଉଜ୍ଜ୍ୱଳ ଆଲୋକ ଦେଖାଯାଇଥିଲା। ଏହା ପରେ ସୁରକ୍ଷା ଆଲର୍ଟ ପାଇଁ ସାଇରନ ବାଜି ଉଠିଥିଲା। ନାସା ସୋମବାର କହିଥିଲା ବାୟୁମଣ୍ଡଳରେ ପ୍ରବେଶ କରିବା ମାତ୍ରେ ଜଳିଯିବ ବୋଲି ଆଶା କରାଯାଉଛି। ଯଦିଓ କିଛି ଅବଶେଷ ରହିବାର ଆଶା କରାଯାଏ। ତେବେ ଏହା ଦ୍ୱାରା ପୃଥିବୀରେ କାହାରି କିଛି କ୍ଷତି ହେବ ନାହିଁ ।

## ସୁଦାନରେ ଫଂସି ରହିଥିବା ଭାରତୀୟଙ୍କ ପାଇଁ ଜାରି ହେଲା ସତର୍କ ସୂଚନା

ନୂଆଦିଲ୍ଲୀ: ଭାରତ ପକ୍ଷରୁ କୁହାଯାଇଛି ଯେ ହିଂସା ପ୍ରଭାବିତ ସୁଦାନରେ ଏହାର ଦୂତାବାସ ଯୁଦ୍ଧ କ୍ଷେତ୍ର ଅଧୀନରେ ଅଛି। ଏହା ସହିତ ଭାରତ ନିଜ ଅଡୁଆରେ ପଡ଼ିଥିବା ନାଗରିକମାନଙ୍କୁ ସେଠାକୁ ନ ଯିବାକୁ ପରାମର୍ଶ ଦେଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଅରିନ୍ଦମ ବାଗଚି କହିଛନ୍ତି ଯେ ସୁଦାନରେ ଭାରତୀୟ ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଆମେ ବିଭିନ୍ନ ଦେଶ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛୁ। ସାପ୍ତାହିକ ଗଣମାଧ୍ୟମକୁ ସୂଚନା ଦେଇ ବାଗଚି କହିଛନ୍ତି, ଆମେ ପ୍ରସ୍ତୁତ। ଗ୍ରାଉଣ୍ଡରେ ଆମର ଦଳ ସହିତ ଆମେ ଘନିଷ୍ଠ ସମ୍ପର୍କରେ ରହିଛୁ କିନ୍ତୁ ଯୁଦ୍ଧରେ ଅସ୍ତ୍ରବିରତି କେତେ ଦିନ ଚାଲିବ ଏବଂ ନିରାପତ୍ତା ପାଇଁ ସୁରକ୍ଷିତ ସ୍ଥାନ ଉପଲବ୍ଧତା ଉପରେ ଏହା ନିର୍ଭର କରେ । ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ରହିଛି। ବ୍ୟକ୍ତିବିଶେଷଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଆମର ଧ୍ୟାନ । ଆମେ ବିଭିନ୍ନ ମାଧ୍ୟମ ଦ୍ୱାରା ଲୋକଙ୍କ ସହ ଯୋଗାଯୋଗରେ ଅଛୁ ବୋଲି ସେ କହିଛନ୍ତି। ବାଗଚି ଆହୁରି କହିଛନ୍ତି ଯେ ନ୍ୟୁୟର୍କରେ ଥିବା ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଜାତିସଂଘର ସେକ୍ରେଟେରୀ ଜେନେରାଲଙ୍କ ସହ ବୈଠକ କରି ସୁଦାନରେ ଚାଲିଥିବା ସଙ୍କଟ ସମ୍ପର୍କରେ ଆଲୋଚନା କରିବେ। ଶ୍ରୀ ବାଗ୍‌ଚୀ କହିଛନ୍ତି ଯେ ଖାର୍ତୁମରେ ଥିବା ଭାରତୀୟ ଦୂତାବାସ ଖୋଲା ଅଛି, କାର୍ଯ୍ୟ କରୁଛି ଏବଂ ବିଭିନ୍ନ ସ୍ଥାନରୁ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ସହ ସମସ୍ତ ସେବା ଯୋଗାଉଛି କାରଣ ବର୍ତ୍ତମାନ ବିଲ୍ଡିଂ ଭିତରେ କେହି ନାହାଁନ୍ତି।

## ଭାରତରେ ୧୮ ବର୍ଷ ହେବା ପୂର୍ବରୁ ୨୩ ପ୍ରତିଶତ ନାବାଳିକାଙ୍କର ହେଉଛି ବିବାହ

ଜେନେଭା : ମିଳିତ ଜାତିସଂଘର ଜନସଂଖ୍ୟା ରିପୋର୍ଟ ୨୦୨୩ରେ ଶିକ୍ଷା, ପ୍ରଜନନ ସ୍ୱାସ୍ଥ୍ୟ, ପରିବାର ଯୋଜନା, ଯୌନ ସମ୍ପର୍କ, ଭାରତରେ ମହିଳାମାନେ ଗ୍ରହଣ କରିଥିବା ଶିକ୍ଷା ବିଷୟରେ ଆଲୋଚନା କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଯୌନ ସମ୍ପର୍କ ପାଇଁ ସମ୍ମତି ଭଳି କେତେକ ବିଷୟ ଉପରେ ଭାରତ ବିଶ୍ୱରେ ହାରାହାରି ଅପେକ୍ଷା ଭଲ ପ୍ରଦର୍ଶନ କରିଛି। ଏହା ସହିତ ଆମ ଦେଶ ମଧ୍ୟ କେତେକ କ୍ଷେତ୍ରରେ ପଛରେ ପଡିଛି । ୨୦୨୦-୨୧ ରେ ୧୫ରୁ ୧୯ ବର୍ଷ ବୟସର ୧୦୦୦ ଝିଅଙ୍କ ମଧ୍ୟରୁ ୧୧ ଜଣ ମା' ହେଉଛନ୍ତି। ଦେଶରେ ୧୦୦୬ ରୁ ୨୦୨୨ ମଧ୍ୟରେ ୨୩ ପ୍ରତିଶତ ଝିଅ ୧୮ ବର୍ଷ ହେବା ପୂର୍ବରୁ ବିବାହ କରିଥିଲେ। ଏହି ଦୃଷ୍ଟିକୋଣରୁ ବିଶ୍ୱର ହାରାହାରି ସଂଖ୍ୟା ୨୧ ପ୍ରତିଶତ ରହିଛି ବୋଲି ଜଣାପଡିଛି। ପ୍ରାରମ୍ଭିକ ମାତୃତ୍ୱ ଉଭୟ ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ବିବେଚନା

**ଜାତିସଂଘ ରିପୋର୍ଟ**

କରାଯାଏ। ଏପରିସ୍ଥଳେ ବିଶ୍ୱର ହାରାହାରି ସଂଖ୍ୟା ୪୧ ପ୍ରତିଶତ ଥିଲା। ଯାହା ଭାରତ ତୁଳନାରେ ବହୁତ ଖରାପ ଥିଲା। ୨୦୧୮ରେ, ୧୮ ପ୍ରତିଶତ ମହିଳା ଗତ ୧୨ ମାସ ମଧ୍ୟରେ ନିଜ ସାଥୀଙ୍କ ନିର୍ଯାତନାର ଶିକାର ହୋଇଥିଲେ। ପୃଥିବୀରେ ଏହି ଆକଳନ ୧୩ ପ୍ରତିଶତ ରହିଥିଲା।

## ଅତିକ ମାମଲା: ମାୟାବତୀଙ୍କୁ ଟାର୍ଗେଟ କଲା ଭାଜପା

ଲକ୍ଷ୍ନୌ : ଭାରତୀୟ ଜନତା ପାର୍ଟି(ଭାଜପା)ର ରାଜ୍ୟ ସଭା ଏମପି ଓ ବରିଷ୍ଠ ଆଡଭୋକେଟ ମହେଶ ଜେଠମାଲାନି ମାଫିଆ ଅତିକ ଅହମଦଙ୍କୁ ନେଇ ପ୍ରାୟ ସମସ୍ତ ରାଜନୈତିକ ଦଳକୁ ଟାର୍ଗେଟ କରିଛନ୍ତି। ସେ ଅତିକଙ୍କ ଭଳି ଅପରାଧିଙ୍କୁ ସୁରକ୍ଷା ଦିଆଯାଉଥିବା ଦାବି କରି ସମାଜବାଦୀ ପାର୍ଟି(ସପା) ଓ ବହୁଜନ ସମାଜ ପାର୍ଟି(ବସପା)ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ସମୟରେ ସେ ମୁମ୍ବାଇରେ ଦାଉଦ ସାମ୍ରାଜ୍ୟ ଓ ରାଷ୍ଟ୍ରବାଦୀ ପାର୍ଟି ସହ ସମ୍ପର୍କ କଥା ଉଠାଇଛନ୍ତି। ଜେଠମାଲାନି କହିଛନ୍ତି ଅତିକ ଅହମଦଙ୍କ ଭଳି ମାଫିଆ ଡନ ଲଗାତାର ଅପରାଧିକ ମାମଲା କରୁଥିଲେ ବି ସେମାନେ ଭଲରେ ଅଛନ୍ତି। କାରଣ ସେମାନେ ରାଜନୈତିକ ଦଳଙ୍କୁ ଟଙ୍କା ଦେଉଛନ୍ତି ଓ ଏହା ବଦଳରେ ସେମାନଙ୍କୁ ସୁରକ୍ଷା ମିଳୁଛି। ଅତିକ ୨୦୦୪-୨୦୧୮ ପର୍ଯ୍ୟନ୍ତ ସମାଜବାଦୀ ପାର୍ଟିର ସଦସ୍ୟ ଥିଲେ।

# ଗାନ୍ଧୀ ପରିବାରର ଅହଂକାର ଚୂର୍ଣ୍ଣ ହୋଇଛି: ସମ୍ବିତ ପାତ୍ର



ନୂଆଦିଲ୍ଲୀ : ମୋଦି ସାଙ୍ଗିଆ ମାମଲାରେ ରାହୁଲ ଗାନ୍ଧୀଙ୍କ ଦାଖଲ ଯାଚିକାକୁ ସୁରଟର ସେସନ କୋର୍ଟ ଖାରଜ କରିଦେଇଛନ୍ତି। ରାହୁଲଙ୍କୁ ଦିଆଯାଇଥିବା ଦୁଇ ବର୍ଷର ଦଣ୍ଡ ବିରୋଧରେ କୋର୍ଟ ଏହି ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ବର୍ତ୍ତମାନ ଏହି ପ୍ରସଙ୍ଗରେ ବିଜେପି ପକ୍ଷରୁ ପ୍ରତିକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଏ ନେଇ ଭାଜପା ସୁରଟ ସେସନ କୋର୍ଟର ରାୟକୁ ପ୍ରଶଂସା କରି କହିଛନ୍ତି, ଏହା ନ୍ୟାୟପାଳିକା ଏବଂ ଲୋକଙ୍କ ପାଇଁ ବିଜୟ। ଭାଜପା ନେତା ସମ୍ବିତ ପାତ୍ର କହିଛନ୍ତି, କୋର୍ଟଙ୍କ ରାୟରେ ଗାନ୍ଧୀ ପରିବାରର ଅହଙ୍କାର ଚୂର୍ଣ୍ଣ ହୋଇଛି ବିଶେଷ କରି ରାହୁଲ ଗାନ୍ଧୀଙ୍କୁ ଚାପୁଡ଼ା ବାଜିଛି। ସମ୍ବିତ ପାତ୍ର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଗାନ୍ଧୀ ପରିବାର ସର୍ବଦା ଅନୁଭବ କରୁଥିଲେ ଯେ ସେମାନଙ୍କ ପାଇଁ ଅଲଗା ନିୟମ ରହିବା ଉଚିତ୍। ସେ ଗାନ୍ଧୀ ପରିବାରର ପୁତ୍ର ବୋଲି ରାହୁଲ ଗର୍ବିତ ଥିଲେ, କିନ୍ତୁ ସୁରଟ କୋର୍ଟ ଏହା ମଧ୍ୟ ପ୍ରମାଣ କରିଛନ୍ତି ଯେ କୋର୍ଟ ସମସ୍ତଙ୍କ ପାଇଁ ସମାନ। ସେ କହିଛନ୍ତି ଯେ ରାହୁଲଙ୍କ ପାଖରେ ଏବେ ବି ଏକ ସୁଯୋଗ ଅଛି, ସେ ହାତ ବାନ୍ଧି ଓବିସି ସମ୍ପ୍ରଦାୟକୁ କ୍ଷମା ମାଗିବା ଉଚିତ୍। କୋର୍ଟରେ କ୍ଷମା ମାଗିବାକୁ ସେ କାହିଁକି ଲଜ୍ଜିତ? ସେ କାହିଁକି କୁହନ୍ତି ଯେ ତାଙ୍କ ଅଭିଧାନରେ ଦୁଃଖିତ ଶବ୍ଦ ନାହିଁ । ସେ କାନ ଧରି ସୁପ୍ରିମକୋର୍ଟରେ କ୍ଷମା ପ୍ରାର୍ଥନା କରିସାରିଛନ୍ତି। ଯେତେବେଳେ ରାହୁଲ ଗାନ୍ଧୀଙ୍କ ବିରୋଧରେ ଟ୍ରାଏଲ କୋର୍ଟ ଏହାର ରାୟ ଦେଇଥିଲେ, ସେତେବେଳେ ଗାନ୍ଧୀ ପରିବାର ଏବଂ ସେମାନଙ୍କୁ ଅନୁସରଣ କରୁଥିବା ଲୋକମାନେ ଏକ ପରିବେଶ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ଯେପରି କୋର୍ଟର ନିଷ୍ପତ୍ତିରେ କିଛି ଭୁଲ ଅଛି। ଦର୍ଶାଇବାକୁ ଚେଷ୍ଟା କରାଯାଉଥିଲା ଯେପରି ଟ୍ରାଏଲ କୋର୍ଟର ସମ୍ପୂର୍ଣ୍ଣ ବ୍ୟବସ୍ଥା ଏକପାଖିଆ ଏବଂ ରାହୁଲଙ୍କୁ ଜଡିତ କରିବାକୁ ଚେଷ୍ଟା କରୁଛି । ସୂଚନାଯୋଗ୍ୟ, ସୁରଟର ସେସନ କୋର୍ଟର ଜଜ୍ ଆରପି ମୋଗ୍ରା ରାହୁଲ ଗାନ୍ଧୀଙ୍କ ଦାଖଲ ଯାଚିକାକୁ ଖାରଜ କରିଦେଇଛନ୍ତି।

## ରାଜନାଥ ସିଂହ କରୋନା ସଂକ୍ରମିତ

ନୂଆଦିଲ୍ଲୀ: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କରୋନାରେ ସଂକ୍ରମିତ ହୋଇଥିବା ଗୁରୁବାର ଅଧିକାରିକ ସୂତ୍ରରୁ ସୂଚନା ମିଳିଛି। କରୋନାରେ ଆକ୍ରାନ୍ତ ହେବା ପରେ ରାଜନାଥ ସିଂହ ଘରେ କ୍ୱାରେଣ୍ଟାଇନରେ ଅଛନ୍ତି। ତାଙ୍କ



ଠାରେ ଅଳ୍ପ ଲକ୍ଷଣ ଦେଖା ଦେଇଥିବା କୁହାଯାଉଛି। ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ରାଜନାଥ ସିଂହ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ଡାକ୍ତରମାନେ ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି। ରାଜନାଥ ସିଂହ ନୂଆଦିଲ୍ଲୀରେ ଆୟୋଜିତ ଭାରତୀୟ ବାୟୁ ସେନାର କମାଣ୍ଡର ସମ୍ମିଳନୀରେ ଏପ୍ରିଲ ୨୦ ତାରିଖ ଗୁରୁବାର ଦିନ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏହାପୂର୍ବରୁ କରୋନା ପଜିଟିଭ ଥିବା ସୂଚନା ମିଳିବା ପରେ ସେ ନିଜକୁ ଏଥିରୁ ଦୂରେଇ ରଖିଥିଲେ।

## ସୁପ୍ରିମକୋର୍ଟର ଜମାଦାର ହେବେ ସୁପରଭାଇଜର

ନୂଆଦିଲ୍ଲୀ : ସୁପ୍ରିମକୋର୍ଟର ସୁଇପରମାନଙ୍କୁ ଆଉ ଜମାଦାର କୁହାଯିବ ନାହିଁ। ଏବେ ସେମାନଙ୍କୁ ସୁପରଭାଇଜର କୁହାଯିବ। ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ କିଛି ପଦବୀର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇ କହିଛନ୍ତି, ଏହି ଶବ୍ଦଗୁଡିକ ଉପନିବେଶବାଦୀ ମାନସିକତାକୁ ପ୍ରତିଫଳିତ କରିଥାଏ, ଯାହାର ଆଧୁନିକ ସମାଜରେ କୌଣସି ସ୍ଥାନ ନାହିଁ। ସୁପ୍ରିମକୋର୍ଟ କ୍ରୀଡା, ସାଂସ୍କୃତିକ ଏବଂ ଅନ୍ୟାନ୍ୟ ଘଟଣା ୨୦୨୩ର ଉଦଘାଟନ କରି ସିଜେଆଇ କହିଛନ୍ତି ଏହି କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରିବାର ଉଦ୍ଦେଶ୍ୟ ହେଉଛି କର୍ମଚାରୀଙ୍କ ସାମଗ୍ରିକ ଜୀବନଶୈଳୀକୁ ଉତ୍ସାହିତ କରିବା ଏବଂ ସେମାନଙ୍କର ଶାରୀରିକ ତଥା ମାନସିକ ବିକାଶକୁ ପ୍ରୋତ୍ସାହିତ କରିବା। ଏହି ପ୍ରତିଯୋଗିତାରେ ସର୍ବୋଚ୍ଚ ଅଦାଲତର ୯୭୦ କର୍ମଚାରୀ ଅଂଶଗ୍ରହଣ କରିଛନ୍ତି। ଏଥିରେ ୧୨ ଟି କ୍ରୀଡା ଏବଂ ନଅଟି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଶୀର୍ଷ କୋର୍ଟ ଏକ ବିବୃତ୍ତିରେ କହିଛନ୍ତି।

# ସମଲିଙ୍ଗୀ ସମ୍ପର୍କ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଲେ ପ୍ରଧାନବିଚାରପତି

ନୂଆଦିଲ୍ଲୀ : ସୁପ୍ରିମକୋର୍ଟର ପାଞ୍ଚ ଜଣିଆ ସମ୍ବିଧାନ ବେଞ୍ଚ ପୂର୍ବରୁ ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରଦାନ ସହ ଜଡିତ ଆବେଦନ ଉପରେ କ୍ରମାଗତ ତୃତୀୟ ଦିନ ଗୁରୁବାର ଦିନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ବେଞ୍ଚରେ ଅଧ୍ୟକ୍ଷତା କରି ପ୍ରଧାନ ବିଚାରପତି ଡି.ଇ ଚନ୍ଦ୍ରଚୂଡ଼ ପ୍ରଶ୍ନ କରିଛନ୍ତି ଯେ ବିବାହ ଦୁଇଟି ଭିନ୍ନ ଲିଙ୍ଗର ହେବା ଆବଶ୍ୟକ କି ? ସମଲିଙ୍ଗୀ ବିବାହ ସମ୍ବନ୍ଧରେ ଦାଖଲ ହୋଇଥିବା ଆବେଦନ ଉପରେ ଶୁଣାଣି ସୁପ୍ରିମକୋର୍ଟର ୱେବସାଇଟରେ ଏବଂ ୟୁଟ୍ୟୁବରେ ସିଧା ପ୍ରସାରଣ କରାଯାଉଛି। ଏହି ମାମଲାର ଶୁଣାଣିର ତୃତୀୟ ଦିନରେ ପ୍ରଧାନ ବିଚାରପତି କହିଛନ୍ତି, ଆମେ ସମଲିଙ୍ଗୀ ସମ୍ପର୍କକୁ ଏକ ସମୟର ସମ୍ପର୍କ ଭାବରେ ଦେଖୁନାହୁଁ, କିନ୍ତୁ ସମ୍ପର୍କ ସବୁଦିନ ପାଇଁ ରହିଥାଏ। ଯାହା କେବଳ ଶାରୀରିକ ନୁହେଁ ବରଂ ଏକ ଭାବପ୍ରବଣତା ମଧ୍ୟ । ଏହା ସହିତ ସେ କହିଛନ୍ତି ଯେ ୧୯୫୪ ମସିହାରେ ସ୍ୱତନ୍ତ୍ର ବିବାହ ଆଇନ୍ ଲାଗୁ ହେବା ପରଠାରୁ, ଗତ ୬୯ ବର୍ଷ ମଧ୍ୟରେ ଏହି ନିୟମ ଯଥେଷ୍ଟ ବିକାଶ ହୋଇଛି । ଦୁଇଟି ଭିନ୍ନ ଧର୍ମ ବ୍ୟତୀତ, ଏହି ନିୟମ ସେହି ଲୋକମାନଙ୍କୁ ବିବାହ କରିବାକୁ ଅନୁମତି ଦେଇଥାଏ, ଯେଉଁମାନେ ବ୍ୟକ୍ତିଗତ ନିୟମ ଅନୁସାରେ ବିବାହ କରିବାକୁ ଇଚ୍ଛା କରନ୍ତି ନାହିଁ ।



ସମଲିଙ୍ଗୀ ସମ୍ପର୍କ ଉପରେ ୨୦୧୮ ଆଦେଶ ବିଷୟରେ ସେ କହିଛନ୍ତି, "ସମଲିଙ୍ଗୀ ସମ୍ପର୍କକୁ ଅପରାଧୀକରଣ କରି ଆମେ କେବଳ ସମାନ ଲିଙ୍ଗର ବୟସ୍କଙ୍କ ସହମତି ମଧ୍ୟରେ ସମ୍ପର୍କକୁ ଚିହ୍ନି ନାହୁଁ, ବରଂ ଆମେ ମଧ୍ୟ ଚିହ୍ନିଛୁ ଯେ ସମାନ ଲିଙ୍ଗର ବ୍ୟକ୍ତିମାନେ ମଧ୍ୟ ସେଠାରେ ରହିପାରିବେ। ସ୍ଥିର ସମ୍ପର୍କ । ଏଥି ସହିତ ବରିଷ୍ଠ ଓକିଲ ରାଜୁ ରାମଚନ୍ଦ୍ରନ ଯୁକ୍ତି ବାଢ଼ିଛନ୍ତି ଯେ ପଞ୍ଜାବର ଅମୃତସରର ଜଣେ ଯୁବତୀ କାଜଲ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଛନ୍ତି, ସେ ଜଣେ ଦଳିତ ହୋଇଥିବାବେଳେ ତାଙ୍କ ଚଣ୍ଡିଗଡ଼ର ବାସିନ୍ଦା ଭବନା ସମ୍ପୃକ୍ତ। ଙଇଉ ଶ୍ରେଣୀ ସେମାନଙ୍କ ପରିବାର ମଧ୍ୟ ସରଳ। ସେମାନଙ୍କୁ ଆଦୌ ସହରୀ ଅଭିଜିତ ଭାବରେ ବିବେଚନା କରାଯାଇପାରିବ ନାହିଁ । ଏଭଳି ପରିସ୍ଥିତିରେ ସହରୀ ଅଭିଜିତ ମାନସିକତା ସହିତ କେନ୍ଦ୍ର ସରକାରଙ୍କ ଏହି ଯୁକ୍ତି କଳ୍ପନା ଏବଂ ସମ୍ବେଦନଶୀଳ ଅଟେ ।ସେମାନଙ୍କ ପାଇଁ ସମାଜ ଏବଂ ପରିବାରର ସୁରକ୍ଷା ଏବଂ ନିରାପତ୍ତା ଅର୍ଥ ହେଉଛି ସେମାନଙ୍କର ବିବାହର ଆଇନଗତ ସ୍ୱୀକୃତି । ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରଦାନ ସହ ଜଡିତ ଆବେଦନକୁ କେନ୍ଦ୍ର ସରକାର ବିରୋଧ କରି କହିଛନ୍ତି ଯେ ଭାରତୀୟ ପରିବାରର ଧାରଣା ସ୍ୱାମୀ, ସ୍ତ୍ରୀ ଏବଂ ସନ୍ତାନ, ଯାହାକୁ ସମଲିଙ୍ଗୀ ବିବାହ ସହିତ ତୁଳନା କରାଯାଇପାରିବ ନାହିଁ। ଏହାପୂର୍ବରୁ କେନ୍ଦ୍ର ସର୍ବୋଚ୍ଚ ନ୍ୟାୟାଳୟକୁ ଅନୁରୋଧ କରିଛି ଯେ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡିକୁ ଏହି ପ୍ରକ୍ରିୟାରେ ପକ୍ଷଭୁକ୍ତ କରନ୍ତୁ, ଯେହେତୁ ଏହି ପ୍ରସଙ୍ଗରେ ରାଜ୍ୟ ସରକାର କିମ୍ବା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମତାମତ ନନେଇ କୌଣସି ନିଷ୍ପତ୍ତି ଏକ ପ୍ରତିକୂଳ ପ୍ରୟାସ ହେବ। ଏହାକୁ ଅସମ୍ପୂର୍ଣ୍ଣ ଏବଂ ତୁଚ୍ଛ କରିବ ।

## ମାଓବାଦୀ ସମ୍ପୃକ୍ତି ମାମଲା: ଜିଏନ୍ ସାଇବାବାଙ୍କ ମୁକ୍ତି ଆଦେଶକୁ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ମାଓବାଦୀଙ୍କ ସହ ସମ୍ପୃକ୍ତି ଅଭିଯୋଗରେ ୨୦୧୪ରେ ୟୁଏପିଏରେ ଗିରଫ ହୋଇଥିବା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଜିଏନ୍ ସାଇବାବା ଓ ଅନ୍ୟମାନଙ୍କୁ ଜେଲରୁ ଖଲାସ କରିବାକୁ ଗତ ଅକ୍ଟୋବର ୧୪ ତାରିଖରେ ବମ୍ବେ ହାଇକୋର୍ଟ ଆଦେଶ ଦେଇଥିବା ବେଳେ ସୁପ୍ରିମକୋର୍ଟ ଆଜି ଏହି ଆଦେଶକୁ ରଦ୍ଦ କରିଦେଇଛନ୍ତି। ସାଇବାବାଙ୍କୁ ଖଲାସ କରିବାର ଯଥାର୍ଥତା ଅଛି କି ନାହିଁ ତାହା ଉପରେ ୪ ମାସ ଭିତରେ ପୁନର୍ବିଚାର କରିବା ପାଇଁ ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କୁ ଆଦେଶ ଦେଇଛନ୍ତି। ଜଷ୍ଟିସ୍ ଏମ୍‌ଆର୍ ଶାହ ଓ ସିଟି ରବିକୁମାରଙ୍କ ଖଣ୍ଡପୀଠ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ କହିଛନ୍ତି, ସାଇବାବାଙ୍କ ମାମଲାର ପୁନର୍ବିଚାର ଆଉ ଏକ ଖଣ୍ଡପୀଠ ଦ୍ୱାରା କରାନ୍ତୁ। ମହାରାଷ୍ଟ୍ର ସରକାରଙ୍କ ତରଫରୁ ଆଇନଜୀବୀ ଅଭିକଳ୍ପ ପ୍ରତାପ ସିଂହ ଓ ସାଇବାବାଙ୍କ ତରଫରୁ ଆର୍ ପ୍ରଶାନ୍ତ ମାମଲା ଲଢୁଥିଲେ। ୨୦୧୭ରେ ଟ୍ରାୟଲ କୋର୍ଟ ସାଇବାବା ପ୍ରମୁଖଙ୍କୁ ଦୋଷୀ



ସାବ୍ୟସ୍ତ କରି ଆଜୀବନ କରାଦଣ୍ଡାଦେଶ ଦେଇଥିବା ବେଳେ ଗତବର୍ଷ ଅକ୍ଟୋବର ମାସରେ ବମ୍ବେ ହାଇକୋର୍ଟଙ୍କ ନାଗପୁର ବେଞ୍ଚ ତାଙ୍କ ସମେତ ଆଜୀବନ କରାଦଣ୍ଡାଦେଶ ପାଇଥିବା ମହେଶ କରିମନ ଟିର୍କି, ପାଣ୍ଡୁ ପୋରା ନରୋଟେ (ଉଭୟ କୃଷକ), ହେମ କେଶବଦତ୍ତ ମିଶ୍ର (ଛାତ୍ର) ଓ ପ୍ରଶାନ୍ତ ସାଙ୍ଗଲିକର (ସାମ୍ବାଦିକ) ଏବଂ ୧୦ ବର୍ଷ ଜେଲ ଦଣ୍ଡାଦେଶ ପାଇଥିବା ବିଜୟ ଟିର୍କି (ଶ୍ରମିକ)ଙ୍କୁ ଜେଲରୁ ଖଲାସ କରିବାକୁ ଆଦେଶ ଦେଇଥିଲେ। ମାମଲା ବିଚାରାଧୀନ ଥିବା ଭିତରେ ନରୋଟେଙ୍କର ମୃତ୍ୟୁ ହୋଇଯାଇଥିଲା।

# ଅଘୋଷିତ ବିଦ୍ୟୁତକାଟ୍ ନେଇ ପ୍ରତିବାଦ

କଣ୍ଟାପଡା(ପିପିଏସ୍): କଣ୍ଟାପଡା ବ୍ଲକରେ ଅଘୋଷିତ ବିଦ୍ୟୁତକାଟ୍ ପ୍ରତିବାଦରେ ବ୍ରାହ୍ମଣବାଟୀ ପଞ୍ଚାୟତ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ଟାଟାପାୱାର ସେଣ୍ଟ୍ରାଲ ଓଡିଶା ଡିସଟ୍ରିବୁସନ ଲିମିଟେଡ୍ (ଟିପିସିଓଡିଏଲ )ର ସର୍ବୋଚ୍ଚ ନିର୍ବାହୀଅଧିକାରୀ ସମେତ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଚିଠିଲେଖିଛନ୍ତିକ୍ଷ ଶ୍ରୀ ରାଉତରାୟତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ ଯଦିଓ ଶକ୍ତିମନ୍ତ୍ରୀ ଓଡିଶାରେ ବିଦ୍ୟୁତ କାଟ୍ ହେବ ନାହିଁବୋଲି ପ୍ରତିଶୃତି ଦେଇଛନ୍ତି। କିନ୍ତୁକଣ୍ଟାପଡାବ୍ଲକରେ ତାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଛି । ତତଲା କଡେଇରେସମ୍ପୂର୍ଣ୍ଣ ଓଡିଶା ସିଝୁଥିବାବେଳେ କଣ୍ଟାପଡା ବ୍ଲକରେ ବିଦ୍ୟୁତ ବିଭାଗରକର୍ମଚାରୀଙ୍କ ମନମାନୀ କଟାଘାରେ ଚୂନଦେବା ସଦୃଶ ହୋଇଛି। ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ କିମ୍ବା କୌଣସି ବି କର୍ମଚାରୀ ସାଧାରଣ ଉପଭୋକ୍ତା ଏପରିକି ଲୋକ ପ୍ରତିନିଧିମାନଙ୍କ ଫୋନ୍ କଲରିସିଭ କରୁନଥିବାରୁ ପରିସ୍ଥିତି କ୍ରମଶଃ ଜଟିଳ ହୋଇପଡୁଛି। ତେବେ ତୁରନ୍ତ ଏହିସମସ୍ୟାର ସମାଧାନପାଇଁ ବ୍ରାହ୍ମଣବାଟୀ ସରପଞ୍ଚ କର୍ତ୍ତୃପକ୍ଷ ପାଖରେ ଦାବି କରିଛନ୍ତି ।

# ରଥଯାତ୍ରାବେଳେ ବିପର୍ଯ୍ୟୟ ପରିଚାଳନା ବୈଠକ

ପୁରୀ (ହି.ସ.) - ପୁରୀ ର ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ। ଲକ୍ଷ ଲକ୍ଷ ଲୋକ ଙ୍କ ସମାଗମ ଘଟିଥାଏ ଏଥିରେ। ଏହାକୁ ସୁଚାରୁରୂପେ ପରିଚାଳନା ପାଇଁ ପ୍ରଶାସନ ଗୁରୁ ଦାୟିତ୍ୱ ବହନ କରିଥାଏ। ତେଣୁ ରଥଯାତ୍ରା ସମୟରେ କୌଣସି ବିପର୍ଯ୍ୟୟ ର ମୁକାବିଲା ପାଇଁ ପ୍ରସ୍ତୁତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ। ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ବିପର୍ଯ୍ୟୟ ର ମୁକାବିଲା ନିମିତ ଏକ ଏସ ଓ ପି ବା ମାନକ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ବିପର୍ଯ୍ୟୟ ମୁକାବିଲା ରେ ସମସ୍ତ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିପର୍ଯ୍ୟୟର ପୂର୍ବ, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତୀ ମୁକାବିଲା ପାଇଁ ପ୍ରସ୍ତୁତି କୁ ଚୁଡାନ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ବ୍ୟବସ୍ଥା, ସୂଚନା କେନ୍ଦ୍ର, ସାଂସ୍କୃତିକ କାର ?ୟକ୍ରମ ବ୍ୟବସ୍ଥା, ସ୍ୱଚ୍ଛାସେବୀ ନିୟୋଜନ, ଶିଶୁ ସୁରକ୍ଷା, ପର୍ଯ୍ୟଟନ, ଅଗ୍ନି ନିର୍ବାପକ ଓ ଅନ୍ୟାନ୍ୟ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗ ମାନେ ଉପଯୁକ୍ତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ସମସ୍ତ କାର୍ଯ୍ୟରେ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଏଥିରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ସିଆର୍‌ଏସ୍ ହାଇସ୍କୁଲ ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ (ସିଆରଏସ)ହାଇସ୍କୁଲର ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ସମରେନ୍ଦ୍ରନାଥ ମିଶ୍ରଙ୍କ ଆବହକତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ର ଡ. ଲକ୍ଷ୍ମୀଧର ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ସିଆରଏସ ହାଇସ୍କୁ ୧୯୪୫ ମସିହାରେ ସ୍ଥାପିତ ହୋଇ ୭୮ ବର୍ଷରେ ପଦାର୍ପଣ କରିଛି। ଇତି ମଧ୍ୟରେ ହାଇସ୍କୁଲ ବହୁ କୃତି ଛାତ୍ରଙ୍କୁ ତିଆରି କରିଛି। ସେମାନଙ୍କ ମଧ୍ୟରୁ ଅନେକ ରାଜ୍ୟ ତଥା ଦେଶର ବିଭିନ୍ନ ଉଚ୍ଚ ପଦପଦବୀରେ ରହି ସ୍ଥାନୀୟ ଅଞ୍ଚଳ ତଥା ସ୍କୁଲର ଗୌରବ ଆଣିଛନ୍ତି। ଏବେ ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ସମସ୍ତେ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ପ୍ରଥମ ପ୍ରସ୍ତୁତି ବୈଠକରେ ଉତ୍ସବର ସଫଳତା ପାଇଁ ବିଭିନ୍ନ ଦିଗ ଉପରେ ଆଲେଚନା କରାଯାଇଥିଲା। ଏହି ବୈଠକରେ ପୁରାତନ ଛାତ୍ର ସୋମନାଥ ପାଢ଼ୀ, ଭଗବାନ ପାଢ଼ୀ, କୈଳାସ ରାଉଳ, ନିତ୍ୟାନନ୍ଦ ମଲ୍ଲିକ, ଅଶୋକ କୁମାର ସାହୁ, ରଘୁନାଥ ପାତ୍ର, ବିଶ୍ୱଜିତ୍ ଧଳ, ପାର୍ଥସାରଥି ନାୟକ, ପ୍ରଭାତ ରାଉଳ, ରାମନାରାୟଣ ନାୟକ, ଯଦୁମଣି ପାଣିଗ୍ରାହୀ, ସୂର୍ଯ୍ୟରଞ୍ଜନ ମିଶ୍ର, ସରୋଜ ଦାସ, ଲକ୍ଷ୍ମୀଧର ପତି, ଭକ୍ତବନ୍ଧୁ ପତି, ଗଣେଶ ପ୍ରସାଦ ନାୟକ, ନରେନ୍ଦ୍ର ବାରିକ, ଗିରିଜା ରମଣ ଜେନା, କୃତିବାସ ଜେନା, ପ୍ରଭାତ ଜେନା, ଅମୂଲ୍ୟ ସେନାପତି, ମନୋଜ ସେନାପତି, କୈଳାସ ବେହେରା, ନିରଂଜନ ବାରିକ, ବିସ୍ମୟ ବିହାରୀ ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ମଇ ମାସ ୭ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ତୁଳସୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, (ହି.ସ.): ଜିଲ୍ଲାର ସର୍ବପ୍ରଥମ ତଥା ନାରୀଶିକ୍ଷାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ତୁଳସୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୂଲ୍ୟବୋଧ ଭିତିକ ଶିକ୍ଷାଦାନ ମାଧ୍ୟମରେ ମହିଳାମାନଙ୍କୁ ମୁଖ୍ୟସ୍ରୋତକୁ ଅଣାଯାଇ ପାରିଲେ ଦେଶ ଗଠନରେ ସେମାନେ ଅଗ୍ରଣୀ ଭୂମିକା ନେଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ ଏବଂ ମହାବିଦ୍ୟାଳୟ ପରିସରରେ ଏକ ସାଂସ୍କୃତିକ ମୁକ୍ତ ମଂଚ ପ୍ରେକ୍ଷାଳୟ ନିର୍ମାଣ କରିବା ପାଇଁ ବିଧାୟକ ପାଣ୍ଠିରୁ ଦଶଲକ୍ଷ ଟଙ୍କା ଅନୁଦାନ ରାଶି ଘୋଷଣା କରିଥିଲେ। ସମ୍ମାନିତ ଅତିଥିଭାବେ ଆଂଚଳିକ ନିର୍ଦ୍ଦେଶାଳୟ ଭୁବନେଶ୍ୱର ନିର୍ଦ୍ଦେଶକ ଡ଼ଃ କାର୍ତିକ ପ୍ରସାଦ ଜେନା ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ତଥା ପରିଚାଳନା କମିଟିର ସଭାପତି ଡ଼ଃ ଅମିୟ କୁମାର ମହାନ୍ତି ଏବଂ ମୂଖ୍ୟବକ୍ତା ଭାବେ ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଦର୍ଶନ ବିଭାଗର ପ୍ରାକ୍ତନ ପ୍ରଫେସର୍ ଡ଼! ଧନେଶ୍ୱର ସାହୁ ଯୋଗଦାନ କରି ନାରୀଶିକ୍ଷା ମାଧ୍ୟମରେ ଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ପ୍ରମିଳାରାଣୀ ବେହେରା ପୌରୋହିତ୍ୟ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ସମାଜବିଜ୍ଞାନ ବିଭାଗର ମୂଖ୍ୟ ପ୍ରାଧାପକ ଡ଼ଃ ମଥୁରି ଚରଣ ନାୟକ ଅତିଥି ପରିଚୟ ପ୍ରଦାନ, ପ୍ରାଧାପିକା ଜ୍ୟୋସ୍ନାମୟୀ ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନବନିର୍ମିତ ଦୁଇଗୋଟି ଶ୍ରେଣୀ ଗୃହକୁ ଅତିଥିମାନେ ଉଦ୍‌ଘାଟନ କରିବା ସହ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଅଧାପିକା ଡ଼ଃ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକମ୍ରଙ୍କ ଅଧାପିକା ଜୟଶ୍ରୀ ବେହେରା ଓ ଅଧାପକ ଡ଼ଃ ଶକ୍ତିଶେଖର ଦାଶ ସଂଯୋଜନା କରିଥିଲେ। ଏହି ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଆମ୍ରାର ଅଧକ୍ଷ ଅଶୋକ କୁମାର ବରାଳ, ରଞ୍ଜନ କର, ସ୍ମୃତିମୟୀ ସେନାପତି ଜ୍ଞା ରଞ୍ଜନ ଜେନା, ପୂର୍ବତନ କାଉନସିଲର ମଙ୍ଗଳ ବରଣ ସିଂହ, ପ୍ରକାଶ ପରିଡା, ସୁକୁମାର ଚାନ୍ଦ, ଶମ୍ଭୁ ଚାନ୍ଦ, ରକିବୁଲ ରହେମାନ, ସ୍ଥାନୀୟ କାଉନସିଲର ନିରାକାର ସ୍ୱାଇଁ, ସାଧୀନ ନାୟକ, ଅଭୟ କୁମାର ବେହରା, ପ୍ରଭାଶିଷ ପଣ୍ଡା ପ୍ରମୁଖ ସମସ୍ତ ଅଧାପକ , ଅଧାପିକା , କର୍ମଚାରୀ ଓ ଛାତ୍ରୀମାନେ ସହଯୋଗ କରିଥିଲେ।

# ନିଖିଳ ଉତ୍କଳ ଲକ୍ଷ୍ମୀନାରାୟଣ ଗୋଲା ସମାଜର ସମ୍ମିଳନୀ




ଭଦ୍ରକ, (ପିପିଏସ୍): ସ୍ଥାନୀୟ ଇଚ୍ଛାପୁର ବାରିକ ଛକ ନିକଟରେ ନିଖିଳ ଉତ୍କଳ ଲକ୍ଷ୍ମୀନାରାୟଣ ଗୋଲା ଜାତିର ଏକ ସମ୍ମିଳନୀ ରାଜ୍ୟ ସଭାପତି ରବୀନ୍ଦ୍ର କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଭଦ୍ରକ ଜିଲ୍ଲା ସଭାପତି ଯଶୋବନ୍ତ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ଡ. ନୃସିଂହ ବେହେରା, ଯୁଗ୍ମ ସମ୍ପାଦକ କର୍ଣ୍ଣ ଚନ୍ଦ୍ର ଘଡାଇ, ସମ୍ପାଦକ ତରୁଣ କୁମାର ଦାସ ଓ ଜିଲ୍ଲା ସମ୍ପାଦକ ପ୍ରାଧାପକ ଶିବ ଚରଣ ଖାମୁରାଇ, ମୁଖ୍ୟ ଉପଦେଷ୍ଟା ପ୍ରାଧାପକ ଡ. ହୃଷିକେଶ ଗିରି ଓ କାର୍ତ୍ତିକ ଚନ୍ଦ୍ର ଗିରି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ହରିହର ଦାସ ଜାତିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସଭାଟିକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। କୁମାରୀ ମଧୁସ୍ମିତା ଓ ସ୍ମୃତିରେଖା ‘ବନ୍ଦେ ଉତ୍କଳ ଜନନୀ’ ଗାନ କରିଥିଲେ। ସଭାରେ ଆଦର୍ଶ କୃଷକ ଭାବରେ ଗାଜିପୁର ଗ୍ରାମର ଗଣେଶ ପ୍ରସାଦ ଖାମୁରାଇଙ୍କୁ, ଆଦର୍ଶ ବ୍ୟକ୍ତିତ୍ୱ ଭାବେର ସତ୍ୟବାଦୀ ମଣ୍ଡଳ, ଜାତିର ଗୌରବ ଭାବେ ତରୁଣ କୁମାର ଦାସଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ଭିତରେ ମନ୍ଦରଧର ପ୍ରଧାନ, ସେବତୀ ପରିଡ଼ା, ତାରାମଣୀ ପ୍ରଧାନ, କୃଷ୍ଣଚନ୍ଦ୍ର ଜେନା, ମଦନ ମୋହନ ସମାଲ, ପଦ୍ମନାଭ ସମାଲ, ଦୁର୍ଯ୍ୟୋଧନ ଖାମୁରାଇ, ଉପେନ୍ଦ୍ର ପାଳ, ରବୀନ୍ଦ୍ର ମହାନ୍ତି, ମକରଧ୍ୱଜ ସାହୁ, ମଧୁସୂଦନ ସାହୁ, କାହ୍ନୁ ଚରଣ ସାହୁ, ନିରାକାର ଖାମୁରାଇ, ନିରଞ୍ଜନ ଖାମୁରାଇ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବିଶେଷ କରି ଚୀନ, ୟୁକ୍ରେନ ଯୁଦ୍ଧର ବିଭୀଷିକାକୁ ନେଇ ସମାଜରେ ଶାନ୍ତି ସ୍ଥାପନ ପାଇଁ ଏକ ସର୍ବସମ୍ମତ ଶାନ୍ତି ପ୍ରସ୍ତାବ ଆଗତ ହୋଇଥିଲା । ଶେଷରେ ଅଧାପକ ଜୟନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟାସନଗର ବନ୍ଦର ଅଭୂତପୂର୍ବ ସଫଳତା
## ଦଳମତ ନିର୍ବିଶେଷରେ ସମୂହ ସ୍ୱାର୍ଥ ପାଇଁ ସମସ୍ତେ ଏକାଠି ହେଲେ

ଯାଜପୁର .(ପିପିଏସ): ଯାଜପୁର ଜିଲ୍ଲାର ବ୍ୟାସନଗର ନାଗରିକ କମିଟି ଦ୍ୱାରା ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନରେ ବୁଧବାର ବ୍ୟାସନଗର ପୌରାଞ୍ଚଳ ବନ୍ଦକୁ ଅଭୁତପୂର୍ବ ସଫଳତା ମିଳିଛି। ଏହି ପ୍ରମୁଖ ସହରର ସମସ୍ତ ସ୍କୁଲ,କଲେଜ, କୋର୍ଟ କଚେରୀ, ସରକାରୀ ଅଫିସ, ବାଣିଜ୍ୟ ପ୍ରତିଷ୍ଠାନ ଓ ଯାନବାହାନ ସ୍ୱତଃ ପ୍ରବୃତ ଭାବେ ବନ୍ଦ ହେବା ସଙ୍ଗେ ସଙ୍ଗେ ଉକ୍ତ ନ୍ୟାୟୋଚିତ ଆନ୍ଦୋଳନରେ ଦଳମତ ନିର୍ବିଶେଷରେ ସମସ୍ତେ ସାମିଲ ହୋଇଥିବାର ଦେଖା ଦେଇଛି। ସୂଚନା ଯୋଗ୍ୟ ଯେ ଗତ ୫ ତାରିଖରୁ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ କ୍ରିୟାନୁଷ୍ଠାନ କମିଟିର ୫ ଦଫା ଦାବି ନେଇ ଧାରଣା ଚାଲିଥିଲା। କିନ୍ତୁ ଜିଲ୍ଲା ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ ନକରିବାରୁ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ମାନେ ସର୍ବଶ୍ରୀ ଦୁର୍ଯ୍ୟୋଧନ ରାଉତ, ଡଃ ହେମନ୍ତ କିଶୋର ସାହୁ, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ଓ ପ୍ରଫୁଲ୍ଲ ନାୟକ, ଆଡଭୋକେଟ୍ ବିବେକାନନ୍ଦ ମହାନ୍ତି, ଡଃ ଦୁଷ୍ମନ୍ତ କୁମାର ନାୟକ, ଆଡଭୋକେଟ୍ ଚନ୍ଦ୍ରଶେଖର ପଣ୍ଡା, ସଦାଶିବ ଦାଶ, ହୃଷିକେଶ ସାହୁ, ରାଜେନ୍ଦ୍ର କୁମାର ବିଶ୍ୱାଳ, ହୃଦାନନ୍ଦ ସାମଲ, ସାମ୍ବାଦିକ ଚିନ୍ତାମଣି ପାଢୀ ଓ ଚନ୍ଦ୍ରମଣି ସାମଲ ପ୍ରମୁଖଙ୍କ ନିଷ୍ପତ୍ତି କ୍ରମେ ୧୯ ତାରିଖ ବୁଧବାର ସକାଳ ୬ ଟା ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ବ୍ୟାସନଗର ସହର କୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଯାହା ସଫଳ ହେବା ସଙ୍ଗେ ସଙ୍ଗେ ବ୍ୟାସନଗର ସହରବାସୀ ସତଃ ପ୍ରବୃତ୍ତ ଭାବେ ଏହି ଚକବନ୍ଦ ଅଖବନ୍ଦ ଆନ୍ଦୋଳନରେ ସାମିଲ ହୋଇ ଥିବାର ଦେଖାଯାଇଛ। ବନ୍ଦକୁ ଭଣ୍ଡୁର କରିବା ପାଇଁ ବିଭିନ୍ନ ସ୍ତରରୁ ବାରମ୍ବାର ଉଦ୍ୟମ କରାଯାଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଛି। ଏହି ବନ୍ଦ ଡାକରା ରେ ମଧ ସ୍ଥାନୀୟ ବିଜେପି, କଂଗ୍ରେସ, ସିପିଏମ୍, ସିପିଆଇ,ଆମ ଆଦମୀ ପାର୍ଟି,ଓକିଲ ସଂଘ, ନବ ଉତ୍କଳ ମହିଳା ସମିତି,ଅବସରପ୍ରାପ୍ତ କର୍ମଚାରୀ ସଂଘ, କ୍ରୀଡା ଭାରତୀ,ବରିଷ୍ଠ ନାଗରିକ ମଞ୍ଚ, ବ୍ୟବସାୟୀ ସଂଘ, ସିଭିଲ ସୋସାଇଟ୍, ବ୍ୟାସନଗର ଜମି ସୁରକ୍ଷା ସମିତି, କୋରେଇ ସଂଗ୍ରାମ ସମିତି, ଶହୀଦ ଭଗତ ସିଂହ ଯୁବକ ସଂଘ, ନେତାଜୀ ସ୍ମୃତି ସଂସଦ,୨୯ ମୌଜା ଭୂମିମୁକ୍ତ କୃଷକ ମଞ୍ଚ, ସମସ୍ତ ସାମ୍ବାଦିକ ସଂଘ, ସର୍ବ ଭାରତୀୟ ମେଡିକାଲ ଆସୋସିଏସନ୍, ଯାଜପୁର ରୋଡ଼ ଟ୍ରକ୍ ମାଲିକ ସଂଘ,ମାଲଗୋଦାମ ଲୋକାଲ ଟ୍ରକ୍ ଆସୋସିଏସନ୍,ଅଟୋ ଆସୋସିଏସନ୍, ଡିଡି ମାର୍କେଟ କମ୍ପ୍ଲେକ୍ସ,ସବରେଜିଷ୍ଟାର ଦଲିଲ୍ ଲେଖକ ସଂଘ, ବ୍ୟାସନଗର ସ୍ୱର୍ଣ୍ଣାକାର ସଂଘ,ରୋଟ୍ରାକ୍ଟ କ୍ଲବ୍ ବ୍ୟାସଭୂମି ଯାଜପୁର ରୋଡ଼,ବ୍ୟାସସେନା,ବ୍ୟାସସେବା ଯୁବକ ସଂଘ,ବିଭିନ୍ନ ସାହିତ୍ୟ ଓ ସ୍ୱେଚ୍ଛାସେବୀ ସଂଗଠନ,ସହରର ବୁଦ୍ଧିଜୀବୀ, ଯୁବକ, ଛାତ୍ରମାନେ ବ୍ୟାସନଗରର ସମ୍ମାନ ଓ ସ୍ୱାଭିମାନକୁ ଅତୁଟ ରଖିବାକୁ ବନ୍ଦରେ ସାମିଲ ହୋଇଥିଲେ। ଏହି ବନ୍ଦ ସତ୍ତ୍ୱେ ଯଦି ୫ ଦଫା ଦାବିକୁ ପୁରଣ କରା ନଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରରୂପ ଧାରଣ କରିବ ଏବଂ କେହି ଚାହିଁଲେ ଏହାକୁ ରୋକି ପାରିବେ ନାହିଁ ବୋଲି ବ୍ୟାସନଗର ନାଗରିକ କମିଟିର ସାଧାରଣ ସମ୍ପାଦକ ତଥା ଆବାହକ ଦୁର୍ଯ୍ୟୋଧନ ରାଉତ ପ୍ରକାଶ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବିଜେପିର ବିଶ୍ୱଜିତ ନାୟକ, ଆଲେକଜାଣ୍ଡାର ଦାସ, ଇତିଶ୍ରୀ ଜେନା,କଂଗ୍ରେସର ବନ୍ଦିତା ପରିଡା, ପୂର୍ବତନ ଉପନଗରପାଳ ପ୍ରମୋଦ ପରିଡା,ବିଜେଡିର ଅର୍ଜ୍ଜୁନ କୁମାର ରାଉତ, ପ୍ରିତିରଞ୍ଜନ ସାହୁ,ଦେବେନ୍ଦ୍ର ସାମଲ, କାଉନସିଲର ସିଦ୍ଧାର୍ଥ ଶଙ୍କର ସାମଲ ଓ ବିକାଶ ଆଇଚ, ସୌମେନ୍ଦ୍ର ରାଉତ,ରମ୍ୟ ରଞ୍ଜନ ପୁହାଣ,ଆମ ଆଦମୀ ପାର୍ଟିର ଧରଣୀଧର ଘଡେଇ, ସିପିଆଇର ଆଲୋକ ମହାନ୍ତି,ସିପିଏମର ଲାଲମଣି ମୁଣ୍ଡା,ନିର୍ମଳ ରଥ, ଜୟନ୍ତୀ ଜେନା, ଆରତୀ ସ୍ୱାଇଁ,ବରିଷ୍ଠ ସାମ୍ବାଦିକ ସୁବାଷ ଧଳ,ଇଂ ବିଶ୍ୱଜିତ ମହାନ୍ତି, ପଦ୍ମନାଭ ସ୍ୱାଇଁ, ଦେବେନ୍ଦ୍ରନାଥ ପାଣିଗ୍ରାହୀ, ଅଚ୍ୟୁତାନନ୍ଦ ଦାସ,ନିରଞ୍ଜନ ଘଡାଇ, ନିତ୍ୟାନନ୍ଦ ମହାଲିକ, ପ୍ରଶନ୍ନ ସାମଲ,କୁଞ୍ଜବିହାରୀ ମହାନ୍ତି, ରାଜେନ୍ଦ୍ର କୁମାର ସାମଲ, ଗୋପିନାଥ ମହାନ୍ତି, ନରେଶ ମସକରା, ବଚନ ସାମଲ,ରାକେଶ କୁମାର ରାଉତ, ବିନୋଦ ବିହାରୀ ସାମଲ,ଦିଲ୍ଲିପ ମଲ୍ଲିକ, ରବିନ୍ଦ୍ର ରାଉତ, କାର୍ତ୍ତିକ ଜେନା, କୈଳାସ ରାଉତ,ରବିନ୍ଦ୍ର ନାୟକ,ବ୍ରଜେଶ୍ୱରୀ ସିଂ, ପଣ୍ଡିତ ଯୁଗଳ କିଶୋର ମିଶ୍ର, ବରିଷ୍ଠ ସାମ୍ବାଦିକ ବାବୁରାମ ଜେନା,ବିଜୟ କୁମାର ସାହୁ, ଉମାକାନ୍ତ ରାଉତ,ଜ୍ଞାନରଞ୍ଜନ ରାଉତ, ଦାମୋଦର ପଣ୍ଡା,, ଅଭିମନ୍ୟୁ ରାଉତ, ପଦ୍ମଲୋଚନ ମହାନ୍ତି, ସନାତନ ମଲ୍ଲିକ, ଗଗନ ବିହାରୀ ସିଂ, ବିଶ୍ୱନାଥ ସାହୁ, ଅଭିରାମ ସାହୁ, ଅସିତାନନ୍ଦ ବିଶ୍ୱାଳ, ଅସିତ୍ ଦାସ,ମଧୁସୂଦନ ସାମନ୍ତରାୟ, ଦୁର୍ଗା ଚରଣ ପ୍ରତିହାରୀ, ଅଶୋକ ବୋଷ, ଅଶ୍ୱିନୀ ଦାସ, ସୁବାଷ ଚନ୍ଦ୍ର ମିଶ୍ର, ହେମନ୍ତ ଧୀର, କେଦାରନାଥ ସାହୁ,ଅମୂଲ୍ୟ ତ୍ରିପାଠୀ, ଅଶ୍ୱିନୀ କୁମାର ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ନିରଞ୍ଜନ ବିଶ୍ୱାଳ, ସୁଦର୍ଶନ ତରାଇ, ନିରଞ୍ଜନ ଘଡାଇ, ଗୌରୀ ସାହୁ, ଗୀତାଞ୍ଜଳୀ ନାୟକ, ରୀନା ତ୍ରିପାଠୀ, ପ୍ରଫୁଲ୍ଲ କୁମାର ନାୟକ, ଚନ୍ଦ୍ରମଣି ସାମଲ,ରଘୁନାଥ ବେହେରା, ମହେଶ୍ୱର ନାୟକ, କଳିଙ୍ଗ ପହି, ରମେଶ ବିଶ୍ୱାଳ, ଆଡଭୋକେଟ୍ ଅରୁଣ ସାହୁ ଓ ଦେବକାନ୍ତ ସାହୁ,ଗୋପାଳ ଚରଣ ସାହୁ, ହୃଷିକେଶ ସାହୁ,ପ୍ରଶନ୍ନ ସାମଲ, ଭାଗିରଥୀ ଆଚାର୍ଯ୍ୟ, ନରେନ୍ଦ୍ର ଜେନା,ସମୀର କୁମାର ପରିଡା, ପ୍ରତାପ କୁମାର ବଳ, ରାଜକିଶୋର ପ୍ରଧାନ, ସୁଧାନିଧି ମହାପାତ୍ର, ବିଶ୍ୱଜିତ ଦାସ, କ୍ଷିରୋଦ କୁମାର ମଲ୍ଲିକ, ବିଶ୍ୱରଂଜନ ସ୍ୱାଇଁ,ଅଭିରାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ।ଶେଷରେ ସନ୍ଧ୍ୟା ୬ ଘଟିକା ସମୟରେ ବନ୍ଦକୁ ସଫଳ କରିଥିବାରୁ ବିଭିନ୍ନ ରାଜନୈତିକ ଓ ଅଣରାଜନୈତିକ ସଂଗଠନ ସମେତ ସମସ୍ତ ବ୍ୟାସନଗରବାସୀଙ୍କୁ ଏକ ସାଧାରଣ ସଭାରେ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଜିଲ୍ଲାପାଳଙ୍କ ସୁଆଣ୍ଡୋ ପ୍ରକଳ୍ପ ପରିଦର୍ଶନ

ପୁରୀ : ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ସ୍ଥାନ ସୁଆଣ୍ଡୋର ଷଠୀଘର, ନୂତନ ଭାବେ ପ୍ରସ୍ତୁତ ହୋଇଥିବା ଗୋପବନ୍ଧୁ ସଂଗ୍ରାହାଳୟ ଓ ଗୋପବନ୍ଧୁ ପାର୍କକୁ ଆଜି ଜିଲ୍ଲାପାଳ ସମର୍ଥ ବର୍ମା ପରିଦର୍ଶନ କରିଛନ୍ତି। ପ୍ରଥମେ ସୁଆଣ୍ଡୋ ରେ ପହଂଚି ଜିଲ୍ଲାପାଳ ଶ୍ରୀ ବର୍ମା ଗ୍ରାମ ପ୍ରାରମ୍ଭରେ ଥିବା ଲୋକେଶ୍ୱର ମନ୍ଦିର ଦେଖିଥିଲେ। ପରେ ଷଠୀଘର,ଗୋପବନ୍ଧୁ ମ୍ୟୁଜିୟମ ଓ ପାର୍କ ବୁଲି ଦେଖିଥିଲେ। ଟିକେଟ କାଉଂଟରରେ ପହଂଚି ଦାୟିତ୍ୱ ରେ ଥିବା କର୍ମଚାରୀ ଙ୍କ ସହ ପର୍ଯ୍ୟଟକ ମାନଙ୍କ ପଞ୍ଜିକରଣ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଟିକେଟ କରୁଥିବା ବ୍ୟକ୍ତି ମାନଙ୍କୁ ଖରା ଓ ବର୍ଷା ରୁ ରକ୍ଷା ପାଇଁ ଟିକେଟ ଗୃହ ପାଖରେ ସେଡ଼ ବା ଛାଇର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଓବିସିସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନରେ ଆସିଥିବା ପର୍ଯ୍ୟଟକଙ୍କ ସହିତ ସ୍ଥାନୀୟ ଆବଶ୍ୟକତା ବିଷୟରେ ପଚାରି ବୁଝିଥିଲେ। ସମ୍ପୂର୍ଣ୍ଣ ପରିବେଶକୁ ପରିଷ୍କାର, ପରିଚ୍ଛନ୍ନ, ପାନୀୟ ଜଳ ଇତ୍ୟାଦି ର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପରେ ଜିଲ୍ଲାପାଳ ସତ୍ୟବାଦୀ ରେ ନିର୍ମାଣ ହେଉଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟ ର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପଣ୍ଡିତ ଗୋପବନ୍ଧୁଙ୍କ ସମ୍ପର୍କୀୟ ଧୀରେନ ଦାସ ,ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଓବିସିସି ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ ଓ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଥିଲେ।ଏହି ଅବସରରେ କିଛି ପର୍ଯ୍ୟଟକଙ୍କ ସହ ଜିଲ୍ଲାପାଳ ବାର୍ତାଳାପ କରିଥିଲେ।

# ଜନନାୟକ ଜାନକୀବଲ୍ଲଭଙ୍କ ଜୀବନୀ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାର ସଫଳ ଛାତଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ

ଭୁବନେଶ୍ୱର: ନୂତନ ଓଡ଼ିଶା ଗଠନର ପ୍ରକୃତ ବିନ୍ଧାଣି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ, ପ୍ରଜ୍ଞାପୁରୁଷ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୀବନୀ ଉପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଆଭାସୀ କୁଇଜ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ଓଡ଼ିଶାର ଅଗ୍ରଣୀ ସମାଜସେବା ଅନୁଷ୍ଠାନ ହେଲ୍ପମେଟ୍ ପକ୍ଷରୁ ଗତ ୧୬ ତାରିଖ ଦିନ ହୋଇଥିବା ପ୍ରତିଯୋଗିତାର ଫଳ ଅନୁଷ୍ଠାନର ସମ୍ପାଦିକା ନିବେଦିତା ଭଞ୍ଜ ଘୋଷଣା କରିଛନ୍ତି। ସେମାନେ ହେଲେ ଚିତ୍ରାଙ୍କନରେ ସେଂଟ ଯୋଶେଫର ଅଲଙ୍କିତା ପଟ୍ଟନାୟକ, ଡ଼ିଏଭି ଚନ୍ଦ୍ରଶେଖରପୁରର ଲାସ୍ୟା, ବି.ଜେ.ବି. ଇଂରାଜୀ ମାଧ୍ୟମିକ ସ୍କୁଲ୍‌ର ଅମ୍ରିତ କୁମାର ମହାନ୍ତି, ଅନନ୍ୟା ଅନ୍ୱେଷା ରାଉତ, ରୁଦ୍ରମାଧବ ପାତ୍ର ଓ ମଦର ପବ୍ଲିକ ସ୍କୁଲ୍‌ର ରକ୍ଷିତା ମହାନ୍ତି। ସେହିପରି ବକ୍ତୃତାରେ ମଦର ପବ୍ଲିକ ସ୍କୁଲ୍‌ର ଶିବାଙ୍ଗି ମହାପାତ୍ର, କାର୍‌ମେଲ୍ ସ୍କୁଲ୍‌ର ସେତାଲିନ ସୁନ୍ଦରାୟ, ଏସ୍‌ଏସ୍‌ଭିଏମ୍ ନିଳାଦ୍ରି ବିହାରର ସ୍ୱସ୍ତିକ ରଣା, ପ୍ରଜ୍ୱଲ ଦାସ, ବିଜେଇଏମ୍‌ର ଶିଭାଙ୍ଗି ପଟ୍ଟନାୟକ, କ୍ଲାସମସ ସ୍କୁଲ ଓ ଡିଏଭି ପାରାଦ୍ୱୀପ ପୋର୍ଟର ସ୍ପନ୍ଦନ ତ୍ରିପାଠୀ ଏବଂ କୁଇଜରେ ପ୍ରଥମ ହୋଇଛନ୍ତି ୟୁନିଟ-୩ ଏସ୍‌ଏସ୍‌ଭିଏମ୍ ସ୍କୁଲ୍‌ର ଅନମୋଲ ରାଉତ, ଦ୍ୱିତୀୟ ସ୍ଥାନରେ ବିଜେଇଏମ୍ ସ୍କୁଲ୍‌ର ସୟମ ଦାସ, ବି ପୂର୍ବାଶା ଓ ତୃତୀୟ ସ୍ଥାନରେ ବିଜେଇଏମ୍ ସ୍କୁଲ୍‌ର ଆଞ୍ଜେଲ ଦେ ଓ ବୁଦ୍ଧ ମନ୍ଦିର ସ୍କୁଲ୍‌ର ଶୁଭମ୍ ତ୍ରିପାଠୀ ରହିଛନ୍ତି। ଏହି କାର୍ଯ୍ୟକ୍ରମର ବିଗ୍ଭରକ ମଣ୍ଡଳୀରେ ଶ୍ରୀମତୀ ଦିପ୍ତୀମୟି ମିଶ୍ର, ଶ୍ରୀମତୀ ଗୀତାଞ୍ଜଳୀ ସ୍ୱାଇଁ, ଶ୍ରୀମତୀ ମମତା ମହାପାତ୍ର ଓ ଶ୍ରୀମତୀ ଲୀନା ମିଶ୍ର ଥିଲେ। ସଫଳ ପ୍ରତିଯୋଗୀମାନଙ୍କୁ ଆସନ୍ତା୨୧ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ବୁଦ୍ଧ ମନ୍ଦିର ସଭାଗୃହଠାରେ ସମ୍ବର୍ଦ୍ଧିତ କରାଯିବ ବୋଲି ସାଧାରଣ ସମ୍ପାଦକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଜଣାଇଛନ୍ତି।

# ନିଶା ମୁକ୍ତି ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା, (ହି.ସ.)-କେନ୍ଦ୍ରାପଡା ଜିଲ୍ଲାରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏକ ଦିନିକିଆ ନିଶା ମୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ରାଜ୍ୟ ସରକାରଙ୍କ ସମ୍ବଳ ଅଧିକାରୀ ଡ଼ଃ ନିବେଦିତା ମହାନ୍ତି ଓ ବିଶ୍ୱ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିବା ଜଣାପଡିଛି । କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତି କରଣ ମନ୍ତ୍ରଣାଳୟ ୨୦୧୮ ରୁ ୨୦୨୫ ମଧ୍ୟରେ ନିଶା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ନିବାରଣ, ଚିକିତ୍ସା ଓ ଥଇଥାନ ପାଇଁ ଏକ ଯୋଜନା କରିଛନ୍ତି । ଏହାକୁ ଆଧାର କରି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ରାଜ୍ୟର ୧୦ ଗୋଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ୧୧ ରୁ ୧୮ ବର୍ଷ ମଧ୍ୟରେ ଥିବା ଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନଙ୍କୁ ସଚେତନ କରାଇ ନିଶା ନିବାରଣର ହାର କମାଇବା ପାଇଁ ପ୍ରଶିକ୍ଷଣ କରାଇବା ପାଇଁ ନିଷ୍ପତି ହୋଇଅଛି । ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ପ୍ରତି ବ୍ଲକରୁ ଓ ମୁନିସିପାଲିଟି ରୁ ଗୋଟିଏ କରି ୧୦ଟି ସ୍କୁଲରୁ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ଅମଲା ସଂଘର ନୂତନ କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡ଼ା, (ହି.ସ.)-ଓଡିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖାର ନୂତନ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏକ ସାଧାରଣ ଅଧିବେଶନରେ ସଭାପତି ଦୀନବନ୍ଧୁ ରଥ ଅଧକ୍ଷତା କରିଥିଲେ । ଏଥିରେ ରାଜ୍ୟ ଉପ ସଭାପତି ଶୈଳେନ୍ଦ୍ର ନାରାୟଣ ପ୍ରଧାନ, ସହ ସଂପାଦକ ନିରଞ୍ଜନ ସିଂହଙ୍କ ସମେତ ପ୍ରଦିପ କୁମାର ଦାସ,ରମାକାନ୍ତ ସାହୁ ଓ ଜିଲ୍ଲାର ସମସ୍ତ ରାଜ୍ୟ ଅମଲ ସଂଘର କର୍ମକର୍ତା ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ କର୍ମକର୍ତା ଚୟନ କରାଯାଇ ସୁକାନ୍ତ କୁମାର ଜେନା ସଭାପତି, ବିଭୂତି ଭୂଷଣ ବେହେରା ସଂପାଦକ, ରାଜେଶ ମହାନ୍ତି କାର୍ଯ୍ୟକାରୀ ସଭାପତି, ନିହାର ରଞ୍ଜନ ନାୟକ, ସତିଶ ରଞ୍ଜନ ବେହେରା ଉପ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେହିଭଳି ଉମେଶ ଚନ୍ଦ୍ର ବେହେରା ସଂଗଠନ ସଂପାଦକ, ଆଶିଷ କୁମାର ସ୍ୱଇଁ ଅର୍ଥ ସଂପାଦକ, ତୃପ୍ତିମୟୀ ସାହୁ ଓ ରତ୍ନକାନ୍ତ ସାମଲ ସହ ସଂପାଦକ, ରୁଦ୍ର ପ୍ରସାଦ ସାହୁ କାର୍ଯ୍ୟାଳୟ ସଂପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ସୁଦର୍ଶନ ବେହେରା, ଦିବାକର ମହାନ୍ତି, ଡମ୍ବରୁଧର ବେହେରା ଶୁଶାନ୍ତ କୁମାର ବଳ, ହୃଷିକେଶ ଜେନା ପ୍ରମୁଖ ମୁଖ୍ୟ ଉପଦେଷ୍ଟା ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକ୍ରମରେ ବରିଷ୍ଠ ସହାୟକ ଦିବାକର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଆସିକା ଜାମିୟା ମସଜିଦରେ ପାକିସ୍ତାନ ପତାକା



କର୍ମକର୍ତ୍ତା ଓ କମିଟିଙ୍କ ସହିତ ଆଲୋଚନା କରି ସ୍ପଷ୍ଟୀକରଣ ରଖିବାକୁ ଅନୁରୋଧ କରିଛି ଆସିକା ବିଜେପି। ପାକିସ୍ତାନ ଭଳି ବିରୋଧୀ ଦେଶର ପତକା କାହିଁକି ଉଡିଲା ଓ ଏହା

ଗଞ୍ଜାମ/-ଆସିକା (ପିପିଏସ୍): ଆସିକା ସହର ସୁନାମ୍ବ ସାହି ନିକଟସ୍ଥ ଜାମିୟା ମସଜିଦରେ ଚାରିଦିନ ହେବ ପାକିସ୍ତାନ ପତକା ଉଡିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦୃଢ଼ ନିନ୍ଦା କରିବା ସହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ ହୋଇଛି। ଆସିକା ବିଜେପି ପକ୍ଷରୁ ଏହି ଘଟଣାକୁ ନେଇ ଆସିକା ଥାନାରେ ଏକ ଏତଲା ଦିଆଯାଇଛି। ମସଜିଦ ଆତଙ୍କବାଦୀ କାର୍ଯ୍ୟକଳାପ ଆଡକୁ ଇଙ୍ଗିତ କରୁଛି ବୋଲି ଦାବୀ କରିଛି ଆସିକା ବିଜେପି. ଏଭଳି ଦେଶ ବିରୋଧୀ କାର୍ଯ୍ୟକଳାପ ଯିଏ ବି କରିଛି ତଦନ୍ତ କରି ଦଣ୍ଡ ବିଧାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି.ଏହା ଜାତୀୟ ଏକତା ଓ ଐକ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଜନସାଧାରଣରେ ଦୃଢ଼ ନିନ୍ଦା ହୋଇଛି।

# କୋର୍ଟ ଆଦେଶକୁ ଅବମାନନା କରି ଚାଲିଛି ଘର ନିର୍ମାଣ

କେନ୍ଦ୍ରାପଡ଼ା, (ହି.ସ.)-କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ମରଡପୁର ଗ୍ରାମରେ ଜଣେ ଗରିବ ଅସହାୟ ବ୍ୟକ୍ତିଙ୍କ ଜାଗାରେ ପ୍ରଭାବଶାଳୀ ବକ୍ତି କୋର୍ଟ ଆଦେଶକୁ ଅବମାନନା କରି ତାଙ୍କ ଜାଗା ଉପରେ ଘର ନିର୍ମାଣ କରୁଥିବା ନେଇ ଅଭିଯୋଗ ହୋଇଛି । ଏନେଇ ସବ୍ ଡିଭିଜିନାଲ ମାଜିଷ୍ଟ୍ରେଟଙ୍କ କୋର୍ଟର ମିସ୍‌କେଶ ନଂ-୨୨/୨୩ ଓ ପିଟିସନ ନଂ-୭୦/୨୩ ରେ ମାମଲା କରାଯାଇ ଥିଲା । ଏନେଇ ସଦର ଥାନା ପକ୍ଷରୁ ତଦନ୍ତ କରାଯାଇ କୋର୍ଟକୁ ଅବଗତ କରାଯାଇ ଥିଲା । ଏହି କେଶର ଫଏସଲା ପର୍ଯ୍ୟନ୍ତ ଉଭୟ ପକ୍ଷ ଶ୍ରୀଧର ସିଂହ ଏବଂ ବାବୁଲି ଚରଣ ସାହୁଙ୍କୁ ନିର୍ମାଣ ସ୍ଥାନକୁ ଯିବା ପାଇଁ ବାରଣ କରାଯାଇ ଥିଲାବେଳେ ଏହାକୁ ଅବମାନନା କରି ଶ୍ରୀ ସାହୁ ପୁନର୍ବାର ନିର୍ମାଣ କାର୍ଯ୍ୟ କରୁଥିବାରୁ ଶ୍ରୀ ସିଂହଙ୍କ ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯାଇଛି । ଥାନା ଅଧିକାରୀ କାମ ବନ୍ଦ ନକରି ଅଭିଯୋଗକାରୀଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିବା ଶ୍ରୀ ସିଂହଙ୍କ ପତ୍ନୀ ପ୍ରତିମା ସିଂହ ଏସପିଙ୍କୁ ଭେଟି ଅଭିଯୋଗ କରିଥିବା ଜଣାପଡିଛି ।

# ବ୍ରହ୍ମବରଦା ଇଫଂତାର ପାର୍ଟିରେ ଯୋଗ ଦେଲେ ବିଧାୟିକା

ଧର୍ମଶାଳା,(ହି.ସ.) : ରମରାଜ ମାସ ପାଇଁ ଜିଲା ଉତ୍ସବ ମୁଖର। ସଂଖ୍ୟାଲଘୁ ଭାଇମାନେ ଏବେଠାରୁ ପ୍ରସ୍ତୁତ। ଏହି ପବିତ୍ର ମାସକୁ ଭାଇଚାର ସହ ପାଳନ କରୁବାକୁ ପୁରା ପ୍ରସ୍ତୁତ। ଏହି କ୍ରମରେ ଆଜି ସନ୍ଧ୍ୟାରେ ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ମୋସାଇରା ପଡିଆରେ ଏକ ଇଫଂତାର ପାର୍ଟିର ଆୟୋଜନ କରାଯାଇଥିଲା। ବ୍ରହ୍ମବରଦାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ ହାଜି ଫ୍ରେଣ୍ଡସ୍ କ୍ଲବ’ ପକ୍ଷରୁ ପକ୍ଷରୁ ଏହି ପାର୍ଟିରେ ବରୀ ବିଧାୟିକା ସୁନନ୍ଦା ଦାସ , ବରୀ ବିଜୁ ଜନତା ଦଳର ସଂଯୋଜକ ଦେବେନ୍ଦ୍ର ଦାସ ଓ ଧର୍ମଶାଳା ବିକାଶ ପରିଷଦର ସଭାପତି ଶ୍ରୀକାନ୍ତ ସାହୁ ଅତିଥିଭାବେ ଯୋଗ ଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବ୍ରହ୍ମବରଦା ହେଉଛି ଭାଇଚାର ଅଂଚଳ। ହିନ୍ଦୁ ମୁସଲିମ ଭାଇମାନେ ଏହି ପର୍ବକୁ ସହଯୋଗ କରିବା ଅନ୍ୟ ଜିଲା ପାଇଁ ଉଦାହରଣ ପାଲଟିଛି । ବିଶେଷ କରି ସଂଖ୍ୟାଲଘୁ ମହିଳାମାନଙ୍କ ଗହଣରେ ବିଧାୟିକା ଶ୍ରୀମତି ଦାସ ଇଫତାର ପାର୍ଟି ପାଳନ କରିଥିଲେ। ଉପବାସ ଭଙ୍ଗ ସରିବା ପରେ ପରେ ସମସ୍ତଙ୍କ ଉପସ୍ଥିତିରେ ଭୋଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ,ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ ,ସମିତିସଭ୍ୟା ରୁସାନା ପରୱିନ, ୩୬ ନଂ ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟା ଆରତୀ ଦେଓ,ଶିକ୍ଷାବିତ୍ ଅବଦୁଲ ରୋଫ ଖାଁନ,ସେକ୍ ରସିଦ ଖାଁନ,ଫିରଦୋଶ ଆଲାମ ଖାଁନ, ବ୍ରହ୍ମବରଦା ପଂଚାୟତର ପୂର୍ବତନ ସରପଂଚ ବିଜୟ କୁମାର ଦାସ,ପୂର୍ବତନ ସମିତିସଭ୍ୟ ଅବଦୁଲ ଦୟାନ ଖାଁନ,ଯୁବନେତା ରାକେଶ ଦେଓ,ପ୍ରଦିପ ଦାସ,ଜୁଲଫିକର ଅଲ୍ଲୀ ଖାଁନ,ପ୍ରଶାନ୍ତ ରାଉତ,ସେକ୍ ଅନୱର,ସେକ୍ ଇସାକ୍ ପ୍ରମୁଖ ଯୋଗ ଦେଇ ଇଫତାର ପାର୍ଟି ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ମହମ୍ମଦ ନେସାର,ସେକ୍ ମାଜିଦ,ଇମ୍ରାନ ଖାଁନ,ଆଝାର ଅଲ୍ଲୀ,ଅବଦୁସ ସାମଦ, ମୋଜାଇଦ ଖାଁନ,ସେକ୍ ଆଲୋ ଖାଁନ,ସେକ୍ ତନୁଦ, ମେହେଫୁଜ ଖାଁନ ଓ ଅଜଗର ଖାଁନଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

### ମହାବିଦ୍ୟାଳୟ ଜାଗାରେ ପ୍ରାଚୀର ନିର୍ମାଣକୁ ନେଇ ଛାତ୍ର ଅସନ୍ତୋଷ

# ପୁରାତନ ଛାତ୍ରସଂଗଠନର ଥାନାରେ ଏତଲା

କୋଣାର୍କ, (ପିପିଏସ) : କୋଣାର୍କର ଏକମାତ୍ର ପୁରାତନ ଶିକ୍ଷାନୁଷ୍ଠାନ ଭଗବତୀ ମହାବିଦ୍ୟାଳୟର ଜାଗାରେ କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ପକ୍ଷରୁ ବେଆଇନ ପ୍ରାଚୀର ନିର୍ମାଣ କାର୍ଯ୍ୟକୁ ନେଇ ଛାତ୍ର ଅସନ୍ତୋଷ ବୃଦ୍ଧି ପାଇବା ସହ ଏହି ବେଆଇନ ନିର୍ମାଣ ଉପରେ ରୋକ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ପକ୍ଷରୁ କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି। ଖବରରୁ ପ୍ରକାଶ ଯେ କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଭଗବତୀ ମହାବିଦ୍ୟାଳୟ ଜାଗାରେ କାହା ପରାମର୍ଶରେ କେଉଁ ନିୟମ ଆଧାରରେ ବେଆଇନ ପ୍ରାଚୀର ନିର୍ମାଣ କରିବା ପାଇଁ ପ୍ରୟାସ କଲେ ଏଭଳି ବେଆଇନ କାର୍ଯ୍ୟକୁ କଲେଜର ଅଧ୍ୟୟନରତ ଛାତ୍ର ଛାତ୍ରୀ, ପୁରାତନ ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ ଓ ସ୍ଥାନୀୟ ଅଂଚଳର ଜନସାଧାରଣ ମାନଙ୍କ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ନାପସନ୍ଦ କରାଯାଇଛି। ସରକାରୀ ନିୟମ ଅନୁଯାୟୀ କୌଣସି ପ୍ରକଳ୍ପ ନିର୍ମାଣ



ପୂର୍ବରୁ ବିଭାଗ ନାମରେ ଥିବା ଜାଗା ଆଧାରରେ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯାଇ ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ସରକାରୀ ଅର୍ଥ ମଂଜୁରି କରାଯାଇଥାଏ। ମାତ୍ର କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ନାମରେ ଜାଗା ନ ଥାଇ କଲେଜ ଜାଗାରେ କେଉଁ ନିୟମ ଆଧାରରେ ବିଭାଗ ବଂଗଳା ନିମନ୍ତେ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯାଇ ଅର୍ଥ ମଂଜୁର କରାଗଲା ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଅଧ୍ୟୟନରତ ଛାତ୍ର ଛାତ୍ରୀ ଓ ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ଦାବି କରାଯାଇଛି। କଲେଜ ଜାଗାରେ ଗ୍ରାମ୍ୟ ନିର୍ମାଣ ବିଭାଗ ବେଆଇନ ପ୍ରାଚୀର ନିର୍ମାଣ କରିବା ଖବର ପାଇ କୋଣାର୍କ ଭଗବତୀ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନର ଉପଦେଷ୍ଟା ରାଜକିଶୋର ମହାପାତ୍ରଙ୍କ ନେତୃତ୍ୱରେ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଏହି ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଇଥିଲା। ଏହି ଘଟଣାକୁ ନେଇ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ କଲେଜ ଜାଗାରେ ଏଭଳି ବେଆଇନ ନିର୍ମାଣ କାର୍ଯ୍ୟକୁ ନେଇ କୋଣାର୍କ ଥାନାରେ ଗତ ୧୦ତାରିଖ ଦିନ ଲିଖିତ ଅଭିଯୋଗ ହୋଇଛି ବୋଲି ପୁରାତନ ଛାତ୍ର ସଂଗଠନର ସଭାପତି ହୃଦାନନ୍ଦ ସେଠି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏହି ନିର୍ମାଣ କାର୍ଯ୍ୟ ଅନ୍ୟତ୍ର ସ୍ଥାନାନ୍ତରିତ କରା ନ ଗଲେ କୋଣାର୍କରେ ବ୍ୟାପକ ଛାତ୍ର ଆନ୍ଦୋଳନର ସୂତ୍ରପାତ ହେବ ବୋଲି ପୁରାତନ ଛାତ୍ର ସଂଗଠନ ପକ୍ଷରୁ ମତବ୍ୟକ୍ତ କରାଯାଇଛି।

## ଭୂଗୋଳ ବିଭାଗର ପ୍ରଥମ ବାର୍ଷିକ ଉତ୍ସବ ଓ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ବାଙ୍କୀ, (ପିପିଏସ) : ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂଗୋଳ ବିଭାଗ ଆନୁକୁଲ୍ୟରେ ପ୍ରଥମ ବାର୍ଷିକ ଉତ୍ସବ ଆଜି କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କୁ ବିଭାଗ ତରଫରୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆୟୋଜିତ ଉତ୍ସବରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରଜିତ୍ ମିଶ୍ର ସଭାପତିତ୍ୱ କରି ବିଦାୟ ନେଉଥିବା ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଉଜ୍ଜଳ ହେଉବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦାନ କରି କହିଥିଲେ ୩ବର୍ଷ ତଳେ ନୂତନ ଭାବେ ଖୋଲା ଯାଇଥିବା ଏହି ବିଭାଗ ବେଶ୍ ସଫଳତାର ସହ ଆଗେଇ ଚାଲିଛି। ଏହି ବିଭାଗର ଛାତ୍ରଛାତ୍ରୀମାନେ ଏଠାରୁ ପାଠ ପଢ଼ି କେଉଁ କେଉଁ ସଂସ୍ଥାରେ ନିଯୁକ୍ତି ପାଇପାରିବେ ସେ ସଂପର୍କରେ ପ୍ରାଧ୍ୟାପକ ମହାପାତ୍ର ଆଲୋକପାତ କରିଥିଲେ। ଶେଷରେ ସେମିନାର ସଂପାଦିକା ଲକ୍ଷ୍ମୀପ୍ରିୟା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ପାଇଁ ଦହଗଞ୍ଜ ଜନଜୀବନ

ଯାଜପୁର, (ପିପିଏସ) : ଯାଜପୁର ସହରର ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଜନଜୀବନକୁ ଦହଗଞ୍ଜ କରୁଛି। ଏକମୁଖି ମାର୍ଗ ବହୁ ସ୍ଥାନରେ ନିର୍ମାଣ ହୋଇଥିଲେ ବି ବିପରୀତ ଦିଗରୁ ଯାନବାହନ ଗୁଡିକ ଯାତାୟତ କରିବା ଯୋଗୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ରାସ୍ତା ଚଉଡା ହୋଇଛି। କିନ୍ତୁ ପାର୍କିଂ ବ୍ୟବସ୍ଥା ସର୍ବତ୍ର ନଥିବାରୁ ୨/୪ ଚକିଆ ପର୍ଯ୍ୟନ୍ତ ଅଧିକାଂଶ ଗାଡି ଦୋକାନ ଗୁଡିକ ସମ୍ମୁଖରେ ପାର୍କିଂ ଯୋଗୁ ସୁଗମ ଯାତାୟତ ସମ୍ଭବ ହୋଇପାରୁନାହିଁ। ରାସ୍ତାରେ ୨୪ ଘଣ୍ଟା ସ୍ଥାନୀୟ ଅଂଚଳର କିଛି ବାସିନ୍ଦାଙ୍କ ଗୋରୁଗାଈ ଶୋଇବା ଓ ବୁଲିବା ଅତି ସାଧାରଣ କଥା ହୋଇଛି। ପୌରପରିଷଦର ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ପାରିଷଦ ମାନଙ୍କ ଠାରୁ ପଦାଧିକାରୀ ଏବଂ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏ ଦୃଶ୍ୟକୁ ଦେଖୁଥିଲେ ବି କାହାର ତୁଣ୍ଡ ଖୋଲିବାର ନାହିଁ କି ମୁଣ୍ଡ ଖେଳାଇବାରେ ନାହିଁ। ଏକ ଜିଲ୍ଲା ସଦର ମହକୁମା ସହର ଏବଂ ଦେଶର ପ୍ରମୁଖ ଶକ୍ତିପୀଠ ଭାବେ ବିରଜାକ୍ଷେତ୍ର ଯାଜପୁର ପରିଗଣିତ। ଏଠାକୁ ଦେଶ ବିଦେଶରୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସୁଛନ୍ତି। ଜିଲ୍ଲା ସଦର ମହକୁମା ହୋଇଥିବାରୁ ପ୍ରଶାସନିକ ସେବା ଠାରୁ ଆରମ୍ଭ କରି ଚିକିତ୍ସା ସେବା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ ଜନଗଣ ଏ ସହରକୁ ଆସୁଛନ୍ତି। ଏହି ସହରର ରାସ୍ତା ନିୟମିତ ଗୃହପାଳିତ ପଶୁଙ୍କ ଆବାସ ସ୍ଥଳୀରେ ପରିଣତ ହୋଇଥିବା ଦେଖି ସମସ୍ତେ ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନର ଦକ୍ଷତା ପ୍ରତି ପ୍ରଶ୍ନ ଉଠାଉଛନ୍ତି। ସେହିଭଳି ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ନିୟମ ନାହିଁ। ସେ ସଂପର୍କରେ କେହି ପ୍ରତିବାଦ କଲେ ସଂପୃକ୍ତ ଆଗନ୍ତୁକଙ୍କୁ ଅପମାନିତ ଏବଂ ବେଳେ ଆକ୍ରମଣର ମଧ୍ୟ ଶୀକାର ହେବାକୁ ପଡୁଛି। ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭ କରି ଗଳି ରାସ୍ତା ଯାଏ ସବୁଠି ଟ୍ରାଫିକର ସମସ୍ୟା ଓ ସମସ୍ୟା। ୧୬ ନଂ ଜାତୀୟ ରାଜପଥରୁ ଜିଲ୍ଲା ସଦର ମହକୁମାକୁ କୁଆଖିଆ, ପାଣିକୋଇଲି ଏବଂ ଷଠିପୁର ଠାରୁ ସଂଯୋଗ ପଥ ରହିଛି। କୌଣସି ଗୋଟିଏ ସଂଯୋଗ ପଥରେ ପ୍ରସିଦ୍ଧ ବିରଜାକ୍ଷେତ୍ର ଓ ଜିଲ୍ଲା ପ୍ରଶାସନର ମୁଖ୍ୟାଳୟ ସଂପର୍କରେ ସୁଦୃଶ୍ୟ ସୂଚନାଫଳକ ନାହିଁ। ପାଣିକୋଇଲି ଛକରୁ ଅବା ଭଦ୍ରକ ଦିଗରୁ ଯେଉଁମାନେ ଷଠିପୁର ଦେଇ ଯାଜପୁର ସହରକୁ ଆସିବାକୁ ଚାହୁଁଛନ୍ତି ସେମାନେ ବାଟବଣା ହେଉଛନ୍ତି। ଭଦ୍ରକ ଦିଗରୁ ଆସୁଥିବା ଯାତ୍ରୀଟି କେତେବେଳେ ଯାଇ ପାଣିକୋଇଲିରେ ପଂହଚି ଯାଉଛି ତ ଆଉ କେତେବେଳେ ପାଣିକୋଇଲି ବା କଟକ, କେଉଁଝର ଅଂଚଳରୁ ଆସୁଥିବା ଯାତ୍ରୀ ଜଣଙ୍କ ଯାଜପୁରକୁ ଯାଇ ଭଦ୍ରକରେ ଖୋଜିବାକୁ ପଡୁଛି। ଏ ପ୍ରକାର ଟ୍ରାଫିକ ସମସ୍ୟା ଜନିତ ବ୍ୟତିକ୍ରମକୁ ଜିଲ୍ଲାପାଳ, ଜନପ୍ରତିନିଧି, ବିରୋଧି ରାଜନୈତିକ ଦଳର ନେତୃବୃନ୍ଦ ଏବଂ ତଥାକଥିତ ବୁଦ୍ଧିଜୀବି ମାନେ ଦେଖୁଥିଲେ ବି ଏଥିପ୍ରତି କାହାର ଦୃଷ୍ଟି ନାହିଁ। ଅନ୍ୟପକ୍ଷରେ ଜାତୀୟ ରାଜପଥ ହେଉ କି ରାଜ୍ୟ ରାଜପଥ ଅବା ପୂର୍ତ୍ତ, ପୌର, ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ବିଭାଗର ରାସ୍ତା ଗୁଡିକ ଉପରେ ଯେଉଁଠି ନାହିଁ ସେଠି ଟ୍ରକ ଏବଂ ଅନ୍ୟାନ୍ୟ ଗାଡି ଗୁଡିକ ପାର୍କିଂ କରାଯାଉଛି। ବେଆଇନ ପାର୍କିଂକୁ ପୋଲିସ ପ୍ରଶାସନ ଓ ପରିବହନ ବିଭାଗ ପ୍ରତିହତ କରିବା ପରିବର୍ତ୍ତେ କିଛି ଅସାଧୁ କର୍ମଚାରୀ ସେମାନଙ୍କ ପକେଟ ଗରମ କରିବାକୁ ଆଗେଇ ଆସି ଜନସାଧାରଣଙ୍କୁ ବିପଦମୁହଁକୁ ଠେଲି ଦେଉଛନ୍ତି। ଫଳରେ ରାସ୍ତା ଦୁର୍ଘଟଣାରୁ ଅନେକଙ୍କର ଅକାଳରେ ଜୀବନ ଯାଉଛି। ଚଣ୍ଡିଖୋଲ, ଡୁବୁରୀ, ନୂଆଗଡ ଓ ପାଣିକୋଇଲି ଭଳି ପ୍ରମୁଖ ଛକ ଗୁଡିକର ଟ୍ରାଫିକ ବିପର୍ଯ୍ୟସ୍ତ ବ୍ୟବସ୍ଥା ଅବର୍ଣ୍ଣନୀୟ। ମାସ ମାସ ଧରି ଅନେକ ଟ୍ରକ ଗୁଡିକ ରାଜପଥ ଉପରେ ନିଜ ବ୍ୟକ୍ତିଗତ ଜମିରେ ପାର୍କିଂ କଲାଭଳି ବୋଝେଇ ଓ ଖାଲି ଟ୍ରକ ଗୁଡିକ ଛିଡା କରାଇ ରଖୁଛନ୍ତି। ମାଲିକଙ୍କ ଘର ଗୁଡିକ ନିକଟରେ ହୋଇଥିବାରୁ ରାସ୍ତାକୁ ସେଇ ସବୁ ଟ୍ରକ ଗୁଡିକ ପାର୍କିଂ ଏରିଆରେ ପରିଗଣିତ କରୁଛନ୍ତି। ଚଣ୍ଡିଖୋଲ ଛକରେ କିଛିବର୍ଷ ମଧ୍ୟରେ ଶତାଧିକ ଲୋକଙ୍କ ଜୀବନ ଗଲାଣି। ସ୍ଥାନୀୟ ରାଜନେତା, ପ୍ରଶାସନିକ ପଦାଧିକାରୀ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ତଥା ହୀନ ରାଜନୀତି ପାଇଁ ଏହା ଏକ ମରଣଯନ୍ତାରେ ପାଲଟି ଯାଇଛି। ଏହି ଛକର ସ୍ଥାୟୀ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ନିକଟ ମଫସଲରୁ ଜିଲ୍ଲାର ପ୍ରମୁଖ ସହର ଯାଏ ଟ୍ରାଫିକ ସମସ୍ୟାର ତାଲିକା କାହିଁ କେତେ ଲମ୍ବା। ସଡକ ଗୁଡିକ ସବୁଆଡେ ଅସୁରକ୍ଷିତ। ଆଉ ଅସୁରକ୍ଷିତ ସଡକ ପାଇଁ ଲୋକଙ୍କ ଜୀବନ ମଧ୍ୟ ଅସୁରକ୍ଷିତ ହୋଇଛି। ଏହାର ନିରାକରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ରହିଛି।



## ନୂଆ ସିଡିପିଓ ବବିତା ପଣ୍ଡାଙ୍କ ଦାୟିତ୍ୱ ଗ୍ରହଣ

ବୁଗୁଡ଼ା, (ପିପିଏସ) : ଗତ ଡିସେମ୍ବର ୩୧ ତାରିଖରେ ସିଡିପିଓ ରଞ୍ଜିତା ତ୍ରିପାଠୀ ଅବସର ଗ୍ରହଣ କରିବା ଏହି ପଦବୀରେ ଅସ୍ଥାୟୀ ଭାବେ ପୋଲସରା ବ୍ଲକର ଅଧିକାରିଣୀ କୁନ୍ତଳା କୁମାରୀ ନାୟକ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ। ତେବେ ନୂଆଁ କରି ସିଡିପିଓ ଭାବେ ବବିତା ପଣ୍ଡା ବୁଧବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ଅବସରରେ ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ଓ କର୍ମଚାରୀମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଏଥି ପୂର୍ବରୁ ସେ ଦିଗପହଣ୍ଡି ବ୍ଲକରେ ଅଞ୍ଚଳ ପରିଦର୍ଶିକା ଭାବେ କାର୍ଯ୍ୟରତ ଥିଲେ ପଦୋନ୍ନତି ପାଇ ବୁଗୁଡ଼ା ସିଡିପିଓ ଭାବେ ଯୋଗ ଦେଇଛନ୍ତି।

# ବଡମ୍ବା ତହସିଲ କାର୍ଯ୍ୟାଳୟ ତରଫରୁ ଅଂଶୁଘାତ ପାଇଁ ସଚେତନତା

ବଡମ୍ବା, (ପିପିଏସ) : ପ୍ରଚଣ୍ଡ ଖରାତାପକୁ ନେଇ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଆଦେଶ କ୍ରମେ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଜନସାଧାରଣ ଉଦ୍ଦେଶ୍ୟରେ ବଡମ୍ବା ତହସିଲଦାର ନୀଳକଣ୍ଠ ବେହେରାଙ୍କ ପୌରହିତ୍ୟରେ ତହସିଲ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଂଶୁଘାତର ୧୦ ଦଫା ବିଶିଷ୍ଟ ବ୍ୟାନର ଲଗାଯାଇ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏବଂ ପ୍ରଚଣ୍ଡ ଖରାତାପ ସମୟରେ ବାହାରକୁ ନ ବାହାରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ ଓ ଜରୁରୀ କାମ ପଡିଲେ ମୁଣ୍ଡରେ ଓଦା କପଡା, ଛତା ବ୍ୟବହାର କରିବା ସହିତ ହାତରେ ପାଣି ବୋତଲ ଏବଂ ପାଦରେ ଚପଲ ପରିଧାନ କରି ବାହାରକୁ ବାହାରିବା ପାଇଁ ପରାମର୍ଶ ଦେଇଥିଲେ ଓ ଦ୍ୱି ୧୧ ଘଟିକା ଠାରୁ ଦିବା ୨ ଘଟିକା ସମୟ ପର୍ଯ୍ୟନ୍ତ କୌଣସି ଠିକାଦାର ମାନେ କୌଣସି ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିପାରିବେ ନାହିଁ ଯଦି ଏନେଇ କୌଣସି ଅଭିଯୋଗ ଆସେ ଉକ୍ତ ଠିକାଦାରଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଶ୍ରୀ ବେହେରା ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ତପନ କୁମାର ପରିଡା, ଅନୁଜ ବେହେରା, ଶୈଳେନ୍ଦୁ ନାଏକ, ୱରି ସ୍ୱାଇଁ, ସତ୍ୟ ସୁରୂପ ଦାସ, ଅହି ଭୂଷଣ ସାହୁ, ରଶ୍ମି ରଞ୍ଜନ ଜେଠୀ, ବିଜୟ ବରାଳ, ରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




## ଦେଓପଦା ଛକରେ ଜଳଦାନ କେନ୍ଦ୍ର

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତ ଦେଓପଦା ଛକରେ ଜଳଦାନ କେନ୍ଦ୍ରକୁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ଉଦଘାଟନ କରିଛନ୍ତି। ଏଥିରେ ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ନାଏବ ସରପଞ୍ଚ ରିନାରାଣୀ ଯେନା, ଯୁବନେତା ପ୍ରସନ୍ନ ସାହୁ, ବିନୋଦ ବିହାରୀ ରାଉତ, ସମ୍ବିତ ରାଉତ, ସତ୍ୟଜିତ ରାଉତ, ପ୍ରେସକ୍ଲବ ସଭାପତି ଧ୍ରୁବଚରଣ ବାରିକ, ସଞ୍ଜିବ ରାଉତ, ପ୍ରଶାନ୍ତ ବାରିକ, ମାୟାଧର ପତି, ଭବରଞ୍ଜନ ଖୁଣ୍ଟିଆ, ଶ୍ୟାମସୁନ୍ଦର ପଣ୍ଡା ପ୍ରମୁଖ ଜଳକେନ୍ଦ୍ର ପ୍ରତିଷ୍ଠାରେ ସହଯୋଗ କରିଥିଲେ।

# ଦୁର୍ଦ୍ଦଶାରେ ଧରାକୋଟ ଉପଡାକଘର

ଗଞ୍ଜାମ/ଧରାକୋଟ, (ପିପିଏସ) : ଧରାକୋଟ ବ୍ଲକ ସଦର ମହକୁମାର ଉପ ଡାକଘର ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛି। ବିଏସ୍‌ଏନଏଲ ବିଭାଗର ମନୋମାନୀ କାର୍ଯ୍ୟ ଯୋଗୁଁ ଅଞ୍ଚଳର ଗ୍ରାହକ ମାନେ ଦୁର୍ଦ୍ଦଶାରେ ଦୀର୍ଘ ଦିନ ହେଲା ବେଶ ସନ୍ତୁଳିତ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବିଏସ୍‌ଏନଏଲର ନେଟ ସଂଯୋଗ ଦୀର୍ଘଦିନ ହେଲା ଏଠାରେ କାର୍ଯ୍ୟ କରୁନି। ଯାହା ଫଳରେ ଡାକଘର ଦ୍ୱାରା ହେଉଥିବା ଚିଠି ପତ୍ର କାରବାର, ରେଜିଷ୍ଟ୍ରି ଡାକ, ଇମେଲ, ମନି ଅର୍ଡର, ଇ ପୋଷ୍ଟ, ପର୍ଶଲ ଓ ସ୍ପିଡ ପୋଷ୍ଟ ସେବା ଏଠାରେ ଦୀର୍ଘ ଏକ ସପ୍ତାହ ହେଲା ଉପଲବ୍ଧ ହେଉନାହିଁ। ଏହି ଉପ ଡାକଘର ଉପରେ ବ୍ଲକର କୋଡିଏ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି। ଏହା ଅଧିନରେ ସୁରମଣି, ମାଣିକପୁର, ବାହାରପୁର, ରୁଗୁମୁ, ବେଠୁଆର,ନୂଆଗଡ, ଜାହାଡା, ସିଙ୍ଗିପୁର, ଜାନବିଲି, ସାବାଓ ଗଡ ଦାମୋଦର ପଲି ଶାଖା ଡାକଘର ନିର୍ଭର କରନ୍ତି। ନେଟ ସଂଯୋଗ ବିଚ୍ଛିନ୍ନ ସମ୍ପର୍କରେ ଟେଲିକମ ବିଭାଗ ସହକାରୀ ଯନ୍ତ୍ରୀ ଙ୍କ ସହ ଯୋଗାଯୋଗ ବେଳେ ଆମ କର୍ମଚାରୀ ଅସୁସ୍ଥ ଯୋଗୁଁ ଏହି ସମସ୍ୟା ଦେଖା ଦେଇଛି ତାହା କୁ ସଜଡ଼ା ଯିବ, ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ନେଟ ସଂଯୋଗ ଯୋଗାଇ ଦେବା ପାଇଁ ଉଦ୍ୟମ ହେଉଛି ବୋଲି ପ୍ରକାଶ କରିଥିଲେ। ଆଶ୍ଚର୍ଯ୍ୟର କଥା ଡାକ ବିଭାଗ ଭଳି ଏକ ସରକାରୀ ସଂସ୍ଥା ର ଏହି ଦୁର୍ଦ୍ଦଶା ବେଳେ ଅନ୍ୟ ଏକ ସରକାରୀ ସଂସ୍ଥା ବିଏସ୍‌ଏନଏଲ ର ଅସହଯୋଗ ନୀତି ଗ୍ରହକ ମାନଙ୍କ ମଧ୍ୟରେ ବେଶ ପ୍ରତିକ୍ରିୟା ସୃଷ୍ଟି କରିଛି। ଏଣୁ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଲୋକେ ଦାବୀ କରିଛନ୍ତି।



## ଗ୍ରାମ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ଜିଲ୍ଲା ସମ୍ମିଳନୀ

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲ୍ଲା ଗ୍ରାମ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ବାଙ୍କୋପାଳ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା, ସରକାରୀ ମାନ୍ୟତା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ଚାକିରୀ କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ୭ଟି ବ୍ଲକର ମୋଟ ୧୦୬ଜଣ ପିଅନ ଓ ୭ଜଣ ରାତ୍ର ଜଗୁଆଳୀ ସେମାନଙ୍କ ଦାବି ନେଇ ମୁଖ୍ୟମନ୍ତ୍ରୀ, ୫ଟି ସଚିବ, ପଞ୍ଚାୟତରାଜ ମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ଶାସନ ସଚିବ ପ୍ରମୁଖଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ନେଇ ତୀବ୍ର ଉଦ୍ବେଗ ପ୍ରକାଶ ପାଇଥିଲା। ବୈଠକରେ ଜିଲ୍ଲା ସଭାପତି ରମାକାନ୍ତ ଗୋଛାୟତ, ସମ୍ପାଦକ ନିରାକାର ଜେନା, ରାଜ୍ୟ ସଂଯୋଜକ ହରେକୃଷ୍ଣ ଜେନାଙ୍କ ସମେତ ବିଭିନ୍ନ ବ୍ଲକରୁ ମହେଶ୍ୱର ନାୟକ, ବାଦଲ ପେଡି, କୈଳାସ ଜେନା, ବିଶ୍ୱମ୍ଭର ବେହେରା, ସୁରେନ୍ଦ୍ର ଡାକୁଆ, ଲକ୍ଷ୍ମୀଧର ପଣ୍ଡା, ବୀର କିଶୋର ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ପ୍ରଚଣ୍ଡ ଖରା ଯୋଗୁଁ ଶହ ଶହ ବାଦୁଡି ଗୁରୁତର ଆହତ

ବାଙ୍କୀ, (ପିପିଏସ) : ଆଜି ପ୍ରଚଣ୍ଡ ଖରା ଓ ଅତ୍ୟଧିକ ଗୁଳିଗୁଳି ହେବାରୁ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରଚଣ୍ଡ ଖରାରେ ଉପଖଣ୍ଡ ପୋଲିସ୍ ଅଧିକାରୀଙ୍କ ସରକାରୀ କାର୍ଯ୍ୟାଳୟ ପରିସରରେ ଗୋଟିଏ କୋଳିଲା ଗଛରେ ଆଶ୍ରୟ ନେଇଥିବା ଶହ ଶହ ସଂଖ୍ୟାରେ ବାଦୁଡି ଖରାରେ ପାଣିବିନା ଡହକବିକଳ ହୋଇ ଅଂଶୁଘାତ ହେବା ଯୋଗୁଁ ସେମାନଙ୍କର ଜୀବନ ସଙ୍କଟାପନ୍ନ ହୋଇପଡିଛି। ଅତ୍ୟଧିକ ଭାର ସମ୍ଭାଳିନପାରି ସେହି କୋଚିଲା ଗଛର ଗୋଟିଏ ବଡ ଡାଳ ଭାଙ୍ଗିପଡିଥିଲା। ଫଳରେ ଗଛ ଡାଳରେ ଥିବା ଶହ ଶହ ବାଦୁଡି ତଳେ ପଡି ଗୁରୁତର ଆହତ ହୋଇଥିବା ବେଳେ କେତେକ ବାଦୁଡି ମଧ୍ୟ ମୃତ୍ୟୁ ମୁଖରେ ପଡିଛନ୍ତି। ପରିବେଶବିତ୍ ଦୀପକ କୁମାର ସାମନ୍ତରା, ବାଙ୍କୀ କଲେଜ ପ୍ରାଣୀବିଜ୍ଞାନ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ମହାପାତ୍ର, ଅମୀତ୍ କୁମାର ସାହୁ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ଉପଖଣ୍ଡ ପୋଲିସ୍ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ଓ କର୍ମଚାରୀମାନେ ଆହତ ବାଦୁଡ଼ିମାନଙ୍କୁ ପାରି ଛିଞ୍ଚନ କରି ବାଦୁଡ଼ିମାନଙ୍କୁ ପୁନର୍ବାର ଗଛଉପରକୁ ଛାଡି ଦେଇଥିଲେ। ବର୍ତ୍ତମାନ ପ୍ରଚଣ୍ଡ ଖରାରେ ବାଦୁଡ଼ିମାନଙ୍କର ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ବାଙ୍କୀ ପ୍ରଶାସନ ଓ ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ପାଣିଛିଞ୍ଚନ କରିବା ପାଇଁ ପରିବେଶବିତ୍‌ମାନେ ଅନୁରୋଧ କରିଛନ୍ତି।



## ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ତରଫରୁ ଶେଷବର୍ଷର ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଙ୍କୀ, (ପିପିଏସ) : ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଆନୁକୁଲ୍ୟରେ ଶେଷ ବର୍ଷର ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ କଲେଜ ଦୃଶ୍ୟ ଶ୍ରାବ ଗୃହ ଠାରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ସଭାପତିତ୍ୱ କରି ବିଭାଗର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦାନ କରି ରସାୟନ ବିଜ୍ଞାନ ଏବେ ଆଧୁନିକ ପଦ୍ଧତିରେ ପାଠ ପଢ଼ା ଯାଉଛି ଯେଉଁଥିରେ ଛାତ୍ରଛାତ୍ରୀମାନେ ଭଲ ନମ୍ବର ରଖି ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ ନିଯୁକ୍ତି ପାଇପାରୁଛନ୍ତି ବୋଲି ଉଲ୍ଲେଖ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଓ ପୂର୍ବତନ ବିଭାଗୀୟ ମୁଖ୍ୟ ଡକ୍ଟର ନିବାସିନୀ ପଣ୍ଡା ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉବୋଲି ଆଶିର୍ବାଦ ପ୍ରଦାନ କରିଥିଲେ। ଅତିଥି ଭାବେ ଅଧ୍ୟାପିକା ଶୀଜ୍ଞା ପଟ୍ଟନାୟକ, ଅଧ୍ୟାପିକା ସୁଦିକ୍ଷା ଲେଙ୍କା, ଅଧ୍ୟାପିକା ଶୁଭଶ୍ରୀ ଦାସ, କିଶୋର ଚନ୍ଦ୍ର ସ୍ୱାଇଁ, ପଦାରବିନ୍ଦ ମହାନ୍ତି ପ୍ରମୁଖ ଯୋଗଦାନ କରି ଭଲ ପାଠ ପଢ଼ି କଲେଜର ସୁନାମ ରଖିବା ପାଇଁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ।

## ଦୁଇ ଭଉଣୀଙ୍କୁ ଦୁର୍ବ୍ୟବହାର କରି ଦୁଇ ଯୁବକ ଗଲେ ଜେଲ୍

ଖଣ୍ଡପଡ଼ା, (ପିପିଏସ) : ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ଭାପୁର ଶବର ସାହିରେ ଦୁଇ ଭଉଣୀଙ୍କୁ ଦୁର୍ବ୍ୟବହାର କରି ଦୁଇ ଯୁବକ ଜେଲ୍ ଯାଇଥିବା ଘଟଣା ଭାପୁର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଦୁର୍ବ୍ୟବହାର ର ଶିକାର ହୋଇଥିବା ବଡ଼ ଭଉଣୀ ସିନା ନାଏକ (୨୮)ସ୍ୱା - ବାସୁଦେବ ନାଏକ ଙ୍କ ଲିଖିତ ଅଭିଯୋଗକ୍ରମେ ଫତେଗଡ ଥାନାରେ ୯୫/୨୩ ରେ ଏକ ମାମଲା ରୁଜୁ ହୋଇଛି। ଘଟଣାରୁ ପ୍ରକାଶ,ଚଳିତ ମାସ ୧୭ ତାରିଖ ଅପରାହ୍ନ ସମୟରେ ସେହି ଗ୍ରାମର ଅଶୋକ ନାଏକ, ସିଦ୍ଧାର୍ଥ ଦେହୁରୀ, ସପନା ଦେହୁରୀ ୩ଜଣ ଯୁବକ ସିନା ନାଏକଙ୍କ ଘର ନିକଟକୁ ଆସି ସାନ ଭଉନୀ ରିନା ନାଏକଙ୍କୁ ଖରାପ ଭାଷାରେ ଗାଳି କରିବା ସହିତ ଦୁର୍ବ୍ୟବହାର କରିଥିଲେ। ଏହାର ପ୍ରତିବାଦ କରିବାରୁ ସିନା ନାଏକଙ୍କୁ ଗାଳି କରି ଦୁର୍ବ୍ୟବହାର ସହିତ ମାରଣାସ୍ତ୍ରରେ ଆକ୍ରମଣ ଉଦ୍ୟମ କରିଥିଲେ। ମାତ୍ର ସିନା ନାଏକ କୌଶଳ କରି ଖସିଆସି ଭାପୁର ବିଟ୍ ହାଉସରେ ଲିଖିତ ଅଭିଯୋଗ କରିଥିଲେ। ଭାପୁର ବିଟ୍ ହାଉସ୍ ଅଧିକାରୀ ବିନୟ ରଞ୍ଜନ ପରିଡ଼ା ଅଭିଯୋଗକୁ ଭିତି କରି ଅଶୋକ ଓ ସିଦ୍ଧାର୍ଥକୁ ଗିରଫ କରି ଫତେଗଡ ଥାନାରେ ହଜାର କରିଥିଲେ। ଫତେଗଡ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇ ଗିରଫ ହୋଇଥିବା ଦୁଇ ଜଣ ଅଭିଯୁକ୍ତଙ୍କୁ ଭାପୁର କୋର୍ଟକୁ ପଠାଇ ଦେଇଥିଲେ।

## ବାଙ୍କୀ କଲେଜ ଗୃହ ବିଜ୍ଞାନ ବିଭାଗର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




ବାଙ୍କୀ, (ପିପିଏସ) : ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ତରଫରୁ ଶେଷବର୍ଷର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀମାନଙ୍କୁ କଲେଜ ପରିସରରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭାଗୀୟ ମୁଖ୍ୟ ଡକ୍ଟର ସନ୍ଧ୍ୟାରାଣୀ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦାନ କରି କହିଥିଲେ ଏହି ବିଭାଗର ଛାତ୍ରୀମାନେ ଏଠାରୁ ଶିକ୍ଷାଲାଭ କରି ନିଜ ନିଜ ଘରକୁ ସରସ ସୁନ୍ଦର କରିବା ପାଇଁ ପ୍ରୟାସ କରିବା ଆବଶ୍ୟକ। ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦାନ କରି କହିଥିଲେ ବିଭାଗର ଛାତ୍ରୀମାନେ ବିଶେଷ କରି ଖାଦ୍ୟ ପ୍ରସ୍ତୁତି କରଣ ଓ ବିଭିନ୍ନ ପ୍ରକାର ସୂଚୀକାମରେ ସୁନାମ ରଖିଛନ୍ତି। ସେଥିପାଇଁ ପ୍ରାଧ୍ୟାପକ ମହାପାତ୍ର ସେମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ। ସୋମାଲିନ୍ ଦାସ୍ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦାୟ ନେଉଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବାଙ୍କୀ କଲେଜରେ କ୍ୟାରିୟର୍ କାଉନସିଲିଂ କାର୍ଯ୍ୟକ୍ରମ

ବାଙ୍କୀ, (ପିପିଏସ) : ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଆନୁକୁଲ୍ୟରେ ଆଜି ଏକ କ୍ୟାରିୟର୍ କାଉନସିଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଉଦଘାଟନ କରି ବିଶେଷ କରି ଶିକ୍ଷା ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କ ପାଇଁ କ'ଣ ସବୁ ଆଗାମୀ ଦିନରେ ସରକାରୀ ଓ ବେସରକାରୀ ନିଯୁକ୍ତି ଏବଂ ଉଚ୍ଚଶିକ୍ଷା ପାଇଁ କେଉଁ କେଉଁ ପାଠ୍ୟ ପଢ଼ିବା ପାଇଁ ରହିଛି ସେ ସଂପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ସଭାପତିତ୍ୱ କରି କହିଥିଲେ ସ୍ନାତକ ଓ ସ୍ନତକୋତ୍ତର ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ପାଇଁ ଏହି କ୍ୟାରିୟର୍‌କାଉନସିଲିଂ କାର୍ଯ୍ୟକ୍ରମ ଆଦୃତ ହେବବୋଲି କହିଥିଲେ। ଅତିଥି ଭାବେ ଅଧ୍ୟାପିକା ଜ୍ୟୋତିର୍ମୟୀ ପାଢ଼ୀ, ଅଧ୍ୟାପିକା ଏଲିଜା ମହାପାତ୍ର, ଅଧ୍ୟାପିକା ଦୁର୍ଗେଶ୍ୱରୀ ନାୟକ ଓ ଅଧ୍ୟାପିକା ଶିବାନୀ ଦେବଦର୍ଶନୀ ପ୍ରଧାନ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରକାର ପାଠ୍ୟଖସଡା ଓ ନିଯୁକ୍ତି ପ୍ରଥା ଉପରେ ଆଲୋକପାତ କରିଥିଲେ।

# ଚିକିତ୍ସାଧିନ ଅବସ୍ଥାରେ ସାମ୍ବାଦିକଙ୍କ ପତ୍ନୀ ବିୟୋଗ

ଯାଜପୁର, (ପିପିଏସ) : ଯାଜପୁରର ବରିଷ୍ଠ ସାମ୍ବାଦିକ ମହେଶ୍ୱର ସାହୁଙ୍କ ପତ୍ନୀ ରୀନା ସାହୁ(୩୫) ଙ୍କର ଗୁରୁବାର ସକାଳ ସାଢେ ୬ଟା ସମୟରେ ଅକାଳ ବିୟୋଗ ଘଟିଛି। ସଦର ବ୍ଲକ ସିମିଳିଆ ପଂଚାୟତ ମଇଦପୁର ସ୍ଥିତ ସର୍ବମଙ୍ଗଳା ହାଇସ୍କୁଲର କର୍ମଚାରୀ ଭାବେ ଦୀର୍ଘ ୧୧ ବର୍ଷ ହେଲା କାର୍ଯ୍ୟରତ ସ୍ୱର୍ଗତା ରୀନା କିଛିମାସ ତଳେ ଅଫିସ କାର୍ଯ୍ୟରେ ଯିବା ସମୟରେ ରାସ୍ତା ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୋଡରେ ଆଘାତ ପାଇଥିଲେ। ଗୋଡରେ ଅପରେସନ ପରେ ଏଥିରେ ସଂକ୍ରମଣ ହେବାରୁ ପୁଣି ଏକ ଅପରେସନର ଆବଶ୍ୟକତା ପଡିଥିଲା। ଗତ ମଙ୍ଗଳବାର ଦିନ ଭୁବନେଶ୍ୱରର ଏକ ଜଣାଶୁଣା ଘରୋଇ ହସ୍ପିଟାଲରେ ଅପରେସନ ପାଇଁ ଭର୍ତ୍ତି ହୋଇଥିବାବେଳେ ତାଙ୍କୁ ଅପରେସନ ଥିଏଟର ନିଆଯାଇ ନିଃଶ୍ଚେତକ ଦିଆଯିବା ପରେ ଆଉ ଚେତା ଫେରିନଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ରୀନାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କର ଅବସ୍ଥାରେ ଅଧିକ ଅବନ୍ତି ଘଟିବା ପରେ ଗୁରୁବାର ସକାଳୁ ରୀନା ଅସମୟରେ ଆରପାରିକୁ ଚାଲିଯାଇଛନ୍ତି। ତାଙ୍କର ୨ଟି ଶିଶୁ ସନ୍ତାନ ଯଥା ପୁଅ ଓ ଝିଅଟିଏ ଅଛନ୍ତି। କୁହାଯାଉଛି ଚିକିତ୍ସାରେ ତ୍ରୁଟି ପାଇଁ ରୀନାଙ୍କର ଅକାଳରେ ଜୀବନ ଗଲା ଓ ଦୁଇ ଶିଶୁ ମାଆ ଛେଉଣ୍ଡ ହୋଇଗଲେ। ଅପରାହ୍ନରେ ପ୍ରାୟ ସାଢେ ୧ଟା ସମୟରେ ମୃତଦେହ ରାଉତରାପୁର ସ୍ଥିତ ବାସଭବନରେ ପଂହଚିବା ପରେ ସେଠାରୁ ନିକଟସ୍ଥ ବାରୁଣୀ ମହାଶ୍ମଶାସନକୁ ନିଆଯାଇ ସତ୍କାର କରାଯାଇଛି। ତାଙ୍କର ଶେଷଦର୍ଶନ ପାଇଁ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି ତଥା ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ରାଜ୍ୟ ସାମ୍ବାଦିକ ସଂଘ ସଭାପତି କୈଳାଶ ଚନ୍ଦ୍ର ନାୟକ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଦେଓ, ସମରଜିତ ମହାନ୍ତି, ବିଜୟ କୁମାର ମହାନ୍ତି, ତରୁଣ କୁମାର ନନ୍ଦ, ବିରଜା ପ୍ରସାଦ ପାଣି, ତପନ କୁମାର ମହାନ୍ତି, ଦେବାଶିଷ ସାହୁ, ମାନସ ତ୍ରିପାଠୀ, ପ୍ରଭାତ ତ୍ରିପାଠୀ, ହିମାଂଶୁ ପାଢ଼ୀ, ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡା, ଯୁବନେତା ତୁଷାର ରଞ୍ଜନ ପରିଡା, ଅନିଲ ସାହାଣୀ, ଦୈତାରୀ ଧଳ, କାଉନସିଲର ହେମାଙ୍ଗିନି ମହାନ୍ତି, ରାଜୀବ ବେହେରା, ପ୍ରାକ୍ତନ ପାରିଷଦ ଦୀପକ ଦାଶ, ସମବାୟବିତ ଶରତ କୁମାର ସାହୁ ପ୍ରମୁଖ ପଂହଚି ଶ୍ରଦ୍ଧା ନିବେଦନ କରିଥିଲେ। ଅନ୍ୟପକ୍ଷରେ ବିଧାୟକ ଶ୍ରୀ ଦାସ, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ଉପସଭାପତି ଦିଲ୍ଲୀପ ଦାସ, ବରିଷ୍ଠ କର୍ମକର୍ତ୍ତା ଶିଶିର ମାନ୍ଧାତା, ସୁରେନ୍ଦ୍ର ସାମଲ, ମନୋଜ ରାୟ, ଜିଲ୍ଲା ସାମ୍ବାଦିକ ସଂଘ ଜିଲ୍ଲା ସଭାପତି ସୁବାଷ ଧଳ, ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ରୀନାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୬ ଅପ୍ରେଲ -୨୨ ଅପ୍ରେଲ୨୦୨୩




ଅମୃତପାଲ ସିଂ ଖଲିସ୍ତାନୀ !

ଖଲିସ୍ତାନ ଦାବି କରୁଥିବା ଅମୃତପାଲ ସିଂହଙ୍କୁ ଗିରଫ କରିବା ଲାଗି ପଞ୍ଜାବ ପୋଲିସ ଦିନରାତି ଏକ କରିଦେଇଛି। ପଞ୍ଜାବର ବହୁ ସ୍ଥାନରେ ସଂପ୍ରତି କେନ୍ଦ୍ରୀୟ ସୁରକ୍ଷା ବାହିନୀକୁ ମଧ୍ୟ ମୁତୟନ କରାଯାଇଛି। ସୀମା ବନ୍ଦି, ଇଣ୍ଟରନେଟ ବନ୍ଦ ହୋଇଥିଲା ଏବଂ ପ୍ରତିପଦରେ ଫୋର୍ସ ମୁତୟନ କରାଯାଇଛି, ଯଦ୍ୱାରାକି ଅମୃତପାଲ ପଳାୟନ କରିପାରିବ ନାହିଁ। ଗତ କିଛି ମାସ ଧରି ଚର୍ଚ୍ଚାରେ ଆସିଥିବା ଅମୃତପାଲ ପଞ୍ଜାବ ଏବଂ ଦେଶ ଲାଗି ମୁଣ୍ଡବ୍ୟଥାର କାରଣ ହୋଇଛି। ଅମୃତପାଲ କିଛି କରିବା ପୂର୍ବରୁ ଜବରଦସ୍ତ ଆକ୍ସନ ମୋଡ଼ରେ ରହିଛି ପଞ୍ଜାବ ଏବଂ କେନ୍ଦ୍ର ସୁରକ୍ଷା ବାହିନୀ। ଏପରି ସ୍ଥଳେ ପ୍ରଶ୍ନ ଉଠୁଛି ଯେ ଅମୃତପାଲ ଏତେ ବିପଜ୍ଜନକ କ'ଣ ପାଇଁ ଯାହାକୁ ଆରେଷ୍ଟ କରିବା ଲାଗି ରାଜ୍ୟରେ ଇଣ୍ଟରନେଟକୁ ବନ୍ଦ କରାଯିବାସହ ସୀମା ସିଲ୍ କରାଯାଇଛି। ଅମୃତପାଲ ସିଂହ ଖଲିସ୍ତାନ ଦାବିକୁ ହିଂସାତ୍ମକ ଭାବରେ ଉଠାଇଥିବା ଜର୍ନାଲ ସିଂହ ଭିନ୍ଦରୱାଲେଙ୍କ ଭଳି ଚେହେରା ମଧ୍ୟ ରଖିଛି। ସେହିଭଳି ଭାବରେ ଅମୃତପାଲ ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ବିଭିନ୍ନ ଦେଶ ଏବଂ ଭାରତରେ ମଧ୍ୟ ବିଚରଣ କରୁଛି।

**ଜାତୀୟ:** ଦୁର୍ବଳ କଂଗ୍ରେସକୁ ବିରୋଧୀଙ୍କ ଅହଂ ପ୍ରବଳ

**ସ୍ୱତନ୍ତ୍ର ପ୍ରସଙ୍ଗ:** ଓଡ଼ିଶାରେ ଚାଲିଛି ଜାଲ୍ ସାର୍ଟିଫିକେଟର ଲମ୍ବା କାରବାର, ଜାଲିଆଙ୍କୁ ସରକାରଙ୍କର ଅଘୋଷିତ ସମର୍ଥନ

**ନାରୀ:** ବିବାହରେ ବିଳମ୍ବ ହେଉଥିଲେ...

**କ୍ଷୁଦ୍ରଗଳ୍ପ:** ଅନ୍ଧାରର ଆଖ

**ଚଳଚ୍ଚିତ୍ର:** ଜିମ୍‌ରେ ଅମ୍ଳଜାନ ମାସ୍କ ପିନ୍ଧିଲେ ଅନିଲ,ସୁସ୍ଥ ହେଇନାହାଁନ୍ତି ବିଗ୍ ବି,ଗିରଫ ହେଲା ଆକାଂକ୍ଷା ଦୁବେଙ୍କ ବୟଫେଣ୍ଡ,ଆଶ୍ଚର୍ଯ୍ୟଜନକ କଥା ଖୁଲାସା କଲେ ମିନି ମଥୁର ,ନୂଆ ଘର ନିର୍ମାଣ କଲେ ଆଲିଆ,କ୍ରିତିଙ୍କ ସହ ରୋମାନ୍ସ କରିବେ ସାହିଦ,ନମ୍ବର ୱାନ ଶାହରୁଖ,ମାଆ ହେଲେ ନେହା,ଫେରୁଛନ୍ତି ହ୍ରିତିକ

**ଖେଳ:** ଚଳିତ ସିଜିନରୁ ବାଦ୍ ପଡ଼ିଲେ ଷ୍ଟାର ଅଲରାଉଣ୍ଡର ମିଚେଲ ମାର୍ଶ ,ଧୋନିଙ୍କ ଲାଗି ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ପ୍ରସ୍ତୁତ କରିବ 'ୱାର୍ଲ୍ଡକପ୍ ଭିକ୍ଟ୍ରି ମେମୋରିଆଲ',ଧୋନିଙ୍କ ପ୍ରଶଂସାରେ ଶତମୁଖ ରସିଦ ଲତିଫ,ଇଂଲଣ୍ଡରେ ଇତିହାସ ରଚିଲେ ଚେତେଶ୍ୱର ପୂଜାରା ,ମୋଟା ଅଙ୍କର ଅର୍ଥ ନେଇଥାନ୍ତି ଆଇପିଏଲ୍ ଚିୟରଗର୍ଲ,ଭାରତୀୟ ଖେଳାଳିଙ୍କ ଆହତ ସମସ୍ୟାକୁ ନେଇ ଚିନ୍ତା ପ୍ରକଟ କଲେ ଆଝାରୁଦ୍ଦୀନ, ମେସିଙ୍କୁ ଦଳରେ ସାମିଲ କରିବ ସାଉଦି ଆରବର ଅଲ୍ ହିଲାଲ

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ଜିତିଲା କିଏ ? ଜିନ୍ନା ନା ଗାନ୍ଧୀ ?''

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583